...ମାନେ ଏରୂପ ବାକ୍ୟର ପ୍ରତିବାଦକର କହନ୍ତି ଯେ ଏଥିରେ ବଙ୍ଗଦେଶୀୟଙ୍କ ପ୍ରତି ଦ୍ୱେଷଭାବ ଜନ୍ମିବାର ସମ୍ଭାବନା ଅଛି । ମାତ୍ର ଆମ୍ଭେମାନେ ସେରୂପ ଆପତ୍ତିର କୌଣସି କାରଣ ଦେଖୁ ନାହୁଁ ଓ ବକ୍ତା ସ୍ୱୟଂ ସେ ଆପତ୍ତି ଖଣ୍ଡନ କରିଅଛନ୍ତି । ଏପ୍ରସ୍ତାବ ଲେଖିବାରେ ଆମ୍ଭମାନଙ୍କର ଉଦ୍ଦେଶ୍ୟ ଏହି ଯେ ବଙ୍ଗଦେଶୀୟ ଲୋକମାନେ ଉଚ୍ଚଶିକ୍ଷା ଲାଭ କରି ଯେରୂପ ମର୍ଯ୍ୟାଦାର ଭାଜନ ହୋଇଅଛନ୍ତି ଉତ୍କଳୀୟମାନେ ସେହିରୂପ ହେବାର ଚେଷ୍ଟା କରନ୍ତୁ । ପରିଶ୍ରମ ଓ ଅଧ୍ୟବସାୟର ଅସାଧ କୌଣସି କାର୍ଯ୍ୟ ନାହିଁ । ଏହାକୁ ମନେ କରି ଉତ୍କଳ ...ନେ ଉଚ୍ଚବିଦ୍ୟା ଶିକ୍ଷା ବିଷୟରେ ମନୋ... ହେଉନ୍ତୁ ଓ ଗବର୍ଣ୍ଣମେଣ୍ଟ ତାହି... । ଦେବା॰ କାରଣ ବହୁବ୍ୟୟ ସ୍ୱୀକାର ପୂର୍ବକ ଯେଉଁ ବିଦ୍ୟାଳୟ ସ୍ଥାପନ ...ରିଅଛନ୍ତି ସେ ସମସ୍ତ ସାର୍ଥକ ହେଉ ।

—◦○✻○◦—

### ସରକାରୀ ମହକୁମାରେ ଷ୍ଟାମ୍ପ୍ ମାସୁଲ ବ୍ୟୟ ।

ଉକ୍ତି ଗଜେଟ ଲେଖନ୍ତି ଯେ ମଧ୍ୟପ୍ରଦେଶରେ ମକଦ୍ଦମାର ବ୍ୟୟ ଊଣା କରିବାର ଗୋଟିଏ ଉଦ୍ୟମ ହୋଇଅଛି ପୂର୍ବେ ପରୁଆନାମାନ ଜାରୀ କାରଣ କଦେଶକୁ ପଠାଇବାକୁ ହେଲେ ସେଥିରେ ବହୁତ ଡାକମାସୁଲ ପଡୁଥିଲା । ସମ୍ପ୍ରତି ବିଧାନ ହୋଇଅଛି ଯେ ଭିନ୍ନ ଇଲାକାରେ ଜାରୀ ହେବା କାରଣ ଯେସମସ୍ତ ପରୁଆନା ଯିବ ସେସବୁ ସର୍ ଅଧର ଷ୍ଟାମ୍ପ କାଗଜରେ ଲେଖାଯିବ ଓ ବିଶେଷ ଆବଶ୍ୟକ ନ ହେଲେ ତାହିଁ ସଙ୍ଗେ ପୃଥକ୍ ମେୟକାରୀ ଯିବାର ପ୍ରୟୋଜନ ନାହିଁ । ଅମ୍ଭେମାନେ ବୋଧକରୁଁ ସର୍ବତ୍ର ରେ ଏ ନିୟମ ହେବାର ଉଚିତ । ରେଭିନ୍ୟୁସିନିବଲୁମ ରେ ଓ ଅନ୍ୟାନ୍ୟ ସରକାରୀ ମହକୁମାରେ ଲୋକମାନଙ୍କୁ ଡାକମାସୁଲ ଖର୍ଚ୍ଚ ବହୁତ ଦେଣ ହୁଅଇ ଯେବେ ସର୍କାରୀ କାଗଜରେ ଲେଖାଯାଇ ଅଛି ଦିଅଯାଏ ତେବେ ଅନେକ ଅନର୍ଥକ ବ୍ୟୟରୁ ଲୋକେ ଉଦ୍ଧାର ପାଇବେ ନେବ ନାହିଁ ... ବିଶେଷ ଯେ ସ୍ଥଳେ ବଡ଼ ...ହାକିମ କୋଠିରେ ଓ କଳାଲିବାଙ୍କ ଅଦ ... ଅର୍ଦ୍ଧ ସରକାରୀ ମହକୁମାରେ ଷ୍ଟାମ୍ପ ସର୍କାରୀ ବ୍ୟବହାର ହୁଅଇ ସେସ୍ଥଳେ ଅନ୍ୟ ମହକୁମାରେ ହେଲେ କି କ୍ଷତି ଅଛି । ମାନ୍ଦ୍ରାଜ କଲର ଯେ ସମସ୍ତ କାଗଜ ଆସଇ ତାହା ଅନେକ ସର୍କାରୀ କାଗଜରେ ଲେଖା ଥିବାର ଦେଖାଯାଇଅଛି ଓ ତଦ୍ଦ୍ୱାରା କୌଣସି ବ୍ୟାଘାତ ହେବାର କେବେ ଶୁଣା ନାହିଁ । ତେବେ ବଙ୍ଗଳା ହତାରେ ଏକା ମୋଟକାଗଜ ବ୍ୟବହାର କରିବାର କ ପ୍ରୟୋଜନ କଲେକ୍ଟର କୋର୍ଟ ଅବ ୱାର୍ଡ଼ସ ଇତ୍ୟାଦି କାରେ ଏପରି ଅନେକ ଅନର୍ଥକ ଡାକମାସୁଲ ବ୍ୟୟ ହୁଅଇ ଓ ଜମୀଦାର ତହସିଲଦାରରେ ମଧ୍ୟ ଏହିପ୍ରାୟ ଘଟନା ହୁଏ । ଏସମସ୍ତ ଇତ୍ୟାଦି କାଗଜର ବ୍ୟୟ ସରକାର ଦଅନ୍ତି ଅତଏବ ଲୁପ୍ତନଶ୍ରେଷ୍ଠ ଷ୍ଟେସନର ଏସକଳ କର୍ମର ଉପଯୁକ୍ତ ସର୍କାରୀ କାଗଜରେ ଫାରମ ଛପାଇ ସର୍କାରୀ କଟେରୀରେ ପ୍ରଚଳ କରାଇଲେ କିଛି କ୍ଷତି ନ ହେବ ବରଂ ସର୍କାରୀ କାଗଜର ମୂଲ୍ୟ ଊଣା ହେବାରୁ ସରକାରର ମଧ୍ୟ ଲାଭ ଅଛି । ଅତଏବ ଅମ୍ଭେମାନେ ପ୍ରାର୍ଥନା କରୁଁ ଯେ କର୍ତ୍ତୃପକ୍ଷମାନେ ଏବିଷୟ ବିଚାର କରି ଅନର୍ଥକ ବ୍ୟୟରୁ ଲୋକଙ୍କୁ ମୁକ୍ତ କରିବେ ।

—◦○◦—

### କେନ୍ଦ୍ରାପଡ଼ା କାଲ ।

ଗତ ସପ୍ତାହରେ ଏକାଲ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇ ନଦୀ ସଙ୍ଗରେ ଯୋଗ ହେଲା ଏବଂ ଏହାଦ୍ୱାରା ବନ୍ଦରକୁ ନୌକା ଗମନାଗମନ କରିବାର ଆରମ୍ଭ ହେଲା । କଲର ପ୍ରଧାନ ରାଜକର୍ମଚାରୀମାନେ ଅର୍ଥାତ୍ କମିଶନର ଜଜ କଲେକ୍ଟର ଏବଂ ବ,ରିକମାଷ୍ଟରୀ ଓ କାଲ ଖୋଲାଇର ଅନେକ ସାହେବ ଧୂଆଁକଲ ଜାହାଜରେ ଏ କାଲବାଟେ ବନ୍ଦରର ପର୍ଯ୍ୟନ୍ତ ଯାତାୟାତ କରିବାର ଅନୁକୂଳ କଲେ । ଓଡ଼ିଶା ପ୍ରଦେଶର ଉନ୍ନତି ପକ୍ଷରେ ଏହାକୁ ଗୋଟିଏ ପ୍ରଧାନ ଘଟନା କହିବାକୁ ହେବ । ଏଥିରେ ଯେତେପ୍ରକାର ସାଧାରଣ ଉପକାରର କଥା ଅଛି ସମସ୍ତ ବ୍ୟକ୍ତ ହୋଇ ନ ପାରେ ଇରିଗେଶନ କମ୍ପାନି ଉଚିତ ବିବେଚନା କରି ସର୍ବାଗ୍ରେ ଏ କାଲର କାର୍ଯ୍ୟାରମ୍ଭ କରିଥିଲେ ଓ ପ୍ରାୟ ୩ବର୍ଷରେ ତାହା ବର୍ତ୍ତମାନ ସମ୍ପୂର୍ଣ୍ଣ ଓ କାର୍ଯ୍ୟକର ହେଲା ସମ୍ପ୍ରତି କଲିକତା ଓ ଅନ୍ୟାନ୍ୟ ସ୍ଥାନରୁ ବନ୍ଦରବାଟେ ...ହାଜରେ ଦ୍ରବ୍ୟ ଆସିବାର ଯେରୂପ ସୁଯୋଗ ହୋଇଅଛି କିନ୍ତୁ କଟକଠାରୁ ବନ୍ଦର ପର୍ଯ୍ୟନ୍ତ ଗମନାଗମନର କୌଣସି ଉତ୍ତମ ଉପାୟ ନ ଥିବାରୁ ତାହା ସଫଳ ହେଉ ନାହିଁ ଓ ଯଦ୍ୟପି ଅନେକ ଜହାଜରେ ପ୍ରତିମାସ କଲିକତାରୁ ଅନେକ ଦ୍ରବ୍ୟ ଆସୁଅଛି ମାତ୍ର ଏଠାରୁ କୌଣସି ବାଣିଜ୍ୟ ଦ୍ରବ୍ୟ ଯାଉ ନାହିଁ । ବର୍ତ୍ତମାନ ସେ କଷ୍ଟ ଦୂରୀକୃତ ହେଲା । ଏବେ ମହାନଦୀଠାରୁ ନୌକାରେ କେନ୍ଦ୍ରାପଡ଼ା କାଲବାଟେ ମାରସାଘାଇ ପର୍ଯ୍ୟନ୍ତ ଓ ସେଠାରୁ କଦୀବାଟେ ଜମ୍ବୁ ଅଥବା ବାଲୁଦ ମୁହାଣ ବାଟେ ନଗ୍ରପଦରେ ବନ୍ଦର ନଙ୍ଗରବାଡ଼ି ପର୍ଯ୍ୟନ୍ତ ଦ୍ରବ୍ୟ ଯାଇ ଜାହାଜରେ ବୋଝାଇ ହୋଇ ପାରେ କେବଳ ଏଟ... ସରକାରୀ କେନ୍ଦ୍ରଖଣ୍ଡ ... ନୌକା ଓ ଧୂଆଁକଲ ଜାହାଜଦ୍ୱାରା ଏ କାର୍ଯ୍ୟ ହେବ । ଦେଶୀୟ ନୌକା ଜମ୍ବୁବାଟେ ନଙ୍ଗରବାଡ଼ିକୁ ଯିବାର ନିରାପଦ ନୁହଇ ଓ ସେଥିରେ ଦେଶୀୟ ସାମାନ୍ୟ ମହାଜନମାନେ ଶ୍ରଦ୍ଧାଳୁ ନାହିଁ । ଯେମନ୍ତ କାହିଁଗେଶନକମ୍ପାନି ଜାହାଜରେ କଲିକତା ଅଥବା ଅନ୍ୟାନ୍ୟ ଦେଶରୁ ବନ୍ଦରକୁ ମାଲ ଆଣୁଅଛି ସେହିପରି ସରକାରୀ ଜାହାଜରେ ବନ୍ଦରଠାରୁ କାଲବାଟେ ମହାନଦୀ ମସ୍ତାନଘାଟ ପର୍ଯ୍ୟନ୍ତ ଦ୍ରବ୍ୟ ଆଣିଲେ ହେଲେ କେତେ ସୁବିଧା ହେବ କୁହାଯାଇ ନ ପାରେ । ସରକାର ଅନ୍ୟ କୌଣସିଠାରେ ଗୋଦାମ ନ ରଖି ଏକାବେଳକେ ମହାନଦୀଘାଟଉପରେ ଗୋଦାମରେ ଦ୍ରବ୍ୟ ରଖିପାରନ୍ତି ଓ ସେଠାରୁ ଲୋକମାନେ ଖର୍ଚ୍ଚା ଦେଇ ଆପଣା ଦ୍ରବ୍ୟ ଆଣିବାରେ ବହୁତ ଆନନ୍ଦିତ ହେବେ ସନ୍ଦେହ ନାହିଁ ଓ ଜଳବାଟେ ଦ୍ରବ୍ୟ ଆଣିବାର ଖର୍ଚ୍ଚ ମଧ୍ୟ ଊଣା ପଡ଼ିବା ଆପାତତଃ ତାଳଦଣ୍ଡାବାଟେ ବାଣିଜ୍ୟ ଆସିବାର ଭବିଷ୍ୟ ସଂଘଟିଆଙ୍କର ଯେରୂପ ଉପାୟ ହୋଇଥିଲା ତାହା ଏକାବେଳକେ ରହିତ ହେଲା ଓ ସେଥିରେ ସେମାନଙ୍କର କିଛିଦିନ କ୍ଲେଶ ହୋଇପାରେ ମାତ୍ର ଏଥିରୁ ନୈରାଶ ହେଲେ ସେମାନେ ଅନ୍ୟ ଉପାୟ ଅବଲମ୍ବନ କରିବେ କୃଷିକାଥିବାଉରେ କୌଣସି ବାଣିଜ୍ୟ ବ୍ୟବସାୟ ଆରମ୍ଭକଲେ ପ୍ରଥମେ କେତେ କ୍ଷୁଦ୍ର ବ୍ୟବସାୟିଙ୍କର କ୍ଲେଶ ହେବାର ସର୍ବଦାରେ ଦେଖାଅଛି ମାତ୍ର ସେ କ୍ଲେଶ ଅଧିକଦିନ ରହଇ ନାହିଁ । ଏକ ଅଧିକ ବ୍ୟବସାୟର ନୈରାଶ ହେଲେ ଲୋକେ ତତ୍କ୍ଷଣାତ୍ ଅନ୍ୟ ବ୍ୟବସାୟରେ ନିଯୁକ୍ତ ଅନ୍ତି ଓ ପୃଥିବୀ ଏଡ଼େ ବୃହତ୍ ଓ ଏଥିରେ ଏତେପ୍ରକାର କାର୍ଯ୍ୟର ପ୍ରୟୋଜନ ଅଛି ଯେ ଅତ୍ୟନ୍ତ ଆଳସ୍ୟନ୍ତୁ ବ୍ୟକ୍ତି ମଧ୍ୟ ତତ୍କ୍ଷଣ ଚେଷ୍ଟା କଲେ ଆପଣା ପ୍ରତିପୋଷଣ ଯୋଗ୍ୟ ଗୋଟିଏ ବ୍ୟବସାୟ ପାଇବ ।

Split by PDF Splitter
Digitized by srujanika@gmail.com

# ସାପ୍ତାହିକ ସଂବାଦ

ବର୍ତ୍ତମାନ ମହାରାଜଙ୍କ ଉତ୍ଥାପିତ ମକଦ୍ଦମାରେ କେନଷ୍ଟପତ୍ତାର ଡେପୁଟୀ କଲେକ୍ଟର ବାବୁ ଚନ୍ଦ୍ରଶେଖର ବନ୍ଦ୍ୟୋପାଧ୍ୟାୟ ଭୂଞାଙ୍କର ରାଜା ଉପରେ ୫୦୦ଙ୍କା ଅର୍ଥଦଣ୍ଡ କରିଥିଲେ। ରାଜା ପକ୍ଷରୁ [illegible] ରେ ଅପୀଲ ହେବାର ଗତ [illegible] ନିଷ୍ପତ୍ତି ହୋଇ ଡେପୁଟୀକଲେକ୍ଟରଙ୍କର ଆଜ୍ଞା ରହିତ ଓ ଅର୍ଥଦଣ୍ଡ ଫେରିଦେବାର ଆଜ୍ଞା ହୋଇ ଅଛି। ଅମ୍ଭେମାନେ ଅଦ୍ୟାପି ମକଦ୍ଦମାର ରାୟ ଦେଖି ନ ଥିବାରୁ ସେଥିର ବୃତ୍ତାନ୍ତ କିଛି ଲେଖି ନ ପାରିଲୁଁ ଉତ୍ତରକାଳକୁ ସେଥିର ବର୍ଣ୍ଣନା କରିବାର ମାନସ ରଖୁଁ।

ଗତମାସ ତା ୨୦ଂରଖରେ ଗୋର୍ଯାରେ ଭୟଙ୍କର ଅଗ୍ନି ପ୍ରାପ୍ତ ହୋଇ ଗୋଟିଏ ସାହି ପୋଡି ଯାଇ ଅଛି। ସେଠାରେ କୈଟିକବାଳାରଙ୍କ ଘର ପାଖରୁ ଅଗ୍ନି ଆରମ୍ଭ ହେଲା। ଅନେକ ଦ୍ରବ୍ୟ ନଷ୍ଟ ହୋଇ ଅଛି ମାତ୍ର ଭାଗ୍ୟବଳରୁ କାହାର ପ୍ରାଣ ନାଶ ହୋଇ ନାହିଁ। ଅମ୍ଭମାନଙ୍କର ସମ୍ବାଦଦାତା ଲେଖନ୍ତି ଯେ ପୁଲିସ ସାହାଯ୍ୟ ବିଲମ୍ବରେ ପ୍ରାପ୍ତହେଲା। କିଛି ପୂର୍ବରୁ ପୁଲିସ ଉପସ୍ଥିତ ହୋଇ ଥିଲେ ଏତେ କ୍ଷତି ହୋଇ ନ ଥାନ୍ତା।

ଗତ ମଙ୍ଗଳବାର ମହାନଦୀ ପଥର ବନ୍ଧ ମାଝରେ ଖଣ୍ଡିଏ ନୌକା ସ୍ରୋତ ମୁହଁରେ ପଡି ଜଳମଗ୍ନ ହେଲା। କେତେକ ବୁଡିଗଲେ ପହଁରି ପ୍ରାଣ ରକ୍ଷାକଲେ ମାତ୍ର ଅନ୍ୟ ଏକଜଣକୁ ପହଁରି ଆସୁ ନ ଥିବାରୁ ନଦୀରେ ପ୍ରାଣ ତ୍ୟାଗ କଲା।

ସିଭିଲ ସରବିସ ପରୀକ୍ଷାରେ ଅସ୍ମଦେଶୀୟ ଯେଉଁ ବ୍ୟକ୍ତିଗଣ କୃତକାର୍ଯ୍ୟ ହୋଇଅଛନ୍ତି ସେମାନେ ଆପଣା ୨ ପ୍ରଦେଶରେ ଅର୍ଥାତ୍ ବଙ୍ଗାଳୀ ତିନିଜଣ ବଙ୍ଗଳା ଓ ପାରସୀଜଣକ ବମ୍ବେରେ କାର୍ଯ୍ୟ କରିବାକୁ ନିଯୁକ୍ତ ହୋଇ ଅଛନ୍ତି। ଏ ମାନଙ୍କର ମଙ୍ଗଳ ଲଉରେ କଲିକତାର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଅତି ଆନନ୍ଦିତ ହୋଇ ବହୁ ସମାଦର ପୂର୍ବକ ଏମାନଙ୍କର ଅଭ୍ୟର୍ଥନା କରୁଅଛନ୍ତି। କଲିକତର ଭାରତବର୍ଷୀୟ ସେକ୍ରେଟାରୀଙ୍କ ଗୃହରେ ଏମାନଙ୍କୁ ଏକଦିନ ନିମନ୍ତ୍ରଣ ହୋଇଥିଲା ଓ ସେଠାକୁ ଅନେକ ସଭ୍ୟଭବ୍ୟ ମହାଶୟମାନେ ଆଗମନ କରିଥିଲେ। ସେକ୍ରେଟାରୀଙ୍କ ସ୍ତ୍ରୀ ସ୍ୱୟଂ ଅସ୍ମଦେଶୀୟ ଉକ୍ତ ଚାରିଜଣଙ୍କୁ ସମାଦର ପୂର୍ବକ ସଙ୍ଗରୁ ନେଇ ଯାଇ ଏମାନଙ୍କ ଲୁଗାରେ ଫୁଲ ତୋରଣା ବାନ୍ଧି ଦେଇ ସଭାରେ ବସାଇଥିଲେ। ଏଠାରେ କଲିକ ଲୋକଙ୍କ ଲକ୍ଷଣ ଭିନ୍ନ ପ୍ରକାର କି କାରଣ ଦେଖାଯାଏ। ?

ହୁଗଲି କାନ୍ଥି ଓ ତନ୍ନିକଟସ୍ଥ ସ୍ଥାନର ଗ୍ରାମ୍ୟ ପଶୁଙ୍କ ମଧ୍ୟରେ ଭୟଙ୍କର ମଡ଼କ ଉପସ୍ଥିତ ହୋଇଥିବାର ହିନ୍ଦୁପେଟ୍ରିଅଟ ଲେଖନ୍ତି। କଲିକତାର ଭାରତବର୍ଷୀୟ ସଭାରୁ ପଶୁଙ୍କର ମଡ଼କ ଚିକିତ୍ସା ବିଷୟର ପୁସ୍ତକମାନ ବଣ୍ଟନ ହେଉଅଛି। ଏଠାରେ ପରୀକ୍ଷା ଦ୍ୱାରା ଉକ୍ତ ପୁସ୍ତକର ଫଳ ଜଣାଗଲେ ଅନେକ ଉପକାର ହେବ ସନ୍ଦେହ ନାହିଁ।

ସରକାର ଉକିଲଙ୍କ ଛୁଟୀ ବିଷୟରେ ବୋର୍ଡ ରେବନ୍ୟୁ ସମ୍ପ୍ରତି ଏହି ନିୟମ କରିଅଛନ୍ତି ଯେ ଯେତେବେ ସରକାର ଉକିଲ ଏମନ୍ତ ବନ୍ଦୋବସ୍ତ କରିବେ ଯେ ତାହାର ଅନୁପସ୍ଥିତ ସମୟରେ କାର୍ଯ୍ୟର ବ୍ୟାଘାତ ନ ହେବ ତେବେ ବର୍ଷରେ ଏକମାସ ବେତନ ସହିତ ଛୁଟୀ ପାଇବେ ମାତ୍ର ସରକାରଙ୍କୁ ଏକ୍ଟିଂ ରଖିବାର ପ୍ରୟୋଜନ ହେଲେ ବେତନ ଭିନ୍ନ ଏକମାସ ଛୁଟି ପାଇପାରିବେ।

ଇଣ୍ଡିୟାନ ପବଲିକ ଓପିନିୟନ ଲେଖନ୍ତି ଯେ ରାମପୁରର ନବାବ ଆପଣର ପ୍ରାଧାନ ମନ୍ତ୍ରୀ ମୌଲବୀ ମହମ୍ମଦ ଉସମାନ ଖାଁଙ୍କୁ ବାର୍ଷିକ ଏକଲକ୍ଷ ଟଙ୍କାର ଯାଗିର ଦାନ କରିଅଛନ୍ତି।

ହିନ୍ଦୁପେଟ୍ରିଅଟ ପ୍ରକାଶ କରିଅଛନ୍ତି ଯେ ଅମ୍ଭମାନଙ୍କର ଗବର୍ଣ୍ଣର ଜେନେରଲ ଲର୍ଡମେଓ କୃଷିର ତତ୍ତ୍ୱାବଧାରକ ସ୍ୱରୂପ ଜଣେ କମିଶ୍ନର ଅବା ଇନସ୍ପେକ୍ଟର ଜେନରଲ ନିଯୁକ୍ତ କରିବାର ମନସ୍ଥ କରିଅଛନ୍ତି। ଏଥିର ବିଶେଷ ବ୍ୟାପାର ଅଦ୍ୟାପି ଜଣାଯାଇ ନାହିଁ କିନ୍ତୁ ଲର୍ଡମେଓଙ୍କର କୃଷି ବିଷୟରେ ଇଚ୍ଛା ଥିବାରୁ ବୋଧହୁଏ ଅଇ ସେଥିର ଉନ୍ନତି ପକ୍ଷରେ ସେ କିଛି କାର୍ଯ୍ୟ କରିବେ।

ଗତମାସ ତା ୧୯ରଖ ସନ୍ଧ୍ୟାସମୟରେ କୁଚବେହାରରେ ଏକଥର ଭୂମିକମ୍ପ ହେବାର ଉକ୍ତ ସହର ଅବଗତ ହେଲୁଁ। ଏ ଭୂମିକମ୍ପ ପୂର୍ବ ପଶ୍ଚିମ ମାର୍ଗରେ ଏକପ୍ରକାର ପ୍ରବଳରୂପେ ହୋଇଥିଲା ଏହାର ସ୍ଥିତିକାଳ ପ୍ରାୟ ଦୁଇ ତିନିମିନିଟ ହେବ କିନ୍ତୁ ଏହାଦ୍ୱାରା କିଛି କ୍ଷତି ହୋଇ ନାହିଁ।

ଟାଇମସ ଅବଇଣ୍ଡିଆ ପତ୍ରିକା ଅନୁସାରେ ବଂଗର କାର୍ଯ୍ୟର ବେଙ୍କ ଏବର୍ଷ ବଡ଼ଫଳଦ ହୋଇଅଛି। ଉପଯୁକ୍ତ କାଳରେ ପ୍ରଚୁରକପା ଉତ୍ପନ୍ନ ହୋଇ ବିକ୍ରୟାର୍ଥେ ପ୍ରେରିତ ହୋଇଅଛି।

କଲିକତାର ଆଉ ଜଣେ ବଙ୍ଗାଳୀ ବାବୁ ହୃଷିକେଶ ମଲ୍ଲିକ ବିଲାତକୁ ଯାତ୍ରା କରିଅଛନ୍ତି ଉକାଲତି ବିଦ୍ୟାର [illegible] ଲାଭ କରିବ ଏହାଙ୍କର ଅଭିପ୍ରାୟ ଜଣାଯାଏ। କଲିକତାର ବଙ୍ଗାଳିମାନଙ୍କ ଏରୂପ ସାହସୀ କାର୍ଯ୍ୟ ନିମିତ୍ତ ଯଥୋଚିତ ପ୍ରଶଂସା କରିବାକୁ ଶବ୍ଦର ଅଭାବ ବୋଧ କରୁଅଛୁଁ।

ଯେମସ ଅଲେନ ନାମର ଜଣେ ଇଉରୋପୀୟ ଯୁବା ପୁରୁଷ କଲିକତାର ପ୍ରିଂସେପ ଗଲିରେ ମରି ପଡିଥିଲା। ପୁଲିସଦ୍ୱାରା ମୃତ୍ୟୁର କାରଣ ଅନୁସନ୍ଧାନ କରାଯିବାରେ ଜଣାଗଲା କି [illegible] ରେ ଦିନ ପୂର୍ବରୁ ଅଧିକ ମଦ୍ୟ [illegible] ଥିଲା ଏବ ଏଥି ଦୁଷ୍ଟରୁଧି ଓ ଏହାଙ୍କ [illegible] ଶୀଘ୍ର ଏକତ୍ରିତ ହେବାରୁ ଏହାର ପ୍ରାଣ ନାଶ ହୋଇଅଛି। ଅବା ଗ୍ରୀଷ୍ମରେ ମଦ୍ୟପାନ କରିବା ବଡ଼ ଭୟଙ୍କର ବିଶେଷ ଗ୍ରୀଷ୍ମ କାଳରେ ତାହା ପ୍ରାଣଘାତକ ଅଟଇ। ଗ୍ରୀଷ୍ମଋତୁସ୍ ହେତୁ ସରଗ୍ରତର ଇଂରେଜ ଲୋକଙ୍କର ଏ ଦେଶରେ ମରିବାର ଶୁଣାଯାଏ ମାତ୍ର ସେଥିର କାରଣ ଅନୁସନ୍ଧାନ ହେଉ ଥିଲେ ବହୁସ୍ଥରେ ମଦ୍ୟପାନ କରିବା ଅନେକ ଦୁର୍ଘଟନାର କାରଣ ସ୍ୱରୂପ ପ୍ରକାଶ ପାନ୍ତା। କେତେକ କହନ୍ତି ଯେ ଶୀତ ସମୟରେ ଅଧିକ ମଦ୍ୟପାନ କଲେ ଶୀଘ୍ରର ତାଦୃଶ ପ୍ରଭାବ ଅନୁଭବ ନ ହୁଏଇ। ମାଦକ ଗୁଣରେ ଅଜ୍ଞାନ ହୋଇ ପଡି ରହିବାରୁ କେତେକ ଶୀତର ଉତ୍ତାପରୁ ରକ୍ଷା ପାଉଥିବେ ସମ୍ଭବ ହୁଏଇ ମାତ୍ର ଗ୍ରୀଷ୍ମରେ ବହୁସ୍ଥରେ ମଦ୍ୟପାନ କଲାରୁ ସୂର୍ଯ୍ୟର ଉକ୍ତ ଉତ୍ତେଜ ହୋଇ ମସ୍ତକକୁ ଉଠେ ଓ ମସ୍ତିଷ୍କରେ ଏ ରକ୍ତ ପ୍ରବେଶ ହେଲେ ମନୁଷ୍ୟ ଅଜ୍ଞାନ ହୋଇ ମରି ଯାଏ। ଅଳ୍ପକାଳ ହେଲା ନ୍ୟୁଇଣ୍ଡିଆରେ ଏ ବିଷୟରେ ଏକ ପ୍ରସ୍ତାବ ପ୍ରକାଶ ହୋଇଥିଲା ତାହା ପାଠକେ ଅମ୍ଭେ ଉକ୍ତ କଥାମାନ ଲେଖି ହୋଇ ଅଛୁଁ। ଅତଏବ ପ୍ରମାଣ ଯେ ମଦ୍ୟପାନର ଯେ ବହୁ ଦୂର୍ଗୁଣ ଅଛି ତାହା ଗ୍ରୀଷ୍ମକାଳର [illegible] ରେ ଅତିଶୟ ବଳବନ୍ତ ହୋଇ ପ୍ରାଣ ସଂହାରକ ହୁଏଇ।

---

☞ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା।

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା ।

ଭାଗ ୪ ର୍ଥ } ତା ୧୦ରଖ ଜୁଲାଇ ସନ ୧୮୬୯ ମସିହା । ମୁ । ଆଷାଢ଼ ଦ ୨୮ ଜ ସନ ୧୨୭୬ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୩॥
ସଂ୨୮ ଖ୍ୟା } { ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୪॥
{ ମଫସଲ ପାଇଁ ଡାକମାସୁଲ ୰

## ବର୍ଷାଋତୁ ।

ଯଦ୍ୟପି ଏ ଜୁନମାସ ଶେଷରୁ କ୍ରମଶଃ ବର୍ଷାକାଳ ଆରମ୍ଭ ହେବାର ଅନୁଭବ ହେଉଥିଲା କିନ୍ତୁ ସେ ସମୟରେ ବିଶେଷ ବର୍ଷା ହେବାର ଜଣା ଯାଉ ନାହିଁ । କଟକ ଯାଜପୁର ଓ କେନ୍ଦ୍ରାପଡ଼ାରେ ଲୋକମାନେ ଅଳ୍ପବୃଷ୍ଟିର କଥା କହୁଥିଲେ ବିଶେଷ ଯାଜପୁରରେ କେବଳ ତିନିଦିନ କହିଲ ବୃଷ୍ଟି ହୋଇଥିଲା । ଏଣା ଜଗତସିଂହପୁର ବାଲେଶ୍ୱରରେ ଉତ୍ତମ ପରିମାଣରେ ବୃଷ୍ଟି ହେବାର ଜଣା ଯାଏ । କିନ୍ତୁ ଗତ ସପ୍ତାହରେ ଯେଉଁରୂପ ବୃଷ୍ଟି ହେଲା ତାହା ଚାଷମାନଙ୍କର ତୃପ୍ତିକର ହୋଇଅଛି ଓ ଉତ୍ତମ ପରିମାଣରେ ନଦୀ ବୃଦ୍ଧି ହୋଇ ଯାତ୍ରିକର କ୍ଲେଶ ବଢ଼ାଇବାରେ ତ୍ରୁଟି ହୋଇ ନାହିଁ । ଘାଟର ଜଞ୍ଜାଳ ଗୋଟିଏ ବାର୍ଷିକ ଉତ୍ପନ୍ନ ପ୍ରାୟ ବୋଧ ହୁଅଇ ଏମନ୍ତ ବର୍ଷ ଗତ ହୋଇ ନାହିଁ ଯହିଁରେ ନଦୀ ପାର ହେବାରେ ଲୋକଙ୍କର ବ ପୀଡ଼ା ନ ହୋଇଛି । ଶୁଣିଲୁଁ ଯେ ଗତ ମଙ୍ଗଳବାର ମହାନଦୀରେ ଯାତ୍ରୀମାନେ ପାର ହେବାରେ ବିସ୍ତର କ୍ଲେଶ ପାଇଅଛନ୍ତି । ସେ ଦିନ ବେଳ ଦୁଇପ୍ରହର ଠାରୁ ନୌକା ସେପାରି ଘାଟରେ ବନ୍ଧା ଥିଲା ସନ୍ଧ୍ୟାବେଳେ ଏପାରିକୁ ଫେରିଲା ଓ ସେ ସମୟରେ ଘୋରବୃଷ୍ଟି ଉପସ୍ଥିତ ହୋଇ ଯାତ୍ରୀଙ୍କୁ ଯେ ଦୁଃଖ ଦେଲା ବର୍ଣ୍ଣନାତୀତ । ଲୋକ ଗହଳ ହେତୁରୁ ନଦୀଅରେ ଗୋଟାଏ ଘୋଡ଼ା ଓ କେତୋଟା ବଳଦ ଗମନ ଡଙ୍ଗାରୁ ଲୁଟିପଡ଼ିଲେ । ଉଣାବେଳା ଯେ ସେଠାରେ ଲୁଦ ଥିବାରୁ ରକ୍ଷକ ସହିତ ସେ ସମସ୍ତଙ୍କର ପ୍ରାଣ ବଞ୍ଚିଲା । ଏଥିରୁ ସେହିନ ନଦୀ ବଢ଼ୁଥାଏ ଯେବେ କିଛି ବିଳମ୍ବ ହୋଇଥାନ୍ତା ତେବେ ସେଠାରେ ଅଧିକ ଜଳ ହୋଇ ଏମାନଙ୍କୁ ବୁଡ଼ାଇ ଦେଇଥାନ୍ତା । ଘାଟଇଜାରଦାରକୁ ସାବଧାନ ହେବାର ଉଚିତ ଓ ନାଉରିଆମାନଙ୍କୁ ଯେବେ ସେ ଅଧୀନ ନ କରେ ତେବେ ତାହା ଉପରେ ଦୁଃଖ ପଡ଼ିବ ସନ୍ଦେହ ନାହିଁ ।

---

## ବିଧବା ବିବାହ ।

ବୋମ୍ବେ ନଗରରେ ଅଳ୍ପକାଳ ହେଲା ଗୋଟିଏ ବିଧବାବିବାହ ହୋଇଥିବାର ସମ୍ବାଦ ଏଥିପୂର୍ବେ ଆମ୍ଭେମାନେ ପ୍ରକାଶ କରିଥିଲୁଁ । ସମ୍ପ୍ରତି ସେହି ସମ୍ବନ୍ଧରେ ଗୋଟିଏ ଅଦ୍ଭୁତ ବ୍ୟାପାର ଘଟିବାର ସମ୍ବାଦ ପାଇ ତହିଁର ବୃତ୍ତାନ୍ତ ପାଠକଙ୍କୁ ଜଣାଉଅଛୁଁ । ବୋମ୍ବାଇରେ ଏପ୍ରକାର ବିବାହ ନୂତନ ଅଟଇ । ବିଦ୍ୟାସାଗରଙ୍କର ମତ ପ୍ରଚାର ସେଠାରେ ଏହି ପ୍ରଥମଥର ହେଲା । ଏତେବଡ଼ ନୂତନ କଥା ଦେଖି ତଦ୍ଦେଶୀୟ ବୃଦ୍ଧ ହିନ୍ଦୁମାନଙ୍କର ମନ ଯେଉଁରୂପ ହୋଇଥିବ ତାହା ସହଜରେ ଅନୁଭବ ହେଉଅଛି ଏମାନେ ବିବାହକାରୀ ଓ ତାହାର ସଙ୍ଗିମାନଙ୍କୁ ଜାତିରେ ଅଟକ କରିବାକାରଣ ସଭା କରିବାକୁ ମନସ୍ଥ କଲେ ଅନ୍ୟପକ୍ଷର ଲୋକମାନେ ଏହାଙ୍କର ଅଭିପ୍ରାୟ ଜାଣିପାରି ସେମାନଙ୍କ ମନସ୍ଥ ବିଫଳ କରିବା ଓ ଏକାର୍ଯ୍ୟରେ ପ୍ରବୃତ୍ତ ନ ହେବା ବିଷୟରେ ସେମାନଙ୍କୁ ସାବଧାନ କରିବାପାଇଁ ପୂର୍ବରୁ ଆଡ଼ଭୋକେଟ ଜେନରଲଙ୍କଠାରୁ ଆଇନର ବ୍ୟବସ୍ଥା ନେଇ ସାଧାରଣ ଗୋଚରାର୍ଥେ ପ୍ରଚାର କରିଅଛନ୍ତି । ଉକ୍ତ ବ୍ୟବସ୍ଥାର ସଂକ୍ଷେପ ଏହି ଯଥା —

ପ୍ରଶ୍ନ । ଯଦ୍ୟପି ଯେଉଁ ବିଧବାବିବାହ ହେଲା ଯେଉଁମାନେ ତାହାର ପୋଷକରୁ ଜ୍ଞାନ କରନ୍ତି ସେମାନେ ଯେବେ କନ୍ୟା ଏବଂ ତାହାଙ୍କ ସଂସର୍ଗୀ ଲୋକଙ୍କୁ ଅଜାତ କରିବା ଉଦ୍ଦେଶରେ କାଳବଶରେ ଏକତ୍ରିତ ହୁଅନ୍ତି ତେବେ ସେମାନେ ଭାରତବର୍ଷୀୟ ଦଣ୍ଡବିଧି କିମ୍ବା ଅନ୍ୟ କୌଣସି ଆଇନାନୁସାରେ ଅପରାଧୀ ହୁଅନ୍ତି କି ନା ଓ ଅପରାଧୀ ହେଲେ ସେମାନଙ୍କ ଦଣ୍ଡ କି ହେବ?

ଉତ୍ତର । ସନ ୧୮୫୬ ମସିହାର ୧୫ ଆଇନ ଜାରି ହେଲା ଦିନରୁ ବିଧବା ବିବାହ ବିଷୟରେ ଯେତିକି ଆପତ୍ତି ଥିଲା ସବୁ ରହିତ ହୋଇ ବିବାହ ଆଇନସିଦ୍ଧ ହୋଇଅଛି । ଏବଂ ଉକ୍ତ ଆଇନର ହେତୁବାଦରୁ ଜଣାଯାଏ ଯେ ସଦାଚାର ଓ ସାଧାରଣ ସୁଖବର୍ଦ୍ଧନ ହେତୁ ବିଧବା ବିବାହ ବିଷୟରେ ଯେତିକି ଅଇନଘଟିତ ବାଧା ଥିଲା ତାହା ଉଠାଇ ଦିଆଗଲା । ଏଅବସ୍ଥାରେ ବିଧବାବିବାହ ବିଷୟରେ କେହି କିଛି କହି ନ ପାରନ୍ତି ଓ ହିନ୍ଦୁଶାସ୍ତ୍ର ବହିର୍ଭୂତ ହେଲେ ମଧ୍ୟ ଏ ବିବାହ ଆଇନ ବିରୁଦ୍ଧ ହୋଇ ନ ପାରେ । ବ୍ୟକ୍ତି ବିଶେଷର ଅବଶ୍ୟ ଅଧିକାର ଅଛି ଯେ ବିଧବାବିବାହକୁ ଶାସ୍ତ୍ର ଓ ଦେଶାଚାର ବିରୁଦ୍ଧ ଓ ଅନେକ ବହିର୍ଭୂତ ବୋଲି ଆପଣା ମନରେ

Digitized by srujanika@gmail.com

Split by PDF Splitter



ଜ୍ଞାନ କରନ୍ତାରେ ଓ ଉତ୍ତାନରେ ଭଲ ବହାହର ସଂ... ଲୋକଙ୍କ ସଙ୍ଗରେ ନ ମିଶି ... ତି କିନ୍ତୁ ସେମାନେ ଜାତ୍ୟନ୍ତର ... ହୋଇଅଛନ୍ତି ବୋଲି ସଙ୍ଗରେ ... କହି ନ ପାରେ ସେପରି ହେଲେ ଦଣ୍ଡବିଧିର ୬୯ ଦଫାଅନୁସାରେ ଦୂଷିଣ କରିବାର ଅପରାଧୀ ହେବ । କିନ୍ତୁ ... ଅଯଥାର୍ଥ ବୋଲିବା ଯେମନ୍ତ ଭଦ୍ର ପୁରୁଷ ଓ ସ୍ତ୍ରୀ ଦୂଷଣୀୟ ସହବାସ କରୁଅଛନ୍ତି କହିବା ତେମନ୍ତ ଅର୍ଥ ଓ ଅଜାତି କରିଦେଲେ ତାହାର ଭାବ ଏହି ହେଲା ଯେ ସେମାନେ ଧର୍ମ ବିରୁଦ୍ଧ କୌଣସି ଅପରାଧ କରିଅଛନ୍ତି କିମ୍ବା ଦୁଷ୍ଟ ଉଦ୍ଦେଶ୍ୟରେ ଅପଣାକୁ ଅପବିତ୍ର କରିଅଛନ୍ତି ଓ ଏମନ୍ତ ଭାବ ପ୍ରକାଶ ହେଲାରୁ ସେମାନଙ୍କର ଜାତିବିଷୟରେ ମର୍ଯ୍ୟାଦାର ତ୍ରୁଟି ଓ ସୁନାମ ପ୍ରତି ବାଧା ହେଲା ଅତଏବ ପ୍ରଦର୍ଶିତ ସଭାର ଉଦ୍ଦେଶ୍ୟ ଯେ ଦୂଷିଣ କରିବା ଅଟଇ ଏ ବିଷୟରେ ସନ୍ଦେହ ନାହିଁ ଓ ଉକ୍ତ ଅପରାଧର ଯେ ସମସ୍ତ ବର୍ଜିତ କଥା ଅଛି ... ମଧ୍ୟରୁ କେହି ସଭାକାରୀଙ୍କୁ ରକ୍ଷା କରୁ ... । କାରଣ କଥବାବକାହ ଅଟଇ ସାଧାରଣ ମଙ୍ଗଳ ସକାଶେ କେ ଉ ଥିବା ପ୍ରତ୍ୟକ୍ଷେ ଏ ସଭାର ଉଦ୍ଦେଶ୍ୟ ନହିଲେ ସାଧନ ହୋଇ ନ ପାରେ ... ବିଶେଷବ୍ୟକ୍ତିର ମଙ୍ଗଳ କାରଣ ସ... ପ୍ରୟୋଜନ ନାହିଁ । ଅତଏବ ଦୂଷିଣ କରିବାର ଅପରାଧ ସାବ୍ୟସ୍ତ ହେଲା ଓ ଏହାର ଦଣ୍ଡ ଦୁଇବର୍ଷ କାରାବାସ କିମ୍ବା ଅର୍ଥଦଣ୍ଡ ଅଥବା ଉଭୟ ଅଟଇ । ପୁନଶ୍ଚ ଯେଉଁମାନେ ଏ ଅପରାଧ କରିବ କାରଣ ସେମାନେ ପ୍ରତ୍ୟେକ ବ୍ୟକ୍ତି ଅନ୍ୟାୟଦଳବଦ୍ଧ ହେବା ଅପରାଧରେ ଦଣ୍ଡବିଧିର ୧୪୯ ଧାରା ଅନୁସାରେ ଅପରାଧୀ ହେବେ । ଅତଏବ ଯେଉଁମାନେ ଏରୂପ ସଭାର ସଂସର୍ଗୀ ହୁଅନ୍ତି ସେମାନଙ୍କୁ ସାବଧାନ ହେବାର ଉଚିତ ।

ଏତତ୍ତର ପ୍ରକୃତ ହେଲାରୁ ସଭାକାରିମାନେ ଆପଣା ଆଶା ପୂର୍ଣ୍ଣ କରି ନ ପାରିଲେ ଏବ ଉତ୍ପାତକାଳରେ ସକଳ ଗୋଳମାଳ ନିବାରଣ ହେଲା ।

ଅମ୍ଭେମାନେ ଏକଥା ଲେଖି ଅସ୍ମଦେଶୀୟ ସର୍ବସାଧାରଣଙ୍କୁ ସତର୍କ କରୁଅଛୁଁ ଯେ କାହାରିକୁ ଅଜାତି କରିବାର ହସ୍ତ କରିବା ପୂର୍ବେ ଉପର୍ଯ୍ୟୁକ୍ତ ବିଷୟମାନଙ୍କର ବିଚାର କରିବେ ଯେହେତୁ ... ପରିଚ୍ଛେଦରେ ... ନ ହୁଅନ୍ତି ।

## ଉତ୍କଳ ପୁସ୍ତକ ପରୀକ୍ଷାର ସଭା

ପାଠକମାନଙ୍କୁ ଜଣା ଅଛି ଯେ ଗେଜାନାଲର ମହାଶୟଙ୍କ ଉତ୍କଳ ପୁସ୍ତକ ମୁଦ୍ରଣ ସକାଶେ ପ୍ରାୟ ଏକସହସ୍ର ଟଙ୍କା ଦାନ କରି ଶିକ୍ଷା ସକ୍ରାନ୍ତ କମିଟୀ ହସ୍ତରେ ଗଚ୍ଛିତ କରଥିଲେ । ଉକ୍ତ ଟଙ୍କା କିରୂପେ ବ୍ୟୟ ହେବ କମିଟୀ ସେଥିର ନିଷ୍ପତ୍ତି ଅନେକ କାଳରୁ କରୁଥିଲେ ଏବଂ ଏହି ବିଷୟ ସେହି ଉତ୍କଳ ହିତୈଷିଣୀ ସଙ୍ଗେ ଅମ୍ଭମାନଙ୍କର ଅନେକ ତର୍କ ବିତର୍କ ହୋଇଥିଲା ଯାହା ହେଉ ଗତ ସୋମବାର କମିଟୀଦ୍ୱାରା ଏ ବିଷୟ ନିଷ୍ପତ୍ତି ହୋଇଅଛି । ଅମ୍ଭେମାନେ ଏ ସମ୍ବାଦ ଶ୍ରବଣରେ ଯତ୍ପରୋନାସ୍ତି ଆନନ୍ଦିତ ହେଲୁଁ ଉତ୍କଳ ପୁସ୍ତକ ମୁଦ୍ରାଙ୍କନ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ଓ ଯେଉଁମାନେ ପୁସ୍ତକ ରଚନା କରିବା ପାଇଁ ମାନସ କରନ୍ତି ମାତ୍ର ବ୍ୟୟ ନିର୍ବାହର ଉପାୟ ନ ଥିବାରୁ ସେଥିରୁ ନିବୃତ୍ତ ଥିଲେ ସେମାନେ ଆଳସ୍ୟ ପରିତ୍ୟାଗ କରି କାର୍ଯ୍ୟରେ ନିଯୁକ୍ତ ହେବେ ।

କମିଟୀ ଯେଉଁ ନିୟମମାନ କରିଅଛନ୍ତି ତାହା ଯେ ସର୍ବାଂଶରେ ଅମ୍ଭମାନଙ୍କର ପ୍ରସ୍ତାବାନୁଯାୟୀ ହୋଇଅଛି ବୋଲିବା ଅଧିକ ଅଟଇ ଓ ଏହି କାରଣରୁ ପୁନର୍ବାର ତହିଁର ବ୍ୟାଖ୍ୟା କରିବା ଅନାବଶ୍ୟକ । ସଂକ୍ଷେପ ଏହି ଯେ ଓଡ଼ିଆ ପୁସ୍ତକମାନଙ୍କର ଦୋଷାଦୋଷ ବିଚାର କାରଣ ଗୋଟିଏ ସଭାର ସୃଷ୍ଟି ହେଲା ଓ ତଳଲିଖିତ ମହାଶୟମାନେ ସେଥିର ସଭ୍ୟରୂପେ ନିଯୁକ୍ତ ହୋଇଅଛନ୍ତି । ଯଥା

ଶ୍ରୀ ଡବଲ୍ୟୁ ଡି, ଲେସି ସାହେବ
ଶ୍ରୀ ବାବୁ ଜଗନ୍ମୋହନ ଲାଲ ...
ଶ୍ରୀ ,, ହରିଧାନନ୍ଦ ଦାସ
ଶ୍ରୀ ,, ଦ୍ୱାରିକାନାଥ ଚକ୍ରବର୍ତ୍ତୀ
ଶ୍ରୀ ,, କାଳୀପ୍ରସାଦ ବନ୍ଦ୍ୟୋପାଧ୍ୟାୟ
ଶ୍ରୀ ,, ନନ୍ଦନଚନ୍ଦ୍ର ସଡ଼ଙ୍ଗୀ
ଶ୍ରୀ ,, ବନମାଳି ସିଂହ
ଶ୍ରୀ ,, ଗୌରୀଶଙ୍କର ରାୟ

ବିଶେଷ ସଭାର ନିୟୋଗ ବିଷୟରେ ଅମ୍ଭେମାନେ ନାନା କାରଣରୁ କୌଣସି ମତ ବ୍ୟକ୍ତ କରି ନ ପାରୁଁ ମାତ୍ର ଅମ୍ଭମାନଙ୍କର ବିଶ୍ୱାସ ଓ ଭରସା ହୁଅଇ ସଦ୍ବ୍ୟବହାରରେ ଏ ସଭା ଆଦରଣୀୟ ହେବ ଓ ଯାହା ରଚକମାନେ ଯଥାର୍ଥ ଉତ୍ସାହ କରିବାର ଭାରରେ ଉତ୍ସାହିତ ... ପର୍ଯ୍ୟନ୍ତ ଅର୍ପଣ କରିବେ । ଯାହା ରଚକଙ୍କଠାରୁ କେଉଁ ବିଷୟର ପୁସ୍ତକ କିରୂପେ ପ୍ରାପ୍ତି ହେବ ଓ କି ନିୟମ ନୁସାରେ ସେମାନେ ଆପଣା ପରିଶ୍ରମର ଫଳ ପାଇବେ ସଭା କମିଟୀଠାରୁ ଯେ ସମସ୍ତ ନିଷ୍ପତ୍ତି ହେବ ଓ ସାଧାରଣ ବିଜ୍ଞାପନଦ୍ୱାରା ସେ ସମସ୍ତ ଜଣାଇ ଦିଆ ଯିବ । ସମ୍ପ୍ରତି ଅମ୍ଭେମାନେ ଏତିକି ଦେଖୁପାରୁଁ ଯେ କୌଣସି ବ୍ୟକ୍ତି ବା ବ୍ୟକ୍ତିମାନଙ୍କ ପ୍ରତି ପକ୍ଷପାତୀ ନ ହୋଇ ସର୍ବୋତ୍କୃଷ୍ଟ ପୁସ୍ତକ ପାଇବା କମିଟୀର ମାନସ ଅଛି ଓ ଏହା ଜାଣି ଉପଯୁକ୍ତ ବ୍ୟକ୍ତି ମାତ୍ରକେ ପୁସ୍ତକ ରଚନା କାର୍ଯ୍ୟରେ ପ୍ରବୃତ୍ତ ହୋଇ ପାରନ୍ତି ।

---

## ବଙ୍ଗ ଅକ୍ଷରରେ ଉତ୍କଳ ଭାଷା ଲେଖିବା ।

ଗତ ସପ୍ତାହର କଟକ ପ୍ରକାଶରେ ବାବୁ ଉମାଚରଣ ହାଲଦାର ... ଏ ... ପତ୍ରିକା ପ୍ରକାଶ କରୁଅଛନ୍ତି । ବଙ୍ଗଳା ଅକ୍ଷରରେ ଉତ୍କଳଭାଷା ପୁସ୍ତକ ଓ ସମ୍ବାଦପତ୍ର ମୁଦ୍ରିତ ହେବା ସେଥିର ତାତ୍ପର୍ଯ୍ୟ ଅଟଇ । ଓ ତଦ୍ଦ୍ୱାରା ବଙ୍ଗଳା ଓ ଉତ୍କଳ ଉଭୟ ପ୍ରଦେଶର ଲୋକ ଏବଂ ସାହେବମାନେ ଉତ୍କଳ ଭାଷା ଉତ୍ତମରୂପେ ସହଜରେ ଶିକ୍ଷା କରିବେ ଏହି ଆଶା କରନ୍ତି ବାବୁଙ୍କୁ ଜଣେ ଉତ୍କଳର ହିତୈଷୀ ବୋଲିବାକୁ ହେବ କାରଣ ଭିନ୍ନ ସ୍ଥାନର ଲୋକ ମଧ୍ୟରେ, ଉତ୍କଳ ଭାଷା ପ୍ରଚଳ କରାଇବା ପାଇଁ ସେ ଉପାୟ ନିଷ୍ପନ୍ନ କରିବାରେ ସେ ଯେତେ ପରିଶ୍ରମ ଓ କାଳ ବ୍ୟୟ କରୁଅଛନ୍ତି ତାହା ଉକ୍ତ ପତ୍ର ଦୃଷ୍ଟି କଲେ ପ୍ରତୀତ ହେବ । ଯୁକ୍ତିମାନ ମଧ୍ୟ ଅଲୌକିକ ଅଟଇ ତନ୍ମଧ୍ୟରେ ପ୍ରଧାନ ଯୁକ୍ତି ଏହି କି ଯେବେ ବଙ୍ଗଳା କାଗଜ ବଙ୍ଗଳା କଲମ ଓ ସିହାଇରେ ଉତ୍କଳ ଅକ୍ଷର ଲେଖାଗଲା ତେବେ ବଙ୍ଗଳା ଅକ୍ଷରରେ କିପାଁଇ ଲେଖା ନ ହେବ ? ଅସ୍ମଦେଶୀୟ ପାଠକମାନେ ଯେବେ କାଗଜ, କଲମ, ଓ ସିହାଇର ସୃଷ୍ଟି ବିଷୟ ନ ଜାଣନ୍ତି ତେବେ ହୁଏତ ଭାବନ୍ତୁ ଯେ ଏ ସମସ୍ତ ବଙ୍ଗଳାରେ ଜାତ ହୋଇଅଛି ଓ ଏଥିର ପ୍ରମାଣ ଖୋଜିବାକୁ ବିଶେଷ ବୁଦ୍ଧିର ଆବଶ୍ୟକ ନ ରଖେ ଦାଗଜ, କଲମ, ଇତ୍ୟାଦ ଶବ୍ଦ ବାବୁଙ୍କ କଥା ସପ୍ରମାଣ କରିଅଛି । ଏ ଗୋଟିଏ ଯୁକ୍ତି ଦ୍ୱାରା ବାବୁ ଏତେକଥା ସ୍ଥାପନ କରିବାକୁ ଚେଷ୍ଟା କରି ନାହାନ୍ତି । ତେବେ ଅନ୍ତରି ଗୋଟିଏ ଯୁକ୍ତିର କଥା ଶୁଣନ୍ତୁ । ଓଡ଼ିଆ ଓ ବଙ୍ଗଳା ଅକ୍ଷର ସବୁଲୁ ବାବୁ ...

Digitized by srujanika@gmail.com

ମନୋଯୋଗ ପୂର୍ବକ ପରୀକ୍ଷା ଓ ତୁଲନା କରି ଦେଖିଲେ ଯେ ବଙ୍ଗଳା ଅକ୍ଷରର ବଡ଼ ଶୋଭା ହୋଇ ଅଛି । ଅବା ଏଥିରେ ବଡ଼ଏ କି ଯାହା ପଥ ତାହାକୁ ସୁନ୍ଦର । ଓଡ଼ିଆ ଅକ୍ଷର ଗୋଲାକାର ବଙ୍ଗଳା ତ୍ରିକୋଣ ବା ଅର୍ଦ୍ଧଗୋଲ ଏ ତ ହନୁଙ୍କୁ ଗଜମୁକ୍ତା ହାରରେ ହୀରକ ଖଚିତ ପଦକ ପ୍ରାୟ ବଡ଼ ଝାଉଁଲମାନ ଦିଶିଲା ଅଥବା ବାବୁଙ୍କର ବୈଷ୍ଣବୀ ଭାବ ଉଦୟ ହୋଇଥିବ ଯେ ତ୍ରିଭଙ୍ଗ ରୂପ ଦେଖି ଗୋପ କନ୍ୟାଙ୍କର କଥା ଅକସ୍ମାତ୍ ମନରେ ଜାଗିଲାରୁ ପ୍ରେମରେ ପୂର୍ଣ୍ଣ ହେଲେ । ଯେବେ ଏରୂପ କିଛି ନ ହୋଇ ଥିବ ତେବେ ବାବୁ କାହିଁକି ଏ ଦୁଇ ଅକ୍ଷରକୁ ଦେଖି ୨ ବଙ୍ଗଳାକୁ ସୁନ୍ଦର ମନରେ କରି ହଠାତ୍ ଚମତ୍କୃତି କହିଲେ କି ଯେବେ ବଙ୍ଗଳା ଅକ୍ଷର ଏଡ଼େ ସୁନ୍ଦର ତେବେ ଓଡ଼ିଆ ଭାଷା ଏଥିରେ କାହିଁକି ଲେଖା ନ ହେବ । ବାବୁ ଯେ ଚମତ୍କୃତ ଥିବେ ଏଥିରେ ସନ୍ଦେହ ନାହିଁ କାରଣ ଆମ୍ଭେମାନେ ତ ଶୁଣିଲକ୍ଷଣି ଚମତ୍କାର ହେଲୁଁ ।

ବର୍ତ୍ତମାନ ଆମ୍ଭମାନଙ୍କର ଅବକାଶ ନ ଥିବାରୁ ଆଉ କଥାମାନ ଲେଖି ନ ପାରିଲୁଁ । କେବଳ ବାବୁଙ୍କୁ ଏତିକି କହିବାର ଆବଶ୍ୟକ ଯେ ଏ କଥା ପାଇଁ ଏଡ଼େ ପତ୍ର ଲେଖି ମୁଣ୍ଡ ହାତକୁ କ୍ଳେଶ ଦେବାର ପ୍ରୟୋଜନ କି ଥିଲା । ଦୁଇ ତ୍ରିଟଣ୍ଡ ଓଡ଼ିଆ ପୁସ୍ତକ ବଙ୍ଗଳା ଅକ୍ଷରରେ ଛପାଇ ଦେଲେ ତ ସବୁ ବୁଦ୍ଧି କାର୍ଯ୍ୟରେ ପ୍ରକାଶ ପାନ୍ତା ।

# ସାପ୍ତାହିକ ସମ୍ବାଦ

ଗତ ବୁଧବାର ଖାଜନଗରଠାରେ କାଠଯୋଡ଼ୀ ନଦୀରେ ଗୋଟିଏ ବ୍ରାହ୍ମଣପିଲା ବୁଡ଼ିମଲା ଶୁଣିଲୁଁ ଯେ ଏ ବାଲକ ନିଆଁକଣ୍ଠି ଦେଖିବାକୁ ଯାଇଁ ଚର୍ଚ୍ଚଗ୍ରେ ପାଣି ମାଡ଼ିଥିବାରୁ ସେଥିରେ ଖେଳି ବୁଲୁଥିଲା ଓ ଦୈବାତ୍ ତାହା ପାଖରେ ଥିବା ଗର୍ତ୍ତକୁ ଗୋଡ଼ ଖସିଗଲାରୁ ତତ୍‌କ୍ଷଣାତ୍ ଜଳମଗ୍ନ ହେଲା ।

ଓଏବଶାହେବଙ୍କ ଗଣନାନୁସାରେ ଚଳିତ ମାସ ତା ୬ରିଖ ଓ ତା ୧୨ରିଖ ମଧ୍ୟରେ କଟକରେ ପ୍ରତିଦିନ ବୃଷ୍ଟି ହେବାର ଅ[illegible] ବର୍ଷା କାଳରେ ବୃଷ୍ଟି ଗଣନା ବଡ଼ କଠିନ [illegible]ର ନୁହଇ ।

ଆମ୍ଭେମାନେ [illegible] ଯେ ସର-

ଭାରି ପୁଳନ୍ଦାମାନ ଡାକରେ ଗତାୟାତ ବିଷୟରେ ଗବର୍ଣ୍ଣମେଣ୍ଟର ଯେଉଁ ନୂତନ ନିୟମ ପ୍ରଚଳିତ ହୋଇ ଚଳିତ ମାସ ଆରମ୍ଭରୁ କାର୍ଯ୍ୟରେ ପରିଣତ ହେବାର ଥିଲା ତାହା ଅକ୍ଟୋବର ମାସପର୍ଯ୍ୟନ୍ତ ସ୍ଥଗିତ ରହିଲା । ଏନିୟମମାନ ରହିତ ହୋଇ ନୂତନ ନିୟମ ହେବ । କର୍ମଚାରିମାନେ ଏଥିରେ ସନ୍ତୁଷ୍ଟ ଅଛନ୍ତି ।

ବାଙ୍ଗି ଡାକଦ୍ୱାରା ଦ୍ରବ୍ୟାଦି ପ୍ରେରଣ କରିବାର ନିୟମ ପରିବର୍ତ୍ତ ହୋଇ ଅଧିକା ମାସୁଲ ବସିବାର ବିଧାନ ହୋଇଅଛି ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ମୁକ୍ତାରମାନେ ମୁନସଫଙ୍କ ନିକଟରେ ଉପସ୍ଥିତ ହୋଇ ଖଜଣା ମୋକଦ୍ଦମା ଚଳାଇ ପାରିବେ କି ନାହିଁ ଏବିଷୟ ଗବର୍ଣ୍ଣମେଣ୍ଟ ବଙ୍ଗାଳ ଇଣ୍ଡିୟା ଗବର୍ଣ୍ଣମେଣ୍ଟଙ୍କୁ ପ୍ରଶ୍ନ କରିବାରେ ସେଠାରୁ ଆଜ୍ଞା ହୋଇଅଛି ଯେ କେବଳ ମୁକ୍ତାରମାନେ ତାହା କରି ନ ପାରନ୍ତି । ଏ ଆଜ୍ଞା ଦ୍ୱାରା ମକ୍ତାର ଓ ମାମଲତକାର ଉଭୟର କ୍ଷତି ହେଲା କାରଣ ଖଜଣା ମୋକଦ୍ଦମାରେ ଉପସ୍ଥିତ ହୋଇ ନ ପାରିଲେ ମୁକ୍ତାରମାନେ ଆଉ କେଉଁ ଭରସାରେ ଏ ବ୍ୟବସାୟ କରିବେ ଓ ମାମଲତକାରମାନେ ଉକିଲକୁ ବହୁତ ଫିସ ଦେବାକୁ ଅକ୍ଷମ ଥିବାରୁ ଅନେକ ଲୋକ ମାମଲା କରିବାକୁ ଆସିବେ ନାହିଁ ।

କଲିକତାର ସମ୍ବାଦପତ୍ର ଓବରଲାଣ୍ଡମେଲରୁ ଜଣାଯାଏ ଯେ ଯେଉଁ ଚାରିଜଣ ଦେଶୀୟ ବ୍ୟକ୍ତି ସିବିଲ ସରଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ସେଥି ମଧ୍ୟରୁ ତିନିଜଣଙ୍କ ଉପରେ ସନ୍ଦେହ ହୋଇଅଛି ଯେ ସେମାନେ ଆପଣା ବୟସ ଲୁଚାଇ ଅଛନ୍ତି କଲିକତା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରିରେ ଏମାନଙ୍କର ଯେ ବୟସ ଲେଖାଅଛି ସେଥିସଙ୍ଗେ ଏମାନଙ୍କର ବର୍ତ୍ତମାନ ଲେଖାଇବା ବୟସର ମେଳ ହେଉ ନାହିଁ ଅତଏବ ଏ ବିଷୟର ଅନୁସନ୍ଧାନ ହେଉଅଛି । ମାତ୍ର ଯେବେ ବାସ୍ତବରେ ଏମାନେ ବୟସ ଲୁଚାଇ ଥାନ୍ତି ତେବେ ଏମାନେ କୃତାର୍ଥ ନ ହେଲେ ଆମ୍ଭମାନଙ୍କର ଦୁଃଖ ନାହିଁ ।

ବମ୍ବର ପ୍ରଦେଶର କର୍ତ୍ତୃପକ୍ଷମାନେ ଜଣେ ପାଦ୍ରିକୁ ବିଦ୍ୟାଳୟମାନଙ୍କର ତତ୍ତ୍ୱାବଧାରକ ନିଯୁକ୍ତକରି ବିଲାତର ଗବର୍ଣ୍ଣମେଣ୍ଟର ମଞ୍ଜୁର କାରଣ ଲେଖିବାରୁ ସେଠାରୁ ଆଜ୍ଞା ଆସିଅଛି ଯେ ଧର୍ମର ଅଧ୍ୟାପକମାନେ କୌଣସି ମତେ ଶିକ୍ଷା ବିଭାଗରେ କର୍ମ ନ ପାଇବେ ।

ଆମେରିକାର କୌଣସି ସମ୍ବାଦପତ୍ର ବୋଲନ୍ତି ଯେ, ଏକଖଣ୍ଡ ପାଁଓରୁଟି ବ୍ରାଣ୍ଡିରେ ଭିଜାଇ ମତ୍ସ୍ୟ ମୁଖରେ ପୁରାଇଁ ଏବଂ କିଛି ବ୍ରାଣ୍ଡି ତାହାର ପାକସ୍ଥଳି ଗତ କରି ମତ୍ସ୍ୟକୁ କୁଣ୍ଡାରେ ଗୁଡ଼ାଇ ଦଶବାରଦିନ ପର୍ଯ୍ୟନ୍ତ ଜଳ ବିନା ଜୀବିତ ରଖାଯାଇ ପାରେ । ଆଉ ଜଳରେ ଛାଡ଼ି ଦେଲେ ଏହା ସଚେତ ହୋଇ ଉଠେ ।

# ପ୍ରେରିତପତ୍ର ।

## ସଂଙ୍କର ଭାଷା

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ଗତ ଜୁନମାସ ତା ୧୬ ରିଖର ଉତ୍କଳ ହିତୈଷିଣୀରେ ଯେ ଦୁଇଗୋଟି ପ୍ରବନ୍ଧ ରଚନା ପ୍ରକାଶ ହୋଇଥିଲା ତାହା ସଂକରଭାଷା ଥିବା ବିଷୟରେ ଖଣ୍ଡିଏ ପତ୍ର ଆପଣଙ୍କର ସେହି ମାସ ତା ୨୬ ରିଖର ପତ୍ରିକାରେ ସ୍ଥାନ ପ୍ରାପ୍ତ ହୋଇ ଥିଲା ମାତ୍ର ପତ୍ରପ୍ରେରକ ମହାଶୟ ଆପଣା ମତର ପ୍ରମାଣ ଭ୍ରମଯୁକ୍ତ ରୂପେ ଦର୍ଶାଇ ଥିବାରୁ ତହିଁର ଫଳ ଗ୍ରହଣ ପୂର୍ବକ ଉକ୍ତ ପ୍ରବନ୍ଧର ରଚକ ଆପଣା କବିତାର ପୋଷକତାରେ ଏକ ପ୍ରସ୍ତାବ ଚଳିତମାସ ତା ୧ ରିଖର ଉତ୍କଳହିତୈଷିଣୀରେ ପ୍ରକାଶ କରିଅଛନ୍ତି । ସେ ଯାହା ହେଉ ପକ୍ଷପାତ ଶୂନ୍ୟ ହୋଇ ଉତ୍ତମରୂପେ ବିବେଚନା କଲେ ବିବାଦୀୟ ପଦ୍ୟଦ୍ୱୟ ବଙ୍ଗୋତ୍କଳ ମିଶ୍ରିତ ସଙ୍କରଭାଷା ଥିବାର ଜଣା ଯାଏ ଯଥା ।

୧ "ପିକଗଣ ପଞ୍ଚମରେ ଗାଏ ଗୁଞ୍ଜା ଗୁଣ" "ପିକଗଣ ଗାଏ" ବଙ୍ଗଭାଷା ଅଟେ, ଉତ୍କଳରେ "ଗାନ୍ତି" ହେବ ।

୨ "ନବୀନ ପଲ୍ଲବ ଶାଖା କରେ ଶୋଭାକର"—"କରେ ଶୋଭାକର" ବଙ୍ଗଲା ଅଟେ ଓଡ଼ିଆରେ "ହୋଏ କମ୍ବା ଦଶେ ଶୋଭାକର" ହେବ । ଯଦ୍ୟପି "କରେ" ର ଅର୍ଥ କିରଣ ବୁଝାଯାଏ ତେବେ କି କିରଣ ତହିଁର କିଛି ପ୍ରସଙ୍ଗ ଉଲ୍ଲେଖ ନାହିଁ ।

୩ "ସ୍ୱଭାବ ତୋଷଇ ଧରି ନୂଆ କଲେବର" ସ୍ୱଭାବର ଅର୍ଥ Nature ଇଙ୍ଗରାଜୀ ଅବା ନବ୍ୟ ବଙ୍ଗଳା ପଢ଼ୁଆମାନଙ୍କ ବ୍ୟତୀତ ଅନ୍ୟ କେହି ବୁଝି ନ ପାରିବେ । ତହିଁ ବଦଳି ପ୍ରକୃତ ଶବ୍ଦ ପ୍ରୟୋଗ ହୋଇଥିଲେ ଏହି ପ୍ରକାର ବୁଝାଯାନ୍ତା ଏସ୍ଥଳେ "ଜଗତ" ଶବ୍ଦ ସର୍ବାପେକ୍ଷା ଉତ୍ତମ ।

Split by PDF Splitter

Digitized by srujanika@gmail.com

Split by PDF Splitter



୪ "ବସନ୍ତ ଋତୁ ଶାଜ ବସିଲେ କରିବାର । ଜଗତର ସମାଜ କରିଣ ମନୋହର" ଏ ପଦର ଅର୍ଥ ବୁଝି ନ ପାରୁଁ କିମ୍ବା "ବସିଲେ କରିବାର" କେଉଁ ଭାଷା କିଛି ଜଣା ନ ଯାଏ ଯଦର "ମନୋହର କରିବାର" ବୋଲା ଯାଏ ତେବେ "କରିଣ" କି ହେତୁରୁ ପ୍ରୟୋଗ ହୋଇଅଛି

୫ "ଏହିପରି ରୂପଭର ହେରିଣ ସର୍ବ୍ବଦ" "ହେରିଣ" ପାଠ ମାତ୍ରକେ ହାସ୍ୟାର୍ଣ୍ଣବରେ ମଗ୍ନ ହେଲୁଁ । ବଙ୍ଗଶବ୍ଦ "ହେରିରେ" ଉତ୍କଳ ଅସମାପିକା କ୍ରିୟାସୂଚକ "ଣ" ପ୍ରତ୍ୟୟ ହୋଇ ଅଛି ।

୬ "ନିରନ୍ତର ଭ୍ରମର ମଧୁପାନ କରଇ" ଏ ପଦ ବଙ୍ଗ ବୃତ୍ତିରେ ଚଳିପାରେ କି ନା କହି ନ ପାରୁଁ ଉତ୍କଳର କୌଣସି ବୃତ୍ତିରେ ଚଳ ନାହିଁ

୭ "ବସନ୍ତରେ ବଢ଼ି ଯାଏ ସମସ୍ତର ରଙ୍ଗ" "ରଙ୍ଗ ବଢ଼ି ଯାଏ" ଏପରି ବାକ୍ୟ ଉତ୍କଳରେ ଶୁଣା ନାହିଁ ।

୮ "କୃପା କରି ଅହେ ନାଥ ହେର ଏକଥର" "ହେର" ଉତ୍କଳ ଶବ୍ଦ ନୁହେ ।

୯ "ତୁମ୍ଭ ନିକଟରେ ପ୍ରଭୁ ଏହି ନିବେଦନ । ତୁମ୍ଭ ଗୁଣ ସଦା ଗାଉଥାଏ ମମ ମନ" "ଗାଉଥାଏ" ପରିବର୍ତ୍ତେ "ଗାଉଥାଉ" ହେବାର ଉଚିତ ଥିଲା ।

ଏତଦ୍ଭିନ୍ନ ପଦମାନଙ୍କର ରଚନା କାବ୍ୟୋପଯୁକ୍ତ ନ ହୋଇ କେବଳ ଶେଷ ଅକ୍ଷର ମେଳର ପଦ୍ୟ ହୋଇଅଛି ।

ମୁଖୋପାଧ୍ୟାୟ ମହାଶୟ କହନ୍ତି ଯେ ଉତ୍କଳ ସ୍ୱୟଂ ସଙ୍କରଭାଷା ଅଟେ ଏଥିରୁ କେବଳ ତାଙ୍କରି ଅଜ୍ଞତା ପ୍ରକାଶ ହେଉଅଛି । ପୁଣି ଉତ୍କଳକୁ ତାଚ୍ଛଲ୍ୟ କରି କହନ୍ତି ଯେ "ବଙ୍ଗଭାଷାର ବିକୃତ ହେଲେ ଉତ୍କଳଭାଷା ହୋଏ" ଓ ଏଥିର ପ୍ରମାଣ ସ୍ୱରୂପ ଯେ ଗୋଟିଏ ଗଳ୍ପ ବର୍ଣ୍ଣନ କରିଅଛନ୍ତି ତହିଁରେ ମଧ୍ୟ ତାଙ୍କର ଭ୍ରମ ଦେଖା ଯାଏ କାରଣ ପ୍ରଶଂସିତ ବାବୁ ମହାଶୟ "ଚୁବଡଗି" କହି ନ ପାରି "ଚୁଡ଼ଜ" କହିଲେ ଅମ୍ଭେ କହୁଁ ଉତ୍କଳଭାଷା ବିକୃତ ହୋଇ ବଙ୍ଗଭାଷା ହୋଇଅଛି କାରଣ ବଙ୍ଗାପେକ୍ଷା ଉତ୍କଳ ଅଧିକ ପ୍ରାଚୀନ ଅଟେ ଓ ଉତ୍କଳରେ ପ୍ରାଚୀନ ରଚିତ ଅନେକ ଓ ଶ୍ରେଷ୍ଠତର, ଏ ଉଭୟଭାଷାର ପ୍ରାଚୀନ ଗ୍ରନ୍ଥମାନ ତୁଳନା କଲେ ଉପର୍ଯ୍ୟୁକ୍ତ ବିଷୟ ସ୍ପଷ୍ଟ ପ୍ରମାଣ ହେବ । ବାସ୍ତବରେ କେହି କାହାର ବିକୃତ ଭାଷା ନୁହେ ଏକ ମୂଳଭାଷାରୁ ଏ ଉଭୟ ଜନ୍ମଗ୍ରହଣ କରି ଲାଳନପାଳନ ଅନୁସାରେ ଅଧୁନା ଯଥୋପଯୁକ୍ତ ଅବସ୍ଥାକୁ ପ୍ରାପ୍ତ ହୋଇଅଛନ୍ତି ଏଥି ପାଇଁ କେହି ଗରିମା କରିବା ଅବିଧେୟ ଅଟେ ।

ପରିଶେଷରେ ଲେଖିବାର ଏହି ଯେ କବୀୟ ପଦ୍ୟମାନ ପାଠ କରିବା ସମୟରେ ଅମ୍ଭର ଗୋଟିଏ ଗଳ୍ପ ସ୍ମରଣ ହେଲା ଓ ତାହା ମୁଖୋପାଧ୍ୟାୟ ମହୋଦୟଙ୍କ ପରି ବ୍ୟକ୍ତ ନ କରି କ୍ଷାନ୍ତ ରହି ନ ପାରିଲୁଁ । ତାହା ଏହି ଅଟେ । ଗଙ୍ଗାମନ୍ଦର ପୁଷ୍କରିଣୀର ପଙ୍କୋଦ୍ଧାରଣ ସମୟରେ ଗାଙ୍ଗୁଲିବାଗେଶା ମହାଶୟ ଘୋଷ ସାହେବଙ୍କୁ କହିଲେ "ଯଦ ଓ ପଙ୍କ ପୋଛ ହୋଯାଗା ତବୁଓ ଉପରକା କାମ ନହିଁ ଫୁରଏଗା" ଏପରି ସ୍ଥଳେ "ନରଛି" କି ପରି "ଗୁଲଛାର" ହୋଇପାରେ । ଅପଣ ଅନୁଗ୍ରହପୂର୍ବକ ଏପତ୍ର ଆପଣଙ୍କ ପତ୍ରିକାରେ ଶୀଘ୍ର ପ୍ରକାଶ କଲେ ବାଧିତ ହେବୁଁ ।

। ମୁ । କଟକ
ତାରିଖ ଜୁଲାଇ
ସନ ୧୮୬୯ ସାଲ

ବଶମ୍ବଦସ୍ୟ
କସ୍ୟଚିତ୍ ଯଥାର୍ଥ ବକ୍ତୃଃ
ଶୀଳ ପ୍ରଦର୍ଶକସ୍ୟ

---

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ମହାଶୟ ମଲ୍ଲିଖିତ ନିମ୍ନ ଲିଖିତ ରଚନାଟିକୁ ଭବଦୀୟ ପତ୍ରିକାର ଏକପାର୍ଶ୍ୱରେ ସ୍ଥାନଦାନ କରିବା ବିଷୟରେ କୃପଣତା ପ୍ରକାଶ ନ କରିବେ ।

ବର୍ଷା ସମୟେ ବୈଦେଶିକ ଯୁବକ
ପ୍ରେୟସ୍ୟାନୁଚିନ୍ତା
ରାଗ କୌଶିକ

ଦେଖି ଘନଘଟା ବସି କେ ବିଦେଶୀ ନଗରେ ମାନସେ ଚିନ୍ତଇ । ଦିଶେ କାଳାନ୍ତ ଏହିତ ଅନ୍ତକ ଅସିଅଛି କି କୋପଭରେ । ମୋତେ ନିଧନ । କରିବ ବୋଲି ଏ ଗୁମାନ । ବହେ ଯା ବାତ ନିଶ୍ୱାସ ପାତକର କରୁଛି ଘୋର ଗର୍ଜନ । ୧ ।

ଝଟପ୍ରଭା ଛଟ ଛଟ ପରକଟ ଅଛି କି ରଚି ତା ସଙ୍ଗରେ । ଲଭିଲୁ ଯୁବତୀ ବିନା ଏ ଦୁର୍ଗତି ମରଣ ହେଲା ନିକଟରେ । ସେତ ଏମନ୍ତ । ଧିକ୍କାର କର ମୋତେ କହି । ଚଞ୍ଚଳ ଗମନ କର ହେ ରହିନ ପସର ପଡ ବୋଲେ ଯାଇଁ । ୨ ।

ପଡ଼ତ ଅଗାର ତାର ଶରଧାର ନିରବଧି ପ୍ରହାରଇ । ଦରଦୂରକୁଳ ସ୍ୱର କଲ କଲ ରଣବାଦ୍ୟର ନାଦ ଏହି । ଗର୍ଜନ ଉକ । ଥରେ ଥରେ ଖରେ ଶୁଭୁଛି । କାର୍ମୁକର ସେହି ପ୍ରମୋଦିତ ହୋଇ ମୋହୋର ଠଣା ଜଣାଉଛି । ୩ ।

ଖଦ୍ୟୋତରିଗଣର ଅନେକ ନିକର ଉତ୍କ୍ଷେପଣ କରି ଏମନ୍ତ । ବୁଦ୍ଧି ସିଦ୍ଧି ହୋଏ ବାଣ ବାଟବା ଏ ବଟହୋଇ ବଣା ସଂଜ୍ଞାତ । ପୁଣି ମନ୍ତ୍ରୁଛି । ଅମ୍ଭରେ ଚକ୍ଷୁ ଯା କି ଦିଶେ । ବିହଗର ଘାତ ଯୋଗୁଁ ନିପତିତ ହୋଇଅଛି କି ଧରଣୀରେ । ୪ ।

ବିଗତେ ବାଛନ୍ତେ ଗର ଯେ ଶରୀର ହୋଇଛି ଥଗର ପଙ୍କିଳ । ଗ୍ରେଦେ ସ୍ତନଥର ପରେ ଅଗ୍ରୁ ନିର ପଡ଼ି ବହନ୍ତି ନଦୀକୂଳ । ତରଙ୍ଗିଣୀକି । ହୋଇଛୁ ଅବଳା ବନିତା । ହୋଏ ଏ ମଇଷା ନୋହିଲେ ଏ ଦଶା କାହିଁପାଇଁ ଅବା ହୁଅନ୍ତା । ୫ ।

ପୁଣି ଅନ ପରଦ୍ୱାର ଅନୁମାନ ମନରେ ସଂଘଟନ ହୋଏ । ଦ୍ୱିମାବର ପର ସୁତରୁ ମୋର ପଳାଇଁବାକୁ ଉପାୟେ । ପାଞ୍ଚୁ କରିଛି । ମଦନ କରଦମ ମସ୍ତ । ସ୍ଥାନେ ସ୍ଥାନେ ନଦ ନଦୀ ପୁଷ୍କରିଣୀମାନଙ୍କେ ପରିପୂର୍ଣ୍ଣ ତୋୟ । ୬ ।

ବନପ୍ରିୟମାନେ ପୂର୍ବେ ଅନୁକ୍ଷଣେ ଚେତାଉ ଥିଲେ କୁହୁ ରବେ । ପ୍ରିୟା ପାଶେ ଚଳ ହେଲେ ଘନକାଳ ନାଗିବ କଳାପୀ ଛବେ । ମୁହିଁ କାଳିଶ । ବାଲୀଗ ପାଶ ନ ଗଲି ତା । ଏବେ ମୋ ବଧ ଯିବାର ଜାଣି ଜାଣି ଲହୁକେ ସେମାନେ ମୂକତା । ୭ ।

ପୁଷ୍ପବଣ୍ଟି ମଲ୍ଲି ବଲ୍ଲି ଫୁଲରନ୍ତି ବଟପୀ ଅଟନ୍ତି ଉଚଭେ । ସମୀର ତାର ସଙ୍ଗେ କ୍ରୀଡ଼ା କରି ହସନ୍ତି ଉପହାସେ ମୋତେ । ସତେ ଲଜ୍ଜା । ଯୁବତୀରତନ ମୁହିଁ କି । ଜଳଦ ନିନଦ ଶୁଣିକରି ଯୋଡ଼ାଗିରି ଦେ ଡ଼ାଇବ ସନ୍ଧ୍ୟ । ୮ ।

ଥିବନ୍ତି ଜବେ ଜୀବନଚ ମୃଗୀ ଜୀବନଦର ରୂପ ଦେଖି । ଖରେ ଥାଇ ଦେଲେ ବୁକେ ବାସାଇଲେ ଚପଲା ଅଲେକରେ ଅଛି । ଶିବ ଶିବଦ । କେବ ଏ ଦୁରଦଶା ଯିବ । ଜୀବ ଥାଉଁ ଥାଉଁ ଜବାଧୀଶ ଲଭୁ ଦେଖାଇ ମୁଖ ତାପ ଥବ । ୯ ।

କଟକ
କଷ୍ଟିଭାବୁକ

---

☞ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକପ୍ରି କୁମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶ

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା ।

୧୪ ଶ ଭାଗ
ସଂ ୨୯ ସଂଖ୍ୟା
ତା ୧୭ ରଖ ଜୁଲାଇ ସନ ୧୮୬୯ ମସିହା । ମୁ । ଶ୍ରାବଣ ୪ ଜ ସନ ୧୨୭୬ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ [illegible]
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୨୭
ମଫସଲ ପାଇଁ ଡାକମାସୁଲ ୨।

### ଜଳକର ଆଇନର ପାଣ୍ଡୁଲିପି

ଶେଷୋକ୍ତରେ ବିକ୍ରୁବାପାଇଁ ଯେ ଜଳ ଦିଅଯାଏ ସେଥିର କର ଆଦାୟର ବିଧାନ କାରଣ ଗୋଟିଏ ନୂତନ ଆଇନର ପାଣ୍ଡୁଲିପି ବଙ୍ଗଲା ବ୍ୟବସ୍ଥାପକ ସଭାରେ ଗତମାସ ତା ୨୬ ରିଖରେ ଉପସ୍ଥିତ ଓ ପଠିତ ହୋଇ ତହିଁର ବିଚାର କାରଣ ନିଯୁକ୍ତ ହୋଇଥିବା ସ୍ୱତନ୍ତ୍ର କମିଟୀକୁ ଅର୍ପିତ ହୋଇଅଛି । ଶ୍ରୀଯୁକ୍ତ ଡାମ୍ପିୟର ସାହେବ ଏ ଆଇନର ଉକ୍ତ ଅର୍ପଣ । ଏଥିର ଉଦ୍ଦେଶ୍ୟ ଏହୁ ଯେ ବର୍ତ୍ତମାନ ଜଳସେଚନ କାର୍ଯ୍ୟ ସନ ୧୮୬୭ ମସିହାର ୮ ଆଇନାନୁଯାୟୀ ହେଉଅଛୁ ମାତ୍ର ଓଡ଼ିଶା ଜଳସେଚନ କାର୍ଯ୍ୟ ଇରିଗେସନ କମ୍ପାନୀ ହସ୍ତରୁ ବାହାରି ଯାଇ ସମ୍ପୂର୍ଣ୍ଣ ଗବର୍ଣ୍ଣମେଣ୍ଟଙ୍କର ହେବାରୁ ଉକ୍ତ ଆଇନର କେତେକ ବିଧାନ ଯାହା ଇରିଗେସନ କମ୍ପାନୀ ଦୃଷ୍ଟିରେ ପ୍ରଯୁକ୍ତ ହୋଇଥିଲା ସେ ସମସ୍ତ ବ୍ୟର୍ଥ ହୋଇଅଛି ଓ ଜଳକର ଆଦାୟର ମୋକଦ୍ଦମା ସନ ୧୮୫୯ ମସିହାର ୧୦ ଆଇନାନୁସାରେ କଲେକ୍ଟରଙ୍କଦ୍ୱାରା ବିଚାରିତ ହେବାର କଥା ଅଛି ମାତ୍ର ଖଜଣା ମୋକଦ୍ଦମା ଯେସ୍ଥଳେ ଅଦାଲତ ଦେଓ୍ୱାନୀରେ ବିଚାର ହେବାର ସ୍ଥିର ହୋଇଅଛି ସେ ସ୍ଥଳେ ଜଳକର ମୋକଦ୍ଦମା ସକାଶେ ଉକ୍ତ ଆଇନାନୁସାରେ କଲେକ୍ଟରଙ୍କୁ ବିଚାର କରିବାର ଭାର ଦେବା ଅଯୌକ୍ତିକ ଅଟଇ । ଏହି ସମସ୍ତ ଅସୁସାର ନିବାରଣ କରିବା କାରଣ ବର୍ତ୍ତମାନ ନୂତନ ଆଇନର ପ୍ରୟୋଜନ ହୋଇଅଛି ଶ୍ରୀଯୁକ୍ତ ଡାମ୍ପିୟର ସାହେବ ଅତ ସ୍ପଷ୍ଟ ବିଚାର ପୂର୍ବକ ଜଳକର ଆଦାୟର ନିୟମମାନ ଆଇନ ମଧ୍ୟରେ ପ୍ରବେଶ ନ କରି ଶ୍ରୀଯୁକ୍ତ ଲେଫ୍ଟନାଣ୍ଟ ଗବର୍ଣ୍ଣରଙ୍କୁ ତାହା ପ୍ରସ୍ତୁତ କରିବାର ଅଧିକାର ଦେଇଅଛନ୍ତି । ଏଥିରେ ଭରସା ହୁଅଇ ସ୍ଥାନୀୟ ହାକିମଙ୍କ ମତ ଗ୍ରହଣ ପୂର୍ବକ ସୁ ନିୟମମାନ ଧାର୍ଯ୍ୟ ହେବ । ମାତ୍ର ପ୍ରସ୍ତାବିତ ଆଇନର ୭ ଧାରାରୁ [illegible] ହେବାର ସମ୍ଭାବନା ଅଛି । ଏ ଧାରାର ବିଧାନ ଏହି ଯେ ଯେତେବେଳେ ଯେଉଁ ଅଦାଲତ ଓ ହାକିମଦ୍ୱାରା ଖଜଣା ସମ୍ବନ୍ଧୀୟ ମୋକଦ୍ଦମାର ବିଚାର ହେବ ସେତେବେଳେ ସେହି ଅଦାଲତ ଓ ହାକିମଦ୍ୱାରା ଜଳକର ସମ୍ବନ୍ଧୀୟ ମୋକଦ୍ଦମାର ବିଚାର ହେବ । ଏଥିରୁ ଏହିଫଳ ଫଳିଲା ଯେ ଜଳକର ମୋକଦ୍ଦମା ଦେଓ୍ୱାନୀ ଅଦାଲତଦ୍ୱାରା ବିଚାରିତ ହେବ ଓ ସେରୂପ ହେଲେ ବର୍ତ୍ତମାନ ରେଭିନ୍ୟୁ ହାକିମଙ୍କଦ୍ୱାରା ଯେ ସମସ୍ତ ଅବିଚାର ହେଉଅଛି ସେ ସମସ୍ତ ନିବାରଣ ହେବ । ଜଳକର ମୋକଦ୍ଦମା ଖଜଣା ମୋକଦ୍ଦମା ଠାରୁ ସ୍ୱତନ୍ତ୍ର ବୋଧ ହେଲେହେଁ ବାସ୍ତବରେ ସେଥିର ବିଚାର ଗୁରୁତର ଅଟଇ । ଏପ୍ରକାର ମୋକଦ୍ଦମାରେ ଯେତେପ୍ରକାର ଆପତ୍ତି ଉପସ୍ଥିତ ହୁଅଇ ଖଜଣା ମୋକଦ୍ଦମାରେ ସେ ସମସ୍ତ ହେବାର ଅସମ୍ଭବ । ଭୂମିରେ ପଟ୍ଟାରେ ପଡ଼ିଥିଲେ ଉଠିଥା ପ୍ରମାଣେ ଖଜଣାଦେବାର ନିୟମ ଥିବାରୁ ପ୍ରଜାଙ୍କୁ ଅନ୍ୟ କାର୍ଯ୍ୟ ନ ଥାଏ ଭୂମିରୁ ଅବାଦ କରୁ ବା ନ କରୁ ବା ତାହାର ଇଚ୍ଛାଧୀନ ମାତ୍ର ଜଳକର ପଟ୍ଟାରେ ଜଳ ନେବା ନ ନେବା ତାହାର ଇଚ୍ଛାଧୀନ ନୁହଇ । ଜଳଦେବା ବ୍ୟକ୍ତିମାନେ ଚୁକ୍ତି କରିବାର ଦେଖା ଯାଇଅଛି ଅତଏବ ଜଳକର ମୋକଦ୍ଦମାରେ ଦେଓ୍ୱାନୀର ବିଚାରର ବହୁତ ଆବଶ୍ୟକ ଜଣାଯାଏ ଏରୂପ ସ୍ଥଳେ ସନ ୧୮୬୮ ମସିହାର ୭ ଆଇନ ମତେ ଜଳକର ଆଦାୟର ବିଧାନକୁ ଆଇନରୁ ଏକାବେଳକେ ଉଠାଇ ଦେବାର ଉଚିତ ଓ ଯେବେ ଖଜଣା ମୋକଦ୍ଦମା ସଙ୍ଗେ ଜଳକର ମୋକଦ୍ଦମା ସମାନ ହେଲା ତେବେ ଖଜଣା ସକାଶେ ଉକ୍ତ ଆଇନ କାର୍ଯ୍ୟକର ନ ହେବା ପର୍ଯ୍ୟନ୍ତେ ଜଳକର ସକାଶେ ତାହା ପ୍ରବଳ ହେବ ଅତଏବ ଅମ୍ଭେମାନେ ଭରସା କରୁଁ ଯେ ଜଳକର ଆଦାୟ ଉକ୍ତ ଆଇନର ବିଧାନରୁ ଏକାବେଳକେ ମୁକ୍ତ ହେଉ । ଜଳକର ମୋକଦ୍ଦମାକୁ କଲେକ୍ଟରଙ୍କ ହସ୍ତରୁ ବାହାରକରି ନେବାର ଆଉ ଗୋଟିଏ କାରଣ ଏହି ଯେ କଲେକ୍ଟର ସାହେବ ଗବର୍ଣ୍ଣମେଣ୍ଟର ତହସିଲଦାର ଥିବାରୁ ସେ ସ୍ୱଭାବତଃ ଟଙ୍କା ଉସୁଲ କରିବାକୁ ତତ୍ପର ଅତଏବ ପ୍ରଜାର ଗୁହାରି ଶୁଣି ଅପକ୍ଷପାତ ହୋଇ ବିଚାର କରିବା ତାହାଙ୍କ ପକ୍ଷରେ କଠିନ ଅଟଇ ଖଜଣା ମୋକଦ୍ଦମାରେ ବରଂ ସେ ବିଚାର କରିପାରନ୍ତୁ କାରଣ ସେଥିରେ ଜମିଦାର ଓ ପ୍ରଜାର ବିବାଦ ଓ କଲେକ୍ଟରଙ୍କର ପକ୍ଷପାତୀ ହେବାର କାରଣ ନାହିଁ । ଜଳକର ମୋକଦ୍ଦମାରେ ତାହାଙ୍କୁ ଏକପକ୍ଷ କହିବାକୁ ହେବ ଓ ଏଥିରେ ଅନେକ ପ୍ରକାର କର୍ତ୍ତବ୍ୟ କଥା ଅଛି ଅତଏବ କୌଣସି

Digitized by srujanika@gmail.com

128



ସ୍ତ୍ରପେ ଉଇକର ମୋକଦମାରେ କଲେକ୍ଟରଙ୍କ କ୍ଷମତା ଦେବାର ଉଚିତ ନୂତନ ଟଙ୍କା ଜମାଦାର ଯାମ୍ଭ କଲ ଭାଷ୍ଟକ ଓ ସରକାରର ଅବସ୍ଥା ଆଲୋଚନା କଲେ ସମସ୍ତ ପକ୍ଷର ଉପକାର ଅଛି । ପ୍ରସ୍ତାବିତ ଆଇନର ଉପର ଲିଖିତ ଦୋଷମାନ ନାହିଁ ତ କଲେ ଉତ୍ତମ ହେବ । ଅତଏବ ଆମ୍ଭେ ଲେଫ୍ଟେନେଣ୍ଟଗବର୍ଣ୍ଣରଙ୍କର ପ୍ରାର୍ଥନା କରୁ ଯେ ଆଇନାନୁସାର ବ୍ୟବସ୍ଥାରେ ଯେ ବର୍ତ୍ତମାନ ତାହାଙ୍କଠାରୁ କଳ୍ପିତ ହେବ ସେ ସମସ୍ତ ଧାର୍ଯ୍ୟ କରିବା ପୂର୍ବରୁ ସର୍ବସାଧାରଣ ଲୋକଙ୍କ ଅଭିପ୍ରାୟ ଜାଣିବା କାରଣ ପ୍ରକାଶ କଲେ ବହୁତ ଉପକାର ହେବ ।

---

ଲବଣର ସ୍ୱତ୍ୱକରଣ ।

ଭୂତପୂର୍ବ ପଂକ୍ତି ଅବଗତ ହେଲୁଁ ଯେ ଗାଞ୍ଜାମକୁଲ୍ଲାରି ଜଣେ ମୁସଲମାନ ଡେପୁଟୀକଲେକ୍ଟର ଅପଣାର ଏକ ବନ୍ଧୁର ଉପକାରାର୍ଥେ କଲେକ୍ଟରସାହେବଙ୍କ କଳ ଭଳି ବନ୍ଧୁକୁ ଗୋଟିଏ ଇନଷ୍ଟ୍ରୁମେଣ୍ଟର ଅଧ୍ୟକ୍ଷର କର୍ମ ଦେବାର ନିମନ୍ତେ ଚାଲ୍ସିବାର ଲାଇସେନ୍ସକୁ ୫୦୦ ଟଙ୍କା ପୁରସ୍କାର ଦାଉଥିଲେ ଶ୍ରୀଯୁକ୍ତ ଲେଫ୍ଟେନେଣ୍ଟ ଗବର୍ଣ୍ଣର ଏକଥା ଶୁଣିବାରୁ ଡେପୁଟୀକଲେକ୍ଟରଙ୍କୁ କର୍ମରୁ ରହିତ କରିଅଛନ୍ତି । ଡେପୁଟୀକଲେକ୍ଟର ସ୍ୱୟଂ ଏହାପ୍ରଭୃତି ଅପରାଧ କରି ନାହାନ୍ତି । ଅନେକ କହନ୍ତି ଯେ ଡେପୁଟୀକଲେକ୍ଟର ବଡ଼ ସୁଖ୍ୟାତି ନାମ କରିଥିଲେ କିନ୍ତୁ ଏତେ କଠିନ ଦଣ୍ଡ ତାହାଙ୍କୁ ନ ଦେଇ ଭଲ ରୂପେ ସତର୍କ କରିଥିଲେ ଭଲ ହୋଇଥାନ୍ତା ।

ଏ ସମ୍ବାଦ ପାଠ କରି ଆମ୍ଭେ ଅନେକ ଭାବନା ମନରେ ଉଦୟ ହେଲା ଯେ ଆମ୍ଭ ଲୋକଙ୍କ ଦର୍ପଣରେ ଯେଉଁପ୍ରକାର ଅନଶାସନ ଦେଖାଯାଉଛି ତହିଁ ସକଳେ ଉପର୍ଯ୍ୟୁକ୍ତ ଅପରାଧର ତୁଳନା କଲେ ତାହାକୁ କ୍ଷୁଦ୍ର ବୋଲି ଜଣାଯାଏ ଅଥଚ ଲେଫ୍ଟେନେଣ୍ଟଗବର୍ଣ୍ଣର ଏଥିରେ କଠିନ ଦଣ୍ଡ ବିଧାନ କରିଅଛନ୍ତି । ଏଥିରୁ ବୁଝିଲେ ଆମ୍ଭର ମାନବର କଥା ବୁଝିଲେ ଅପରାଧ ଦଣ୍ଡବିଧାନର ଉପାୟ ନ ପାଇ ଚିନ୍ତିତ ଥିଲେ । ଡେପୁଟୀକଲେକ୍ଟର ଅପଣା ବନ୍ଧୁର ଉପକାର ନିମନ୍ତେ କୌଣସି ନୂତନ ଉପାୟ ଚିନ୍ତା କରି ନ ଥିଲେ । ଏହିପରି ଏହି ପ୍ରକାର ଅଛି ଏବଂ ବହୁତ ଠାରେ ତାହା ସେହି ରୀତିରେ ହୋଇଥିବେ ମନରେ ପ୍ରକାଶ କରୁଅଛୁ ଯେ ସୁପାରିଶ ଲବ୍ଧ ଅଧିକାରୀ କାର୍ଯ୍ୟ ମିଳିବାର କଠିନ । ଡେପୁଟୀକଲେକ୍ଟର ଅପଣା କାର୍ଯ୍ୟ ପ୍ରତିନିଧିଙ୍କ ଦ୍ୱାରା ଅବା ଅନୁଭବ କରି ନ ଥିବେ ମାତ୍ର ଡେପୁଟୀକଲେକ୍ଟରୀ ପଦରେ ନିଯୁକ୍ତ ହେବାର ଲୋଭ ପ୍ରଥା ଅଛି ସେଥିରେ ତାହା ଅଧିକାଂଶ ସ୍ଥଳରେ ସ୍ୱାଭାବିକ ଅର୍ଥାତ ଅର୍ଥ ଓ ସୁପାରିଶ କାର୍ଯ୍ୟ ହେବାର ଅଧିକ ସମ୍ଭବ ଏବଂ ଧନ ଦାନରେ ସଫଳ ହେବାର ଦୃଷ୍ଟାନ୍ତ କ୍ଷୀଣ ହେବାର ନିମନ୍ତେ ଚାଲ୍ସିବାସାହେବଙ୍କୁ ୫୦୦ ଟଙ୍କାର ଲୋଭ ଦେଖାଇଥିଲେ । ଧନବ୍ୟୟଦ୍ୱାରା କାର୍ଯ୍ୟ ପ୍ରାପ୍ତି ସହଜ ନୁହଇ ଏହା ସେ ପୂର୍ବରୁ ଅନୁଭବ କରିଥିବାର ଜଣାଯାଏ ଓ କେତେଲୋକ ଏମନ୍ତ ଅଛନ୍ତି ଯେ ଏକଥା ପ୍ରତ୍ୟକ୍ଷ କରି ନାହାନ୍ତି ? ସରକାରୀ ମହଲ୍ଲମାନରେ କେଉଁ ଅବା ଅନୁଷ୍ଠାନରେ କେଉଁ କାର୍ଯ୍ୟ ପାଇବାକୁ ଉମେଦବାରମାନଙ୍କର ଯେମନ୍ତ କର୍ମ ପାଇବାର ଆଶା ବଢ଼ିଲା ସେମନ୍ତ ଧନ ବ୍ୟୟ କରିବାର ଇଚ୍ଛା ଜାତ ହେଲା । କାରଣ ଲୋକମାନଙ୍କୁ ଜଣାଥିଲା "ଧନା ଅର୍ଥେ ମଧ୍ୟଗୁଣମନଂ ନାସ୍ତି" ଅଥଚ ବୁଝିବା କଲେ ଦେଖାଯାଏ ପୂର୍ବରୁ ଧନ ବ୍ୟୟ କରିବାପାଇଁ ଅନୁଚିତ ମୂର୍ଖତା କାର୍ଯ୍ୟ ଅତି କି ଅଛି । ଏକଥା ତାହାଙ୍କ ଚରିତ୍ରରୁ ବୁଝି ହୁଏ ନାହିଁ ଯେବେ ଗୋଟିଏ ଦୋଷ କଲେ ମିଳିବାରୁ ତାହା ହସ୍ତଗତ ହେଲେ ସେ ପଦସ୍ଥ ଓ ତାହା ଦୋଷର ବିଷୟ ପର ହସ୍ତରେ ଆହାର ପଡ଼େ । ଦୋଷ ପଡ଼ିବାର ସମ୍ଭାବନା ଅତଏବ ଏପ୍ରକାର ଅବସ୍ଥାରେ ବରି ଦୃଷ୍ଟ ଜଳବା ଲାଗି ସବୁ ଟଙ୍କା କାହାର କରିଦେବା କହିବା ବଢ଼େଇବା କାର୍ଯ୍ୟ ନୁହଇ ଓ ବହୁଲୋକଙ୍କ ଯେଉଁ କାର୍ଯ୍ୟ କରନ୍ତି ତାହାକୁ ସହଜ ଅବିବେକ ବୋଲାଯାଇ ନ ପାରେ ତେବେ ଏରୂପ ବ୍ୟବହାରର କାରଣ କି ?

ଟଙ୍କା ବ୍ୟୟରେ ନିଜର ପ୍ରାପ୍ତି ଆଶାର ପ୍ରଧାନ କାରଣ ମୂର୍ଖତା ବୋଧ ହୁଏ ଉପଯୁକ୍ତ ବ୍ୟକ୍ତିମାନେ ଚାକିରୀରେ ରହିବାର କଥା ଅଛି । ଓ ଅପଣା ଗୁଣରେ ଯାହାର ପ୍ରତ୍ୟୟ ଅଛି ସେ ଅନୁରୋଧ ତ୍ୟାଗ କର୍ମ ପାଇବାକୁ ଚେଷ୍ଟା କରେ ନାହିଁ ଓ କୌଣସିକାଳେ ତାହାଙ୍କୁ ଦାନଦେଇବାର ଅବସର ହେଲେ ଅଧିକ ଧନ ବ୍ୟୟ କରିବାକୁ ସାହସ ନ କରିବେ ମାତ୍ର ଯେଉଁ ବ୍ୟକ୍ତି ସ୍ୱଭାବିକ କାର୍ଯ୍ୟ ପାଇବାକୁ ଆପଣାକୁ ଅକ୍ଷମ ବୋଧ କରେ ସେ ଅର୍ଥର ସାହାଯ୍ୟରେ ତାହା ଲାଭ କରିବାକୁ ଧନ ବ୍ୟୟ କରେ । ପ୍ରଥମେ ଏରୂପରେ ଅନୁରୋଧ ଚେଷ୍ଟା କରିବାର ଦେଖି ହେଲା ଏବଂ

କାର୍ଯ୍ୟମାନେ ଅକ୍ଷମ ଅବା ଆଳସ୍ୟପ୍ରିୟଙ୍କୁ ସ୍ୱୟଂ କର୍ମଶୀଳ ମନୋନୀତ ନ କରି ପ୍ରଧାନ ଅନୁସରଣ କଥାରେ ଆସୁ କରି କାର୍ଯ୍ୟ ଦେବାର ଅନୁରୋଧର ମୂଳ କାରଣ ହେଲା କ୍ରମଶଃ ଏ ନିୟମ ଅଧିକ ବୃଦ୍ଧି ହୋଇ ଅଛି ଯେ ଦେଶରେ ମିଳିବାର କାର୍ଯ୍ୟ କେତେକ ଆଜି ବର୍ତ୍ତମାନ ସାମାନ୍ୟ ସିଆଦାରିରି କର୍ମ ଅର୍ଥ ବିନା ପାଇବାର କଠିନ ହୋଇଅଛି । ଦଶଟଙ୍କାର ମୋହରର୍ କର୍ମର ମୂଲ୍ୟ ୫୦ ଟଙ୍କା ଏବଂ ପଚିଶଟଙ୍କାର ସିଆଦାରିର କର୍ମର ମୂଲ୍ୟ ୨୫୦ ଟଙ୍କା ପର୍ଯ୍ୟନ୍ତ ହେବାର ଶୁଣାଯାଉଅଛି । ଏକଥା ଆଲୋଚନା କଲେ ଦାତା ଓ ଗ୍ରହୀତା ଦୁହିଙ୍କ ଦୁର୍ବଳର ସେହିରୂପ ନୀଚତା ପ୍ରକାଶ ହୁଏ ତାହା ନଗଣ୍ୟ । ଏତେ ଟଙ୍କା ଦେଇ ଯେ ବ୍ୟକ୍ତି କର୍ମ ନିଯୁକ୍ତ ହୁଏ ସେ ବ୍ୟକ୍ତି କେତେ କାର୍ଯ୍ୟକ୍ଷମ ତାହା ସହଜରେ ଅନୁଭବ ହେଉଅଛି । ଯେ କାର୍ଯ୍ୟଗ୍ରହଣେ ଯେଉଁରୂପ ଗୁଣର ପ୍ରୟୋଜନ ତାହା ଲାଭ କରିବାକୁ ପୂର୍ବରେ ଅକ୍ଷମ ହେଲେ ସେ ଅଦୂରଦର୍ଶୀ ଲୋକମାନେ ଏରୂପରେ ଉମେଦବାରୀ କରିବାକୁ ତ୍ରୁଟି ନ କରନ୍ତି । ସୁତରାଂ ଅନେକ କୌଣସିରୂପେ ଟଙ୍କା ଉପାର୍ଜନ କରିବାର ଉପାୟ ଚିନ୍ତା କରି ଅଦ୍ୟାପି ସେହି କାର୍ଯ୍ୟ । ଲମ୍ବ ଉତ୍ତମ ଓ ଉତ୍ତମ ଏହାଙ୍କର ସମ୍ମାନ ଓ ଏ ଦୁହିଙ୍କର ସାହାଯ୍ୟରେ ଲୋକେ ଦୀର୍ଘକାଳ ପର୍ଯ୍ୟନ୍ତ ଉମେଦବାରୀ କରି ଯଦ୍ୟପି କେହି କିଛି ପାଇଲେ ଏମନ୍ତ ଅବସ୍ଥାରେ ଉଚ୍ଚପଦସ୍ଥ ଲୋକଙ୍କ ବଶ୍ୟ କରି ଚାକିରି ଲାଭ କରିବାର ଅଧିକ ପ୍ରୟୋଜନ ହୋଇ ପଡ଼ଇ କାହାରି ଅନୁରୋଧ ନ ଶୁଣି କର୍ମରେ ଲୋକ ନିଯୁକ୍ତ କରିବା ଅବସ୍ଥାରେ ଧର୍ମ ବୋଲି ବୋଧ ହୁଏନ ଉଦାହରଣ କଣ୍ଡଳା କଲେ ଉଚ୍ଚପଦସ୍ଥ ଅମଲାର ଘରେ ବନ୍ଧୁ ଅଟେ କର୍ମ କରିବାର ମର୍ମ କି ହୋଇପାରେ ? ଯାହା ହେଲେ ଏ ସ୍ଥିତି ଅତି ଲଜ୍ଜାସ୍ପଦ ଅଟଇ ଓ ଏହା ଉତ୍ସନ୍ନ ହେଲେ ଅନେକ ମଙ୍ଗଳ ହେବାର ସମ୍ଭାବନା ।

ଟଙ୍କା ଗ୍ରହଣ ଦ୍ୱାରା କାହାରିକୁ କର୍ମରେ ନିଯୁକ୍ତ କରିବା କିମ୍ବା ଅବସ୍ଥାରେ ଯଥାର୍ଥ ଉପକାର ପାଇଁ ଅନୁରୋଧ କରିବା ଯେତେ ଦୋଷକର ଟଙ୍କା ନେଇ ସୁବିଧା ପ୍ରଦାନ କରିବାପାଇଁ ଅନୁରୋଧ କରିବା ତେତେ ଦୋଷକର ଅଟଇ । ଯାହାର ଉଦ୍ୟୋଗ ପ୍ରକାଶ୍ୟ ବ୍ୟକ୍ତି ଅଭାବର ଓ ଦୁର୍ଦିନ ସମୟରେ ଉପକାର

ତରେ ଗୁଣବାନ୍ ବ୍ୟକ୍ତି ବଦ୍ଧ ହୋଇ କର୍ମ ପାଉଥିଲେ ମୂର୍ଖମାନେ କଚେରୀରେ ଲଣ୍ଡଭଣ୍ଡ ନ ହୋଇ ଗୁଣ ଉପାର୍ଜ୍ଜନର ଚେଷ୍ଟା କରନ୍ତେ ଓ କେତେ ଲୋକ ଅପଣାର ଅଳ୍ପଗୁଣରେ ଗର୍ବିତ ହୋଇ ଅପଣାଠାରୁ ଶ୍ରେଷ୍ଠ ଲୋକଙ୍କୁ ଘୃଣା ନ କରନ୍ତେ । କେବଳ ଉପଯୁକ୍ତ ବ୍ୟକ୍ତି କାରଣ ଅନୁରୋଧ କରିବା ଉଚିତ ଏବଂ ବାଞ୍ଛନୀୟ ଅଟଇ ଅପର ସକଳ ସ୍ଥଳେ ତାହା ନ୍ୟୂନାଧିକ ପରିମାଣରେ ଦୂଷଣୀୟ ଓ ଏହି ହେତୁରୁ ପରିତ୍ୟଜ୍ୟ ଅଟେ ।

---

# ସାପ୍ତାହିକ ସଂବାଦ

କଟକଷ୍ଟାର ଶୁଣିଅଛନ୍ତି ଯେ ଯୋବଗ୍ରାଠାରେ ଜଣେ ସ୍ତ୍ରୀଣୀ ଛଅଗୋଟି ପିଲା ପ୍ରସବ କରି ତହିଁ ଅବସନ୍ନ ମରିଗଲା । ମାତ୍ର ପିଲାମାନେ ଅବଧି ଜୀବିତ ଅଛନ୍ତି ।

ସୁଅଳପୁର ଗଡ଼ରେ ଗୋଟିଏ ମିଲିଟାରି ହାସପାତାଲର କାନ୍ଥ ଖୋଳୁଁ ଖୋଳୁଁ କେତେଗୁଡ଼ିଏ ଧାତୁମୟ ଦେବମୂର୍ତ୍ତି ବାହାରିଅଛନ୍ତି । ଅନୁମାନରେ ଦେଖା ଯାଉଛି ଯେ ଏସମସ୍ତ ମୂର୍ତ୍ତି ୮୦୦ ବର୍ଷର ହେବେ । ଅଦ୍ୟାପି ସେମାନଙ୍କର କିଛି ମାତ୍ର ଭଙ୍ଗ ହୋଇ ନାହିଁ ।

ଇଂଲିସମ୍ୟାନ ବୋମ୍ବାଇର ଟେଲିଗ୍ରାଫ ଯୋଗରେ ସମ୍ବାଦ ପାଇଅଛନ୍ତି, ବର୍ତ୍ତମାନରେ ବୋମ୍ବାଇ ଏବଂ ବରୋଦାରେ ରେଲୱେ ହେତୁରୁ ଗୋଟିଏ ଦାରୁଣ ଦୁର୍ଘଟନା ଘଟି ଯାଇଅଛି । ଖଣ୍ଡେ ଅଗ୍ନିବାହୀ ଶକଟଶ୍ରେଣୀ ଖଣ୍ଡେ ମାଲଗାଡ଼ୀ ଉପରେ ପଡ଼ିଲା ଯେ ତହିଁରେ ଜ ୧୧ ଣ ଲୋକ ହତ ଓ ସାତଜଣ ଆହତ ହୋଇଅଛନ୍ତି ।

ଧୂମକେତୁର ପୁଚ୍ଛ କିରୂପ ପଦାର୍ଥ ଏବଂ କାହିଁକି ତାହାର ଉପର ମୂଳ କେତୁଠାରୁ ଦୂରକୁ ବିସ୍ତାର ହୁଏ କି ହେତୁରୁ ଅବା ମାଧ୍ୟାକର୍ଷଣର ନିୟମ ଲଙ୍ଘି ଅବସ୍ଥିତ କରେ, ଏହି ସକଳ ପ୍ରଶ୍ନ ନେଇ ବହୁକାଳରୁ ଜ୍ୟୋତିର୍ବିଦଗଣ ଆନ୍ଦୋଳନ କରି ଆସୁଅଛନ୍ତି ଏସମସ୍ତ ପ୍ରଶ୍ନର ସଦ୍ବାଦ ସମ୍ମତ ହେବା ଅପଣାଙ୍କ ମନଃପୂତ କିଛି ଉତ୍ତର କେହି ଅଦ୍ୟାଏ ଦେଇ ପାରି ନାହାନ୍ତି । ବର୍ତ୍ତମାନରେ ଅଧ୍ୟାପକ ଟିଣ୍ଡାଲ ସାହେବ ଧୂମକେତୁ ପୁଚ୍ଛ ସମ୍ବନ୍ଧରେ ଗୋଟିଏ ଅଭିନବ ସିଦ୍ଧାନ୍ତ ବାହାର କରି[illegible] । ଉକ୍ତ ସାହେବ ବହୁତ ପରୀକ୍ଷା କରି ସପ୍ରମାଣ କରିଅଛନ୍ତି ଯେ, ଆଲୋକ କିରଣର ଏକପ୍ରକାର ଶୃଙ୍ଖଳଶକ୍ତି ଅଛି । ସେ ଦେଖାଇଅଛନ୍ତି ଯେ ବିଶେଷ ୨ ପଦାର୍ଥ ଧୂମରେ ଆଲୋକ ପଡ଼ିଲେ ତାହା ପ୍ରଭାବରେ ଏହି ସମସ୍ତ ଧୂମସମୂହ ଏବଂ ଆପଣା ଆପଣାର ସ୍ୱଭାବ ଭେଦରେ ନିର୍ଦ୍ଦିଷ୍ଟରୂପ ନିଯୁକ୍ତ ଆକାର ସମ୍ପନ୍ନ ହୋଏ । ଉକ୍ତ ସାହେବଙ୍କ ମତରେ ଧୂମକେତୁର ଶରୀରରେ ବାଷ୍ପୀୟ ପଦାର୍ଥରେ ସୂର୍ଯ୍ୟାଲୋକ ପଡ଼ିବାରୁ ଏମାନଙ୍କର ସେପ୍ରକାର ପୁଚ୍ଛର ଉତ୍ପତ୍ତି ହୋଉଥାଏ ।

ବଲ୍ଲଭଲୁଣା ଓ ନୂଆ ଉପରେ ଏଠାରେ ଯେଉଁ ମାସୁଲ ଅଦାୟ ହୁଅଇ ତଦ୍ୱାରା ଏ ଦେଶର ରାଇକ ଓ ବଙ୍ଗଳାର ସମୁଦ୍ରକାଶୀ ଏ ଉଭୟପକ୍ଷର କ୍ଳେଶ ହୁଅଇ ବୋଲି ଉକ୍ତ ମାସୁଲ ଉଠାଇ ଦେବା କାରଣ ଗବର୍ଣ୍ଣମେଣ୍ଟକୁ ଆବେଦନପତ୍ର ଦେବାପାଇଁ କଲିକତାରେ ଗୋଟିଏ ସଭା ହୋଇଥିଲା । ଏ ସଭାରେ ଅନେକ ସମ୍ଭ୍ରାନ୍ତଲୋକ ଉପସ୍ଥିତ ହୋଇ ଉକ୍ତ ମତର ପୋଷକତା କରିଅଛନ୍ତି ।

ବନ୍ଧୁକ ଚାଲିବା ଏବଂ ଅନ୍ୟ ଅସ୍ତ୍ରମାନ ପ୍ରଯୁକ୍ତ କରିବାକୁ ଶିକ୍ଷା କରିବା କାରଣ ବ୍ରହ୍ମଦେଶର ରାଜା ଅଠରଜଣ ଯୁବା କଲିକତାକୁ ପଠାଇଅଛନ୍ତି ଓ ତାହାଙ୍କ ସଙ୍ଗେ ଦୁଇଜଣ ମନ୍ତ୍ରୀଶ୍ରେଷ୍ଠ ଆସିଅଛନ୍ତି ଏମାନେ କାଶିପୁର ଲୋହକାରଖାନା ଏବଂ ଟଙ୍କଶାଳା ମଧ୍ୟରେ କର୍ମ ଶିକ୍ଷା କରୁଅଛନ୍ତି । ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଏହି ନିୟମ କରିଅଛନ୍ତି କି ଯେବେ ଏମାନେ ଉତ୍ତମ ଆଚରଣରେ ରହନ୍ତି ତେବେ ଦୁଇବର୍ଷ କାଳ ପର୍ଯ୍ୟନ୍ତ କଲିକତାରେ ରହି ଶିକ୍ଷା କରିବେ ।

ଗତବର୍ଷ ଉତ୍ତରାଧରେ ଯେରୂପ ଅକସ୍ମାତ୍ ବୃଷ୍ଟି ଓ ବନ୍ୟାବଢ଼ି ହୋଇ ଭୟଙ୍କର ଘୋର ହୋଇଥିଲା କାଶ୍ମୀର ପ୍ରଦେଶସ୍ଥ ଶ୍ରୀନଗର ଗ୍ରାମରେ ଗତମାସ ତା୧୦।୧୧ ରିଖରେ ସେହି ପ୍ରାୟ ହୋଇଯାଇଅଛି ଏକରାତ୍ରି ମଧ୍ୟରେ ଏରୂପ ପ୍ରବଳ ବୃଷ୍ଟି ହେଲା ଯେ ସେ ସମୁଦାୟ ସ୍ଥାନ ବୁଡ଼ିଗଲା ଓ ଲୋକମାନେ କେତେକ ନୌକାରେ ଏବଂ କେତେକ ପର୍ବତ ନିକଟସ୍ଥ ଉଚ୍ଚଭୂମିକୁ ପଳାୟନ କରି ପ୍ରାଣରକ୍ଷା କଲେ ତିନିଦିନ ପର୍ଯ୍ୟନ୍ତ ଗୃହାଦି ଜଳମଗ୍ନ ଥିଲା । ଏଥିରେ ଯେ କେତେ କ୍ଷତି ହୋଇଅଛି ତାହା ଅନାୟାସରେ ବୋଧ ହୋଇପାରେ । ଲୋକେ କହନ୍ତି [illegible] ଗତ ବାଇଶବର୍ଷରେ ଏରୂପ [illegible] ହୋଇ ନ ଥିଲା ।

ସୁଲତାନପୁରର ଖଜଣାଖାନାର କର୍ମଚାରୀ ସରକାରୀ ଟଙ୍କା ଆତ୍ମସାତ୍ କରିଥିବା ଅପରାଧରେ ସେଠା ଡେପୁଟିକମିଶନରଙ୍କ ବିଚାରରେ ଦୋଷୀ ହୋଇଅଛି । ଏ ବ୍ୟକ୍ତି ଟ୫୦୦୦୦ଙ୍କା ସରକାରୀ ତହବିଲ ତୋସରୂପ କରିଥିବାର ପ୍ରକାଶ ହେଲା ଓ ଏକାରଣ ବା୨୪ର୍ଷ କଠିନ ପରିଶ୍ରମ ସହିତ କାରାବାସ କରିବାର ଦଣ୍ଡ ପାଇଅଛି । ଲକ୍ଷ୍ନୌଟାଇମସ୍ ଯଥାର୍ଥ ବୋଲନ୍ତି ଯେ ଏତେ ଟଙ୍କା ବ୍ୟୟ କରିବା ଏକଦିନର କର୍ମ ନୁହଇ କିନ୍ତୁ ସରକାରୀ ହେସାବ ତଦାରକକର୍ତ୍ତା କିରୂପେ ଜାଣି ନ ପାରିଲେ ବଡ଼ ଆଶ୍ଚର୍ଯ୍ୟ ଅଟଇ ।

ବମ୍ବେଗେଜେଟ ଲେଖିଅଛନ୍ତି ଯେ ହାଇଦରାବାଦର ଜଣେ ଧନବାନ୍ ମାରୱାଡ଼ି ବିଲାତରେ ଗୋଟିଏ ମହାଜନି କୋଠି ସ୍ଥାପନର ବନ୍ଦୋବସ୍ତ କରିବା କାରଣ ବମ୍ବେଇ ନଗରକୁ ଆସିଅଛନ୍ତି ତାହାଙ୍କର ମନସ୍ଥ ଯେ ଇଂଲଣ୍ଡଦେଶରେ ଏକୋଠିର କାର୍ଯ୍ୟ ଚଳାଇବା ପାଇଁ ପାଞ୍ଚଜଣ ମାରୱାଡ଼ି ପଠାଇବେ । ମାରୱାଡ଼ିମାନେ ଜାତି ସମ୍ବନ୍ଧ ଛାଡ଼ି ବିଲାତରେ ଯାଇ ରହିବାକୁ ସାହସୀ ହେଲେଣି ବଡ଼ ଚମତ୍କାର ବିଷୟ ଅଟଇ । ଉକ୍ତ ପତ୍ରିକା ଆହୁରି ଶ୍ରବଣ କରିଅଛନ୍ତି ଯେ ଦଶବାରଜଣ ବଣିଜ୍ୟ ବାଣିଜ୍ୟ କାରଣ ଇଉରୋପକୁ ଯାଉଅଛନ୍ତି ।

ମହାମାନ୍ୟ ଶ୍ରୀଡ୍ୟୁକ ଅଲଫ୍ରେଡ଼ଙ୍କ ଭାରତବର୍ଷରେ ଆଗମନ ସମୟରେ ତାହାଙ୍କ ଅଭ୍ୟର୍ଥନା ଉପଲକ୍ଷରେ ଆଗ୍ରା ଦରବାରରେ ଯେଉଁ ଭୋଜ ଦିଆଯିବ ସେଥିର ବ୍ୟୟ ଟ୫୦୦୦୦ଙ୍କା ନିଷ୍ପନ୍ନ ହୋଇ ଆହାରୀୟ ଦ୍ରବ୍ୟ ଯୋଗାଇବା ପାଇଁ ହେଲନର କୁମ୍ପାନିକୁ କଣ୍ଟ୍ରାକ୍ଟ ଦିଆଯାଇଅଛି ।

ଶ୍ରୀଯୁକ୍ତ ଡାକ୍ତୀୟରସାହେବ ସେକ୍ରେଟରୀ ଦୁଇବର୍ଷ ଛୁଟି ନେଇ ବିଲାତକୁ ଯାଇଅଛନ୍ତି କଲିକତାର କଷ୍ଟମକଲେକ୍ଟର ହିପଣ୍ଡସାହେବ ତାହାଙ୍କ ପଦରେ ନିଯୁକ୍ତ ହେବାର ଶୁଣାଯାଏ ।

ଏଡୁକେସନ ଗେଜେଟର ଅବଗତ ହେଲୁ ଯେ ଆମେରିକାଶ[illegible] ଆଦିମ ନିବାସିମାନେ ଆପଣାର ଶତ୍ରୁକୁ [illegible]ଲେ ତାହାର ମସ୍ତକର ଚୂଳି କାଟିନେଇ ଆପଣା ଗୃହକୁ ଶୋଭା କରିବା ସକାଶେ ଆଣିରଖିବାର ରୀତି [illegible] । ସମ୍ପ୍ରତି ଭାରତବର୍ଷର ଉତ୍ତରପୂର୍ବ ପାର୍ବତ୍ୟ ଦେଶ ଗାରୋଗିରି ଓ କେନ୍ଦୁପଡ଼ା ଗ୍ରାମରେ ଏହି ନିୟମ ପ୍ରଚଳିତ ଥିବାର ଦେଖାଯାଉଅଛି ।

ବାରାଣସୀ ଆକବର ନାମକ ପତ୍ରରେ ଲେଖା-

Split by PDF Splitter

Digitized by srujanika@gmail.com

ଅଛି, ଯେ, ବର୍ତ୍ତମାନ ସାହେବାନ ପୁରରେ ଅନେକ ପଣ୍ଡିତ ଓ ପଣ୍ଡିତମାନେ ଏକତ୍ରିତ ହୋଇ ଗୋଟିଏ ସଭା କରିଥିଲେ ଏହି ସଭାରେ ହିନ୍ଦୁମାନଙ୍କ ବିଲାତ ଗମନ ବିଷୟରେ ଅନେକ ତର୍କ ବିତର୍କ ହେଲା । ପରିଶେଷରେ ଏହି ସିଦ୍ଧାନ୍ତ ହୋଇଅଛି ଯେ, ବିଲାତ ଗମନ ସମ୍ବନ୍ଧରେ ସାମାଜିକ ଆପତ୍ତି ଉତ୍ଥାପିତ ହୋଇପାରେ ।

ଅମୃତ ବଜାର ପତ୍ରିକା ବୋଲନ୍ତି, ବର୍ତ୍ତମାନ ପୂର୍ବବଙ୍ଗ ଏକପ୍ରକାର ଅଦ୍ଭୁତ ବୃଷ୍ଟି ହେଉଅଛି । ଶୂନ୍ୟ ମାର୍ଗରୁ ଅତି କ୍ଷୁଦ୍ରବୃଷ୍ଟି ଧାର ପଡୁଅଛି ମଧ୍ୟ ଏହା ଠିକ ମହୁର ତୁଲ୍ୟ । ମଧୁ ଅପେକ୍ଷା କିଞ୍ଚିତ୍ ଲାଲ, କିନ୍ତୁ ଏହାର ଗାଢତା ଅବିକଳ ଠିକ ମହୁର ନ୍ୟାୟ । ମିଷ୍ଟତା ଭିନ୍ନ କମ ସମସ୍ତ ବୃକ୍ଷପତ୍ର ବିଶେଷତଃ ଆମ୍ରପତ୍ର ଏଥିରେ ଆବୃତ ହୋଇଅଛି ।

ଗତ ମଇମାସରେ ମଧ୍ୟପ୍ରଦେଶରେ ୫୭୮୫୩ ଟଙ୍କା ତଗାବି ଦାଦନ ସ୍ୱରୂପ ବ୍ୟୟ ହୋଇଥିଲା ଏଥିରୁ ଅଧିକାଂଶ ଟଙ୍କା କୂପ ଖନନରେ ବ୍ୟୟ ହୋଇଅଛି ଓ ଗତ ଦୁଇ ମାସରେ ଅତି ଜଳକଷ୍ଟ ସେଥିର କାରଣ ଅଟଇ ।

ହିଂସ୍ରକ ଜନ୍ତୁ ବଧ କାରଣ ପୁରସ୍କାର ଦେବାର ଯେଉଁ ପ୍ରଥା ଅଛି ତେହିଁ ଦ୍ୱାରା ବିଶ୍ୱ ଲୋକ ଇଚ୍ଛାକରି ପୂର୍ବକ ଏକ ଜନ୍ତୁ ଚର୍ମ ଓ ମୁଣ୍ଡ ଦେଖାଇ ଦୁଇ ତିନି ଥର ପୁରସ୍କାର ନେବାର ଜଣା ଯିବାରୁ ବୋର୍ଡ ରେବନ୍ୟୁ ତାହା ନିବାରଣ ପକ୍ଷରେ କଠିନ ବିଧାନ କରିଅଛନ୍ତି ।

କଲିକତା ହାକିମମାନଙ୍କୁ ଜଣାଇ ଦିଆ ଯାଇଅଛି ଯେ ସରକାରୀ ବାହକ ପିଅଦାମାନେ ଇନକମ୍ ଟାକ୍ସ ସମ୍ପର୍କୀୟ ବିଜ୍ଞାପନମାନ ଜାରି କରିବାରେ ନିଯୁକ୍ତ ହେବେ ।

ଶ୍ରୀଯୁକ୍ତ ମକେଞ୍ଜି ସାହେବ ମଇମନ ସିଂହର କଲେକ୍ଟର ପଦରେ ନିଯୁକ୍ତ ହୋଇଅଛନ୍ତି ମାତ୍ର ଏଠାରୁ ଏକ୍ଟିଂ କମିଶନର ସ୍ୱରୂପ କାର୍ଯ୍ୟ କରୁଥିବେ ।

ଡେଲିନ୍ୟୁସ ଲେଖନ୍ତି ଯେ ବଙ୍ଗଲ ଲେଫ୍ଟେନେଣ୍ଟ ଗବର୍ଣ୍ଣର ତ ଛଅମାସ ଦାର୍ଜିଲିଙ୍ଗରେ ରହି କରେଣ୍ଟ ... ନ୍ତି ମନସ୍ଥ କର ଅଛନ୍ତି ଏହିମର ଏତେ ଭାଗ୍ୟ ତାହାଙ୍କ ଉଦୟ ହେଲା ।

ଭାରତବର୍ଷର ପ୍ରାୟ ସକଳ ସ୍ଥାନରେ ସୁବୃଷ୍ଟିର କଥା ସଂବାଦପତ୍ର ସବୁରେ ପାଠକରି ଆମ୍ଭେମାନେ ଅତି ଆନନ୍ଦ ସହିତ ତାହା ପାଠକମାନଙ୍କୁ ଜଣାଉଅଛୁଁ ଯେମନ୍ତ ପାଇକ ... ଅଛି ଏଥିରେ ପ୍ରଚୁର ଶସ୍ୟ ହେବାର ସମ୍ଭାବନା

ଦେଖାଯାଏ ତଥାପି ଭବିଷ୍ୟତ୍ କଥା କିଏ କହିପାରେ ।

ପୂର୍ବେ ଲେଖିଥିଲୁଁ ଯେ ଯେଉଁ ଚରିଜଣ ଭାରତବର୍ଷୀୟ ଯୁବା ବିଲାତରେ ସିଭିଲସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ତହିଁ ମଧ୍ୟରୁ ଦୁଇଜଣଙ୍କ ବୟସ ୨୧ ବର୍ଷରୁ କିଛି ଊର୍ଦ୍ଧ୍ୱ ଥିବାରୁ ସେମାନେ ଅଯୋଗ୍ୟ ଜ୍ଞାନ ହୋଇଅଛନ୍ତି । ଏଥିରୁ ସୁରେନ୍ଦ୍ରନାଥ ବାନାର୍ଯ୍ୟୀଙ୍କ ପିତା କଲିକତା ମାଜିଷ୍ଟ୍ରେଟଙ୍କ ଆଗରେ ସପଥ ପୂର୍ବକ କହୁଅଛନ୍ତି ଯେ କୋଷ୍ଠି ଲିଖିତ ବୟସ ଠିକ ଅଟଇ ଓ ବିଶ୍ୱବିଦ୍ୟାଳୟର ଲିଖିତ ବୟସରେ ଗୋଳ ଅଛି । ବାସ୍ତବରେ ସୁରେନ୍ଦ୍ରବାବୁଙ୍କ ବୟସ ୨୧ ବର୍ଷ ମଧ୍ୟରେ ଥିଲା । ହାଇକୋର୍ଟର ଜଜ ବାବୁ ଦ୍ୱାରିକାନାଥ ମିତ୍ର ଏକଥା ସପ୍ରମାଣ କରିଅଛନ୍ତି । ଏରୂପେ ବୋଧ ହୁଅଇ ଯେ ପରୀକ୍ଷକମାନେ ଏଥିରେ ସନ୍ତୁଷ୍ଟ ହୋଇ ତାହାଙ୍କୁ ଅଯୋଗ୍ୟ ଜ୍ଞାନ ନ କରିବେ ।

ଚତୁର୍ଥ ଶ୍ରେଣୀର ଏକ ସିଭିଲିଆନ ଭଣ୍ଡି ମାୟର ବାବୁ କୈଳାସନାଥ ଦାସ ଦକ୍ଷିଣ କଟକ ଜିଲ୍ଲାର ବାରକ୍ମାଷ୍ଟର ନିଯୁକ୍ତ ହୋଇଅଛନ୍ତି ଅସ୍ମଦ୍ଦେଶୀୟ ଲୋକଙ୍କ ମଧ୍ୟରେ ଏ ଜଣେ ପ୍ରଥମ ବାରିକମାଷ୍ଟର ଅଟନ୍ତି ଓ ବଡ଼ ଆନନ୍ଦର ବିଷୟ ଯେ ପ୍ରଥମେ ଏହାଙ୍କୁ କଟକରୁ ଅଣିବାକୁ ହେଲା

ଚନ୍ଦ୍ରକାହଲର ମଲୁଟ ଗ୍ରାମ ନିବାସୀ ବାବୁ ଈଶାନଚନ୍ଦ୍ର ରାୟ ମୃତ୍ୟୁ ସମୟରେ ଯେଉଁ ଉଇଲନାମା ଲେଖି ରଖି ଯାଇଅଛନ୍ତି ସେଥିରେ ଉକ୍ତ ଗ୍ରାମରେ ଗୋଟିଏ ଚିକିତ୍ସାଳୟ ସ୍ଥାପନ କାରଣ ବାର୍ଷିକ ୫୩୬୦୦ ଟଙ୍କା ଉତ୍ପନ୍ନ ହେବାଭଳି ସ୍ଥାବର ସମ୍ପତ୍ତି ଖଞ୍ଜା କରିଅଛନ୍ତି ଓ ଉକ୍ତ ଚିକିତ୍ସାଳୟଗୃହ ନିର୍ମାଣ କାରଣ ୫୫୦୦୦ ଟଙ୍କା ଦାନ ଦାନକରିଅଛନ୍ତି । ସମୁଦାୟ ସମ୍ପତ୍ତି ଓ ଟଙ୍କା ଗବର୍ଣ୍ଣମେଣ୍ଟଙ୍କୁ ଅର୍ପିତ ହୋଇ ଏସମସ୍ତ ପ୍ରତିପାଳନ କରିବାର ଅଧିକାର ଦିଆଯାଇଅଛି ।

ଉକ୍ତି ଗଜେଟ ଲେଖନ୍ତି ଯେ ନସିରାବାଦ ଓ ଅହମଦଗଡ଼ ଇତ୍ୟାଦି ସ୍ଥାନରେ ଭୟଙ୍କର ଓଲାଉଠା ହୋଇଅଛି ଗବର୍ଣ୍ଣମେଣ୍ଟ ପ୍ରତି ପୁଲିସ ଥାନାରେ ଔଷଧ ରଖାଇଅଛନ୍ତି ।

---

## ପ୍ରେରିତ ପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଉତ୍କଳ ବୋଲଅକ୍ଷର ପରିବର୍ତ୍ତରେ ବଙ୍ଗଅକ୍ଷର ବହାଲ ହେବା ବିଷୟରେ ବାବୁ ଉମାଚରଣ ହାଲଦାରଙ୍କର ପତ୍ର କଟକଷ୍ଟାର ପତ୍ରିକାରେ ପାଠକରି ପ୍ରଶଂସିତ ବାବୁ ଅତି ବିଦ୍ୱାନ୍ ଓ ବୁଦ୍ଧିବାନ୍ ଥିବା ଦୃଷ୍ଟିରେ ଏହି ଅନୁମାନ କଲୁଁ ଯେ ଏପ୍ରକାର ଅସଙ୍ଗତ ଓ ଅସମ୍ଭବ ବିଷୟରେ ପ୍ରବୃତ୍ତ ହେବାର ହେତୁ ମତିଭ୍ରମ ବ୍ୟତୀତ ଅନ୍ୟ କିଛି ହୋଇ ନ ପାରେ ଏହି ପ୍ରବୋଧରେ ମୌନାବଲମ୍ବନ ଧାରଣ କରିଥିଲୁଁ । କିନ୍ତୁ ଏ ପ୍ରସଙ୍ଗ ଯେତେ ଗତ କାଲି କଟକ ଡିବେଟିଙ୍ଗକ୍ଲବ ନାମ୍ନୀ ସଭାର ସଭା ହୋଇଥିଲା ଓ କବାଗତ ବଙ୍ଗାଳି ସଭ୍ୟମାନେ ଏକମେଳ ହୋଇ ପ୍ରସ୍ତାବର ପୋଷକତାରେ ଅନେକ ବକା ଟୁକା କଲେ । କି ଆଶ୍ଚର୍ଯ୍ୟ ବାତୁଳ ସଙ୍ଗରେ ସମସ୍ତେ ବାତୁଳ ? ଏ ପ୍ରସ୍ତାବ ଏତେଯୁକ୍ତି ବିରୁଦ୍ଧ ଅବାଞ୍ଛନୀୟ, ଅନାବଶ୍ୟକ ଓ ଅସମ୍ଭବ ଯେ ତହିଁର ତର୍କ ବିତର୍କ କରିବାର ଶ୍ରେଣିକ ଥାଉ ତାହା ସଭାରେ ଗ୍ରହଣ ହେବାର ଯୋଗ୍ୟ ନ ଥିଲା ମୂର୍ଖରୁ ଗୋଟିଏ ସତ୍ତ୍ୱକ ଗ୍ରହଣ କରିବାର ଆମ୍ଭେ ପ୍ରସ୍ତାବ କରିଅଛୁଁ ଓ ଏହା ଯେ କେତେ ବାଞ୍ଛନୀୟ ଓ ହିତକର ତାହା ବର୍ଣ୍ଣାଯାଉ । ଏ ପ୍ରସ୍ତାବକୁ ଡିବେଟିଙ୍ଗକ୍ଲବ ଯେନା କରିବେ କି ନାହିଁ ଏହା ଆମ୍ଭେ ତାଙ୍କୁ ପ୍ରଶ୍ନ କରୁଁ । ଯାହା ହେଉ ଭଲେତ ଗୋଲମାଲ ଶାନ୍ତି, ଏଣିକି ଯେପରି ଉମାଚରଣ ବାବୁଙ୍କ ପ୍ରସ୍ତାବ ବିଷୟରେ କେହି ତର୍କ ବିତର୍କ ନ କରନ୍ତୁ ଏହି ଆମ୍ଭର ଅଭିଳାଷ ।

ଆପଣ ଅନୁଗ୍ରହ ପୂର୍ବକ ସଙ୍ଶୋଧନାନନ୍ତର ଏପତ୍ରକୁ ଆପଣଙ୍କ ପତ୍ରିକାରେ ପ୍ରକାଶ କଲେ ବାଧିତ ହେବୁ ।

କଟକ
ତା ୧୫ ତାରିଖ ଜୁଲାଇ
ସନ ୧୮ ୮୯

ବିଶମ୍ବସ୍ୟ
କସ୍ୟଚିତ୍ପଣ୍ଡିତସ୍ୟ ।

☞ ଆମ୍ଭେମାନେ ମଧ୍ୟ ଡିବେଟିଂକ୍ଲବର ବ୍ୟବହାର ଦେଖି ବ୍ୟସ୍ତ ହୋଇ ଅଛୁଁ । ଉକ୍ତ ସଭା ବଙ୍ଗାଳି ଓ ଓଡ଼ିଆଙ୍କ ଦ୍ୱାରା ଏହିଦେଶରେ ସ୍ଥାପନ ହୋଇ ଅଛି କିନ୍ତୁ ଯେବେ ସାଧାରଣ ଉପକାର ପ୍ରତି ଦୃଷ୍ଟି ନ ରଖି ଏକଦେଶୀୟ ସଭ୍ୟମାନେ ଅପରଦେଶୀୟ ସଭ୍ୟଙ୍କ ବିରୁଦ୍ଧ ମତ ଭଜଣ କରନ୍ତି ତେବେ ଏପ୍ରକାର ସଭାରେ ଅନ୍ୟଦେଶୀୟ ଲୋକଙ୍କର ସଂସର୍ଗ ରଖିବାର ଉଚିତ କି ନା ବିବେଚନା କରିବାର ନିତାନ୍ତ ପ୍ରୟୋଜନ ବୋଧ ହୁଅଇ ।

---

☞ ଏହି ଉତ୍କଳଦୀପିକା ସହର କଟକ ଚଉଦବାଜାର କଟକପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାର ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା ।

୧୪ ଭାଗ | ୩୦ ସଂଖ୍ୟା } ତା ୨୪ ଋଖ ଜୁଲାଇ ସନ ୧୮୭୯ ମସିହା । ମୁଂ ଶ୍ରାବଣ ୧୧ ଦ ସନ ୧୨୮୭ ସାଲ ଗୁରୁବାର { ଅଗ୍ରିମ ବାର୍ଷିକ ମୂଲ୍ୟ [illegible] | ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ [illegible] | ମଫସଲ ପାଇଁ ଡାକମାଶୁଲ [illegible]

## ରଥଯାତ୍ରା

ଆମ୍ଭେମାନେ ଆନନ୍ଦସହିତ ପାଠକମାନଙ୍କୁ ଜଣାଉଅଛୁଁ ଯେ ଏ ବର୍ଷ ପୁରୁଷୋତ୍ତମର ରଥଯାତ୍ରାପର୍ବ ବଡ଼ ସୁନ୍ଦରରୂପେ ନିର୍ବାହ ହେଲା । କୌଣସି ପ୍ରକାର ଉତ୍ପାତ ବା ଦୁର୍ଘଟନା ହୋଇ ନାହିଁ ଶ୍ରୀ ଜଗନ୍ନାଥ ମହାପ୍ରଭୁ ରଥରେ ବସି ବଡ଼ ଅବିଶ୍ରାନ୍ତରୂପେ କେତେବେଗି ଗୁଣ୍ଡିଚା ଘରକୁ ଗମନ କରିଥିଲେ ଏବଂ ଠିକ [illegible] ସେଠାରେ [illegible] ପ୍ରବେଶହେଲେ ଯାତ୍ରିଙ୍କ ସଂଖ୍ୟା ଏ ବର୍ଷ ଅତ୍ୟଳ୍ପମାତ୍ର କହିବାକୁ ହେବ କାରଣ ଅନୁମାନିକ ସଂଖ୍ୟା ୭୦୦୦ ଯାତ୍ରିଠାରୁ ଅଧିକ ନୁହଇ । ଯାତ୍ରୀ ଏତେ ଊଣା ପଡ଼ିବାର ଏହି କାରଣ ମନୋନୀତ ହୁଅଇ ଯେ ଗତବର୍ଷ ନଦୀବଢ଼ି ଓ ବର୍ଷାରେ ଏମାନଙ୍କର ଅତ୍ୟନ୍ତ କ୍ଲେଶ ହୋଇଥିଲା ଓ କେତେକ ଲୋକ ନଦୀରେ ଭାସି ମରିଥିଲେ ଏ ବର୍ଷ ପୁଣି ରଥଯାତ୍ରା ଘୋରବୃଷ୍ଟି କାଳରେ ପଡ଼ିବାରୁ ଲୋକେ ମନେ କଲେ ଯେ ଏବର୍ଷ ଗତବର୍ଷାପେକ୍ଷା ଅଧିକ କ୍ଲେଶ ହେବ ଏଣୁ ଭୟରେ ବହୁତ ଯାତ୍ରୀ ଆସି ନାହାନ୍ତି । ଯେ ଯାହା ହେଉ ଯେଉଁମାନେ ଆସିଥିଲେ ତାହାଙ୍କର କୌଣସି ଦୁଃଖ ହୋଇ ନାହିଁ ଓଲାଉଠା ରୋଗ ବା ଯାହାକୁ ଯାତ୍ରିଙ୍କର ସଙ୍ଗୀ କହିବାକୁ ହେବ ଏ ବର୍ଷ ତାଦୃଶ ପ୍ରଭାବ ପ୍ରକାଶ କରି ନାହିଁ । ମାସ କେତେମାସ ହେବ ଏ ରୋଗ ପୁରୁଷୋତ୍ତମ ଜିଲ୍ଲାର ନାନାସ୍ଥଳରେ ପ୍ରବଳ [illegible] ସାମାନ୍ୟରୂପେ ଅନୁଭବ ହୋଇଅଛି । ଆମ୍ଭେମାନେ ଶୁଣିଅଛୁଁ ଯେ ଚଳିତମାସ ଆରମ୍ଭରୁ ପ୍ରାୟ ୭୦ ଜଣ ଲୋକ ଏ ରୋଗରେ ଆକ୍ରାନ୍ତ ହୋଇଥିଲେ ଏଥିମଧ୍ୟରୁ କେବଳ ୧୫।୨୦ ଜଣ ଯାତ୍ରୀ ଅବଶିଷ୍ଟ ନଗରବାସୀ ଥିଲେ ଏଥିରୁ ଜଣାଯାଏ ଯେ ଯାତ୍ରିଙ୍କଠାରୁ ଏ ରୋଗ ଜାତ ହୋଇ ନାହିଁ ।

ଯାତ୍ରିଙ୍କ ସଂଖ୍ୟା ଅଳ୍ପ ହେବାରୁ ସ୍ୱାସ୍ଥ୍ୟରକ୍ଷା ଉପଲକ୍ଷରେ କୌଣସି ବିଶେଷ ଉପାୟ କରିବାର ଆବଶ୍ୟକ ନ ହେଲା ସୁତରାଂ ସ୍ଥାନୀୟ କର୍ମଚାରୀମାନେ କେବଳ କେତୋଟା ସାଧାରଣ ଟାଟି ନିର୍ମାଣ କରି ନିଶ୍ଚିନ୍ତ ରହିଲେ ଆଉ କଷ୍ଟ କରିବାର ପ୍ରୟୋଜନ ନ ହେଲା ।

ଏ ପ୍ରସ୍ତାବ ଲେଖାହେଲା ଉତ୍ତାରୁ ସଂବାଦ ପାଇଲୁଁ ଯେ ବାହୁଡ଼ାଦିନ ଅପରାହ୍ନ ସମୟରେ ଗୁଣ୍ଡିଚାମଣ୍ଡପଠାରେ ଗୋଟିଏ ଅତି ଦୁଃଖଜନକ ବ୍ୟାପାର ଘଟିଥିଲା । ମନ୍ଦିର ଦ୍ୱାର ଫିଟିବାରେ ବିଳମ୍ବ ହେବାରୁ ଯାତ୍ରିମାନେ ଜମିଥିଲେ ସୁତରାଂ ଦ୍ୱାର ଫିଟିଲାକ୍ଷଣି ଭିଡ଼ ହେଲା ଓ ରଥର ସୋପାନରୁ ଯେଉଁଠାରେ ଥୁଆହୋଇଥିଲା ସେଠାରେ ଲୋକ ଠେଲାଠେଲି ହେବାରୁ ପ୍ରାୟ ୧୦୦ ଲୋକ ପଡ଼ିଯାଇ କଏ କାହାକୁ ମାଡ଼ି ଦଳିଦେଲା ଜାଣି [illegible] ଅନେକ ଲୋକ ଅଚେତନରେ ପଡ଼ିରହିଲେ ଓ ତତ୍କ୍ଷଣାତ୍ ଏହାଙ୍କୁ ସାହାଯ୍ୟ କରିବାରେ ଚେତନ ପାଇ ଯେ ଯାହାସ୍ଥାନକୁ ଗଲେ ବୁଢ଼ାଲୋକର ପ୍ରାଣ ତ୍ୟାଗହେଲା ଓ ଆଉ ଜ ୨ ଣ ମଧ୍ୟରୁ ସେହିଦିନେ ପୁଣ ଦୁଇଲୋକ ମରିଗଲେ ଓ ଆଉ ଦୁଇ ପାଞ୍ଚଲୋକର ପ୍ରାଣର ଭରସା ନାହିଁ ଶୁଣିଲୁଁ ଯେ ଏସମୟରେ ସରକାର ଲୋକ କିମ୍ବା ପୁଲିସ କେହି ଉପସ୍ଥିତ ନ ଥିଲେ । ଆଉ ବିବରଣମାନ ଆଗାମିସପ୍ତାହରେ ଲେଖିବୁଁ ।

—o✳o—

## ଡାକଯୋଗେ ପତ୍ର ପଠାଇବାର ବିଧାନ

ଦେଶୀୟ ଭାଷାରେ ଲେଖାପତ୍ର ସକଳର ଶିରୋନାମା ଅତି ବାହୁଲ୍ୟରୂପେ ଲେଖାହୋଇ ଡାକଘରେ ଅର୍ପିତ ହେବାରୁ ତାହାର ବୃତ୍ତାନ୍ତ ପାଠ କରି ପତ୍ରର ଠିକଣା ନିର୍ଣ୍ଣୟ କରିବାକୁ ଡାକ କର୍ମଚାରୀଙ୍କର ଅନେକ ଅନର୍ଥକ କ୍ଲେଶ ଓ କାଳକ୍ଷୟ ହୁଅଇ ଓ ଏହିହେତୁରୁ ଅନେକ ପତ୍ର ଯଥାସ୍ଥାନରେ ନ ପହୁଞ୍ଚି କଲିକତାର "ଡେଡ଼ଲେଟର" ଅଫିସକୁ ପ୍ରେରିତ ହୁଏ । ବଙ୍ଗଳାର ପୋଷ୍ଟମାଷ୍ଟର ଜେନେରଲ ଉପର୍ଯ୍ୟୁକ୍ତ ଦୋଷର ପ୍ରତିକାର କାରଣ ଶିକ୍ଷାବିଭାଗର ଡାଇରେକ୍ଟରଙ୍କୁ ଅନୁରୋଧ କରିବାରୁ ଉକ୍ତ ମହାଶୟ ଆପଣା ଅଧୀନ ସ୍କୁଲସମୂହର ଡେପୁଟୀ ଇନସ୍ପେକ୍ଟର ଓ ଶିକ୍ଷକମାନଙ୍କୁ ଆଦେଶ ଦେଇଅଛନ୍ତି ଯେ ବିଦ୍ୟାଳୟର ଛାତ୍ର ଓ ଅନ୍ୟାନ୍ୟ ଲୋକଙ୍କୁ ପତ୍ରର ଶିରୋନାମା ଲେଖିବାର ସଂକ୍ଷେପ ଓ ଉପଯୁକ୍ତ ପ୍ରଣାଳୀ ଶିଖାଇବେ ଯେମନ୍ତେକି ଡାକ କର୍ମଚାରୀମାନେ ପତ୍ର ଦେଖିଲାକ୍ଷଣି ଅକ୍ଲେଶରେ ପତ୍ର ପାଇବା ବ୍ୟକ୍ତିର ନାମ ଠିକଣା ଜାଣିପାରିବେ । ବର୍ତ୍ତମାନ ଯେଉଁ ଧାରାରେ ପତ୍ରର ଶିରୋନାମା ଲେଖାଯାଏ ଡାଇରେକ୍ଟର-

Digitized by srujanika@gmail.com

Split by PDF Splitter



ସାହେବ ସେଥିର ଗୁଣ ପାଞ୍ଚଟାର ଆଦର୍ଶ ଦେଖାଇଅଛନ୍ତି । ସେଥିରୁ ଜଣାଗଲା ଯେ କେହି ପତ୍ର ପାଉଥିବା ବ୍ୟକ୍ତିର ନାମ ନ ଲେଖି କେବଳ "ଫିଭାଠାକୁର" ବୋଲି ଲେଖନ୍ତି । ଓ କେହି ପତ୍ର ପ୍ରବେଶ ହେବାର ମୁକାମ ଓ ପୋଷ୍ଟାଫିସର ନାମ ଭୁଲିଯାନ୍ତି ଦୂରସ୍ଥ ପତ୍ର ତାହାକୁ ପଥିକ ଡାକକର୍ମଚାରୀମାନେ ବହୁ କଷ୍ଟରୁ ବାଣ୍ଟି ନ ପାରନ୍ତି ଓ ଏହିରୂପେ ଅନେକ ପତ୍ର ଡାକରେ ନଷ୍ଟ ହୁଅଇ । ଲୋକେ ପୋଷ୍ଟାଫିସର ଦୋଷ ଦିଅନ୍ତି ଯେ ସେ କର୍ମଚାରୀମାନେ ଯତ୍ନପୂର୍ବକ ପତ୍ର ବାଣ୍ଟନ୍ତି ନାହିଁ କିନ୍ତୁ ଅନେକ ପତ୍ରର ଶିରୋନାମା ଦେଖିଲେ ପ୍ରତ୍ୟକ୍ଷ ହେବ ଯେ ପ୍ରେରକଙ୍କ ଦୋଷରୁ ମଧ୍ୟ କେତେକ ହାନି ସମ୍ପଟଇ । ଅତଏବ ପ୍ରେରକମାନଙ୍କର ସାବଧାନ ହୋଇ ପତ୍ରର ଶିରୋନାମା ଲେଖିବାର ଉଚିତ ଅଟଇ ।

ଡାଇରେକ୍ଟର ସାହେବ ଉକ୍ତ ବିଷୟରେ ଉଲ୍ଲିଖିତ ଦୃଷ୍ଟାନ୍ତମାନ ପ୍ରେରକଙ୍କ ସତର୍କ କାରଣ ଉଦ୍ଧୃତ କରିଅଛନ୍ତି ଓ ଅମ୍ଭେମାନେ ବିବେଚନା କରୁଁ ଯେ ଏସବୁ ସାବଧାନ ପୂର୍ବକ ପ୍ରତିପାଳିତ ହେଲେ ଡାକରେ ଗୋଳ ହେବାର ସମ୍ଭାବନା ଅତ୍ୟଳ୍ପ ହେବ ସେନିୟମମାନ ଏହି ।

୧ ଶିରୋନାମାର ପ୍ରଥମ ଧାଡ଼ିରେ ପତ୍ର ପାଇବା ବ୍ୟକ୍ତିର ନାମ ଓ ଉପାଧି ଲେଖାଯିବ ଯଥା ଅମ୍ବିକାଚରଣ ଘୋଷ ।

୨ ଦ୍ୱିତୀୟ ଧାଡ଼ିରେ ତାହାଙ୍କର କର୍ମ ବା ବ୍ୟବସାୟ ଲେଖାଯିବ ଯଥା ଡେପୁଟୀ ଇନ୍‌ସ୍‌ପେକ୍ଟର ସ୍କୁଲ ।

୩ । ବଡ଼ ସହରକୁ ପତ୍ର ଯିବାର ହେଲେ ଘରର ନମ୍ବର ଓ ବଜାରର ନାମ ତୃତୀୟ ଧାଡ଼ିରେ ଲେଖାଯିବ ଯଥା ନ ୨ ମୁର ଓଲେସଲିଷ୍ଟ୍ରିଟ କୌଣସି ଗ୍ରାମକୁ ପତ୍ର ଯିବାର ଥିଲେ ସେ ସ୍ଥାନର ନାମ ଏହି ଧାଡ଼ିରେ ଲେଖାଯିବ ।

୪ । ଚତୁର୍ଥ ଧାଡ଼ିରେ ସହରର ନାମ ଯଥା କଲିକତା କିମ୍ବା ଗ୍ରାମକୁ ପତ୍ର ଗଲେ ପରଗନା ଓ ଥାନା କିମ୍ବା ନିକଟସ୍ଥ ଡାକଘରର ନାମ ଲେଖାଯିବ

ମହର ଡାହାଣପାଖ ଉପର କୋଣରେ ଟିକିଟ ବସାଇବାକୁ ହେବ ଏରୂପ ହେଲେ ପତ୍ର ଶିରୋନାମା ଏହିପ୍ରାୟ ହେବ ।

ବାବୁ ଅମ୍ବିକାଚରଣ ଘୋଷ
ଡେପୁଟୀ ଇନ୍‌ସ୍‌ପେକ୍ଟର ସ୍କୁଲ
ନ ୨ ମୁର ଷଡ଼ ଓଲେସଲିଷ୍ଟ୍ରିଟ
କଲିକତା ।

ଅଥବା
ବାବୁ ଅମ୍ବିକାଚରଣ ଘୋଷ
ଡେପୁଟୀ ଇନ୍‌ସ୍‌ପେକ୍ଟର ସ୍କୁଲ
ଦେବଗ୍ରାମ
ଥାନା କାଳୀଗଞ୍ଜ
ଯାହା ପାଇଁ ଡାକଘରବାଟେ

କଟକ ଓ ବାଲେଶ୍ୱର ସ୍କୁଲ ସମୂହର ଡେପୁଟୀ ଇନ୍‌ସ୍‌ପେକ୍ଟର ବାବୁ ଶିବଦାସ ଭଟ୍ଟାଚାର୍ଯ୍ୟ ମହାଶୟ ସାଧାରଣ ଜ୍ଞାପନାର୍ଥେ ଏ ବିଷୟର ଇଂରେଜୀ କାଗଜପତ୍ର ଆମ୍ଭମାନଙ୍କ ନିକଟକୁ ପଠାଇବାରୁ ଉପର୍ଯ୍ୟୁକ୍ତ କଥାମାନ ତହିଁରୁ ସଙ୍କଳନ କରାଗଲା ।

— ✻ ✻ —

## ଅଦ୍ଭୁତ ସମ୍ବାଦ ।

ଦୁଇମାସ ପୂର୍ବେ ଅମ୍ଭେମାନେ ପିମ୍ପିଳି ଭୂତ, ମୁଁଥସାଇଲେ ମହାପ୍ରଭୁ ଇତ୍ୟାଦ ବିଷୟକ ଅଦ୍ଭୁତ ବୃତ୍ତାନ୍ତ ବର୍ଣ୍ଣନ କରି ମନେ କରିଥିଲୁଁ ଯେ ଅଧିକ ଗ୍ରୀଷ୍ମ ଏସମସ୍ତର କାରଣ ଥିଲା । କ୍ରମେ ଗ୍ରୀଷ୍ମକାଳ ଗତ ହେଲା ବୃଷ୍ଟି ଓ ନଦୀନାଳିରେ ପୃଥିବୀ ଶୀତଳ ଓ ଗାଲ ପୋଖରୀମାନ ଅଧୁଅଣି ହେଲା ସୁତରାଂ ଯଥେଷ୍ଟରୂପେ କାଳିବାଲ୍ୟ ପରିଶ୍ରମୀ ବ୍ୟକ୍ତିମାନଙ୍କ ସର୍ବଦା ବ୍ୟସ୍ତ ରହି ବୃଥା କଥାରେ ଦିନ କାଟିବାର ଅବକାଶରୁ ବଞ୍ଚିତ ହେଲେ । ଏହା ଗ୍ରୀଷ୍ମ ଜଣା ପଡୁଥିଲା ଏମନ୍ତ ନୁହଇ ଶୁଣିଲୁଁ ଯେ ଗତ ଉତ୍ସମାନର ଅବକାଶ ଦୋକାନମାନ ବନ୍ଦ ଥିବା ନାହିଁ ଉଥାତ ବ ଆଶ୍ଚର୍ଯ୍ୟ ଯେ ଅଦ୍ଭୁତ କଥା ରଚନା ହେବାର ଶେଷ ହେଉ ନାହିଁ ସେଦିନ ଶ୍ରୀ ଉମାଚରଣ ବାବୁ ବଙ୍ଗଳା ଅକ୍ଷରରେ ଓଡ଼ିଆ ଲେଖିବାର କଥା ବାହାର କରି କେତେ କୌତୁକ ଲଗାଇ ଦେଲେ ଅମ୍ଭମାନଙ୍କର ଜଣେ ପତ୍ରପ୍ରେରକ ଏହାକୁ ବାତୁଳର ବାକ୍ୟ ବୋଲି ସିଦ୍ଧାନ୍ତ କରିଥିଲେ କିନ୍ତୁ ବାଲେଶ୍ୱର ସମ୍ବାଦବାହିକା ଯଥାର୍ଥ ବିଚାର କରି କହନ୍ତି ଯେ ବାବୁ "ବଳିବଲେଇ ହୁଡ଼ିଲେ" ଓ ଏହି ହେତୁରୁ ଅମ୍ଭେମାନେ ବୋଧକରୁଁ କେତେ ସୁନ୍ଦର ବଙ୍ଗାଳି ଏହାକୁ ବେଦପରି ଆଦର ପୂର୍ବକ ଘେନିଅଛନ୍ତି । ସେ ଯାହା ହେଉ ବର୍ତ୍ତମାନ ଏ କଥା ପୁରୁଣା ପଡ଼ିଗଲା ସଂପ୍ରତି ନୂଆ ସମ୍ବାଦ ଶୁଣ ।

କେନ୍ଦ୍ରାପଡ଼ା ସବଡିଭିଜନର ଜଣେ ସବଇନ୍‌ସ୍‌ପେକ୍ଟର ରିପୋର୍ଟ କରିଅଛି ଯେ ହେବିଟି ଅଞ୍ଚଳରେ ଜଣେ ବ୍ରାହ୍ମଣ ବିଲକୁ ଯାଇଥିଲା ସେ ବିଲର ଗଏହାତ ଅନ୍ତରରେ ଗୋଟାଏ ମାକଡ଼ ବସିଥିଲା । ସେ ମାକଡ଼ ବ୍ରାହ୍ମଣକୁ ଦାନ୍ତ ଦେଖାଇବାରୁ ବ୍ରାହ୍ମଣ ପ୍ରଥମେ ଭୟରେ ନ ଗଲା କିନ୍ତୁ ପୁନଃ୨ ଡାକିବାରୁ ପଞ୍ଚାଶ ହାତ ଅନ୍ତରରେ ଛିଡ଼ା ହୋଇ ଦେଖିଲା ଯେ ମାକଡ଼ ଦୁଇପାଖରେ ଦୁଇଟା ନାଗସର୍ପ ରହିଅଛନ୍ତି ଓ ପଛରୁ ଗୋଟାଏ ବଳଦ ମାକଡକୁ କାମୁଡ଼ିବାକୁ ଆସିବାରୁ ସର୍ପ ତାହାକୁ ତଡ଼ି ଦେଇ ପୂର୍ବ ସ୍ଥାନରେ ରହିଲା । ମାକଡ ବ୍ରାହ୍ମଣକୁ ପଚାରିଲା ତୁ କି ଦେଖିଲୁ ସେ ଉକ୍ତ ଘଟନା ଦେଖିବାର କହିଲାରୁ ମାକଡ଼ କହିଲା ଏଣିକି ସଂସାରରେ ଏହିପରି ଆଚରଣ ହେବ । ବ୍ରାହ୍ମଣ କିଛି ଦୁଃଖ ଜଣାଇବାରୁ ଅନୁମତି ମାଗିବାରୁ ମର୍କଟ କହିଲା ତୁ ଏଜନ୍ମରେ ବ୍ରାହ୍ମଣ ହୋଇଅଛୁ ପରଜନ୍ମରେ ତୋ କଥା ଶୁଣାଯିବ । ବ୍ରାହ୍ମଣ ଏ ଅଦ୍ଭୁତ ଘଟନା ଆପଣା ପଡ଼ିଶା ମାନଙ୍କୁ ଦେଖାଇବା କାରଣ ସେଠାକୁ ଡାକି ନେଇ ଯାଇ ଦେଖିଲା ଯେ ମାକଡ଼ ମରିପଡ଼ିଅଛି ସର୍ପ ଶୃଗାଳାଦି କେହି ନାହାନ୍ତି ।

ଲୋକେ କହୁଅଛନ୍ତି ମାଙ୍କଡ଼ ଗୀତ ଗାଇବାର ଶୁଣିଲେ ମଧ୍ୟ ତାହା ସମ୍ଭବ ନୋହିବ ବୋଲି ତାହାର ଅଗ୍ରେ କହିବାର ନୁହେଁ କିନ୍ତୁ ଉଦାହରଣ ନାହିଁକି ଏତେ ବିପରୀତ କଥାମାନ ଉଠୁଅଛି ଏଥିର କାରଣ ଅନୁସନ୍ଧାନ କରିବା ଅନର୍ଥକ ଶ୍ରମ ନୁହଇ ଅତଏବ ଅମ୍ଭେମାନେ ଇଚ୍ଛା କରୁଁ ଯେ ଏଥିର ଅନୁସନ୍ଧାନ ହେଲେ ବଡ଼ କାର୍ଯ୍ୟ ହେବ ।

---

## ବଙ୍ଗାକ୍ଷରେ ଉତ୍କଳଭାଷା ଲେଖିବା

ପ୍ରସ୍ତାବ ବିଷୟରେ ସର୍ବସାଧାରଣର ମତ ଜଣାଇବା ଅଭିଳାଷରେ ଅମ୍ଭେମାନେ ଗତ ସପ୍ତାହଠାରୁ କେତେ ଗୁଡ଼ିଏ ପ୍ରେରିତ ପତ୍ର ପ୍ରକାଶ କରି ଆସୁଅଛୁଁ । ବୋଧକରୁଁ ଏ ବିଷୟରେ ଆଉ କିଛି ବ୍ୟକ୍ତ କରିବା ଆବଶ୍ୟକ ନାହିଁ ଅତଏବ ପତ୍ରପ୍ରେରକଙ୍କୁ ଅନୁରୋଧ ଯେ ସେମାନେ ଏ କଥାକୁ ପରିତ୍ୟାଗ କରି ଅନ୍ୟାନ୍ୟ ବିଷୟ ରଚନା କରିବାରେ ପ୍ରବୃତ୍ତ ହେଉନ୍ତୁ ସଙ୍ଗେ ୨ ପାଠକମାନଙ୍କୁ ଜଣାଇବାର ଆବଶ୍ୟକ ଯେ ଉତ୍କଳୋତ୍ସାହିନୀ ସଭାରେ ଏ ପ୍ରସଙ୍ଗ ଉପସ୍ଥିତ ହୋଇଥିଲା ସେଠାରୁ ଏହି ସିଦ୍ଧାନ୍ତ ହୋଇଅଛି ଯେ ଉକ୍ତ ପ୍ରସ୍ତାବ ସର୍ବାଂଶରେ ପରାଜିତ ହେଲା

Digitized by srujanika@gmail.com

Split by PDF Splitter



ବର୍ତ୍ତମାନ ବଙ୍ଗଭାଷାର ସଭ୍ୟନାଗ୍ରିମଣଙ୍କ ପାଇଁ ଚୈତନ୍ୟ ଚରିତାମୃତ ଓ ପଦାବଳୀ ଇତ୍ୟାଦି ଏ ଦେଶୀୟ ଲୋକମାନେ ଉତ୍କଳ ଅକ୍ଷରରେ ଲେଖି ପଢିବାରୁ ସେଥିରେ ଯେଉଁ ଦୁର୍ଗତି ହୋଇଅଛି ବଙ୍ଗାକ୍ଷରରେ ଲେଖା ହେଲେ ଉତ୍କଳ ଭାଷା ମଧ୍ୟ ସେହି ଅବସ୍ଥା ହେବ ଅତଏବ ଏଥିରେ ଉତ୍କଳ ଭାଷାର ଅନିଷ୍ଟ ଭିନ୍ନ ଉନ୍ନତିର କୌଣସି ଆଶା ନାହିଁ । ପାଠକମାନେ ଅବଗ୍ୟ ଜ୍ଞାତ ଥିବେ ଯେ ଏ ସଭାର ସଭ୍ୟମଣ୍ଡଳୀରେ ଏ ନଗରର ସକଳ ଶ୍ରେଣୀର ପଣ୍ଡିତ ଧନୀ ଓ ସମ୍ଭ୍ରାନ୍ତ ବ୍ୟକ୍ତି ମାନେ ଅଛନ୍ତି ଓ ଏତାର ମତକୁ ଦେଶର ମତ ବୋଲି ଅନାୟାସରେ ନିଶ୍ଚୟ ହୋଇପାରେ ।

# ସାପ୍ତାହିକ ସଂବାଦ

ଆମ୍ଭେମାନେ ଶୁଣି ବଡ ଆନନ୍ଦ ହେଲୁଁ ଯେ କଲିକତା ସ୍କୁଲବୁକ ସୋସାଇଟି ଦକ୍ଷିଣପଶ୍ଚିମ ବିଭାଗର ଇନସ୍ପେକ୍ଟରଙ୍କୁ ଜଣାଇଅଛନ୍ତି ଯେ କଟକନଗରରେ ଉତ୍କଳପୁସ୍ତକ ପରୀକ୍ଷା କରିବା କାରଣ ଯେଉଁ ସଭା ହେବ ସେ ସଭାର ମତ ଭିନ୍ନ କୌଣସି ଉତ୍କଳପୁସ୍ତକ ମୁଦ୍ରିତ କରିବାର ଭାର ସେମାନେ ଗ୍ରହଣ କରିବେ ନାହିଁ । ଶ୍ରୀଯୁକ୍ତ ମାର୍ଟିନ ସାହେବ ଏନଗରର ଉତ୍କଳ ଉତ୍ତମରୂପେ ଜାଣିଥିବା କେତେ ବ୍ୟକ୍ତିଙ୍କୁ କମିଶନରଙ୍କ ପରାମର୍ଶାନୁସାରେ ଏସଭାର ସଭ୍ୟ ମନୋନୀତ କରି ଡାଇରେକ୍ଟରଙ୍କ ମଞ୍ଜୁର କାରଣ ପଠାଇଅଛନ୍ତି । ଏପ୍ରସ୍ତାବ ସେଠାରୁ ଗବର୍ଣ୍ଣମେଣ୍ଟକୁ ଯିବ ଓ ସଭ୍ୟମାନେ ଶୀଘ୍ରମତ ଗବର୍ଣ୍ଣମେଣ୍ଟର ନିଯୁକ୍ତ ହୋଇ କାର୍ଯ୍ୟାରମ୍ଭ କରିବେ । ଏବେ ଯାହେ ଦେଖା ଗଲା ଯେ ଗବର୍ଣ୍ଣମେଣ୍ଟ ଉତ୍କଳଭାଷାର ଦୁର୍ଦ୍ଦଶା ମୋଚନ ପକ୍ଷରେ ଦୃଢକଳ୍ପ ହୋଇଅଛନ୍ତି ଓ ଆମ୍ଭେମାନେ ପୁନଃପୁନ ଏହି ପ୍ରସ୍ତାବ କରିଥିବାରୁ ଏତେ କାଳେ ତାହା ସଫଳ ହେବାର ସମ୍ଭାବନା ଦେଖି ବିଶେଷ ଆନନ୍ଦିତ ହେଉଅଛୁଁ ।

ଆମ୍ଭେମାନେ ଅବଗତ ହେଲୁଁ ଯେ ଜଗତସିଂହପୁରର ଅସିଷ୍ଟାଣ୍ଟ କଲେକ୍ଟର ଢକ ସାହେବ ଭଦ୍ରକ ସବଡିଭିଜନକୁ ଶୀଘ୍ର ବଦଳି ହେବେ । ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହେବା ଏଥିର କାରଣ ଅଟଇ ।

ଏ ନଗରର ବେଶ୍ୟାମାନେ ଦୁର୍ଭିକ୍ଷସମୟରେ ଯେସମସ୍ତ ଅନାଥ ପିଲାଙ୍କୁ ପାଳିଥିଲେ ସେମାନଙ୍କର ଭବିଷ୍ୟତ ଶୋଚନୀୟ ଦଶା ଦୃଷ୍ଟିରେ ସ୍ଥାନୀୟ ହାକିମଙ୍କ ପ୍ରସ୍ତାବାନୁସାରେ ଗବର୍ଣ୍ଣମେଣ୍ଟ ଏ ସମସ୍ତ ବାଳିକାଙ୍କୁ ଉଦ୍ଧାରନେବାର ଆଜ୍ଞା ଦେଇଅଛନ୍ତି । ଦୁଇ ତିନିଦିନ ହେଲା ପୁଲିସ ସମସ୍ତ ବେଶ୍ୟାଙ୍କ ଘର ବୁଲି ଯାହା ଘରେ ଯେତେ ବାଳିକା ଅଛନ୍ତି ତାଲିକା କରି ନେଇଅଛନ୍ତି । ଶୁଣାଯାଏ ବାଳିକାଙ୍କ ରକ୍ଷକଙ୍କୁ ଟଙ୍କା ଦେଇ ସରକାର ଏମାନଙ୍କୁ ପାଦ୍ରୀ ସାହେବଙ୍କୁ ସମର୍ପଣ କରିବେ ଏଥିରେ ନଗରସ୍ଥ ବେଶ୍ୟାମଣ୍ଡଳୀରେ ଯେ ହାହାକାର ପଡିଅଛି ତାହା କହିବାର ନୁହଇ ଏବଂ ପୁଲିସ ଯେଉଁ ଟାଣ ତଦାରଖ କରିଅଛନ୍ତି ସେଥିରେ ସମସ୍ତେ ଥରହର କମ୍ପୁଅଛନ୍ତି । ପୁଲିସ ହସ୍ତରେ କୌଣସି କର୍ମ ସମର୍ପଣ କଲେ ସେଥିରେ ବଡ଼ ଧୂମଧାମ ହୁଅଇ ଏ ଗୋଟିଏ ପୁଲିସର ସାଧାରଣ ଲକ୍ଷଣ ଅଟେ ।

ପୁଲିସକର୍ମଚାରୀଙ୍କୁ ଛୁଟି ଦେବା ବିଷୟରେ ପୁଲିସର ଇନ୍ସପେକ୍ଟର ଜେନେରଲ ସାହେବ ଗବର୍ଣ୍ଣମେଣ୍ଟ ବଙ୍ଗାଳଙ୍କ ନିକଟରୁ ଆଜ୍ଞା ପ୍ରାର୍ଥନା କରିବାରୁ ସେଠାରୁ ବିଧାନ ହୋଇଅଛି ଯେ ଗେଜେଟରେ ପ୍ରକାଶିତ କି ୧୩୦ ଣ ପୁଲିସ କର୍ମଚାରୀଙ୍କ ମଧ୍ୟରୁ ଏକ ସମୟରେ ଶତକରେ କୋଡିଏ ଲୋକ ଅର୍ଥାତ୍ ସର୍ବସୁଦ୍ଧା କି ୨୬ ଣ ଛୁଟି ପାଇପାରନ୍ତି ।

ବିଶ୍ୱାସ ହୋଇଲେ ଏକ ସାକ୍ଷିର ସାକ୍ଷ ଦ୍ୱାରା କୌଣସି ବିଷୟ ଯଥେଷ୍ଟ ରୂପେ ସପ୍ରମାଣ ହୋଇ ପାରେ । ସନ ୧୮୭୮ ମସିହାର ନ ୩୦୭୮ ମୂର ମୋକଦ୍ଦମା କଲିକତା ହାଇକୋର୍ଟର ଫଏସଲା ଦେଖ ।

କୋରଡ ସମ୍ପତ୍ତି କ୍ରୋକଗ୍ରସ୍ତ ଦାୟୀର ନିଜର ସମ୍ପତ୍ତି ନୁହଇ ତାହା ଅନ୍ୟର ସମ୍ପତ୍ତି କେବଳ ବନ୍ଧକଦସ୍ତ ଦାୟୀର ଜିମ୍ମାରେ ଥିଲା ଏହି ହେତୁରେ ଯେବେ ଅଦାଲତ ତାହାର କୋରକ ଖଲାସ ଦିଅନ୍ତି ତେବେ ସେ ହୁକୁମ ବିରୁଦ୍ଧରେ ଦେଓ୍ୱାନି କାର୍ଯ୍ୟବିଧିର ଧା ୨୪୬ ର ମତେ ଅପିଲ ହୋଇ ନ ପାରିବ । ସନ ୧୮୭୮ ମସିହାର ନ ୪୩୨ ମୂର ମୋକଦ୍ଦମାର ନଥି ଦେଖ ।

ପରନ୍ତୁ ଲକ୍ଷଣ ପୂର୍ବୋକ୍ତ ଅବହିତ କର୍ମଚାରୀ ନିଯୋଗ ଉପଲକ୍ଷରେ ସନ ୧୮୬୭ ମସିହାରେ ଗବର୍ଣ୍ଣମେଣ୍ଟ ବଙ୍ଗାଳର ଯେ ନିୟମାବଳୀ ପ୍ରଚାରିତ ହୋଇଥିଲା ତାହା ଆଉ ରହିବ ନାହିଁ । ଭବିଷ୍ୟତରେ ବଙ୍ଗ ମର୍ଯ୍ୟାଦା ଓ କାର୍ଯ୍ୟ ଦକ୍ଷତା ଦେଖି ଏରୂପ କର୍ମଚାରୀ ଭୃତ ହେବ ।

ବଙ୍ଗଳା ଗବର୍ଣ୍ଣମେଣ୍ଟ ସଂସ୍କୃତ ପୁସ୍ତକସମୂହର ଗୋଟିଏ ତାଲିକା ପ୍ରସ୍ତୁତ କରିବା ନିମିତ୍ତ ଏସିୟାଟିକ ସୋସାଇଟୀର ସାହାଯ୍ୟ ଚାହିଁଅଛନ୍ତି ।

ବ ୨୪ ର୍ଷ ବୟସ ପର୍ଯ୍ୟନ୍ତ ମନୁଷ୍ୟ ଦେହରେ ଦୈନିକ ତାପ ପରିବର୍ତ୍ତନର ଗୋଟିଏ ନିୟମ ଆବିଷ୍କୃତ ହୋଇଅଛି । ପ୍ରତିଦିନ ବେଳା ନଅ ସମୟରେ ତାପାଧିକ୍ୟ ହୋଇ ଅଂ ୯୯ ପର୍ଯ୍ୟନ୍ତ ଉଠଇ । ଏହି ସମୟଠାରୁ ବେଳା ଘ ୬ ଟା ଅର୍ଥାତ୍ ସନ୍ଧ୍ୟାକାଳ ପର୍ଯ୍ୟନ୍ତ ସମଭାବରେ ଥାଏ ଅନନ୍ତର କ୍ରମଶଃ ନ୍ୟୂନ ହୋଇ ରାତ୍ରି ଦୁଇପ୍ରହର ଶେଷାକଠାରୁ ଘ ୩ ଟା ପର୍ଯ୍ୟନ୍ତ ନ୍ୟୂନତାର ଚରମ ସୀମାରେ ଉପସ୍ଥିତ ହୁଅଇ । ପୁନଶ୍ଚ ରାତ୍ରି ଘ ୩ ଟା ଉତ୍ତାରୁ କ୍ରମଶଃ ବର୍ଦ୍ଧିତ ହୋଇ ବେଳ ଘ ୯ ଟା ସମୟରେ ପୂର୍ବ ପରିମାଣ ପ୍ରାପ୍ତ ହୁଅଇ । ବ ୨୪ ର୍ଷର ଅଧିକ ବୟସରେ ଏରୂପ ପରିବର୍ତ୍ତନ ଲକ୍ଷିତ ହୋଏ ନାହିଁ ।

ବାଲେଶ୍ୱର ସଂବାଦ ବାହକାରେ ଲେଖନ୍ତି ଯେ ଉକ୍ତ ନଗର ଏବଂ ତନ୍ନିକଟବର୍ତ୍ତି ସ୍ଥାନମାନଙ୍କରେ ବୃଷ୍ଟି ନୋହିବା ହେତୁରୁ କୃଷିକାର୍ଯ୍ୟ ପକ୍ଷରେ ବଡ଼ ବାଧିତ ହେଉଅଛି । ମେଘ ଗଗନମଣ୍ଡଳ ଆଚ୍ଛାଦନ କରି ରହି ଅଛି ବୃଷ୍ଟିର ଦେଖା ନାହିଁ ।

ଇନ୍ଦୁପ୍ରକାଶ ବୋଲନ୍ତି, ବୋମ୍ବାଇରେ ଯେଉଁ ବିଧବାର ବର୍ତ୍ତମାନ ବିବାହ ହୋଇ ଯାଇଅଛି, ତାହାକୁ ଜାମନ୍ଦର ମହାରାଜ ଟ ୧୦୦୦ ଯୌତୁକ ଦେଇଅଛନ୍ତି ।

ରଥତଙ୍କାର ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ମାକଲୀଲନ ସାହେବ କି ଯାହାଙ୍କର ଅତ୍ୟାଚାରର ବିଷୟ ପୂର୍ବେ ଲେଖିଥିଲୁଁ ତାଙ୍କୁ ବଦଳି ହୋଇଅଛନ୍ତି ଓ ତାହାଙ୍କର କ୍ଷମତା ନ୍ୟୂନ ହୋଇଅଛି । ଏହିକ ମାଦ ଦଣ୍ଡରେ ମୁକ୍ତ ପାଇଲେ ବଡ଼ ସୌଭାଗ୍ୟର ବିଷୟ ।

ସନ ୧୮୭୮ ମସିହାରେ ସର୍ପଦଂଶନ ଓ ବ୍ୟାଘ୍ରଦଂଶନ ହେତୁରୁ ମଧ୍ୟପ୍ରଦେଶରେ ୨୮୩୬ ଣର ପ୍ରାଣ ନାଶ ହୋଇଅଛି । ବନ୍ୟପଶୁ ଦୁଃଖରେ କି ୩୮୭ ଣ ଓ ଘର କାଟ ଓ ଗାଈ ପଶୁଦ୍ୱାରା ... ଜଣ ମୃତ୍ୟୁ ହୋଇଅଛି । ଏସମସ୍ତ ମଧ୍ୟରେ ସର୍ପଦଂଶନଦ୍ୱାରା ମୃତ୍ୟୁ ଅଧିକ ଓ

Digitized by srujanika@gmail.com

ର ୧ ବୁଡିଗଲବା ଲୋକ ସଂଖ୍ୟା ୧୮୮୮ଣ ଜଳମଗ୍ନ ଓ ସର୍ପଦଂଶନରୁ ସ୍ପ ସମାନ ... ମୃତ୍ୟୁ ହେବାର ବୋଧ ହୁଅଇ।

ଟ୍ରେଇନିଡ଼ସ ଲେଖନ୍ତି ଯେ ସ୍ୱ ବାହାଦୁର-ପଦର ମୂଲ୍ୟ ବର୍ତ୍ତମାନ ଲକ୍ଷଟଙ୍କା ହୋଇଅଛି। କାରଣ କ୍ଲାଇପରର ସାହବନଓଁାସୀ ଲାଲ ଦେ ୪ାଏ ସବ୍ରର ଉର୍ମାଣ ନିମିତ୍ତ ଏକଲକ୍ଷ ଟଙ୍କା ଦେବାରୁ ଉକ୍ତ ପଦ ପାଇଅଛନ୍ତି।

ବାବୁ ଶୀଳାକାନ୍ତ ମୁଖାର୍ଜ୍ଜୀ ଡିପୋଟୀ ମାଜି-ଷ୍ଟ୍ରେଟ କଟକଠାରୁ ଯଶୋରକୁ ବଦଳି ହେଲେ।

ଗତ ଅପ୍ରେଲମାସ ପରୀକ୍ଷାରେ ଯେ ସମସ୍ତ ଉପେଡ଼ିମାନେ ବିଫଳ ହେଲେ ସେମାନଙ୍କ ମଧ୍ୟରୁ ୫୦ଣ କର୍ମରୁ ବରଖାସ୍ତ ହୋଇଅଛନ୍ତି ତିନ୍ନଧରେ ବାଲେଶ୍ୱରର ସପ୍ଟେ ସାହେବ ଅଛନ୍ତି।

ମିର୍ଜାପୁର ଜିଲ୍ଲାରେ ଏତେବେଳ ଯାଏ ଦୁର୍ଭିକ୍ଷ ନିବାରଣ ହୋଇ ନାହିଁ। ପ୍ରାୟ ୧୪୦୦ ଜଣ ଭିକ୍ଷା ଅନ୍ନ ପାଉଅଛନ୍ତି ଏବଂ ଗତ ଦୁଇମାସରେ ଦୁଇଶହ ଲୋକ ଅନାହାରରେ ମରିଥିବାର ଜାଣିବା ହୋଇଅଛି ଅଧିକନ୍ତୁ କେତେ ଅଜ୍ଞାତ ସାରରେ ମରିଥିବାର ସମ୍ଭବ ହୁଅଇ।

କଲିକତା କଷ୍ଟମହାଉସର ଖଜାଞ୍ଚି ନବଦ୍ୱୀପ ଟଙ୍କାର ହେସାବ ସହିତ ଅଦୃଶ୍ୟ ହୋଇଅଛି। ଶୁଣା ଯାଏ ସେ ଏକବ୍ୟକ୍ତି ଧର୍ମସଭାରେ ଲୁଚିଅଛି। ଡେଲିନିଉସ ପ୍ରକାଶ କରିଅଛନ୍ତି ଯେ କଷ୍ଟମ କଲେକ୍ଟର ସାହେବଙ୍କୁ ଅପହୃତ ୫୫୦,୦୦୦ ଙ୍କା ଅପଣା ହାତରୁ ଭରଣା କରିବାକୁ ଗବର୍ଣ୍ଣମେଣ୍ଟ ଅଜ୍ଞା ଦେଇଅଛନ୍ତି କାରଣ ସେ ଉହାରଗରେ ତ୍ରୁଟି କରିବାର ସ୍ୱୀକାର ହେଲା।

—=○✻○=—

## ପ୍ରେରିତପତ୍ର।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ
ନିବେଦନମିଦଂ

ମହାଶୟ! ଏହି କଟକନଗରରେ କେତେକ ସଭ୍ୟ ବ୍ୟକ୍ତିମାନେ ଏକତ୍ରିତ ହୋଇ ଉଦ୍ଦୀପନୀ ନାମକ ଏକଗୋଟି ସମାଜ ଏହି ଦେଶର ହିତସାଧକ ନିମିତ୍ତ ସ୍ଥାପନ କରନ୍ତି [illegible]। ତାହା ଉପ୍ପ ସାଧାରଣରେ ବିଦିତ ଅଛି, ତଥାପି ପୁଣି ବାର ସମାଜ ଚର୍ଚ୍ଚାରିତ ଅଦ୍ୟ୍ୟପକାରସମ୍ବାଦ ପାଠକମହାଶୟମାନଙ୍କୁ ଅବଗତ କରାଇବା ନିମିତ୍ତ ନିମ୍ନଲିଖିତ କେତେକ ପଂକ୍ତି ପ୍ରେରଣ କରୁଅଛି ସଂଶୋଧନପୂର୍ବକ ଭବଦୀୟ ପତ୍ରିକାରେ ସ୍ଥାନଦାନ କରି ବାଧିତ କରିବାଦେବେ।

ଉକ୍ତ ଅଧିବେଶନରେ କେତେକ ବଙ୍ଗୀୟ ସଭମାନେ ବକ୍ତୃତାଦ୍ୱାରା ଏହା ବ୍ୟକ୍ତ କଲେ ଅଛନ୍ତି ଯେ ଉତ୍କଳ ପୁସ୍ତକମାନ ବଙ୍ଗାକ୍ଷରରେ ମୁଦ୍ରିତ କରି ପ୍ରଚାର କଲେ ଏବଂ ଏଦେଶୀୟ ଜନେଦାର-ଉକାରମାନଙ୍କରେ ବଙ୍ଗାକ୍ଷର ବ୍ୟବହାର କଲେ ଅନେକ ଧର୍ମଷ୍ଟ ଲିପି ବଙ୍ଗୀୟମାନଙ୍କ ସହବାସରେ ଏତଦେଶର ଅନେକ ଉପକାର ଓ ସ୍ୱାବୃଦ୍ଧି ହୋଇବ। ଏହିବିଷୟରେ କେତେକ ଏ ଦେଶୀୟ ବ୍ୟକ୍ତିମାନେ ଆପତ୍ତି ଉତ୍ଥାପନ କରିଥିଲେ କିନ୍ତୁ ଶ୍ରୀ ବାବୁ ରାଜକୃଷ୍ଣ ବନ୍ଦ୍ୟୋପାଧ୍ୟାୟ ମହାଶୟ ସ୍ୱୀୟ ଅସାଧାରଣ ବିଦ୍ୟାବତା ଓ ବାକ୍ପଟୁତା ସହକାରେ ବହୁ ବାଗାଡମ୍ବର କରିବାରେ ଉକ୍ତିଭୃତ ବିଷୟ ଧାର୍ଯ୍ୟ ହେଲା।

ବାବୁମହାଶୟ ଅନେକ ବଦ୍ୟାରେ ପରିପୂର୍ଣ୍ଣ ହୋଇ ପ୍ରଶଂସାପତ୍ରମାନ ଲାଭ କରି "ଏମେ" ଉପାଧି ପ୍ରାପ୍ତ ହୋଇଅଛନ୍ତି, ସ୍ୱଦେଶର ପ୍ରତି ବିରକ୍ତ ହୋଇ ଉତ୍କଳର ଉନ୍ନତିନିମିତ୍ତ ବ୍ରତସ୍ଥିତ ହୋଇ ଅମ୍ଭମାନଙ୍କର ସୌଭାଗ୍ୟକ୍ରମେ ଏ ଦେଶରେ ଅବତୀର୍ଣ୍ଣ ହୋଇଅଛନ୍ତି। ଉତ୍କଳର ସୌଭାଗ୍ୟ, ମନୋମତ ଉପଯୁକ୍ତ ଲୋକ ପାଇଅଛି, ଅନେକ ପ୍ରତିପତ୍ତି ଲାଭ କରିବ।

କତ ଦୁଃଖର ବିଷୟ, ବାବୁ ଯେପ୍ରକାର ଉଦ୍ଧାନ୍ତ ତାହାଙ୍କ ତଠାରେ କେତେଗୋଟି ଉତ୍କଳ ଅକ୍ଷର ରହିବାରୁ ଯେବେ ସ୍ଥାନ ଥାନ୍ତା ତେବେ ପଞ୍ଜାବତ ଆଉ ନ ଥିଲା। ବାବୁ ଏକପ୍ରକାର ଉତ୍ତରଭାର କର୍ମ କରି ଉପାଧିର "ଏ" ଲୋପ କରିଅଛନ୍ତି ଇତି।

ତା ୧୯ ଇଶ ଜୁଲାଇ
ସନ ୧୮୬୯ ସାଲ } । ଲି। ଶ୍ରୀରତ୍ନପଞ୍ଚାନନ

—○○○—

ମାନ୍ୟବର ଶ୍ରୀଯୁକ୍ତ ସମ୍ପାଦକ ମହାଶୟ
ସମୀପେଷୁ
ରଚନ ସ୍ୱର

ଉତ୍କଳ ଅକ୍ଷର। ଜଳ ହୋଇଣ ବେଳରୁ କରନ୍ତ ବଡ଼ ଦୁଃଖେ ଦର୍ଶକାରୀ। ପଦ।

କିଛି ଲିଖିଲି କେବା ଲିଖିବ ଛନ୍ଦ। ଏକାଳି ବାନ୍ଧି ଅଛି ଏ ଦେଶର। ଦେଖିଲେ ନ ଦେଖ ହୋଇଲେକି ଶ୍ରେଷ୍ଠ ନାଶ ମନାସନ୍ତି ମୋର। ୧।

ଦର୍ଶନେ ଭୂଗୋଲ ଚନ୍ଦ୍ର ସୂର୍ଯ୍ୟ ଗୋଲ ଗଗନେ ଶୋଭନ୍ତର। ଅନୁମାନ ମୋର ହେ ମଣିବାର ଗୋଲ ମୂର୍ତ୍ତି ସୁନ୍ଦର। ୨।

ଗୋଲକମା ଜାଣି ହୋଏ ମନୋହରୀ ଶୋଭି ସବୁ ଗୋଲକାର। ଅନୁସର ଏହ ହେଲି ଗୋଲ ମୂର୍ତ୍ତି ଗୋଲ କରନ୍ତି ବିହାର। ୩।

ଯେବେ ମଣି ବର୍ଣ୍ଣ ସୁନ୍ଦର ଶିକଣ ଦିଶୁନ୍ତି ରୂପ ମୋହର। ଏ ବସ୍ତୁମାନଙ୍କ ସତେ ଭେଟିବାକୁ ସତ କଲିବ କି ତାର। ୪।

ଯେଣି ଏ ପ୍ରସ୍ତାବ ଉଦ୍ଦେଶ୍ୟକୁ କଲିବଲି ସେ ବୁଥାର। ଭଣଇ ମୋହନ ବ୍ୟସ୍ତ ହୃଦୟରେ ଏକଲ୍ପନା ବାତୁଲର। ୫।

ମୁକାମ କଟକ ତା ୨୦ ଇଶ ମାହେ ଯୁଲାଇ
ସନ ୧୮୬୯ ସାଲ

—=○=—

ମହାଶୟ ଉମାଚରଣବାବୁଙ୍କ କଥା କେତେ କାର୍ଯ୍ୟକର ତାହା ଦେଖିବା ପାଇଁ ଆପଣଙ୍କୁ ପ୍ରାର୍ଥନା କରେ ଯେ ଅନୁଗ୍ରହ ପୂର୍ବକ ଏ ଉତ୍କଳ ଗୀତିକୁ ବଙ୍ଗଳା ଅକ୍ଷରରେ ପ୍ରକାଶ କଲେ ଅତି ବାଧିତ ହେବୁଁ।

ଗୀତ।

গঙ্গাত, কি শুণিলি আচম্বিত, নাহিঁ এথু বলি বিপরীত রে॥

ওড়িআ পীইকি যাহাঙ্ক পড়িয়া করম বটিয়া হেলা॥ বণা কলা তাঙ্ক ওড়িয়া অক্ষর তাঙা অড়ুআ লাগিলা রে॥ ১॥

শিখি নানা জ্ঞান বোলান্তি সজাণ বুদ্ধি হোইছি নিবাড়॥ একি ইটহটা অক্ষর কেতোটা মণ্ডুছন্তি কণ্টা বাড় রে॥ ২॥

টাণপণে জণে সিহ্রাণতাগুক্ক যতনে পিহাণ কেড়ি॥ বঙ্গলাঅক্ষরে ওড়িয়া লেখিবা বিধি কি দেইছি ইতি রে॥ ৩॥

পাই এ বিধান চাটিঙ্ক প্রধান করুছন্তি যেতে নাট॥ তা দেখি মুঁ ভালে পয়চহ দেলে সিশির কণাকু বাট রে॥ ৪॥

କସମ୍ପୃଦ
ନବଗୁଞ୍ଜର

☞ ଏହି ଉତ୍କଳଦୀପିକା ସହର କଟକ ବଲ-ସାବଜାର କଟକପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା।

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା ।

ଭା ୪ ଗ
ସଂ ୩୧ ଖ୍ୟା

ତା ୩୧ ରଖ ଜୁଲାଇ ସନ ୧୮୬୯ ମସିହା । ମୁ । ଶ୍ରାବଣ ଦ ୧୮ ନ ସନ ୧୨୭୬ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୪୲
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୲
ମଫସଲ ପାଇଁ ଡାକମାସୁଲ ୧୲

## ରଥଯାତ୍ରା

ଗତ ସପ୍ତାହରେ ଆମ୍ଭେମାନେ ଲେଖିଥିଲୁଁ ଯେ ଏବର୍ଷ ଯାତ୍ରିଙ୍କ ସଂଖ୍ୟା ଅନୁମାନିକ ଛ ୬୦୦୦ ଣ ହେବ କିନ୍ତୁ ପଶ୍ଚାତ ସମ୍ବାଦ ପାଇଅଛୁଁ ଯେ ଯାତ୍ରିଙ୍କ ସଂଖ୍ୟା କାରଣ ଅଠରନଳା ଘାଟଠାରେ ପୁଲିସ ନିଯୁକ୍ତ ହୋଇଥିଲା ଓ ସେମାନଙ୍କ ଗଣନାନୁସାରେ ଜୁଲାଇ ମାସ ତା ୧୧ ରଖ ଠାରୁ ତା ୧୭ ରଖ ପର୍ଯ୍ୟନ୍ତ ଦେଶୀ ବିଦେଶୀ ଯାତ୍ରିଙ୍କ ସଂଖ୍ୟା ଛ ୧୧୮୦୩ ଣ ହୋଇଥିଲା ଅତଏବ ଏହି ଜନସଂଖ୍ୟାକୁ ନିଶ୍ଚୟ କରିବାକୁ ହେବ ।

ଗୁଣ୍ଡିଚାଘରଠାରେ ଯେଉଁ ଦୁର୍ଘଟନା ହୋଇଥିଲା ତହିଁ ସମ୍ବନ୍ଧରେ ଯେଉଁ ପତ୍ର ପାଇଅଛୁଁ ସେଥିରୁ ଜାଣିଲୁଁ ଯେ ଆମ୍ଭମାନଙ୍କର ପୂର୍ବ ପ୍ରକାଶିତ ବୃତ୍ତାନ୍ତରେ କିଛି ଭ୍ରମ ଥିଲା । ପତ୍ରପ୍ରେରକ ଜଣାନ୍ତି ଯେ ଅଠଜଣ ଲୋକ ଆହତ ହୋଇଥିଲେ ତହିଁରୁ ଏକଜଣ ସେଠାରେ ମରିଗଲା ଓ ସାତଜଣ ହାସପାତାଲକୁ ପ୍ରେରିତ ହେଲେ ତହିଁ ମଧ୍ୟରୁ ଆଉ ଏକଜଣ ମରିଗଲା ଓ ଅବଶିଷ୍ଟ ଛ ୬ ଣ ଆପଣା ଘରକୁ ଗଲେ । ଦୁର୍ଘଟନା ସମୟରେ ପୁଲିସ କର୍ମ୍ମଚାରୀମାନେ ରଥ ନିକଟରେ ଥିଲେ । ଗୁଣ୍ଡିଚା ଦ୍ୱାର ରକ୍ଷା ସକାଶେ ସ୍ୱତନ୍ତ୍ର ଲୋକ ନିଯୁକ୍ତ ଥିବାରୁ ଏମାନଙ୍କର ପ୍ରୟୋଜନ ନ ଥିଲା କିନ୍ତୁ ଦୁର୍ଘଟନା ହେଲା କ୍ଷଣି ପୁଲିସ ସେଠାକୁ ଆସି ସାହାଯ୍ୟ କରିବା ଓ ତାଙ୍କ ସାହାଯ୍ୟ ବିନା ବହୁତର ଲୋକ ନଷ୍ଟ ହେବାର ସମ୍ଭାବନା ଥିବାର ପତ୍ରପ୍ରେରକ ଲେଖିଅଛନ୍ତି । ପୁଲିସ ପ୍ରଥମେ ପୀଡ଼ିତ ବ୍ୟକ୍ତିଙ୍କର ଉଦ୍ଧାର ଉପାୟ କରି ତତ୍ପରେ ଯେଉଁ ଦୁଇଜଣ ଦ୍ୱାରି କୁଞ୍ଚା ଓ ପଇସା ଲୋଭରେ ଦ୍ୱାର ଫିଟାଇ ଦେଇ ଏ ଦୁର୍ଘଟନା ଘଟାଇଲେ ସେମାନଙ୍କୁ ଦଣ୍ଡବିଧିର ଦ ୩୦୪ ଧା ଅପରାଧରେ ଗିରଫ୍ତାର କରି ବିଚାର କାରଣ ପଠାଇଲେ ଓ ମାଜିଷ୍ଟ୍ରେଟ ସାହେବ ସ୍ୱୟଂ ତରଜମିନ ତଦାରକ କରି ଉକ୍ତ ଦୁଇ ଦ୍ୱାରିଙ୍କ ଉପରେ ଅଭିଯୋଗ କରିଅଛନ୍ତି । ଗତ ତା ୨୭ ରଖ ପର୍ଯ୍ୟନ୍ତ ମୋକଦ୍ଦମା ନିଷ୍ପତ୍ତି ହୋଇ ନ ଥିଲା ।

ପତ୍ରପ୍ରେରକ ପୁଣି ମହାରାଜଙ୍କ ବିଷୟରେ ଲେଖନ୍ତି ଯେ ପୁଲିସ କନଷ୍ଟବଲ ଓ ସବ୍‌ଇନ୍‌ସ୍ପେକ୍ଟରଙ୍କ ପ୍ରବେଶ ସମୟରେ ମହାରାଜ ଓ ତାହାଙ୍କର ଅନେକ ଲୋକ ସେଠାରେ ଥିଲେ କିନ୍ତୁ ସମସ୍ତେ ପଳାୟନ କଲେ ଓ ମହାରାଜଙ୍କ ପକ୍ଷରୁ ଅନେକ ଦେଖିଥିଲା ହେବାରୁ ତାହାଙ୍କ ନାମରେ ସରକାରଙ୍କୁ ରିପୋର୍ଟ ଯିବାର ବୋଧ ହୁଅଇ । ଏଥିରୁ ରାଜା ନାବାଳଗ ଏପ୍ରକାର ହେଲେ ତାହାଙ୍କୁ ବୁଦ୍ଧି ସମ୍ମତ କାର୍ଯ୍ୟ କରିବାର ଅପେକ୍ଷା ହୋଇ ନ ପାରେ କିନ୍ତୁ ତାହାଙ୍କ ତରଫରୁ ଯେଉଁ ଲୋକେ ନିଯୁକ୍ତ ଥିଲେ ସେମାନଙ୍କର ଦୋଷ କହିବାକୁ ହେବ ।

" ସେ ଦ୍ୱାରରେ ପୁଲିସର କନିଷ୍ଠମାନ ଅଧିକାର ନ ଥିବାରୁ କେହି କନଷ୍ଟବଲ କାରଣ ନ ଥିଲେ କି ସନ ୧୮୬୮ ମସିହାରେ ଯେ ଦେଉଳରେ ଛ ୨୩ ଣ ମନୁଷ୍ୟ ମରିଥିଲେ ସେ ସମୟରେ ଛ ୧୦୦ ଣ ବରକନ୍ଦାଜ ଓ ଦୁଇଜଣ ଜମାଦାର ପୁଲିସ ମନ୍ଦିରରେ ରହିବାର ମହାରାଜଙ୍କୁ ବହୁତର ଦରମାହା ଦେବାକୁ ପଡ଼ିଲା ତହୁଁ ସେ ସବୁରେ ଜଣାଇ ମନ୍ଦିରମଧ୍ୟରେ ଯେ ଘଟନା ହେବ ତହିଁର ଜବାବଦିହି ମନ୍ଦିର ମୁଦ୍ରିଷ୍ଟଙ୍କର ରହିବ ପୁଲିସର କିଛି ଜବାବଦିହି ନାହିଁ ବୋଲି ଚିଠି ଆସିଥିଲା ଏ ଯୋଗୁଁ ସେ ଦ୍ୱାରମାନଙ୍କରେ ପୁଲିସ ନ ଥିଲା ପରେ ପୁଲିସ ତରଫ ରଥ ଟଣାଇବାରେ ନିଯୁକ୍ତ ଥିଲେ ପରେ ମହାରାଜ ଗୋଟିଏ ଏ ଦୁର୍ଘଟନାର ମୂଳକାରଣ ପ୍ରକାଶ କରିଅଛନ୍ତି କି ସେ ଗୁଣ୍ଡିଚାଘରର ଭିତର ଦ୍ୱାର ସିଂହାସନ ପିଣ୍ଡିକା ଓ ସେ ବେଢ଼ା ମଧ୍ୟରେ ଥିବା ବୃକ୍ଷାଦିର ତଳକୁ ଜଗମୋହନ ଦ୍ୱାରି ଓ ପୈଠଣି ମାହାନ୍ତି ଏ ଦୁଇ ଜଣଙ୍କୁ ମାସିକ ୭୦ ଟଙ୍କାକୁ ଇଜାରା ଦେଇଥିବାରୁ ସେ ଦ୍ୱାରରେ ସେ ଇଜାରଦାରମାନଙ୍କର ସର୍ବ ଅଧିକାର ଥିଲା ଏ ଯୋଗୁଁ ମହାରାଜଙ୍କର କେହି ମଧ୍ୟ ବରକନ୍ଦାଜ ଓ ଲୋକ ସେ ଦ୍ୱାରରେ ନ ଥିଲେ ଯଦ୍ୟପି କେହି ବରକନ୍ଦାଜ ଓ ଲୋକ ଥାନ୍ତେ ତେବେ ଦ୍ୱାରିମାନେ କଦାଚ କବାଟ ଖୋଲି ନ ଥାନ୍ତେ ଜାଣିବା ହେବେ ।"

ଆମ୍ଭେମାନେ ଭରସା କରୁଁ ଯେ କର୍ତ୍ତୃପକ୍ଷମାନେ ପତ୍ରପ୍ରେରକଙ୍କ ଉପର ଲିଖିତ ମତର ଯଥାର୍ଥ ବିବେଚନା କରି ଏରୂପ ଦୁର୍ଘଟନା ଯେମନ୍ତ ଭବିଷ୍ୟତରେ ନ ହୁଅଇ ସେଥିର ଉପାୟ କରିବେ । ସାମାନ୍ୟ ବିବେଚନାରେ ବୋଧ

Digitized by srujanika@gmail.com

ହୁଅଇ ଯେ ଏପ୍ରକାର ଉଚ୍ଚସ୍ଥ ବେଇ ଶାନ୍ତି ହୋଇ ରହିବା କଦାଚ ଉଚିତ ନୁହଇ।

—=∘○✻○∘=—

ଇନ୍‌କମ୍‌ଟାକ୍ସର ହେସାବ

ଗତ ମାସର ୮ * ମ୍ବର ସରକ୍ୟୁଲରରେ ବୋର୍ଡ ରେଭେନ୍ୟୁ ଗୋଟିଏ ସନ୍ଦେହ ଭଞ୍ଜନ କରିବାର ଉଦ୍ୟମ କରିଅଛନ୍ତି। କୌଣସି ସରକାରୀ ଚାକରର ଅନ୍ୟ ଆୟ ଥିଲେ ତାହାର ବେତନ ଓ ଅନ୍ୟଆୟମାନ ଏକତ୍ରିତ ହୋଇ ମୋଟ ଟଙ୍କାରୂପରେ ଆସେସର୍ ଟାକ୍ସ ଧାର୍ଯ୍ୟ କରୁଅଛନ୍ତି ମାତ୍ର ଏରୂପ କାର୍ଯ୍ୟ ଉଚିତ ବୋଧ ହେଉ ନାହିଁ। ଇନ୍‌କମ ଟେକ୍ସ ଆଇନର ଦ୍ୱିତୀୟଭାଗ ଅନୁସାରେ ବାର୍ଷିକ ୫୦୦ଙ୍କା ଏଥିଅଧିକ ବେତନ ପାଉଥିବା ବ୍ୟକ୍ତିମାନଙ୍କଠାରୁ ଟାକ୍ସ ଗୃହୀତ ହୁଅଇ। ଉକ୍ତ ଆଇନର ଅନ୍ୟ କୌଣସି ସ୍ଥଳେ ଏବିଷୟରେ ଆଉ କିଛି ବିଧାନ ନାହିଁ। ଅନ୍ୟପ୍ରକାର ଆୟମାନ ଆଇନର ଚତୁର୍ଥଭାଗାନୁସାରେ ଆଦାୟ ହେବାର ନିୟମ ଅଛି ଓ ସେଥିରେ ସ୍ପଷ୍ଟ ଲେଖାଅଛି ଯେ ଯେଉଁ ଆୟ ଦ୍ୱିତୀୟଭାଗ ଅନୁସାରେ ବନ୍ଦୋବସ୍ତ ହୋଇପାରେ ତାହା ଚତୁର୍ଥ ଭାଗରେ ବନ୍ଦୋବସ୍ତ ହେବ ନାହିଁ। ଏରୂପ ଅବସ୍ଥାରେ ବୋର୍ଡ ଏହି ସିଦ୍ଧାନ୍ତ କରିଅଛନ୍ତି ଯେ ୫୦୦ ଟଙ୍କା କମ୍ବା ତଦୋଧିକ ବେତନ ପାଉଥିବା ବ୍ୟକ୍ତିର ଅନ୍ୟ ଆୟମାନ ଯେବେ ୫୦୦ ଟଙ୍କାରୁ ଊଣା ହୁଅଇ ତେବେ ତାହା ଇନ୍‌କମ ଟାକ୍ସ ଆଇନାନୁଯାୟୀ ବନ୍ଦୋବସ୍ତର ଯୋଗ୍ୟ ହେଉ ନ ଥିବାରୁ ତହିଁ ଉପରେ ଟାକ୍ସ ଆଦାୟ କରିବାର ବିଧାନ ନାହିଁ ସୁତରାଂ ତାହା ଟାକ୍ସରୁ ମୁକ୍ତ ପାଇବାର। ବୋର୍ଡ ଉକ୍ତ ସରକ୍ୟୁଲରରେ ଆହୁରି ଲେଖାଅଛି ଯେ ୫୦୦ ଟଙ୍କାରୁ ଅନଧିକ ବେତନ ଅନ୍ୟ ଆୟ ସଙ୍ଗରେ ମିଶି ଚତୁର୍ଥଭାଗ ଅନୁସାରେ ବନ୍ଦୋବସ୍ତ ହୋଇପାରେ ଏ କଥା ବିପରୀତ ପକ୍ଷରେ ଅନ୍ୟ ଆୟ ଊଣା ହେଲେ ଯେବେ ବେତନ ସଙ୍ଗରେ ମିଶି ବନ୍ଦୋବସ୍ତ ନ ହେବ ତେବେ ବେତନ ଊଣା ପଡିଲେ ଅନ୍ୟ ଆୟ ସଙ୍ଗେ ମିଶି ଟାକ୍ସ ଯୋଗ୍ୟ କିପରି ହେବ ଯୁକ୍ତିସିଦ୍ଧ ହେଉ ନାହିଁ। ଆମ୍ଭମାନଙ୍କ ବିବେଚନାରେ ଦ୍ୱିତୀୟଭାଗ ଓ ଚତୁର୍ଥଭାଗ ଲକ୍ଷିତ ଆୟ ପୃଥକ୍ ରୂପେ ୫୦୦ ଟଙ୍କାରୁ ଊଣା ଥିଲେ କେହି ବନ୍ଦୋବସ୍ତର ଯୋଗ୍ୟ ନୁହନ୍ତି ବୋଲି ବ୍ୟବସ୍ଥାପକ ସଭାର ଅଭିପ୍ରାୟ ଥିଲେ ନଚେତ୍ ଆଇନରେ ଭ୍ରମ ଘଟିଅଛି ସ୍ୱୀକାର କରିବାକୁ ହେବ। ସେ ଯାହା ହେଉ ବର୍ତ୍ତମାନ ଏହିପରର ସନ୍ଦେହ ଭଞ୍ଜନାରୁ ଅନେକ ଅଳ୍ପାୟ ଟାକ୍ସଦାୟୀର ଲୋକମାନେ ମୁକ୍ତପାଇଲେ।

—✻—

ଗାଡ଼ି ଚଳାଇବାର ମୋକଦ୍ଦମା

ଅମ୍ଭେମାନେ ଚଉମାସ ପୂର୍ବେ ହୁଗଳିଡାରୁ ଯାତ୍ରକ ଡେପୁଟି ବାବୁ ଚନ୍ଦ୍ରଶେଖର-ବନ୍ଦ୍ୟୋପାଧ୍ୟାୟଙ୍କ ବିରୁଦ୍ଧରେ ଏକ ଅନଧିକାର ପ୍ରବେଶ ମୋକଦ୍ଦମାର ବୃତ୍ତାନ୍ତ ଲେଖିଥିଲୁଁ। ସେଥିରେ କୋଟିଏ ଘୋଡ଼ା ଓ ଘୋଡ଼ୀ କଟେର ହଟା ମଧ୍ୟରେ ପ୍ରବେଶ କରି ଜନତା ବ୍ୟବହାର କରିବାରୁ ସେ କୌତୁକ ଦେଖିବାପାଇଁ ଅନେକ ଲୋକ ଜମା ହୋଇଥିଲେ ଏଥିରେ ବାବୁ ବିରକ୍ତ ହୋଇ ଏକଜଣ କନେଷ୍ଟବଲ ଓ ଅନ୍ୟ ଏକଜଣକୁ ଦଣ୍ଡ ଦେଇଥିଲେ। ହାଇକୋର୍ଟକୁ ସେ ମୋକଦ୍ଦମା ବିଚାର ସେଠାରେ ହୁକୁମ ରଦ ହୋଇଅଛି ହାଇକୋର୍ଟର ଶେଷର ଅଲମ ତଳେ ଲେଖାଗଲା ଏହାରୁ ପାଠକର ସରକାରୀ କର୍ମକାରକମାନେ ସାବଧାନ ହେଉନ୍ତୁ।

ଡେପୁଟି ମାଜିଷ୍ଟ୍ରେଟଙ୍କ ଅଜ୍ଞା ଆଇନ ବିରୁଦ୍ଧ ଅତଏବ ରଦ ହେଲା ଯେବେ ସେ ସାମାନ୍ୟ ବ୍ୟକ୍ତି ହେବା କଥାରୁ ବିଚାର କାର୍ଯ୍ୟର ବିଷୟ ଉପର ଆଇନ ବିରୁଦ୍ଧ କର୍ମ କରନ୍ତି ତେବେ ସେ ନିଜେ ଭାର ବହନରେ ପଡ଼ିବେ।

—✻—

ଅଭିନବ ବିବାହ

ଅମ୍ଭେମାନେ ସୋମପ୍ରକାଶ ପାଠ କରି ଅବଗତ ହେଲୁଁ, ବର୍ତ୍ତମାନରେ କଲିକତାରେ ଗୋଟିଏ ବିଧବା ବିବାହ ହୋଇ ଯାଇଅଛି। ହାଇକୋର୍ଟର ଓକିଲ ବାବୁ ଶ୍ରୀନାଥଦାସଙ୍କର ପୁତ୍ର ବାବୁ ଉପେନ୍ଦ୍ରନାଥ ଦାସ ଭବାନୀପୁର ନିବାସୀ ନବକୃଷ୍ଣ ଦାସଙ୍କ ବିଧବା କନ୍ୟାର ପାଣିଗ୍ରହଣ କରିଅଛନ୍ତି। ବିବାହ ସ୍ଥଳରୁ ଅନେକ ଭଦ୍ରଲୋକଙ୍କ ସମାଗମନ ହୋଇଥିଲା। ପଶ୍ଚାତ୍‌ରୁ ଅବଗତ ହେଲୁଁ ଯେ ବର କାଳରେ କାୟସ୍ଥ ଏବଂ କନ୍ୟା ଅଗ୍ରେ ଜାତ ଅଟଇ।

ଯେଉଁ ପ୍ରଣାଳୀରେ ବିବାହ ସମ୍ପନ୍ନ ହେଲ ତାହା ଏହିରୂପେ ସୋମପ୍ରକାଶର ସମ୍ପାଦକ ଲେଖନ୍ତି। ଯଥା—

"ବିବାହ ସଭାରେ ଇଂରାଜ ଓ ଦେଶୀୟ ଭିନ୍ନ ଭିନ୍ନ ଜାତୀୟ ଥିଲେ। ପ୍ରଥମରେ ଇଂରାଜମାନଙ୍କ ସାକ୍ଷରେ ବର କନ୍ୟା ଏକମେକର ଏକ ପାଖରେ ବସିଲେ। ସେମାନଙ୍କ ବିବାହରେ ପରସ୍ପର ସମ୍ମତର କଥା ପଚରା ଗଲା, ଏବଂ ଲେଖା ପଢା କରି ଦେଶୀୟ ଜଣଙ୍କୁ ସାକ୍ଷୀ କରାଇଲେ। ପଶ୍ଚାତରେ ବ୍ରାହ୍ମ ମତାନୁସାରେ ଉପଦେଶ ଦାନ ଓ ବ୍ରାହ୍ମସଂଗୀତାଦ ହେଲା ଶେଷରେ ହିନ୍ଦୁମାନଙ୍କର ଚଳିତ ରୀତି ଅନୁସାରେ କୁଶ ପାଣି ନେଇ ମନ୍ତ୍ର ପାଠ କରି ବିବାହ ସାଙ୍ଗ କରାଗଲା।"

ସମ୍ପାଦକ ଏରୂପ ଅଭିନବ କ୍ରିୟା ଦେଖି ବଙ୍ଗାଳିଙ୍କ ବିଷୟରେ ଆପଣା ଅଭିପ୍ରାୟ ଏହିରୂପେ ବ୍ୟକ୍ତ କରିଅଛନ୍ତି ଯଥା " ଅମ୍ଭମାନଙ୍କ ନବ୍ୟଯୁବକମାନେ ବଙ୍ଗଦେଶକୁ ଉନ୍ନତ ମାର୍ଗରେ ଉତ୍ତୋଳନ କରୁଅଛନ୍ତି, କି ଏହାକୁ ଅଧଃପତନ କରିବାକୁ ବସିଅଛନ୍ତି, ଅମ୍ଭେମାନେ ବୁଝି ପାରୁ ନାହୁଁ। ସେମାନେ ଉନ୍ନତିର ଉଚ୍ଚତା ପ୍ରକୃତି ସ୍ୱେଚ୍ଛାଚରଣକୁ ଉନ୍ନତି ଓ ସ୍ୱେଚ୍ଛାଚାରିତାକୁ ସ୍ୱାଧୀନତା ଜ୍ଞାନ କରୁଅଛନ୍ତି। ସେମାନେ ବନ୍ଧନକୁ ପଶୁପଲର ନ୍ୟାୟ କୌଣସି ଅଙ୍କୁଶ ନ ଗଣି ସକଳ କାର୍ଯ୍ୟରେ ହସ୍ତକ୍ଷେପ କରୁଅଛନ୍ତି ସେମାନଙ୍କର ଶେଷ ଫଳରେ ବୁଝି ନାହିଁ କି ପ୍ରଣାଳୀରେ କେଉଁ କାର୍ଯ୍ୟ ସମ୍ପନ୍ନ କଲେ ଦେଶର ମଙ୍ଗଳ ହୋଏ, ତାହା ବୋଧ ନାହିଁ ସେମାନେ ମନେ କରନ୍ତି ଦେଶର ପୂର୍ବତନ ପରମ୍ପରା ପ୍ରଚଳିତ ଆଚାର ବ୍ୟବହାରର ବିରୁଦ୍ଧ ଆଚରଣ କରିପାରିଲେ ମାତ୍ର ଉନ୍ନତିସାଧନ ଶେଷ ହେଲା କିନ୍ତୁ ସେହି ବିପରୀତ ଆଚରଣରେ ଦେଶର କି ଅନିଷ୍ଟ ହେବ ତାହା ବିବେଚନା କରିବାର କ୍ଷମତା ନାହିଁ,,

ନବ୍ୟବଙ୍ଗାଳିମାନଙ୍କର ଏପ୍ରକାର ଗୁଣ କେବଳ ବଙ୍ଗଳାରେ ପ୍ରତ୍ୟକ୍ଷ ହୁଅଇ ଏମନ୍ତ ନୁହେ ଏଠାରେ ଉତ୍କଳଅକ୍ଷର ବଦଳରେ ବଙ୍ଗାକ୍ଷର ପ୍ରଚଳ କରିବାର ଯେଉଁ ପ୍ରସ୍ତାବ ଅଦ୍ୟ କାଲି ବାହାରିଅଛି ତାହା ପକ୍ଷରେ କି ଉକ୍ତ ଅଭିପ୍ରାୟମାନ ସତ୍ୟ ନାହିଁ ? କିନ୍ତୁ ଉତ୍କଳମାନେ ସାମାନ୍ୟ ବୁଦ୍ଧିର ଲୋକ ବଙ୍ଗାଳିଙ୍କ ବିଷୟରେ ଏ ପ୍ରକାର ଭାବ ବ୍ୟକ୍ତ କରିବା ତାହାଙ୍କ ପକ୍ଷରେ ଦୋଷକର ଅଟଇ।

Split by PDF Splitter

Digitized by srujanika@gmail.com

Split by PDF Splitter



( ପ୍ରାପ୍ତ )

ପୁରୀ ସଂସ୍କୃତବିଦ୍ୟାଳୟ ।

ପ୍ରାୟ ତିନିବର୍ଷ ହେଉଅଛି ଏହି ବିଦ୍ୟାଳୟଟି ପୁରୁଷୋତ୍ତମକ୍ଷେତ୍ରରେ ସଂସ୍ଥାପିତ ହୋଇଥିବାର ଶ୍ରବଣ କରିଥିଲୁଁ ମାତ୍ର ତାହା କାହାଦ୍ୱାରା [illegible] ଓ କାହା ଉଦ୍ଯୋଗରେ ସ୍ଥାପିତ ଓ ତହିଁରେ ବାଳକମାନଙ୍କ କିରୂପ [illegible] ହେଉଅଛି ତାହା କିଛି ବିଶେଷ [illegible] ବର୍ତ୍ତମାନ ସେହି ବିଦ୍ୟାଳୟର [illegible]ମାନଙ୍କ ସହିତ ଆମ୍ଭର ପୁରୁଷୋ- [illegible] ସାକ୍ଷାତ ହେବାରୁ ସେମାନଙ୍କ [illegible] ତହିଁର ଦ୍ୱିତୀୟଶିକ୍ଷକ ଶ୍ରୀଗୋପୀନାଥ ମିଶ୍ରଙ୍କ ପ୍ରେରିତପତ୍ର ଦ୍ୱାରା ଅବଗତ ହେଲୁଁ ଯେ ଉକ୍ତ ବିଦ୍ୟାଳୟଟି ସେହି କ୍ଷେତ୍ରନିବାସୀ ଶ୍ରୀଯୁତ ହରିହର ଦାସ ପଣ୍ଡିତଙ୍କ ଉଦ୍ଯୋଗ ଓ ଯଥେଷ୍ଟ ପରିଶ୍ରମରେ ଅଯୋଧ୍ୟାଦେଶାନ୍ତଃପାତି ବଲରାମପୁରର ମହାରାଜ ଶ୍ରୀ ଦିଗ୍ବିଜୟ ସିଂହ ଗବର୍ଣ୍ଣମେଣ୍ଟରେ ଗଚ୍ଛିତ ରଖିଥିବା [illegible]୦୦ ଙ୍କାର ସୁଧ ଏବଂ ବାର୍ଷିକ [illegible]ଙ୍କ ମଧ୍ୟରେ ଯେଉଁମାନେ ବି[illegible] [illegible]ନ୍ତି ସେମାନଙ୍କର ବୃତ୍ତି ନିମିତ୍ତ [illegible]ରିଥିବା ୫୧୫୦ଙ୍କା ଦ୍ୱାରା ସ୍ଥାପିତ ଓ [illegible]ତ ହେଉଅଛି, ଓ ସେ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବାଳକମାନଙ୍କ ମଧ୍ୟରେ ଅଧିକାଂଶ ଦରିଦ୍ର ବ୍ରାହ୍ମଣମାନଙ୍କର ବାଳକମାନେ ପ୍ରବେଶ ହୋଇଅଛନ୍ତି କାରଣ ସେମାନେ ପ୍ରତ୍ୟେକରେ ତିନିଟଙ୍କା ଲେଖାଏଁ ମାସିକ ଛାତ୍ରବୃତ୍ତି ପ୍ରାପ୍ତ ହୋଇ ତଦ୍ଦ୍ୱାରା ଗ୍ରାସାଚ୍ଛାଦନ ନିର୍ବାହ କରୁଅଛନ୍ତି ଅଥଚ ବିଦ୍ୟାଶିକ୍ଷା ମଧ୍ୟ କରୁଅଛନ୍ତି. ମାତ୍ର ତଦିତର ସମ୍ଭ୍ରାନ୍ତ ଓ ଧନାଢ୍ୟ ବ୍ୟକ୍ତିମାନଙ୍କର ବାଳକମାନେ ଅଧିକ ପ୍ରବେଶ ହେଉ ନ ଥିବାର କାରଣ ଅନୁସନ୍ଧାନ କରିବାରେ ଜଣା ଗଲା ଯେ ସେମାନେ ସ୍କୁଲରେ ସଂସ୍କୃତବିଦ୍ୟା ଯଥେଷ୍ଟରୂପେ ଶିକ୍ଷା ହେବାର ବିଶ୍ୱାସ କରନ୍ତି ନାହିଁ ବରଂ ଧର୍ମହାନିର ଶଙ୍କା କରନ୍ତି ଏହି ହେତୁ ଶ୍ରୀମହନ୍ତ ନାରାୟଣ ଦାସ ଯେ କି ବର୍ତ୍ତମାନ ପୁରୁଷୋତ୍ତମକ୍ଷେତ୍ର ମଧ୍ୟରେ ସଂସ୍କୃତବିଦ୍ୟାରେ ଏବଂ ହିନ୍ଦୁମାନଙ୍କ ଧର୍ମଶାସ୍ତ୍ରରେ ଯଥେଷ୍ଟ ଜ୍ଞାନସାର ଓ ଉପଯୁକ୍ତ ଅଟନ୍ତି ସେ ଅପଣା ଶିଷ୍ୟଙ୍କୁ [illegible] ଉକ୍ତ ବିଦ୍ୟାଳୟରେ ଶିକ୍ଷା କରିବା ନିମିତ୍ତ ନିଯୁକ୍ତ କରି ତତ୍ପରେ ଅପଣା ମନରେ କିରୂପ ଶଙ୍କା ଜାତ ହେବାରୁ ବର୍ତ୍ତମାନ ଆଉ ପଠାଉ ନାହାନ୍ତି ଅପଣା ମଠରେ ଏକ ଶିକ୍ଷକ ନିଯୁକ୍ତ କରି ପଢାଉଅଛନ୍ତି ଓ ଏହିରୂପ ଅନ୍ୟ କେତେକ ବ୍ୟକ୍ତି ମଧ୍ୟ ଅପଣା ଶିଷ୍ୟ ଏବଂ ସନ୍ତାନମାନଙ୍କୁ ଉକ୍ତ ବିଦ୍ୟାଳୟକୁ ପଠାଇବାକୁ ନାହିଁ ଅନ୍ୟସ୍ଥରେ ଏଦେଶର ପୁରାତନ ପ୍ରଣାଳୀ ଅନୁସାରେ ଶିକ୍ଷା ପ୍ରଦାନ କରୁଅଛନ୍ତି ଏହା ଅତିଶୟ ଖେଦର ବିଷୟ କାରଣ ଯେତେଦିନ ପର୍ଯ୍ୟନ୍ତ ଦେଶୀୟ ସମସ୍ତ ଧନବାନ୍ ଓ ବିଦ୍ୱାନ୍ ବ୍ୟକ୍ତିମାନେ ଏକାଗ୍ରଚିତ୍ତ ଓ ଏକମତ ହୋଇ ସ୍ୱଦେଶର ଉନ୍ନତି ପ୍ରତି ଦୃଷ୍ଟିପାତ କରି ନାହାନ୍ତି ସେପର୍ଯ୍ୟନ୍ତ ଦେଶର ସୌଭାଗ୍ୟ ପ୍ରତ୍ୟାଶା କରିବା କେବଳ ଉତପ୍ତ ବାଲୁକାମୟ ମରୁଭୂମିରେ ସୁଶୀତଳସଲିଳ ବେଷ୍ଟିତ ପ୍ରସ୍ଫୁଟିତ ପଦ୍ମପୁଷ୍ପର ପ୍ରତ୍ୟାଶା କରିବା ତୁଲ୍ୟ ଅଲୀକ ଓ ଅସମ୍ଭବ ଅଟେ ଓ ଆମ୍ଭ ଦେଖିବାରେ ଉକ୍ତ ବିଦ୍ୟାଳୟର ପ୍ରଥମଶ୍ରେଣୀଭୁକ୍ତ ଛାତ୍ରମାନେ ଅତି ଅଳ୍ପଦିନ ମଧ୍ୟରେ ଯେରୂପ ଶିକ୍ଷା ପ୍ରାପ୍ତ ହୋଇଅଛନ୍ତି ଓ ସେମାନଙ୍କର ଯେପରି ସଂସ୍କୃତଭାଷାରେ ପ୍ରବେଶିକା ଶକ୍ତି ଜନ୍ମିଅଛି ତାହା ଏତଦ୍ଦେଶୀୟ ପୁରାତନ ରୀତ୍ୟନୁସାରେ ଶିକ୍ଷା କରୁଥିବା ଛାତ୍ରମାନଙ୍କର ଦଶବର୍ଷରେ ମଧ୍ୟ ପ୍ରାପ୍ତ ହେବା କଠିନ ଅତଏବ ସେ ବିଦ୍ୟାଳୟର ଛାତ୍ରମାନଙ୍କ ମଧ୍ୟରୁ ଏକଛାତ୍ରର ରଚନା କରିଥିବା ନିମ୍ନଲିଖିତ ଏକଗୋଟି ଶ୍ଳୋକ ଉଲ୍ଲେଖ କରୁଅଛୁଁ ତହିଁରୁ ସେମାନଙ୍କର ସୁଶିକ୍ଷାର ପରିଚୟ ଉତ୍ତମରୂପେ ପ୍ରକାଶ ପାଇବ । ଯଥା—

ବାସନ୍ତୀ ଶତଦଲ ମଲ୍ଲିକାଙ୍କିତୋଃସୌ ।
ମିଶ୍ରୀକା ମୃଗମଦ ଚନ୍ଦନାକ୍ତ କାୟଃ ।
ଗୀର୍ବାଣସ୍ତୁତଦଲିତାରବିନ୍ଦ ନେତ୍ରୋ ।
ମାନାଥଃ ସପଦି ତନୋତୁ ମଙ୍ଗଲଂ ବଃ ।

ଅତଏବ ଉକ୍ତ ଶ୍ରୀ ହରିହରଦାସ ପଣ୍ଡିତଙ୍କର ଯେ କି ଅପଣା ସ୍ୱଦେଶର ହିତସାଧନୋଦ୍ଦେଶରେ ଏତାଦୃଶ ପରିଶ୍ରମ ସହ୍ୟ କରି ଅଯୋଧ୍ୟାପ୍ରଦେଶକୁ ଯାଇ ଏକ ବିଦେଶୀୟ ମହାରାଜଙ୍କୁ ପ୍ରମୋଦ କରାଇ ଏବଂ ସ୍ୱୟଂ ଗବର୍ଣ୍ଣମେଣ୍ଟର ସ୍ଥାପିତ ବିଦ୍ୟାଳୟମାନଙ୍କରେ ପ୍ରଚଳିତ ଥିବା ପୁସ୍ତକମାନ ଅଧ୍ୟୟନପୂର୍ବକ ତହିଁର ପରୀକ୍ଷା କଲିକତା ସଂସ୍କୃତ କାଲେଜରେ ଦେଇ ପ୍ରଶଂସାପତ୍ର ଲାଭ କରି ଉକ୍ତ ବିଦ୍ୟାଳୟର ଶିକ୍ଷକପଦରେ ନିଯୁକ୍ତ ହୋଇ ଯଦ୍ୟପି ତହିଁରେ ବାଳକମାନେ ସ୍ୱେଚ୍ଛାପୂର୍ବକ ପ୍ରବେଶ ହେବା ନିମିତ୍ତ ସେମାନଙ୍କର ଛାତ୍ରବୃତ୍ତି ପର୍ଯ୍ୟନ୍ତ ମହାରାଜଙ୍କୁ ଅନୁରୋଧ କରିବାଦ୍ୱାରା [illegible] ନ କରାଇ ଅପଣା ଶିଷ୍ୟମାନଙ୍କୁ ସଂସ୍କୃତବିଦ୍ୟାରେ ଯଥେଷ୍ଟ ଉନ୍ନତ କରିବା ପର୍ଯ୍ୟନ୍ତ ଦୃଢ଼ବ୍ରତ ହୋଇଅଛନ୍ତି ଓ ଶ୍ରୀଯୁତ ବଦାନ୍ୟବର ମହାରାଜ ଦିଗ୍ବିଜୟସିଂହ ଯେ କି ବିଦେଶୀୟ ରାଜା ହୋଇ କେବଳ ଏକବାର ମାତ୍ର ତୀର୍ଥ ଦର୍ଶନାର୍ଥ ଏ ଦେଶକୁ ଆଗମନ କରି ଏ ଦେଶର ମଙ୍ଗଳୋନ୍ନତି ନିମିତ୍ତ ଏକାବେଳକେ ୫୫୦୦ଙ୍କା ଦାନ କରି ପୁନର୍ବାର ତିନିବର୍ଷହେଲା ବର୍ଷକୁବର୍ଷ ୫୧୩୦ଙ୍କା ଲେଖାଏଁ ପ୍ରଦାନକରି ଆହୁରି ଉତ୍ତରକାଳକୁ ଏହିରୂପ ଦାନ କରିବାର ପ୍ରତିଜ୍ଞା କରିଅଛନ୍ତି ଧନ୍ୟ ସେ ପଣ୍ଡିତ ଧନ୍ୟ ସେ ମହାରାଜ ।

ଯଦ୍ୟପି ଏ ଦେଶର ଧନୀ ଓ ବିଦ୍ୱାନ୍ ବ୍ୟକ୍ତିମାନଙ୍କର ଏଥିର ଶତାଂଶର ଏକଅଂଶମାତ୍ର ଅପଣା ସ୍ୱଦେଶର ବିଦ୍ୟା ଓ ଯଶୋନ୍ନତି ପ୍ରତି ଆଗ୍ରହ ହୁଅନ୍ତା ତେବେ ଆମ୍ଭମାନଙ୍କୁ ଯେଉଁ ବିଦେଶୀୟମାନେ ସର୍ବଦା ଅସଭ୍ୟ ଏବଂ ବିଦ୍ୟାହୀନ ବୋଲି ଘୃଣା କରୁଥିବାର ଶୁଣି ଶୁଣି କିଅର ପ୍ରାୟ ଲଜ୍ଜିତ ହୋଇ ରହିଅଛୁଁ ତାହା କି ଆଉ ଶୁଣିବାକୁ ହୁଅନ୍ତା ।

## ସାପ୍ତାହିକ ସଂବାଦ

ଗବର୍ଣ୍ଣମେଣ୍ଟ ସହିତ କୌଣସି ସମ୍ପର୍କ ରଖୁନ ଥିବା କେତେକ ବ୍ୟକ୍ତି ଅପଣା ଚାକରମାନଙ୍କ ସରକାରୀ ଚପରାସି ଇତ୍ୟାଦି ପ୍ରାୟେ ହୁଦା ଓ ପୋଷାକ ପିନ୍ଧାଇବାର ଦେଖି ମାନ୍ଦ୍ରାଜର ସରକାରୀ କର୍ମକାରକମାନେ ତାହା ନିଷେଧ କରିଅଛନ୍ତି ସରକାରୀ ଓ ଅନ୍ୟଲୋକର ଚାକର ବାରି ନ ହେବାରୁ ଏ ନିୟମ କେତେଥର ଗବର୍ଣ୍ଣମେଣ୍ଟ ଆଜ୍ଞାଦ୍ୱାରା ରହିତ କରା ଯାଇଅଛି ଓ ସାଧାରଣ ପକ୍ଷରେ ତାହା ଅତି ଅନିଷ୍ଟକର କାରଣ ଅନେକ ଲୋକ ପ୍ରବଞ୍ଚନା ପୂର୍ବକ ସରକାରୀ ଚାକରର ରୂପ ଧରି ଲୋକଙ୍କୁ ପୀଡ଼ା ଦେଇ ପାରନ୍ତି । ଦଣ୍ଡବିଧି ର ୧୭୧ ଧା ଏ ପ୍ରଥା ବିରୁଦ୍ଧ ଥିବାର ବୋଧ ହୁଅଇ ।

ଗବର୍ଣ୍ଣମେଣ୍ଟ ଆଜ୍ଞା କରିଅଛନ୍ତି ଯେ ମଫସଲର ପ୍ରତ୍ୟେକ ପୁଲିସ ରହିବା ସ୍ଥାନରେ ଅଳ୍ପ ପରିମାଣରେ ଘୋଲତସ୍ ଅବ ଅମୋନିୟା (ନୈସାଦର ଦ୍ରାବକ) ରଖାଯିବ ଓ ତାହା ସର୍ପଦଂଶନ ଚିକିତ୍ସାରେ ବ୍ୟବହାର ହେବ । ସରକାରୀ କିମ୍ବା ସେରେସ୍ତା ଇଲାକାର ଏ ଦ୍ରବ୍ୟ ପୁଲିସ ପ୍ରାପ୍ତ ହେବେ ସର୍ପଦଂଶନ ଚିକିତ୍ସା ନିମିତ୍ତ ଯେ କେହି ପ୍ରାର୍ଥନା କରିବ ତାହାକୁ

Digitized by srujanika@gmail.com

Split by PDF Splitter

124



ମୂଲ୍ୟରେ ଏ ଔଷଧ ଦିଆଯିବ । ଏଥିରୁ ଏ ବୁଝାଉ ଯେ ସର୍ପଦଂଶନ ବିଷୟରେ ଯେତେ ନୂତନ ଔଷଧ ଆବିଷ୍କୃତ ହୋଇଅଛି ତହିଁରେ ଏହି ଔଷଧ ପ୍ରଧାନ ବୋଲି ଗବର୍ଣ୍ଣମେଣ୍ଟ ସ୍ଥିର କରିଅଛନ୍ତି ।

ଲକ୍ଷ୍ନୌ ଟାଇମସ ଜଣେ ଜଜ ସାହେବଙ୍କର ଦାତବ୍ୟତାର ଗୋଟିଏ ସୁନ୍ଦର ଉଦାହରଣ ଦେଇଅଛନ୍ତି ତାହା ଏହି ଯେ ଜଣେ ଲୋକଙ୍କୁ ମହାଜନ ଏକ ଖାତକ ନାମରେ ନାଲିସ କଲା ଡିକ୍ରିମତ ଜାରୀ ହେବାର ଖାତକ ଆପଣା ଦୁର୍ଦ୍ଦଶା ଜଜସାହେବଙ୍କ ସାକ୍ଷାତରେ ଗୋଚର କରି କହିଲା ଯେ ତାହାକୁ ଜେଲ ଦେଲେ ତାହାର କୁଟୁମ୍ବ ଅନାହାରରେ ପ୍ରାଣତ୍ୟାଗ କରିବେ । କାରଣ ତାହା ବିନା ସେମାନଙ୍କୁ ପାଳିବା ସକାଶେ ଅନ୍ୟ କୌଣସି ବ୍ୟକ୍ତି ନାହିଁ । ଜଜସାହେବ ତାହାର ଅବସ୍ଥା ଅନୁସନ୍ଧାନ କରି ଜାଣିପାରିଲେ ଯେ ତାହାର କଥା ସବୁ ସତ୍ୟ ଅଟେ ତହିଁ ସେ ଆପଣା ହାତରୁ ଡିକ୍ରି ଟଙ୍କା ଦେଇ ଖାତକକୁ ମୁକ୍ତ କରିଦେଲେ । ଖାତକ ଏଥିରେ ଲଜ୍ଜିତ ହୋଇ ଜଜସାହେବଙ୍କ ପାଦରେ କୃତଜ୍ଞତା ସ୍ୱୀକାର କରିବାରୁ ସେ କହିଲେ ଆମ୍ଭେ କେବଳ ଆପଣା କର୍ତ୍ତବ୍ୟ କରିଅଛୁଁ । ଡିକ୍ରୀ ଦେବା ଯେମନ୍ତ ଆମ୍ଭର କାର୍ଯ୍ୟ ଡିକ୍ରୀ ଜାରୀ କରି ଟଙ୍କା ଉସୁଲ କରିଦେବା ସେହିପ୍ରାୟ ଆମ୍ଭର କର୍ମ ଅଟେ ଓ ସ୍ଥଳେ ଟଙ୍କା ନ ଦେଲେ ଉକ୍ତ କର୍ମ ସାଧନ [illegible] ଅନ୍ୟ ଉପାୟ ନାହିଁ ।

ବିଲାତି ଓ ଭାରତବର୍ଷର ପୋଷ୍ଟ ଅଫିସ ମଧ୍ୟରେ ବନ୍ଦୋବସ୍ତ ହୋଇଅଛି ଯେ ମନିଅର୍ଡର ଦ୍ୱାରା ଉକ୍ତ ଦୁଇଦେଶ ମଧ୍ୟରେ ଟଙ୍କା ପ୍ରେରିତ ହୋଇପାରିବ ପ୍ରତ୍ୟେକ ଅର୍ଡର ଏକଶ ଟଙ୍କା ଅର୍ଥାତ ପା ୧୦ ତହିଁରୁ ଅଧିକ ହେବ ନାହିଁ ଓ ଏଥିରେ ଦୁଇଟଙ୍କା ଖର୍ଚ୍ଚ ପଡ଼ିବ ଓ ବିଲାତରେ ୧୦ ସାଲିଣ୍ଡ ଦୁଇସିଲିଂ ଦେଲେ ଭାରତବର୍ଷର ଉପରକୁ ଏକଶ ଟଙ୍କାର ମନିଅର୍ଡର ମିଳିବ ପାଓନିୟରରୁ ଆମ୍ଭେମାନେ ଅବଗତ ହେଲୁଁ ।

ପୁଲିସ କର୍ମଚାରିଙ୍କୁ ଶିକ୍ଷା ଦେବାକାରଣ ଏକଜଣ ଲେକ୍ଚର ସବଇନସ୍ପେକ୍ଟର ନିଯୁକ୍ତ କରିବାର ଯେଉଁ ବିଧାନ ଅଛି ତହିଁରେ ଉତ୍ତମରୂପେ କାର୍ଯ୍ୟ ହେଉ ନାହିଁ ବୋଲି ମୋଫସଲର [illegible] ପୁଲିସ ଷ୍କୁଲ ସମ୍ପର୍କରେ ଗୋଟିଏ ଲେକ୍ଚର ବିଦ୍ୟାଳୟ ସ୍ଥାପନ କରିବା ପାଇଁ ପୁଲିସର ଇନ୍ସପେକ୍ଟର ଜେନେରଲ ଗବର୍ଣ୍ଣମେଣ୍ଟରେ ପ୍ରସ୍ତାବ କରିବାରୁ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ତାହା ମନୋନୀତ କରିଅଛନ୍ତି ତଦନୁସାର ଶିକ୍ଷା ବିଭାଗର ଡାଇରେକ୍ଟରଙ୍କ ସଙ୍ଗେ ଏହି ବନ୍ଦୋବସ୍ତ କରିଅଛନ୍ତି ଯେ ମୋଫସଲର କଲେଜ ବିଦ୍ୟାଳୟରେ କେବଳ ପୁଲିସ କର୍ମଚାରିଙ୍କ ସକାଶେ ଗୋଟିଏ ଲେକ୍ଚର ଶ୍ରେଣୀ ସ୍ଥାପନ ହେବ ଓ ପ୍ରତ୍ୟେକ ପାଠକ ନିମିତ୍ତ ମାସିକ ୫ ଟଙ୍କା ଖର୍ଚ୍ଚ ଦିଆଯିବ ଏ ପାଠକମାନେ ପ୍ରମାଣର ଆଇନ ଦଣ୍ଡବିଧି ଇତ୍ୟାଦି ପାଠ କରିବେ ଓ ଏଥିରେ ପରୀକ୍ଷା ନ ଦେଲେ କୌଣସି ପୁଲିସ କର୍ମଚାରି ପଦ ବୃଦ୍ଧି ପାଇବେ ନାହିଁ ।

ଯେଉଁ ସ୍ଥାନରେ କୌଣସି ପଟ୍ଟା ଲେଖାଥାଏ ଯେ ପୂର୍ବ ମେୟାଦ ଶେଷରେ କର ଅଦାୟ କରି ପଟ୍ଟା ଲିଖିତ ଭୂମିରେ ପୁନ ଜମିଦାର ତାହା ଭୋଗ କରିବେ, ତହିଁ କରର ପରିବର୍ତ୍ତନ ହେବ ନାହିଁ ବୋଲି କୌଣସି ସ୍ପଷ୍ଟ ମତରେ ପ୍ରକାଶ ବାକ୍ୟ ନ ଥିଲେ ମଧ୍ୟ ବହୁକାଳ ହେଲା ଯାହା ନିର୍ବିବାଦରେ ଭୋଗ କରୁଥାଇ ତହିଁର ଏକ ଉକ୍ତ ଜମା ମୂଳ ସୁଦ୍ଧା ବର୍ତ୍ତମାନ ବଙ୍ଗଳାରେ ଏକପ୍ରକାର କମ୍ପନି କର ବଢ଼ିବାର ବିଷୟ ଅନୁମାନ କର ନେବାକୁ ହେବ ୧୮୭୮ ସାଲର ନଂ ୪୧୮ ମୋକଦ୍ଦମା

ନିଶ୍ୱାସ ଗ୍ରହଣକରିବା ମାତ୍ର ରକ୍ତ ପ୍ରଧାନ ୨ ଅବାହିକା ଶିରାରୁ ବହିର୍ଗତ ହୋଇ ହୃଦୟ ମଧ୍ୟରେ ଆସି ତରଳ ହୋଇଯାଏ । ତହିଁର ନାଡୀର ଗତି ଚଞ୍ଚଳ ହୁଅଇ ଏ ପ୍ରବାହିକା ଶିରାରେ ରକ୍ତର ଧାର ବୃଦ୍ଧି ହୁଅଇ । କିନ୍ତୁ ଦୀର୍ଘ ନିଶ୍ୱାସ ଗ୍ରହଣ କରି ରହିଲେ ହୃଦୟର ଦକ୍ଷିଣପାର୍ଶ୍ୱ କମ୍ପିତ ହୋଇ ଉଠେ ଏବଂ ନାଡୀର ଗତି ମୃଦୁ ବୋଧହୁଏ । ପୁଣି ବେଦ ବାକ ଓ ପାଠ କରିବାର ଏବଂ କାଶିବାର ସମୟରେ ଘନ ୨ ନିଶ୍ୱାସ ତ୍ୟାଗ, ଏବଂ ନିଶ୍ୱାସ ତ୍ୟାଗ ଅବା କଷ୍ଟରେ ନିଶ୍ୱାସ ତ୍ୟାଗ କରିବାର ଫଳ ମଧ୍ୟ ଏହିରୂପ । ଧରି କାଶୀ ଏହାଙ୍କର ଆଉ ମଧ୍ୟ ଗୋଟିଏ ସୁନ୍ଦର ଦୃଷ୍ଟାନ୍ତ ସ୍ଥଳ ଏଥିରେ କେବଳ ସର୍ବଦା ଘନ ୨ ନିଶ୍ୱାସ ତ୍ୟାଗ କରିବାରେ ଫୁସଫୁସ ପ୍ରାୟ ବାୟୁ ଶୂନ୍ୟ ହୋଇ ଯାଏ ଏବଂ ପରେ ହୃଦୟରେ ବାୟୁ ଆକର୍ଷଣ କରି ଆଣିବାକୁ ଅତ୍ୟନ୍ତ କଷ୍ଟ ହୁଅଇ । ଏହି ଅବସ୍ଥାରେ ଅବାହି [illegible] ତୃପ୍ତି ଏତେ ବିସ୍ତୃତ ହୋଇ ପଡ଼େ ଯେ ଅନେକ ସମୟରେ କୌଣସି ସ୍ଥଳ ରକ୍ତ ଧାର [illegible] ହେଲେ ମଧ୍ୟ ହୃତ୍ପିଣ୍ଡର ଉପଶମ ହୁଅଇ ନ [illegible] ଓ ବେଦନ ମାନବଦେହର ପ୍ରବର୍ତ୍ତିତ ଏକପ୍ରକାର କାର୍ଯ୍ୟ, ଏମାନଙ୍କର ଫଳ ମଧ୍ୟ ଏକପ୍ରକାର । କିନ୍ତୁ ହାସ୍ୟ ସମୟରେ ଦୀର୍ଘ ନିଶ୍ୱାସର ଗ୍ରହଣ ଆଉ ରୋଦନ ସମୟରେ ଦୀର୍ଘ ନିଶ୍ୱାସ ତ୍ୟାଗ ଦ୍ୱାରା ତୃପ୍ତି ସ୍ତର ସାମ୍ୟାବସ୍ଥା ଜନ୍ମେ ।

ଭିତର ପଶ୍ଚିମ ଗବର୍ଣ୍ଣମେଣ୍ଟର ପ୍ରସ୍ତାବାନ ଗବର୍ଣ୍ଣମେଣ୍ଟ ଇଣ୍ଡିଆ କଲେଜ ପା [illegible] ରେ ଏକଜଣ ଡାକ୍ତରର ନିଯୁକ୍ତ [illegible] ଅନୁମତି ଦେଇଅଛନ୍ତି । ଏହା [illegible] ୫୨୦ ଟଙ୍କା ଓ ପରେ ୫୨୫ ଟଙ୍କା [illegible] ହେବ । ଡେଲିନିଯୁସ ଏହା ଅ [illegible] କହନ୍ତି ଯେ ବୋଧ ହୁଅଇ ସ୍ତ୍ରୀ [illegible] ହୋଇଥିବ ନୋହିଲେ ଡାକ୍ତର କଥା [illegible] ଯୋଗ୍ୟ ନୁହଇ ।

ଉକ୍ତପତ୍ର ଶୁଣିଅଛନ୍ତି ଇଜ୍ଞ୍ଜେମସନସାହେବ ଶୀଘ୍ର ଏକ ସାଧାରଣ ବିଭାଗରେ ଜ ଷ୍ଟିସ ସାହେବଙ୍କ ପଦରେ ବଙ୍ଗଳା ଗବର୍ଣ୍ଣମେଣ୍ଟର ସେକ୍ରେଟରୀ ହୋଇବେ ।

ଅଲ୍କୋଲି ରେଟବ୍ରୁଟନରେ ୧୩୭୨ ଖଣ୍ଡ ସମ୍ବାଦପତ୍ର ପ୍ରକାଶିତ ହେଉଅ [illegible] ରେ ସ୍ୱଳଥାନ ଲଣ୍ଡନରେ ୨୬୦ ଖା [illegible] ୭୭୧ଖଣ୍ଡ ଓୟେଲସରେ ୫୮, ସ୍କଟଲଣ୍ଡ ଅୟର୍ଲଣ୍ଡରେ ୧୩୧ ଏବଂ କ୍ଷୁଦ୍ରଦ୍ୱୀପରେ [illegible] ଖଣ୍ଡ ମୁଦ୍ରିତ ହୁଅଇ । ଦୈନିକପତ୍ର ପତ୍ରର ସଂଖ୍ୟା ଇଂଲଣ୍ଡରେ ୬୩ ଓଏଲସରେ ୨ଖଣ୍ଡ, ସ୍କଟଲଣ୍ଡରେ ୧୧ଖଣ୍ଡ, ଅୟର୍ଲଣ୍ଡରେ ୧୫ ଏବଂ କ୍ଷୁଦ୍ରଦ୍ୱୀପସମୂହରେ ୧ଖଣ୍ଡ ଦେଖାଯାଏ ।

ଖଜଣା ଖାନାର ପଇସା ଗଣିବାବେଳେ ପୂର୍ବେ ବଟ୍ଟା ମିଳୁଥିଲା ସମ୍ପ୍ରତି ଗବର୍ଣ୍ଣମେଣ୍ଟ ତାହା ବନ୍ଦ କରିଅଛନ୍ତି । ଏଥିରେ ସାଧାରଣ ସଙ୍କଟ ଘଟିବାର ଲୋକ କୌଣସିପାରେ ତାହା ନିବାରଣାର୍ଥେ ଗବର୍ଣ୍ଣମେଣ୍ଟ ଆଦେଶ କରିଅଛନ୍ତି ଯେମନ୍ତ ଖଜଣାଖାନାରେ ପ୍ରଚଳିତ ପଇସା ଜମାଥିବ ଓ ଯେତେବେଳେ ଯେ ପଇସା ବଦଳାଇବାକୁ ଆସିବ ତାହାକୁ ବିନାଖର୍ଚ୍ଚରେ ବଦଳାଇ ଦେବାକୁ ହେବ । ଏ କଥା ଘୋଷଣା ପୂର୍ବକ ସମସ୍ତଙ୍କୁ ଜଣାଇବାକୁ ହେବ ଓ ଖଜଣାଖାନାରେ ଯେଉଁପେ ଲୋକ ପଇସା ଆଣିବାକୁ ଯାଇ କୌଣସି ପ୍ରକାର ବାଧା ନ ପାଏ ସେଥିର ଉପାୟ କରିବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର ଉତ୍କଳପ୍ରିଣ୍ଟିଂ କୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାର ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା ।


୪ ଭାଗ } ତା ୭ ରିଖ ଅଗଷ୍ଟ ସନ ୧୮୬୯ ମସିହା । ମୁ। ଶ୍ରାବଣ ଦି ୨୫ ସନ ୧୨୭୬ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୨॥
୩୨ ସଂଖ୍ୟା } { ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୩୵
{ ମଫସଲ ପାଇଁ ଡାକମାସୁଲ ୨॥


ଅଭିସମ୍ବାଦ ।

ଅସ୍ମେମାନେ ଏ ସପ୍ତାହରେ ଆପଣା କାର୍ଯ୍ୟର ଅତ୍ୟନ୍ତ ବ୍ୟସ୍ତଥିବାରୁ ନିୟମିତ ରୂପେ ପତ୍ରିକାର କର୍ତ୍ତବ୍ୟ ସାଧନରେ ଅକ୍ଷମ ହୋଇଅଛୁଁ । ଏଥିପାଇଁ ଭରସା କରୁଁ ପାଠକମାନେ ଅସ୍ମମାନଙ୍କୁ କ୍ଷମା କରିବେ । ଅସ୍ମେମାନେ ଯେ କେବଳ ପାଠକଙ୍କ ଉଦାରତା ଓ ଆଶ୍ରୟ ଉପରେ ନିର୍ଭର କରି ପତ୍ରିକାର କାର୍ଯ୍ୟ ନିର୍ବାହ କରୁଅଛୁଁ ଏକଥା କହିବାର ବାହୁଲ୍ୟ ଅଟେ । ପାଠକମାନେ ଅସ୍ମମାନଙ୍କର ପରମବନ୍ଧୁ ଓ ସକଳ ବିଷୟରେ ବଳବତ୍ତର ସହାୟ ଅଟନ୍ତି ଓ ସଂସାରର ନିୟମ ଏହି ଯେ ସମସ୍ତେ ଆପଣା ଦୁଃଖ ଓ ସୁଖର ବିଷୟ ଆଗେ ବନ୍ଧୁପାଖରେ ବ୍ୟକ୍ତ କରନ୍ତି । ଏହି କାରଣରୁ ଅସ୍ମେମାନେ ଅଦ୍ୟ ଆପଣାର କଥା ପାଠକଙ୍କୁ ଜଣାଇବାକୁ ପ୍ରବୃତ୍ତ ହେଲୁଁ । ଯେଉଁ ଅନର୍ଥକ ବିପଦ ଉପସ୍ଥିତ ହୋଇଥିଲା ତାହା ଈଶ୍ବରଙ୍କ କୃପାରୁ ନିବୃତ୍ତି ହୋଇଅଛି । ଏବେ ତହିଁର ସବିଶେଷ ବୃତ୍ତାନ୍ତ ପାଠକମାନେ ଅବଗତ ହୋଇ ଅସ୍ମମାନଙ୍କ ପ୍ରତି ବିହିତ ବିବେଚନା କରନ୍ତୁ । ଉତ୍କଳର ମଙ୍ଗଳସାଧନ ଅସ୍ମମାନଙ୍କର ଉଦ୍ଦେଶ୍ୟ ଏଥିପାଇଁ ଅସ୍ମେମାନେ ଯେବେ କ୍ଷଣିକ ବୃଥା କ୍ଳେଶ ଭୋଗକଲୁଁ ସେଥିରେ କିଛି ଶୋଚନା ନାହିଁ । ଏକା ସର୍ବସାଧାରଣଠାରେ ଅସ୍ମେମାନେ ଆପଣା କର୍ତ୍ତବ୍ୟରେ ତ୍ରୁଟି ନ କଲେ କୃତାର୍ଥ ହେଲୁଁ । ଏତଦ୍ବ୍ୟତୀତ ବୃତ୍ତାନ୍ତ ଅସ୍ମେମାନେ ମକଦ୍ଦମାର ବୃତ୍ତାନ୍ତ ଲେଖୁଅଛୁଁ ।

ପାଠକମାନଙ୍କର ସ୍ମରଣଥିବ ଯେ ଗତମାସ ତା ୨୪ ରିଖ ପତ୍ରିକାରେ "ରଜପଶ୍ଚାନନ" ସ୍ବାକ୍ଷରରେ ଗୋଟିଏ ପ୍ରେରିତପତ୍ର ପ୍ରକାଶ ହୋଇଥିଲା ବାବୁ ଗଙ୍ଗାକୃଷ୍ଣ ମୁଖୋପାଧ୍ୟାୟ ସେଥିରେ ଆପଣାକୁ କ୍ଷତି ଗ୍ରସ୍ତ ବିବେଚନା କରି ଉକ୍ତ ଲିଖିତ ପତ୍ର କଟକପ୍ରିଣ୍ଟିଂ କୁମ୍ପାନିଙ୍କ ଅଧିକାରିଙ୍କୁ ଲେଖିଥିଲେ ଯଥା ।

ଆପଣଙ୍କର ପ୍ରଚାରିତ ଉତ୍କଳଦୀପିକା ସଂଖ୍ୟା ୨୯ (ଭାଗ ୪ ର୍ଥ) ତା ୨୪ ରିଖ ଜୁଲାଇ ସନ ୧୮୬୯ ମସିହାରେ ଶ୍ରୀ ରଜପଶ୍ଚାନନ ସ୍ବାକ୍ଷରିତ ଗୋଟିଏ ପ୍ରେରିତପତ୍ର ପ୍ରକାଶିତ ହୋଇଅଛି । ଉକ୍ତ ପତ୍ରରେ ଅସ୍ମମାନଙ୍କ ନାମରେ କେତେକ ଅପବାଦ ସୂଚକ କଥା ଥିବାରୁ ତାହା ଦଣ୍ଡବିଧିର ଦ ୫୦୧ ଧା ଅନୁସାରେ ଦଣ୍ଡନୀୟ ଅଟଇ ଅତଏବ ଅସ୍ମେ ଆପଣମାନଙ୍କୁ ପ୍ରାର୍ଥନା କରୁଅଛୁଁ ଯେ ଉକ୍ତ ପତ୍ରପ୍ରେରକର ପ୍ରକୃତ ନାମ ଧାମାଦି ଅସ୍ମଠାକୁ ଲେଖି ପଠାଇବା ହେବେ ଯେ ଅସ୍ମେ ତାହା ନାମରେ ଫୌଜଦାରୀ ଅଦାଲତରେ ଏବଂ କ୍ଷତିପୂରଣ ସକାଶେ ଦେଓାନୀ ଅଦାଲତରେ ନାଲିଶ କରିବୁଁ । ତାହା ନ କଲେ ଅସ୍ମେ ସମସ୍ତ ଅଧିକାରିଙ୍କ ନାମରେ ନାଲିଶ କରିବାକୁ ଦୁଃଖର ସହିତ ବାଧିତ ହେବୁଁ ।

କଟକ ତା ୨୦ ରିଖ ଜୁଲାଇ ସନ ୧୮୬୯

ଆପଣମାନଙ୍କର ବାଧ୍ୟଭୃତ୍ୟ

ଗଙ୍ଗାକୃଷ୍ଣ ମୁଖୋପାଧ୍ୟାୟ ଏମ, ଏ, ଓ ବି, ଏଲ

ଆଇନଉପଦେଶକ କଟକ ବାଲୁବଜାର

ଏବଂ ଉକିଲ ହାଇକୋର୍ଟ

ଏପତ୍ର କୁମ୍ପାନିର ସେକ୍ରେଟେରୀ ବାବୁ ଗୌରୀଶଙ୍କର ରାୟ ଗ୍ରହଣ କରି ଡାଇରେକ୍ଟରଙ୍କ ସଭାରେ ଉପସ୍ଥିତ କଲେ ଓ ସଭ୍ୟମାନେ ତର୍କ ବିତର୍କ ଉତ୍ତାରୁ ପତ୍ରରେ କୌଣସି ଅପବାଦସୂଚକ କଥା ନ ଥିବାର ଧାର୍ଯ୍ୟ କରି ଉତ୍ତର ଲେଖିବାକୁ ସେକ୍ରେଟେରୀଙ୍କୁ ଆଦେଶ ଦେବାରୁ ତଳଲିଖିତ ଉତ୍ତର ପଠା ଗଲା । ଯଥା—

ଆପଣଙ୍କର ପତ୍ର ଡାଇରେକ୍ଟରଙ୍କ ସଭାରେ ଉପସ୍ଥିତ କରି ତାହାଙ୍କ ଆଦେଶାନୁଯାୟୀ ଲେଖୁଅଛୁଁ ଯେ ଉକ୍ତ ପତ୍ରରେ କୌଣସି ଅପବାଦସୂଚକ କଥା ନାହିଁ ଅତଏବ ପତ୍ରପ୍ରେରକଙ୍କ ନାମ ଧାମାଦି ଦେବାକୁ ସେମାନେ ଅସ୍ବୀକାର କରନ୍ତି ।

ତା ୨୮ ରିଖ ଜୁଲାଇ ସନ ୧୮୬୯

ଆପଣଙ୍କର ଏକାନ୍ତ ବାଧ୍ୟ ଭୃତ୍ୟ

ଗୌରୀଶଙ୍କର ରାୟ

ସେକ୍ରେଟେରୀ କଟକ ପ୍ରିଣ୍ଟିଂ କୁମ୍ପାନି

ଏ ପତ୍ର ପଠାଇବା ଏକଦିନ ଉତ୍ତାରୁ ଏମନ୍ତ ଶୁଣା ଗଲା ଯେ ଅଧିକାରିମାନେ ବାବୁଙ୍କଠାରେ କ୍ଷମା ପ୍ରାର୍ଥନା କଲେ ବାବୁ ନାଲିଶ କରିବାରୁ କ୍ଷାନ୍ତ ହେବେ କିନ୍ତୁ ଅଧିକାରୀମାନେ ଆପଣା ଦୋଷ ଜାଣି ନ ପାରିବାରୁ ଓ ବାବୁ ତାହାଙ୍କୁ ସେବିଷୟ ଜ୍ଞାତ ନ କରିବାରୁ ସେମାନେ କ୍ଷମା ପ୍ରାର୍ଥନା କରିବାକୁ ଅସମ୍ମତ ହୋଇ କେବଳ ଏହି ପର୍ଯ୍ୟନ୍ତ ସ୍ବୀକାର କଲେ ଯେ ବାବୁ ଯେବେ ପତ୍ର ଲେଖିବେ ତେବେ କୁମ୍ପାନି ପ୍ରେରିତପତ୍ରର ଯଥାର୍ଥ ବିଚ

Split by PDF Splitter



ଶୁଣ୍ଟାଇ ଦେଇ ବାବୁ ଭ୍ରମାର୍ଥ କରଥିବା ତତ୍ସ୍ୱରେ ଦୁଃଖ ପ୍ରକାଶ କରଭେ । ବୋଧ ହୁଏଇ ବାବୁ ଏ ପ୍ରସ୍ତାବକୁ ଯଥେଷ୍ଟ ଜ୍ଞାନ ନ କଲେ ଏବଂ ଉଲିଭ ମନ ଦ୍ୱାରା ଭାରଖରେ ଫଳିଙ୍କଦାସରେ ନାଲିଶ କରିବାର ପ୍ରାପ୍ତ କର୍ତ୍ତୁକ ହାହେବ ତାହାଙ୍କର ହଲଫନାମା ଉଡ଼ହାଉ ନ ନେଇ ପ୍ରକାଶ୍ୟରେ ଗ୍ରନ୍ଥରେ ଅପବାଦର କଥା ଥିବାର ଜ୍ଞାନ କରି ପ୍ରିଂଶ୍ପି ଂକ୍ଲୁମାନୀର ଟେସନ୍ସିଂସ୍ଥ ନାମରେ ସମନର ଅଜ୍ଞା ଦେଲେ ଓ ଗତ ତା ୪ ରଖ ମକଦମା ଶୁଣିବାର ଦିନ ଧାର୍ଯ୍ୟ ହେଲା ।

ଏଥି ମଧ୍ୟରେ ଏ କଥା ନଗର ଯାକ ପ୍ରଚାର ହୋଇଗଲା ଉତ୍କଳ ଓ ବଙ୍ଗଦେଶୀୟ ଲୋକଙ୍କ ଯୁବାଗମ୍ଭୃ ଦେଖୁ ଯେ ଯାହା ଅଡ଼ତ୍କୁ ଅଡ଼ତ ଭଲେ କ୍ରମେ ମକଦମାର ଦିନ ଉପସ୍ଥିତ ହେଲା ଓ କୌତୁକ ଦେଖିବା ପାଇ ଏତେ ଲୋକ କଚେରୀକୁ ଅସିଲେ ଯେ କଚେରୀ ଘର ଓ ବାରଣ୍ଡାରେ ଅଉ ସ୍ଥାନ ନ ଥିଲା । ଉତ୍କଳୀୟମାନେ ଓଡ଼ଶାଗ କର ଦୀପର୍ ଜ୍ଞାନ କରି ଏକଦୃଷ୍ଟିରେ ହାହେବଙ୍କ ମୁଖ ଅଡ଼କୁ ଚାହିଁ ରହିଥିଲେ । କେଉଁ ଅଜ୍ଞା ହାକିମଙ୍କ ମୁହଁରୁ ବାହାରିବ କେବଳ ଏହି କଥା ସମସ୍ତଙ୍କ ମନରେ ଅନ୍ଦୋଳିତ ହେଉଥିଲା । ଯାହା ହେଉ ମକଦମା ଦରପେସ ହେଲା ଓ ବାବୁ ହଲଫ ଗ୍ରହଣପୂର୍ବକ ଅପଣା ଦୁଃଖ ଜଣାଇଲେ । ବାବୁ କହିଲେ ଯେ ନମ୍ବର ୭ ପତ୍ରେଣ୍ଡି ଅପବାଦସୂଚକ ଅଂଶ ଓ ଭଲଲିଖିତ କଥମାନ ଅଧିକ ସ୍ପଷ୍ଟ ରୂପେ ଅପବାଦସୂଚକ ହୋଇଅଛି । ଯଥା—

ପତ୍ରପ୍ରେରକ ଲେଖନ୍ତି ଯେ ବାବୁ "ସ୍ୱଦେଶର ପ୍ରତି ବିରକ୍ତ ହୋଇ ଭିନ୍ନ ଭାଷାର ଭକ୍ତ ହୋଇଅଛନ୍ତି" ଏଥିରୁ ବାବୁ ଏହି ଦିଖାନ୍ତ କଲେ ଯେ ସ୍ୱଦେଶ ପ୍ରତି ବିରକ୍ତ ହେବାର ଲେଖିବାରେ ପତ୍ରପ୍ରେରକ ବାବୁଙ୍କୁ ଦେଶାନୁରାଗଶୂନ୍ୟ ବୋଲି ଅପବାଦ ଦେଇଅଛନ୍ତି । ବାବୁଙ୍କ "ଢଠରରେ କେତେ ମୋଟି ଉତ୍କଳ ଅକ୍ଷର ରହିବାକୁ ଯେବେ ସ୍ଥାନ ଥାନ୍ତା ଇତ୍ୟାଦି" କଥା ପତ୍ରପ୍ରେରକ ଲେଖି ଏହି ଅପବାଦ ଦିଅନ୍ତି ଯେ ବାବୁ ଏତେ ମୂର୍ଖ ଯେ କେତୋଟା ଅକ୍ଷର ଶିକ୍ଷା କରିବାକୁ ସେ ଅପାରଗ ଏଥିପାଇଁ ତାହାଙ୍କର ବୁଦ୍ଧି ପ୍ରତି ଦୋଷାରୋପ ହେଲା । "ବାବୁ ଏକପ୍ରକାର ଚତୁରଭାର କର୍ମ କରି ଉପାଧି "ଷ" ଲୋପ କରିଅଛନ୍ତି" ଏକଥା ପତ୍ରପ୍ରେରକ ଲେଖି ଏହି ଅପବାଦ ଦିଅନ୍ତି ଯେ ବାବୁ କୌଣସି ମନ୍ଦ ଅଭିପ୍ରାୟରେ "ଦାସ, ଏ" ଉପାଧି ଯାଉଅଛନ୍ତି ଅତଏବ ତାହାଙ୍କର ଚରିତ୍ର ପ୍ରତି ଦୋଷାରୋପ ହେଲା ଓ ଶେଷରେ ତାହାଙ୍କୁ ମେଷ କହିବାର ପତ୍ରପ୍ରେରକ ଏହି ଅପବାଦ ଦିଅନ୍ତି ଯେ ବାବୁ ଏଡ଼େ ବୁଦ୍ଧିହୀନ ଯେ ଏହାଙ୍କୁ ମେଷ ସଙ୍ଗେ ଅର୍ଥାତ୍ ପଶୁ ସଙ୍ଗେ ତୁଳନା କରି ଯାଇପାରେ ଏଥିରେ ତାହାଙ୍କର ବୁଦ୍ଧି ପ୍ରତି ବିଶେଷ ଦୋଷାରୋପ ହେଲା । ଏହିରୂପେ ପତ୍ରପ୍ରେରକଙ୍କର ଦୋଷ ବର୍ଣ୍ଣନା କରି ଅପଣା ଗୌରବର ପରିଚୟ ଦେବା ନିମିତ୍ତ କେତେ କଥା କହିଲେ ଓ କେଉଁ ପରୀକ୍ଷାରେ କିରୂପେ ଉତ୍ତୀର୍ଣ୍ଣ ହୋଇ ଉପାଧିମାନ କେଉଁ ସମୟରେ ପାଇଅଛନ୍ତି ତାହା ବ୍ୟକ୍ତ କଲେ ।

ଶାନ୍ତୁକ୍ତ କର୍ତ୍ତୃତ୍ୱ ହେବ ଅତି ମନୋଯୋଗ ପୂର୍ବକ ତାହାଙ୍କର ସମସ୍ତ ଅପତ୍ତି ଶ୍ରବଣ କଲେ ଓ ଗମ୍ଭୀର ଲେଖାଃ ଥରକୁଥର ତାହାଙ୍କର ଅଉ କିଛି ଅପତ୍ତି ଅଛି କି ନାହିଁ ପୁଛିବାକୁ ପଛୁ କଲେ ଯହୁଁ ବାବୁଙ୍କର ସମସ୍ତ କଥା ଶେଷ ହେଲା ତହୁଁ ଉଲଲିଖିତ ଗ୍ରନ୍ଥରୁ ସମସ୍ତଙ୍କ ସାକ୍ଷାତରେ ପାଠ କରି ମୋକଦ୍ଦମା ଡିସମିସ ଓ ଅସାମିକୁ ଖଲାସ ଦେବାର ଆଜ୍ଞା ଦେଲେ ସପେଷ୍ଠ ଦେଖିବା ସମୟରେ ଯେ ସମସ୍ତ ତର୍କ ବିତର୍କ ହୋଇଥିଲା ତାହା ଲେଖିବାର ପ୍ରୟୋଜନ ନାହିଁ । ମୁଦାଲା ପକ୍ଷରେ ସ୍କୁଲଅଦାଲତର ଉକିଲ ବାବୁ ରାମମୋହନ ମଲ୍ଲିକ ଉପସ୍ଥିତ ହୋଇଥିଲେ । ହାକିମଙ୍କ ରାୟର ଅବିକଳ ଅନୁବାଦ ଏଠାରେ ପ୍ରକାଶ ହେଲା ପାଠକମାନେ ପାଠ କରି ସକଳ ବିଷୟ ଜାଣି ପାରିବେ ।

### ରାୟ

ଅଦାଲତ ବଟେକନରେ ବାଦୀକୁ ମେଷ କହିବାରେ ଗାରରବର୍ଷ ଦଣ୍ଡବିଧି ଆଇନର ୨୫୦ ଧାରା ଅର୍ଥ ଅନୁସାରେ କୌଣସି ଅପବାଦ ହୋଇ ନାହିଁ । ଏ କାର୍ଯ୍ୟ ଦଶଧାରାର ସ୍ପଷ୍ଟ ବର୍ଜିତ ବିଧି ମଧ୍ୟରେ ଅସୁଅଛି ।— ଉତ୍କୋଟ ସ୍କୁଲରେ ଓଡ଼ିଆ ଅକ୍ଷର ଓ ଅଙ୍କ ଉଠାଇଦେଇ ବଙ୍ଗଳା ଅକ୍ଷର ପ୍ରଚଳିତ କରିବା ବିଷୟରେ ଏକ ବକ୍ତୃତା ପାଠ ହେବାରେ ବାଦୀ ପ୍ରକାଶ୍ୟରୂପେ ସେହି ବକ୍ତୃତାର ପୋଷକତା କଲେ । ପତ୍ରଲେଖକ ଏଥିର ମତକୁ ବାସ୍ତବିକ ଜ୍ଞାନ କରି ସେଥିରେ ଅସମ୍ମତ ହୋଇ ତାହାର ଯେ ଭୟଙ୍କର ହେବ ତାହା ଶ୍ଳେଷ କରି ଲେଖିଅଛି ଏବଂ ପତ୍ରଲେଖକ ଭଙ୍ଗବଡ଼ଙ୍ଗୀରେ ବାଦୀ ଏପରି ପ୍ରସ୍ତାବର ପୋଷକତା କରିବାରେ ଅଳ୍ପବୁଦ୍ଧିର ପ୍ରକାଶ କରଥିବାର ସେ ଉଲ୍ଲେଖ କରିଅଛି । ଉପରୋକ୍ତ ବକ୍ତୃତା ନିଃସନ୍ଦେହ ସର୍ବସାଧାରଣ ସମ୍ପର୍କୀୟ ବିଷୟରେ ହୋଇଥିଲା ଓ ସେ ବିଷୟର ଉନ୍ନତିରେ ଓଡ଼ିଶା ନିବାସିମାନଙ୍କର ବିଶେଷ ସମ୍ବନ୍ଧ ଅଛି ସେହି ବକ୍ତୃତା ପୋଷକତା କରିବାରେ ବାଦୀର କାର୍ଯ୍ୟ ଯେପରି ଦେଖାଯାଉଅଛି ସେଥିର ଉଚିତ ଦୋଷ ଗୁଣ ବିବେଚନା କରିବା ଅପେକ୍ଷା ଲେଖକ ଅଉ କିଛି ଅଧିକ କରି ନାହିଁ ।

ଅନନ୍ତର ବାଦୀ କହଇ ଯେ "ସ୍ୱଦେଶପ୍ରତି ବିରକ୍ତ" ହେବାର କହିବାରେ ତାହାର ଅପମାନ ହୋଇଅଛି ମଧ୍ୟ ଅନ୍ୟ ଉପାଧିବିଶିଷ୍ଟ ଏମ୍ ଏ ଉପାଧି ପାଇବାର ଦୋଷାରୋପ ତାହାପ୍ରତି ହୋଇଅଛି ।

ପତ୍ରର ଅବସ୍ଥା ଦେଖିବାରେ ଅନୁଭାଣିକାରେ "ସ୍ୱଦେଶ ପ୍ରତି ବିରକ୍ତ" ଲେଖାଯାଇ ଦାବୀକାରେ ବାଦୀର ଗାଡ଼ର କୌଣସି ହାନି ହେବାଭଳି କିଛି ଦୋଷ ହୋଇ ନାହିଁ ଏବଂ ଯହିଁରେ ଯେସବୁ ଉତ୍ତର ଦିଆଯାଇ ହୋଇଅଛି ତହିଁରୁ ବାଦୀ ଅନଧିକ ଉପାଧି ଗ୍ରହଣ ଏମ୍ ଏ ଉପାଧି ପାଇବାର ଅର୍ଥ ହେଉ ପାରିବାର ଅନୁମାନ କରାଯାଇ ନାହିଁ "ଏ ମେ" ଏହି ଅକ୍ଷରମାନ ଦେଖି ରଙ୍ଗ କରିବା ଓ ବାବୁ ମେଷପରି ନିର୍ବୁଦ୍ଧିକୁ ପ୍ରକାଶ କରିଥିବାର ବାକ୍ୟ କହିଲେ ଇଚ୍ଛାରେ କେବଳ ପତ୍ରଲେଖକ ବାଦୀର ଉପାଧିର ଉଲ୍ଲେଖ କରିଅଛି ।

ଅତଏବ ଅଦାଲତ ବିଚାରରେ ଅପବାଦ ଅପ୍ରମାଣ ହୋଇ ନ ଥିବାରୁ ମକଦମା ଡିସମିସ କରିଲା ଓ ପ୍ରତିବାଦୀ ଗୋସ୍ୱାମୀଙ୍କ ଫୌଜଦାରୀ କାର୍ଯ୍ୟବିଧି ଆଇନର ୨୧୫ ଧାରା ଅନୁସାରେ ଖଲାସ ଦିଆଗଲା ।

୪ | ୮ | ୧୮୬୯ } ଟି ଏମ୍ କର୍ବୁଟ୍
ଏକ୍ଟିଂ ଜଏଣ୍ଟ ମାଜିଷ୍ଟ୍ରେଟ

ଅମ୍ଭେମାନେ ଏ ନିଷ୍ପତ୍ତିର ପ୍ରଶଂସା କରିବାକୁ ବାଞ୍ଛାର ପଥ ଦେଖୁଅଛୁଁ ଏହା ଅତି ଚମତ୍କାର ହୋଇଅଛି ଅଥବା ଅମ୍ଭମାନଙ୍କ ପ୍ରଶଂସାବାକ୍ୟକୁ ସର୍ବସାଧାରଣ ଗ୍ରହଣ ନ କରିବେ କାରଣ ଏ ନିଷ୍ପତ୍ତି ଅମ୍ଭମାନଙ୍କ ପକ୍ଷରେ ହୋଇଥିବାରୁ ସ୍ୱଭାବତଃ ଅମ୍ଭେମାନେ ଏହାର ସୁଖ୍ୟାତି କରିବୁଁ । ତଥାପି ଅମ୍ଭେମାନେ କହୁଁ ଯେ ନିଷ୍ପତ୍ତି ଉତ୍ତମ ହୋଇଅଛି ହାକିମମାନେ

Digitized by srujanika@gmail.com

ସର୍ବଦା ବିଚାରକାର୍ଯ୍ୟ କରୁଥିବାରୁ ଅନେକର ମର୍ମ ଉତ୍ତମରୂପେ ବୁଝିପାରନ୍ତି ଏଥିରେ ବଡ ପ୍ରଶଂସା ନାହିଁ ବୋଲି କେହି ଆପତ୍ତି କଲେ ଆମ୍ଭେମାନେ ସେଥିର ପ୍ରତିବାଦ କରୁ ନାହୁଁ କିନ୍ତୁ ଶ୍ରୀଯୁକ୍ତ କର୍ଣ୍ଣ ଉସାହେବ ଇଂରାଜଲୋକ ହୋଇ ଯେ ଉତ୍କଳଭାଷା ରଚିତ ବ୍ୟଙ୍ଗାର୍ଥ ଘଟିତ ପଦର ଯଥାର୍ଥ ଭାବ ଏତେ ତାତ୍ପର୍ଯ୍ୟରୂପେ ବୁଝିପାରି ମକଦ୍ଦମାର ଯଥାର୍ଥ ବିଚାର କଲେ ଏହା ଅବଶ୍ୟ ଭାରି ପ୍ରଶଂସାର ବିଷୟ ଅଟଇ ଓ ଏଥିରୁ ବୋଧ ହୁଅଇ ଯେ ସେ ଦେଶୀୟ ଭାଷା ବୁଝିବାକାରଣ ସାମାନ୍ୟ ଯତ୍ନ କରି ନାହାନ୍ତି । ଯାହା ହେଉ ଶ୍ରୀଯୁକ୍ତ କର୍ଣ୍ଣ ଉସାହେବ ଜଏଣ୍ଟ ମାଜେଷ୍ଟ୍ରେଟ ଏ ମକଦ୍ଦମାର ଉଚିତ ବିଚାର କରି ଉତ୍କଳର ସର୍ବସାଧାରଣଙ୍କଠାରେ ଅଧିକ ଆଦୃତ ହୋଇଅଛନ୍ତି ।

ମକଦ୍ଦମାର ବୃତ୍ତାନ୍ତ ଶେଷ କରି ଶ୍ରୀଯୁକ୍ତ ବାବୁ ଗୌରକୃଷ୍ଣ ମୁଖର୍ଯ୍ୟାଙ୍କ ବିଷୟରେ କିଛି କହି ନ କରି କ୍ଷାନ୍ତ ହୋଇ ନ ପାରୁ । ବାବୁଙ୍କ ଉପରେ ଆମ୍ଭମାନଙ୍କର ଯେତେବଡ ପ୍ରତ୍ୟାଶା ଅଛି ତାହା ଆମ୍ଭେମାନେ ତାହାଙ୍କ ଅଭିବାଦୂଙ୍କ ଚଳିତବର୍ଷ ଫେବ୍ରୁଆରି ମାସ ତା ୨୦-ରିଖ ପତ୍ରିକାରେ ସର୍ବସାଧାରଣଙ୍କୁ ଜଣାଇଅଛୁଁ ଓ ଏ ମକଦ୍ଦମା ହେଲାରୁ ଯେ ସେ ଆଶା ଧ୍ୱଂସ ହେଲା ଏମନ୍ତ ନୁହଇ । ଅତି ବୁଦ୍ଧିମାନ ବ୍ୟକ୍ତି ହେଲେ ଯେବେ ଯେବେ ଭ୍ରମରେ ପଡନ୍ତି ଓ ଗୋଟାଏ ମକଦ୍ଦମାରେ କେହି ହାରିଲେ ତାହାକୁ ନିର୍ବୋଧ ଜ୍ଞାନ କରିବା ଯେମନ୍ତ ଯୁକ୍ତି ବିରୁଦ୍ଧ କେହି ଗୋଟିଏ ମକଦ୍ଦମା ଜିଣିଲେ ତାହାକୁ ବୁଦ୍ଧିମାନ ଜ୍ଞାନକରିବା ସେମନ୍ତ ଯୁକ୍ତି ବିରୁଦ୍ଧ ଅଟଇ । ମନୁଷ୍ୟ କିଛି ଦେବତା ନୁହଇ ଯେ ସବୁ ସମୟରେ ଅଭ୍ରାନ୍ତରୂପେ କାର୍ଯ୍ୟ କରିବ । ବାବୁଙ୍କର ବୟସ ଅଳ୍ପ କେବଳ ୨୦ ବର୍ଷ ଅଟଇ ଏଥିରେ ସେ ଇଂରାଜୀ ବିଦ୍ୟାରେ ସର୍ବୋଚ୍ଚ ମର୍ଯ୍ୟାଦା ପ୍ରାପ୍ତ ହୋଇ ଅନେକ ସୁଖ୍ୟାତି ଲାଭ କରିଅଛନ୍ତି । ରକ୍ତର ଉତ୍ତେଜନା ହେତୁ ଅଳ୍ପ ନିନ୍ଦା ଶୁଣିଲେ ଯେତେବଡ଼ ଯଶର ଲାଘବତା ଜ୍ଞାନକରି ସ୍ୱଭାବତଃ ଦୁଃଖିତ ହୋଇପାରନ୍ତି ତଥାପି ପୁଣି ଉତ୍କଳଭାଷା ଅତ୍ୟନ୍ତ କାଲ ହେଲା ଶିଖିବାକୁ ଆରମ୍ଭ କରିଥିବାରୁ ଏଥିର ସକଳ ଭାବ ଭଙ୍ଗି ଅବଗତ ହେବାର ସମ୍ଭାବନା ନାହିଁ ଏ ଅବସ୍ଥାରେ ଯେ ସେ ଭ୍ରମ ପ୍ରମାଦରେ ପଡ଼ିବେ ଏଥିରେ ଆଶ୍ଚର୍ଯ୍ୟ କ ଅଛି କିନ୍ତୁ ଦୁଃଖର ବିଷୟ ଯେ କେହି ପ୍ରବୀଣ ଲୋକ ତାହାଙ୍କର ଉପଦେଷ୍ଟା ନ ମିଳିଲେ ଅଥବା କେହି ମିଳିଥିଲେ ତାହା କଥାକୁ ଗ୍ରାହ୍ୟ ନ କଲେ ସେରୂପ ହୋଇଥିଲେ ଅବା ସେ ବୃଥା ଜନାପବାଦରୁ ରକ୍ଷା ପାଉଥାନ୍ତେ । ଅତଏବ ଆମ୍ଭେ ଅସ୍ମଦ୍ଦେଶୀୟ ଲୋକଙ୍କୁ ପ୍ରାର୍ଥନା କରୁଅଛୁଁ ଯେ କାହାରି ଛିଦ୍ର ଅନୁସନ୍ଧାନ ନ କରି ଗୁଣ ଗ୍ରହଣରେ ତତ୍ପର ହେଉନ୍ତୁ ।

---

## ସାପ୍ତାହିକ ସଂବାଦ ।

ଆମ୍ଭେମାନେ ଅତି ଦୁଃଖର ସହିତ ଅବଗତ ହେଲୁଁ ଯେ ମହାନଦୀର ଅରପାରି ଚଉଦୁଆର ଇତ୍ୟାଦି ସ୍ଥାନମାନଙ୍କରେ ଝାଡ଼ା ବାନ୍ତି ରୋଗ ଅତ୍ୟନ୍ତ ପ୍ରବଳ ହୋଇଅଛି ଓ ଅନେକଲୋକ ସେଥିରେ ମର୍ଗ ପଡୁଅଛନ୍ତି । ପୁଲିସ ଯଥାକାଳରେ ଏ ବିଷୟ ମାଜେଷ୍ଟ୍ରେଟସାହେବଙ୍କୁ ଜଣାଇବାରେ ସ୍ୱୟଂ ଡାକ୍ତରସାହେବ ଗତ କାଲି ସେ ସ୍ଥାନକୁ ଯାଇଥିଲେ କିରୂପ ପ୍ରତିକାରର ଉପାୟ କରିଅଛନ୍ତି ଜଣା ନାହିଁ । ଈଶ୍ୱରଙ୍କ ତାହାଙ୍କ ଉପାୟଦ୍ୱାରା ଶୀଘ୍ର ଏ ରୋଗ ନିବର୍ତ୍ତ ହେଉ ଗତ ଦୁଇ ତିନିଦିନ ହେଲା ଯେରୂପ ଗ୍ରୀଷ୍ମ ଓ ଖରା ହେଉଅଛି ଏଥିରେ ରୋଗ ବଢ଼ିବାର ଲକ୍ଷଣ ଦେଖାଯାଏ ।

ଜଗତସିଂହପୁରର ଅପିଥୃଣ୍ଡ ସାହେବ ଶ୍ରୀଯୁକ୍ତ ହରିସାହେବଙ୍କୁ ବଦଳି କରିବା ପକାରେ କଟକର ଡେପୁଟୀକଲେକ୍ଟର ଏଫ୍, ଏ, ହରିସେନସାହେବ ସେଠାକୁ ଯାଉଅଛନ୍ତି । ଗବର୍ଣ୍ଣମେଣ୍ଟର ଇଚ୍ଛା ଯେ ଶ୍ରୀଯୁକ୍ତ ମୁଟନସାହେବ ଛୁଟୀସମୟ ଉତ୍ତାରୁ ଯାଜପୁରରୁ ଫେରିଆସିଲେ କେନ୍ଦ୍ରାପଡ଼ାର ଡେପୁଟୀକଲେକ୍ଟର ବାବୁ କାଳୀନାଥ ଘୋଷଙ୍କୁ ଜଗତସିଂହପୁରରେ ରଖିବେ ଓ ଯେବେ ତାଙ୍କ ପ୍ରୟୋଜନ ହୁଅଇ ତେବେ ହାରିସେନ ସାହେବଙ୍କୁ ସେଠାରୁ ଶୀଘ୍ର ବଦଳି କରୁ ନ ଥିବ

ଲୋକବିଶେଷର ମତାମତ କେତେ ଭିନ୍ନ ତାହା ସ୍ଥିରକରିବା କାହାରି ସାଧ୍ୟ ନୁହଇ । ସିମଲାର ଖଣ୍ଡିଏ ସମ୍ବାଦପତ୍ର ଲେଖନ୍ତି ଯେ "ବଙ୍ଗାଳିଙ୍କର ସାହସ ଓ ବୀରପଣିଆରେ ଆମ୍ଭମାନଙ୍କର ଭୀତ ହେବାର କାରଣ ନାହିଁ ସେମାନେ ପ୍ରତିଜ୍ଞାହୀନ ଓ ପୁରୁଷାର୍ଥ, ମହତ୍ତ୍ୱ ଓ ସରଳତା ଶୂନ୍ୟ ଅଟନ୍ତି" ।

ଇଣ୍ଡିଆନମିରରରେ ଗୋଟିଏ ଆଶ୍ଚର୍ଯ୍ୟ ବ୍ୟାପାର ପଢିଲୁଁ । ତାହା ଏହି ଯେ ଶ୍ରୀନୋବଲ ନଗରର ଜଣେ ଲୋକ ଏକ ଉପାୟ ଆବିଷ୍କାର କରିଅଛି ଯେ ତଦ୍ଦ୍ୱାରା ମୃତଶରୀର ଆମ୍ଭମାନଙ୍କ କାର୍ଯ୍ୟରେ ଲାଗିପାରେ । ସେବ୍ୟକ୍ତି କହେ ଯେ ତାହାର ପ୍ରସ୍ତୁତକୃତ୍ ଜଳୀୟ ଦ୍ରବ୍ୟରେ ମୃତଶରୀରକୁ ବୁଡାଇ ରଖିଲେ ପାଞ୍ଚବର୍ଷରେ ତାହା ପଥର ପାଲଟିଯାଏ ଓ ଏରୂପେ ଏକସହସ୍ର ବର୍ଷ ଉତ୍ତାରୁ ଲୋକମାନେ ଆପଣା ପୂର୍ବପୁରୁଷଙ୍କ ମୃତଶରୀରଦ୍ୱାରା ପଥରଘର ନିର୍ମାଣ କରି ତହିଁରେ ବାସ କରି ପାରିବେ ।

ଆମ୍ଭେମାନେ ପୁରୀରୁ ସମ୍ବାଦ ପାଇଅଛୁଁ ଯେ ରଥ ଯାତ୍ରା ଯାତ୍ରି ନାଶ ମକଦ୍ଦମାରେ ଗୁଣ୍ଡିଚା ମଣ୍ଡପର ଯେଉଁ ଦୁଇ ଦ୍ୱାରିଙ୍କର ଅପରାଧର ବିଚାର ହେଉଥିଲା ତାହାଙ୍କ ଉପରେ ଅପରାଧ ପ୍ରମାଣ ହୋଇ ଏକଜଣକୁ ମା ୬ ସ ଓ ଅନ୍ୟ ଜଣକୁ ତିନିମାସ କାରାବାସ କରିବାର ଦଣ୍ଡ ବିଧାନ ହୋଇଅଛି । ଯେବେକି ରଥ ବୋଉଡା ଝୁଣ୍ଟିପଡିବାର ଘଟନା ହୋଇ ନ ଥାନ୍ତା ତେବେ ଉକ୍ତ ଦୁଇ ବ୍ୟକ୍ତି ଉପରେ ଅଧିକ ଦଣ୍ଡ ହୋଇଥାନ୍ତା ସ୍ୱଜଙ୍କର ବଡ଼ ଧର୍ମସିଙ୍ଗିଙ୍କ ମଧ୍ୟରୁ କାହାର ଉପରେ ଅପରାଧ ପ୍ରମାଣ ହୋଇ ନାହିଁ । ଆମ୍ଭର ସମ୍ବାଦଦାତା ବୋଧ କରନ୍ତି ଯେ ହତବ୍ୟକ୍ତିମାନଙ୍କ କୁଟୁମ୍ବର ଉପକାରାର୍ଥେ ଶ୍ରୀଙ୍କ ନାମରେ ସନ ୧୮୭୦ ମସିହାର ଆ ୧୦ ଆଇନ ଅନୁସାରେ ନାଲିସ ହେବାର ସମ୍ଭାବନା ଅଛି ।

ମନୁରିରେ ଗୋଟିଏ ରୋମାନ କାଥଲିକ ଅରକ୍ଷ ବାଳକାଶ୍ରମ ନିର୍ମାଣ ନିମିତ୍ତ ଟ ୧୫୦୦୦-ଙ୍କା ଗବର୍ଣ୍ଣମେଣ୍ଟ ଇଣ୍ଡିଆ ମଞ୍ଜୁର କରିଅଛନ୍ତି ଏବଂ ମୁରାଦାବାଦରେ ଜଣେ କାଥେଲିକ ପାଦ୍ରିଙ୍କୁ ନିଯୁକ୍ତ କରିବାକୁ ମଧ୍ୟ ମଞ୍ଜୁର କରିଅଛନ୍ତି ।

ମଧ୍ୟପ୍ରଦେଶ ଓ ବରାର ରାଜ୍ୟରେ ଯେତେ ପଥର କୋଇଲାର ଖଣି ଅଛି ସେସମସ୍ତର ଅନୁସନ୍ଧାନ କାର୍ଯ୍ୟରେ ବ୍ୟୟ ନିମିତ୍ତ ଚଳିତବର୍ଷ ପାଇଁ ଟ ୨୦୦୦୦ଙ୍କା ଗବର୍ଣ୍ଣମେଣ୍ଟ ଇଣ୍ଡିଆ ମଞ୍ଜୁର କରଅଛନ୍ତି ଏ ଅନୁସନ୍ଧାନ କାର୍ଯ୍ୟରେ ସଫଳ ହେଲେ ଉକ୍ତ ଦେଶଖଣ୍ଡର ବିସ୍ତର ଧନବୃଦ୍ଧିର ସମ୍ଭାବନା ଅଛି ।

ଭାରତବର୍ଷରେ ଯେଉଁ ଓଜନ ଓ ମାପପଦ୍ଧତି ପ୍ରଚଳ କରିବା ପାଇଁ ଏଥିପୂର୍ବେ ଏକ କମିଟୀ ବସି ଗବର୍ଣ୍ଣମେଣ୍ଟକୁ ଅନୁରୋଧ କରିଥିଲେ । ବିଲାତର ସେକ୍ରେଟେରି ତାହା ମନୋନୀତ କରି ପ୍ରଚଳ କରିବାକୁ ଆଜ୍ଞା ଦେଇଅଛନ୍ତି ।

ଟାଇମ୍ସ ଅବ ଇଣ୍ଡିଆ ଜ୍ଞାତ ହୋଇଅଛନ୍ତି

Digitized by srujanika@gmail.com

ଯେ ସୁନାନଗରରେ ଦେଶୀୟ ବାଳିକାଙ୍କ ଉପକାରାର୍ଥେ ଗୋଟିଏ ନରମାଲସ୍କୁଲ ଅର୍ଥାତ୍ ସ୍ତ୍ରୀଶିକ୍ଷକ ପ୍ରସ୍ତୁତ କରିବାର ବିଦ୍ୟାଳୟ ଶୀଘ୍ର ସ୍ଥାପନ ହେବ । କୁମାରୀ କାର୍ପେଣ୍ଟରଙ୍କ ତତ୍ତ୍ୱାବଧାରଣରେ ଏ ବିଦ୍ୟାଳୟ ରହିବ । ଏବଂ ଯେପ୍ରକାର ବନ୍ଦୋବସ୍ତରେ ସକଳ ଜାତି ଓ ଧର୍ମାବଲମ୍ବି ଲୋକମାନେ ଶିକ୍ଷା ପାଇପାରିବେ ସେଥିର ଅନୁଷ୍ଠାନ କରାଯିବ ।

ପଞ୍ଜାବଗଭର୍ଣ୍ଣମେଣ୍ଟର ପ୍ରସ୍ତାବାନୁସାରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ବିଧାନ କରିଅଛନ୍ତି ଯେ ସିଭିଲ ସରଜନ ଛଡ଼ା ଅନ୍ୟ କୌଣସି ଡାକ୍ତରଙ୍କୁ ସାକ୍ଷୀସ୍ୱରୂପ କୌଣସି ଅଦାଲତକୁ ଯିବାକୁ ପଡ଼ିଲେ ପ୍ରତିଦିନ ୧୬ ଟଙ୍କା ଲେଖାଏ ପାଇବେ ।

ଇଣ୍ଡିଆନଡେଲିନିଉସ କହନ୍ତି ଯେ ଫଉଜଦାରୀ ଅଦାଲତର ଦରଖାସ୍ତ ସମସ୍ତଙ୍କୁ ଷ୍ଟାମ୍ପ ମାସୁଲରୁ ମୁକ୍ତ କରିବା ବିଷୟରେ ବମ୍ବେଇ ଓ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ମଧ୍ୟରେ ପରାମର୍ଶ ହେଉଅଛି ।

ଅମ୍ଭେମାନେ ଆନନ୍ଦସହିତ ଅବଗତ ହେଲୁଁ ଯେ ଇଙ୍ଗଲଣ୍ଡୀୟ ସିଭିଲ ସରବାଣ୍ଟମାନେ ଦେଶୀୟଭାଷାରେ ପରୀକ୍ଷା ଦେଇ ଜଣକେ ଏକ ସହସ୍ର ଟଙ୍କା ଲେଖାଏ ପାରିତୋଷିକ ପାଇଅଛନ୍ତି । ଯଥା ଶ୍ରୀଯୁକ୍ତ ବଲଡ଼ ଓ ଉଲିଆମସାହେବ ଓ ଶ୍ରୀ ସି, ସି, କୁଇନସାହେବ ବଙ୍ଗଭାଷାରେ ଏବଂ ଶ୍ରୀ ଜ, ସ୍ମିଥ ନସାହେବ ଓଡ଼ିଆଭାଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଅମ୍ଭେମାନେ ଇଚ୍ଛା କରୁ ଯେ ସ୍ମିଥନସାହେବଙ୍କୁ ଏଥର ଗବର୍ଣ୍ଣମେଣ୍ଟ ବହୁକାଳ ଉତ୍କଳଦେଶରେ ରଖିଲେ ଭଲ ହେବ

ଇଂଲିଶମ୍ୟାନ କହନ୍ତି, ମଧ୍ୟପ୍ରଦେଶ ସମୂହରେ ବୃଷ୍ଟିହେବାର ଓଲଉଠା ଏବଂ ବସନ୍ତରୋଗ ଶାନ୍ତ ହୋଇଅଛି; କିନ୍ତୁ ସାଗରରେ ଉକ୍ତ ରୋଗ ପୁନର୍ବାର ମଧ୍ୟ ପ୍ରାଦୁର୍ଭାବ ହୋଇଅଛି ।

## ପ୍ରେରିତପତ୍ର ।

ଧର୍ମାବତାରେଷୁ ଶ୍ରୀଯୁକ୍ତ ଉତ୍କଳଦୀପିକା-ସମ୍ପାଦକ ମହୋଦୟ ସମୀପେଷୁ ।

ଉତ୍କଳହିତୈଷିଣୀରେ ପ୍ରକାଶିତ ତଥ୍ୟ ଅନୁସନ୍ଧାନ ଉତ୍ତର ବହୁତ ବର୍ଣ୍ଣନା ଇତ୍ୟାଦି ବିଷୟକ ପ୍ରବନ୍ଧଦ୍ୱୟ ସକଳଭାଷା ଥିବାର ଯେ ପ୍ରମାଣ ଅମ୍ଭେ ଆପଣଙ୍କ ପତ୍ରିକାଦ୍ୱାରା ଦର୍ଶାଇଥିଲୁଁ ତହିଁର ପ୍ରତିବାଦରେ ଓ ସଙ୍କରଭାଷା ପୋଷକତାରେ "କେନଗ୍ରଥତାର ଉତ୍କଳୀୟ ଯଥାର୍ଥବାଦୀ" ଗୋଟିଏ ପତ୍ର ଗତ ଜୁଲାଇ ମାସ ତା ୧୭ ରିଖର ହିତୈଷିଣୀରେ ପ୍ରକାଶ କରାଇଅଛନ୍ତି । ତାହା ପାଠ ମାତ୍ରକେ ହାସ୍ୟରସରେ ମଗ୍ନ ହେଲୁଁ ଓ ହେୟ ଜ୍ଞାନ କରି ଏପର୍ଯ୍ୟନ୍ତ ମୌନ ଥିଲୁଁ କିନ୍ତୁ ଏଥିର ଉପରେ ତର୍କ କେହି ବୁଝିବାର ସମ୍ଭାବନା ଜାଣି କମ୍ପନ ଲଷ୍ଟିତ କେତେକ ପଂକ୍ତି ଲେଖି ଦେଲୁଁ ଆପଣ ଅନୁଗ୍ରହ ପୂର୍ବକ ଏହାକୁ ଆପଣଙ୍କ ପତ୍ରିକାରେ ସ୍ଥାନ ଦାନ କଲେ ଅତି ବାଧିତ ହେବୁଁ ।

ଶ୍ରୀ ଅବଧାନ, ଉତ୍କଳଭାଷା ପ୍ରମାଣାର୍ଥେ "ଯଥାର୍ଥବାଦୀ" ସଂସ୍କୃତ ବ୍ୟାକରଣ ଓ ସଟନ ସାହେବଙ୍କ ଆଶ୍ରା ନେଇଅଛନ୍ତି । ଅମ୍ଭେ ତାଙ୍କୁ ପ୍ରଶ୍ନ କରୁଁ ଭାଷା ଅଗ୍ରେ କି ବ୍ୟାକରଣ ଅଗ୍ରେ? ଭାଷାକୁ ଅନୁସରି ଯେ ବ୍ୟାକରଣ ସର୍ଜନା ହୋଇଅଛି ଏହା କିଏ ସ୍ୱୀକାର ନ କରିବ? ପୁଣି ଉତ୍କଳଭାଷାରେ ସଂସ୍କୃତ ବ୍ୟାକରଣ ଖଟାଇବା କେତେ ଯୁକ୍ତି ଯୁକ୍ତ ପାଠକମାନେ ବିଚାର କରନ୍ତୁ ଓ ଯେପ୍ରକାର ଖଟାଇଅଛନ୍ତି ତାହା ମଧ୍ୟ ଅତ୍ୟନ୍ତ ଅସଙ୍ଗତ ଅଟେ । ଉତ୍କଳରେ ଏତେ ମୂଢ଼ କିଏ ଅଛି ଯେ ସେ "ଶିକ୍ଷକଗଣ"ଙ୍କୁ ଏକବଚନ ଜ୍ଞାନ କରିବ ।

ସଟନ ସାହେବ ଉତ୍କଳଭାଷାରେ ଯେପ୍ରକାର ନିପୁଣ ତାହା ତାଙ୍କ ରଚିତ ଓଡ଼ିଆ ଇତିହାସରୁ ଜଣା ଯାଏ ଅତଏବ ତାଙ୍କ ଅଭିମତ ବ୍ୟକ୍ତି ଯେ ଓଡ଼ିଆରେ ଅଧିକ ଅପଟୁ ଥିବେ ଏଥିରେ ତିଳମାତ୍ର ସନ୍ଦେହ ନାହିଁ । ଯେବେ ଉତ୍କଳ ଭାଷାର ପରିଭାଷାକରଣେ ସଟନସାହେବଙ୍କ ଉକ୍ତମତିକୁ ପ୍ରମାଣସ୍ୱରୂପ ଗ୍ରହଣ କରାଯିବ । ତେବେ ପ୍ରାଚୀନ ବଙ୍ଗଭାଷା ଅଭିଧାନମାନ ବହିଷ୍କୃତ ଅଛନ୍ତି ଅମ୍ଭେ ପୁନର୍ବାର ଦୃଢ଼କରି କହୁଅଛୁଁ ଯେ "ହେବ" "ହେଉଣ" ଇତ୍ୟାଦି ଉତ୍କଳ ପଦ ନୁହେ । "ଯଥାର୍ଥବାଦୀ" ମିଥ୍ୟାଚରଣ କରି ଆପଣା ନାମରେ ଉତ୍କଳୀୟ ପଦ ଯୋଗ କରିଅଛନ୍ତି ଯେବେ ସେ ବାସ୍ତବରେ ଓଡ଼ିଆ ତେବେ କୌଣସି କାରଣବଶତଃ ସଙ୍କର ଭାଷାର ଭକ୍ତ ହୋଇଅଛି । ପତ୍ର ବାହୁଲ୍ୟ ହେବା ଭୟରେ ତାଙ୍କର ସମସ୍ତ ଯୁକ୍ତିର ଦୋଷ ପ୍ରକାଶରୁ କ୍ଷାନ୍ତ ହେଲୁଁ ।

ବଶମ୍ବଦ
ସ୍ନେହବାଦୀ

—✻—

ବିଜ୍ଞାପନ ।

ବ୍ରାହ୍ମଧର୍ମ ବିଷୟରେ ପୁସ୍ତକ ସମୂହ ଉତ୍କଳଭାଷାରେ ପ୍ରକାଶିତ ନ ହେଲେ ଏଦେଶରେ ବ୍ରାହ୍ମ ଧର୍ମ ଉତ୍ତମରୂପ ପ୍ରଚଳିତ ହେବାର ସମ୍ଭାବନା ନାହିଁ । କିନ୍ତୁ ଅମ୍ଭମାନଙ୍କ ଦେଶରେ ଅର୍ଥବାନ୍ ଓ ବ୍ରାହ୍ମଧର୍ମାନୁରାଗୀ ବ୍ୟକ୍ତିଙ୍କର ସଂଖ୍ୟା ଯେରୂପ ଅଳ୍ପ ତହିଁରେ ଏରୂପ ବହୁବ୍ୟୟସାଧ୍ୟ ବିଷୟ ଏକାକେଳକେ ସମ୍ପନ୍ନ ହୋଇପାରିବ ନାହିଁ । ପ୍ରଥମରେ ବ୍ରାହ୍ମଧର୍ମର ମତ ଓ ବିଶ୍ୱାସସୂଚକ ଉତ୍କଳ ଭାଷାରେ ପ୍ରକାଶିତ କରିବାର ଯୁକ୍ତିସିଦ୍ଧ ବୋଧ ହେଉଅଛି । ସୁଦେଶହିତୈଷୀ ବ୍ୟକ୍ତିମାନଙ୍କର ନିକଟରେ ପ୍ରାର୍ଥନା କରୁଁ ଯେ ସେମାନେ ଏରୂପ ଦେଶ ହିତକର ମଙ୍ଗଳ ବ୍ୟାପାର ସାଧନରେ ଯଥାସାଧ୍ୟ ସାହାଯ୍ୟ ପ୍ରଦାନ କରନ୍ତୁ । ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ ଏହାନିମିତ୍ତ ଅର୍ଥ ସଂଗ୍ରହ କରିବେ । ପ୍ରଦାତାଗଣ ତାହାଙ୍କ ନିକଟକୁ ଯଥାସାଧ୍ୟ ସାହାଯ୍ୟ ପ୍ରେରଣ କଲେ ଉତ୍ତାନ୍ତ ଅନୁଗୃହୀତ ହୋଇବୁଁ ଇତି ।

କଟକ ବ୍ରାହ୍ମସମାଜ } ଶ୍ରୀ ଜଗନ୍ମୋହନ ରାୟ
୭,୭।୬୯

—✻—

**Public Engagement.**

The Cuttack Debating Club

Baboo Rajkrisno Mookherjea M. A., B. L., will deliver a lecture on "The life and doctrines of Buddha" at the High School Theatre on Wednesday the 11th Instant at 8 P. M.

Cuttack, the 5th August 1869.

Obinash Chundra Chatterjee
Hony. Secy. C. D. Club.

☞ ଏହି ଉତ୍କଳଦୀପିକା ସହର କଟକ ଉତ୍ତରଖାନଙ୍କ ବାଟିକାବିଦ୍ୟା ଛାପାଖାନାରେ ମୁଦ୍ରିତ ଓ ପ୍ରକାଶ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା ।

୪ ଭାଗ ୩୦ ସଂଖ୍ୟା } ତା୧୪ ଋଖ ଅଗଷ୍ଟ ସନ୧୮୬୯ ମସିହା । ମୁ । ଶ୍ରାବଣ ଦି ୩୧ ନ ସନ ୧୨୭୬ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪॥ ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫ ମଫସଲ ପାଇଁ ଡାକମାସୁଲ ୧॥


## ଅମ୍ଭ ସମ୍ବାଦ ।

ଅମ୍ଭମାନଙ୍କ ଉପରେ ଯେଉଁ ଅନାହୂତ ସଙ୍କଟ ପଡିଥିଲା ଓ ତାହା ସର୍ବଜ୍ଞ ନାଥଙ୍କ କୃପାରେ ଯେପ୍ରକାର ଖଣ୍ଡନ ହେଲା ତହିଁର ସବିଶେଷ ବୃତ୍ତାନ୍ତ ଗତ ସପ୍ତାହର ପତ୍ରିକାରେ ବର୍ଣ୍ଣନ କରିଅଛୁ । କିନ୍ତୁ ଉତ୍କଳୀୟ ସର୍ବସାଧାରଣ ଅମ୍ଭମାନଙ୍କ ଦୁଃଖରେ ଦୁଃଖିତ ହୋଇ ଅମ୍ଭମାନଙ୍କର ଯେ ଏକାନ୍ତ ମଙ୍ଗଳାକାଙ୍କ୍ଷୀ ହୋଇଥିଲେ ତାହା ଅଦ୍ୟାବଧି ଜନିତ ଭ୍ରମ ବଶତଃ ଅମ୍ଭେମାନେ ସ୍ୱୀକାର କରି ନାହୁଁ । ଯଦ୍ୟପି ସର୍ବସାଧାରଣଙ୍କ ଠାରେ ବଧିନତ କୃତଜ୍ଞତା ପ୍ରକାଶ କରି ନାହୁଁ ତଥାପି ସେମାନଙ୍କୁ ଦୃଢ କରି ଜଣାଉ ଅଛୁଁ ଯେ ସେମାନଙ୍କର ଏପରି ବନ୍ଧୁ-ଭାବ ଦେଖି ଅମ୍ଭମାନଙ୍କର ଚିତ୍ତ କୃତଜ୍ଞତା ଭରରେ ପ୍ଳାବିତ ହୋଇଥିଲା । ବାସ୍ତବରେ ସେମାନଙ୍କର ଏତାଦୃଶ ସମବେଦନା ଅମ୍ଭେମାନେ ଆଶା କରି ନ ଥିଲୁଁ ଓ ଆଶାତିରିକ୍ତ ଫଳ ଲାଭରେ ଯେ ପ୍ରକାର ହୃଷ୍ଟଚିତ୍ତ ହୋଏ ତାହା ସହଜରେ ସମସ୍ତଙ୍କର ହୃଦୟଙ୍ଗମ ହୋଇପାରେ ଲେଖିବାର ବାହୁଲ୍ୟ ମାତ୍ର । ଯାହା ହେଉ ଅମ୍ଭେମାନେ ବର୍ତ୍ତମାନ ପ୍ରାର୍ଥନା କରୁଅଛୁଁ ଯେ [illegible]ରଣ ସଦୟ ହୋଇ ଅମ୍ଭମାନଙ୍କର [illegible] କ୍ଷମା କରିବେ । ଓ ଉତ୍ତମ [illegible]ଳୀୟ ମହୋଦୟମାନେ [illegible] ହୋଇ ଦେଶର [illegible] ହେଉନ୍ତୁ ଏହା [illegible]ର ଶ୍ରୀବୃଦ୍ଧି ହୋଇବ ଓ ଯେଉଁ ମାନେ ଏହାକୁ ଘୃଣା କରୁଅଛନ୍ତି ସେମାନେ ଲଜ୍ଜିତ ଓ ପଶ୍ଚାତ୍ତାପିତ ହେବେ ଏଥିରେ ଲେଶ ମାତ୍ର ସନ୍ଦେହ ନାହିଁ ।

---

## ବାୟୁର ଅବସ୍ଥା ।

ଅଜ୍ଜ କାଲି ବାୟୁର ଅବସ୍ଥା ବଡ଼ ମନ୍ଦ ଦେଖାଯାଏ ନଗରର ଏକ ୨ ପାର୍ଶ୍ୱରେ ଏବଂ ଚତୁର୍ଦ୍ଦିଗସ୍ଥ ଗ୍ରାମରେ ଓଲାଉଠା ପ୍ରବଳ ହୋଇଅଛି ଓ ଟେଙ୍କାଳିର ସକଳ ସ୍ଥାନରେ ପ୍ରାୟ ଦେଖାଯାଏ ଓଲାଉଠା ହବାରଣ କାରଣ ଯେ ସମସ୍ତ ଉପାୟ ହୋଇଥାଏ ତହିଁରେ ତ୍ରୁଟି ହୋଇ ନାହିଁ । ହିନ୍ଦୁମାନେ ଦେବତା ପୂଜା ଓ ନଗର ସଂକୀର୍ତ୍ତନ କରୁ ଅଛନ୍ତି । ଓ ମୁସଲମାନମାନେ ମହରମ ସମୟ ପରି ଅଖଡ଼ା ବାହାର କରି ଧର୍ମପୁସ୍ତକର ଏକ ୨ ଭାଗ ନଗର ମଧ୍ୟରେ ପାଠକରି ବୁଲୁଅଛନ୍ତି । ବୈଦ୍ୟ ଡାକ୍ତରଙ୍କର ପାଲକ ପଡିଅଛି । ତାହାଙ୍କୁ ଦମ୍ଭା ଦେବି ଅବକାଶ ନାହିଁ ତଥାପି ଅନନ୍ତର ବିଷୟ ଯେ ଏ ରୋଗ ବଡ଼ ଭୟଙ୍କର ହୋଇ ନାହିଁ । ବର୍ଷାକାଳରେ ପ୍ରାୟ ପେଟର ରୋଗ ଅଧିକ ହୁଅଇ ସେଥିରେ ପୁଣି ଏବର୍ଷ ଅବଶ୍ୟ ପ୍ରଚୁର ବୃଷ୍ଟି ହୋଇ ନାହିଁ । ମୋଫସଲରେ କ୍ଷେତ ପାଇଁ ଲୋକେ ବୃଷ୍ଟି ଲୋଡ଼ୁଅଛନ୍ତି ଓ ଇରିଗେସନ କାନାରୁ ପାଣି ନେବାକୁ ଲୋକେ ଆରମ୍ଭ କରୁଅଛନ୍ତି । ବୃଷ୍ଟି ଅଳ୍ପ ଦେଖି କେହି ୨ କ୍ଷେତ୍ର ପକ୍ଷରେ ସନ୍ଦେହ କରନ୍ତି କିନ୍ତୁ ଅମ୍ଭମାନଙ୍କ ମତରେ ଅବଶ୍ୟ କ୍ଷେତର ବ୍ୟାଘାତ ହୋଇ ନାହିଁ ଏତେବେଳେ ସୁଦ୍ଧା ଉତ୍ତମ ବର୍ଷା ହେଲେ ପ୍ରଚୁର ଶସ୍ୟ ହସ୍ତଗତ ହେବ । ଯାଜପୁର ଅଞ୍ଚଳରେ ଉତ୍ତମ କ୍ଷେତ ହୋଇଅଛି । ସାଲେପୁର ଇଲାକାରେ ଜଳର ଦରକାର, କିନ୍ତୁ ବୃଷ୍ଟି ନ ହେଲେ ଏଠା ଲୋକେ କାନାରୁ ପାଣି ନେଇ କ୍ଷେତ ରକ୍ଷା କରିବେ କିନ୍ତୁ ଏକପକ୍ଷରେ କାନ ହେତୁ ଶସ୍ୟର ଯେ କ୍ଷତି ହେଉଅଛି ତାହା ଅମ୍ଭମାନଙ୍କ ପ୍ରକାଶିତ ପ୍ରେରିତ ଲେଖକ କାକାଖଣ୍ଡର ଅବସ୍ଥାରୁ ହେଉଅଛି ।

---

## ବଙ୍ଗାକ୍ଷରରେ ଉତ୍କଳଭାଷା ଲେଖିବା ।

ଅମ୍ଭେମାନେ ପୂର୍ବରୁ ସ୍ଥିର କରିଥିଲୁଁ ଯେ ଏ ଦୁଃଖଦାୟକ ପ୍ରସ୍ତାବ ସମ୍ବନ୍ଧରେ ଆଉ କିଛି ମତାମତ ପ୍ରକାଶ ନ କରିବୁଁ । ଅମ୍ଭେମାନେ ଏହାକୁ ଦୁଃଖଦାୟକ ବିଷୟ ବୋଲିବାର କାରଣ ଏହି ଯେ ଏ ପ୍ରସ୍ତାବ ଉତ୍ଥିତ ହେଲାଦିନୁ ଅନର୍ଥକ ବଙ୍ଗଳାବାସୀ ଓ ଉତ୍କଳୀୟଙ୍କ ମଧ୍ୟରେ ମନାନ୍ତର ହୋଇଅଛି ଓ ଏବମ୍ପ୍ରକାର ମନାନ୍ତରେ ଥିବା ରହିବା ନିତାନ୍ତ ଅନୁଚିତ ଅଟଇ ଓ ଯେହେତୁ ତାହା ଏହି ପ୍ରସ୍ତାବରୁ ଜାତ ହୋଇଅଛି ଅତଏବ ଅମ୍ଭେମାନେ ବିଚାର କରୁଅଛୁଁ ଯେ ଏ ପ୍ରସ୍ତାବର ଆଉ ଉଲ୍ଲେଖ ନ କରି ଏହାକୁ ଯେତେ ଶୀଘ୍ର ପାସୋରିଦିବା ସେତେ ଶୀଘ୍ର

Split by PDF Splitter



ବୋଧ ହୁଅଇ ଉଲ୍ଲିଖିତ ଉଦ୍ଦେଶ୍ୟ ସାଧାରଣ ହେବାର ସମ୍ଭବ ତଥାପି ଅମ୍ଭେମାନେ ଏ ବିଷୟରେ ଅଦ୍ୟ ଖଣ୍ଡିଏ ପତ୍ର ପ୍ରକାଶ କରିବାକୁ ବାଧ୍ୟ ହେଲୁଁ ଓ ତାହା ପ୍ରକାଶ କରିବାରେ ଅମ୍ଭମାନଙ୍କର ଏହି ଉଦ୍ଦେଶ୍ୟ ଯେ ଯଥାର୍ଥ ସ୍ୱଦେଶୀୟ ବଙ୍ଗାଳିମାନେ ମୁନ୍ସୀ ଶ୍ୟାମାଚରଣବାବୁଙ୍କ ମତକୁ ଆଦର କରୁ ନାହାନ୍ତି । ପତ୍ରପ୍ରେରକଙ୍କର ପରିଚୟ ଦେବା ଅମ୍ଭମାନଙ୍କ ପକ୍ଷରେ ଅନାବଶ୍ୟକ ଅଟଇ ଉତ୍କଳରେ ତାହାଙ୍କ ଠାରେ ସେ ଅପରିଚିତ ନୁହନ୍ତି ଓ ବଙ୍ଗଦେଶରେ ଜଣେ ଉତ୍କୃଷ୍ଟ ଲେଖକବୋଲି ଖ୍ୟାତି ଲାଭ କରିଅଛନ୍ତି ଅତଏବ ଏହାଙ୍କର ମତକୁ ଅବଶ୍ୟ ବହୁବୋଲି ଘେନିବାକୁ ହେବ ବାସ୍ତବରେ ପତ୍ରପ୍ରେରକ ବାବୁ ଯାହା ଲେଖିଅଛନ୍ତି ଯେ ସଂସ୍କୃତ ଭିନ୍ନ ଅନ୍ୟ କୌଣସି ଭାଷାରେ ସକଳ ପ୍ରଦେଶର ଲୋକ ଐକ୍ୟ ହେବାର ସମ୍ଭାବନା ନାହିଁ ଏହା ସମ୍ପୂର୍ଣ୍ଣରୂପେ ଅମ୍ଭମାନଙ୍କର ମନୋମତ ଅଟଇ । ସଂସ୍କୃତଭାଷାକୁ ଭାରତବର୍ଷର ସକଳ ସ୍ଥାନର ଲୋକ ଦେବଭାଷାବୋଲି ମାନ୍ୟ କରନ୍ତି ଓ ଆଗ୍ରହପୂର୍ବକ ଶିକ୍ଷା କରନ୍ତି ସୁତରାଂ ଏ ଭାଷାର ଯେତେ ଉନ୍ନତି ହେବ ଭିନ୍ନ ୨ ସ୍ଥାନ ନିବାସିଙ୍କ ମଧ୍ୟରେ ସେତେ ଐକ୍ୟତା ବଢିବ ସନ୍ଦେହ ନାହିଁ ଅତଏବ ଭାରତବର୍ଷୀୟ ଲୋକମାତ୍ରେ ସଂସ୍କୃତ ଭାଷାର ବିଷୟରେ ଯତ୍ନବାନ୍ ହେଉନ୍ତୁ ।

---

## ବନ୍ଦୀଘର ଖବର ।

ମଗଃ ବନ୍ଦୀଘରବାଟେ କଟକକୁ ନାନା ଦ୍ରବ୍ୟ ଅସିବାର ସୁଯୋଗ ହେଉଅଛି ।

ଷ୍ଟିଦ୍ୱାଷ୍ଟିମ ନାଭିଗେସନ କମ୍ପାନୀଙ୍କର ଷ୍ଟିମ୍ ଜାହାଜ କଲିକତା ଓ ବୋମ୍ବାଇ ଗମନାଗମନ ସମୟରେ ଭାରତବର୍ଷୀୟ ସମସ୍ତ ଉପକୂଳ ସ୍ଥିତ ନଗରର ଦ୍ରବ୍ୟ ବନ୍ଦୀଘରରେ ପ୍ରବେଶ ହେଉଅଛି ଓ ଏଠାରୁ ମଧ୍ୟ ଅନ୍ୟ ସ୍ଥାନକୁ ଯିବାର ସୁଯୋଗ ହୋଇଅଛି କିନ୍ତୁ ବନ୍ଦୀଘରଠାରୁ କଟକକୁ ଅସିବାର ସର୍ବପ୍ରକାର ସୁଯୋଗ ଅଦ୍ୟାପି ହୋଇ ନ ଥିଲା । ତାଲଦଣ୍ଡା ପର୍ଯ୍ୟନ୍ତ ସରକାର ଅପଣା ଜାହାଜରେ ବିନା ବ୍ୟୟରେ ଦ୍ରବ୍ୟ ପହଞ୍ଚାଇ ଦେଉଥିଲେ ମାତ୍ର ସେଠାରୁ ମନୁଷ୍ୟ ଯାଇ ଦ୍ରବ୍ୟ ଅଣିବାରେ ବହୁତପ୍ରକାର କ୍ଳେଶ ହେଉଥିଲା ବିଶେଷତଃ ଜାହାଜର ନୌକା ଓ ନୌକାରୁ ଗୋଦାମ ଦ୍ରବ୍ୟ ଅଣିବାରେ ଅନେକ ସ୍ଥାନରେ ଲେଉଟପାଉଟ ହେବାରୁ ତାହା କ୍ଷତ ଓ ଅପହୃତ ହେଉଥିଲା । ଏମନ୍ତ କି ମହାଜନମାନେ କେତେ କ୍ଷତିଗ୍ରସ୍ତ ହେଲେ ଓ କାହାକୁ ଧରିବେ ଓ କିଏ କ୍ଷତିପୂରଣ କରିବେ ତାହା କେହିମାତ୍ର ସ୍ଥିର ନ ହେଲା । ଏଥିଯୋଗୁଁ ଅମ୍ଭମାନଙ୍କର ଶଙ୍କା ହୋଇଥିଲା ଯେ ମହାଜନମାନେ ଅତି ଦ୍ରବ୍ୟ ଅଣିବାକୁ ସାହସ ନ କରିବେ ସୁତରାଂ ଦ୍ରବ୍ୟ ଅସିବାର ଯେଉଁ ସୁଯୋଗ ହୋଇଅଛି ତାହା ଅକାଳେ ବିନଷ୍ଟ ହେବ । ମାତ୍ର ଅନନ୍ତର ସହିତ ଅମ୍ଭେମାନେ ଅବଗତ ହେଲୁଁ ଯେ ଶ୍ରୀଯୁକ୍ତ କଲେକ୍ଟର ସାହେବ ଏ ବିଷୟରେ ମନୋଯୋଗୀ ହୋଇ ବନ୍ଦୋବସ୍ତ କରିଅଛନ୍ତି ଯେ ଜାହାଜର ଦ୍ରବ୍ୟ ନୌକାରୁ ଓହ୍ଲାଇଲାକ୍ଷଣି ତାଲଦଣ୍ଡା ଗୋଦାମକୁ ନ ଯାଇ ପରବାହାରେ ମାରସାଘାଇ ପର୍ଯ୍ୟନ୍ତ ଓ ସେଠାରୁ କେନାଲପଡ଼ା ନାଲବାଟେ ଯୋବରା ଘାଟଠାରେ ଉପସ୍ଥିତ ହେବ ଓ ମହାଜନମାନେ ସେହି ଘାଟଠାରେ ଅପଣା ଅପଣା ଦ୍ରବ୍ୟ ବୁଝିପାଇବେ ଏରୂପ ବନ୍ଦୋବସ୍ତରେ ଥରକୁଥର ଦ୍ରବ୍ୟ ଓହ୍ଲାଇବା ଓ ବୋହାଇ ହେବାର ଆବଶ୍ୟକ ନ ହେବାରୁ ଦ୍ରବ୍ୟ କ୍ଷତ ଅବା ଅପହୃତ ହେବାର ଅବକାଶ ନ ଥିବ ଓ ସବୁ ଦ୍ରବ୍ୟ ଏକାବେଳକେ ଅସିବାରୁ ସାଗ୍ର ପ୍ରକାରରେ କୌଣସି ଲୋକର ଦ୍ରବ୍ୟ ଅଳ୍ପ ବ୍ୟୟରେ କଟକରେ ପ୍ରବେଶ ହେବ ଅମ୍ଭେମାନେ ଏନିମନ୍ତେ ଅନୁଗ୍ରହ ଜ୍ଞାନ କରି ଭରସା କରୁଁ ଯେ ଏହି ବନ୍ଦୋବସ୍ତକୁ କଲେକ୍ଟର ଚିରସ୍ଥାୟୀ କରନ୍ତୁ । ଏଥିରେ ସରକାରଙ୍କୁ ଯମ୍ବୁ ଓ ମାରସାଘାଇ ଠାରେ ଗୋଦାମ ଓ ଗୁଦାମ ନିଯୁକ୍ତ କରିବାର ଆବଶ୍ୟକ ନ ହେବାରୁ କୌଣସି ଅତିରିକ୍ତ ବ୍ୟୟ ନ ପଡିବ ଏବଂ ଲୋକମାନେ ଅତ୍ୟଳ୍ପ ବ୍ୟୟରେ ଘୋଡ଼ ପାଖରେ ଅପଣା ଦ୍ରବ୍ୟପାଇବାରୁ ଅନେକ ଉପକାର ବୋଧକରି ଗବର୍ଣ୍ଣମେଣ୍ଟଙ୍କର ଧନ୍ୟବାଦ କରିବେ ଆଜକୁ ପ୍ରାୟ ଆଠମାସ ହେବ କଲିକତାରୁ କିଛିର ଦ୍ରବ୍ୟ ସହ ପ୍ରଥମାସ ବନ୍ଦୀଘରକୁ ଜାହାଜ ଅସୁଅଛି ଓ ପ୍ରତିମାସରେ କିମ୍ବା ଦୁଇ ଅଧିକ ହେଉଥିବାରୁ କମ୍ପାନି ଏ ନିୟମ ବଳବତ ରଖିବେ ସମ୍ଭବ ହୁଅଇ କିନ୍ତୁ ଯେତେବେଳ ଘାଟକୁ ଦ୍ରବ୍ୟ ଅସିବାର ବନ୍ଦୋବସ୍ତ ସ୍ଥିର ନ ରହିଲେ ତାଦୃଶ ଉପକାର ହେବାର ଭରସା ନାହିଁ ।

---

# ସାପ୍ତାହିକ ସଂବାଦ ।

ଡେଲିନିୟୁସରୁ ଅବଗତ ହେଲୁଁ ଯେ ଇଂଲିସମ୍ୟାନ ସମ୍ପାଦକରେ ଅବକାଶ ସତ୍ତ୍ୱେ ସାହେବ ବାଲାଭିରି ଜଷ୍ଟିସ ହାଉସଅବକମନ୍ସରେ ଦରଖାସ୍ତ କରିଅଛନ୍ତି ଯେ କଲିକତା ହାଇକୋର୍ଟର ପ୍ରଧାନ ବିଚାରପତି ସରବାରନସ ପିକକ ସାହେବ ଅଦାଲତର ଅପମାନନା ଅପରାଧରେ ତାହାଙ୍କୁ ଦମନ କରି ପଣ୍ଡାଲୁ ରହିଁବୁ ସାନ୍ତ ହେଲେ ହେଁ ଦରଖାସ୍ତକାରର ୫ ୮,୫୦୦ ଟଙ୍କା ବ୍ୟୟ ହୋଇଅଛି । ଜଜ ସାହେବଙ୍କର ଏରୂପ ବ୍ୟବହାର ସମ୍ପାଦକର ସ୍ୱାଧୀନତା ପ୍ରତି ଅତ୍ୟନ୍ତ ବାଧକଜନକ ଅଟଇ ଏବଂ କ୍ଷତିପୂରଣ ନିମିତ୍ତ ପ୍ରାର୍ଥନା କରିଅଛନ୍ତି । ଦରଖାସ୍ତରେ କି ହୁକୁମ ହୋଇଅଛି ଅଦ୍ୟାପି ଜଣା ପଡ଼ି ନାହିଁ ।

ଉକ୍ତ ପତ୍ର ଫଟେଗଡ଼ରେ ମୁଦ୍ରିତ ଏକ ପତ୍ରିକାରୁ ଅବଗତ ହୋଇଅଛନ୍ତି ଯେ ଜଣେ ଠାକୁର ଜାତୀୟ ଲୋକ କି ଜବଲପୁର ନିକଟ ଏକ ଗ୍ରାମରେ ତାହାର ବାସସ୍ଥାନ ଥିଲା ସେ ମରିବାରୁ ତାହାର ସ୍ତ୍ରୀ ସତୀ ହେବାକୁ ଇଚ୍ଛା କଲା । ପୁନଶ୍ଚ ତାହାର ଆଶା ଭଙ୍ଗ କଲେ କିନ୍ତୁ ଯେଉଁବେଳେ ସ୍ୱାମିର ମୃତ ଦେହକୁ ଚିତାରେ ରଖି ଅଗ୍ନି ପ୍ରଜ୍ଜ୍ୱଳିତ କଲେ ସେତେବେଳେ ତାହା ଦେଖିବା ସ୍ତ୍ରୀର ମନରେ ସ୍ନେହାଗ୍ନି ପ୍ରଜ୍ଜ୍ୱଳିତ ହେବାରୁ ସେ ଚିତା ଉପରକୁ ଡେଇଁପଡ଼ି ଅପଣା ଅଭୀଷ୍ଟ ସିଦ୍ଧ କଲା । ଏକଥା କେତେଦୂର ସତ୍ୟ ଅଦ୍ୟାପି ନିଶ୍ଚିତରୂପେ କହି ଯାଇ ନାହିଁ ।

ଗତ ମେମାସରେ ଇଟାଲି ଅନ୍ତର୍ଗତ ନେପଲ୍ସ ନଗରରେ ରକ୍ତବର୍ଣ୍ଣ ବୃଷ୍ଟି ହୋଇଥିଲା ବିଶେଷ ପରୀକ୍ଷା କରି ଦେଖାଯାଉଅଛି ଯେ, ବୃଷ୍ଟି ଜଳର ସହିତ ଏକପ୍ରକାର ଲୋହିତ ବର୍ଣ୍ଣ ସୂକ୍ଷ୍ମ ଗୋଲକାର ପଦାର୍ଥ ମିଶ୍ରିତ ହେବାରୁ ବୃଷ୍ଟିର ଜଳ ରକ୍ତବର୍ଣ୍ଣ ହୁଅଇ ଏହି ସକଳ ପଦାର୍ଥ ଅଫ୍ରିକାର ମରୁଭୂମିରୁ ଉତ୍ଥାପିତ ଓ ବାୟୁଦ୍ୱାରା ବାହିତ ହୋଇ ଭୂମଧ୍ୟସାଗର ଅତିକ୍ରମ ପୂର୍ବକ ଇଯୁରୋପ ପର୍ଯ୍ୟନ୍ତ ଅସେ । ଏହିରୂପ
ଥର ମଧ୍ୟ ଅନେକଥର ଇଉରୋପ
ସ୍ଥାନେ ୨ ପଡ଼ିଅଛି । ପ୍ରାୟ
ଏହିରୂପ ରକ୍ତବୃଷ୍ଟି ଇଟା
ଥିଲ ଏବଂ ଏକଥର
ହୋଇଥିଲା । ତା

Digitized by srujanika@gmail.com

ପଦାର୍ଥ ଦୂର ଦେଶକୁ ବାହିତ ହୁଅଇ, ଏମନ୍ତ ନୋହେ । ଗତ ଜାନୁଏରୀ ମାସରେ ସେ ଇଫ୍ଟୁର ଅନ୍ତର୍ଗତ ଅସ୍ରିତସ ନଗରରେ ଏକପ୍ରକାର ପତଙ୍ଗ ବୃଷ୍ଟି ହୋଇଥିଲା । ଏହି ସକଲ ପତଙ୍ଗ କେବଳ ଫ୍ରାନ୍ସର ମଧ୍ୟ ହିଗସ୍ଥିତ ବନରେ ପ୍ରାପ୍ତ ହୁଅନ୍ତି । କେତେକ ବର୍ଷ ପୂର୍ବରେ ସାର୍ଡିନିଆ ଦ୍ବୀପ ଜାତ ଏକପ୍ରକାର ମାଛିର ଲକ୍ଷ ୨ ଝାମ୍ପ ଉଡ଼ିଯାଇ ଇଟାଲିର ଜିଓର୍ ଖାଗସ୍ଥିତ ଟ୍ରିଉଷ୍ଟର ନଗରରେ ପଡ଼ିଥିଲେ । ଏ ଦେଶରେ ମଧ୍ୟ ରକ୍ତବୃଷ୍ଟି ଏବଂ ଅଣୁକୀଟ ବୃଷ୍ଟିର କଥା ଅନେକ ଶୁଣା ଯାଇଅଛି । ଏହିରୂପ ବାୟୁ ପ୍ରଚଳିତ ହୋଇ ସଂକ୍ରାମକ ରୋଗ ସକଳର ବୀଜ ଏକ ଦେଶରୁ ଦୂରଦେଶ ସକଳକୁ ନୀତ ହୁଅଇ

ଯେଉଁ ୨ ସ୍ଥଳରେ ପ୍ରଥମ ଅଦାଲତ ସ୍ପଷ୍ଟ ବାକ୍ୟରେ ତମାଦୀର ଉଜ୍ର ଧାର୍ଯ୍ୟ ନ କରିଥିଲେ ମଧ୍ୟ ଯାବେଦା ଅପୀଲ ଅଦାଲତର ତାହା ଧାର୍ଯ୍ୟ କରିବାର କ୍ଷମତା ଅଛି ୧୮୬୮ ସାଲର ୨୪୭୫ ନଂ ମକଦ୍ଦମା ।

ଯଦି ଅଦାଲତ ୧୮୬୧ ସାଲର ୨୩ ଆଇନର ୨ ଧାରା ବିଧାନ ଅନୁସାରେ ସାକ୍ଷିର ତଲବାନା ଦାଖଲ କରିବାର ସମୟ ନିର୍ଦ୍ଧାରଣ କରି ନ ଦିଅନ୍ତି, ତେବେ ବାଦୀ ନିଷ୍ଟକାଳ ମଧ୍ୟରେ ଉକ୍ତ ତଲବନା ଦାଖଲ କରେ ନାହିଁ ବୋଲି ଅଦାଲତ ତାହାର ମକଦ୍ଦମା ଡିସମିସ କରି ନ ପାରନ୍ତି ୧୮୬୮ ସାଲର ୩୦୧୦ ନଂ ମକଦ୍ଦମା ।

[illegible]ନୁସାରେ, ନାବାଳକ ପୂର୍ବର ସାତବର୍ଷ ବୟସ ପର୍ଯ୍ୟନ୍ତ ତାହା ଶରୀରର ଉପରେ ମାତାର କର୍ତ୍ତୃତ୍ବ ଥାଏ ୧୮୬୮ ସାଲର ୩୪ ନଂ ମକଦ୍ଦମା

ଯେଉଁସ୍ଥଳରେ ସାମାନ୍ୟ ଛୋଟଙ୍କାର ଏକ ଡିକ୍ରୀଜାରିରେ ନାଜରଙ୍କର ଏକ ପିଅଦା ଦାୟୀର ଭୂମି ସମ୍ପତ୍ତି ନିଲାମ ହୋଏ, ଏବଂ ପିଅଦା ଦଖଲ ଦେବାକୁ ଆସିଲେ ଦାୟୀ ତାହା ଜାଣିବାମାତ୍ର ଅଦାଲତରେ ଉପସ୍ଥିତ ହୋଇ ଡିକ୍ରୀର ଏହି ଟଙ୍କା ଦାଖଲ କରେ । ଏମନ୍ତ ବ୍ୟବସ୍ଥାରେ ସ୍ବଭାବତଃ ଏହି ଅନୁମାନ ହୋଇ ପାରେ ଯେ ଦାୟୀର ଅଜାଣତରୂପେ ଭଞ୍ଚକତାଦ୍ବାରା ଏହି ନିଲାମ ହୋଇଅଛି ।

ଏକ ପଥ ନେଇ ପକ୍ଷଗଣମଧ୍ୟରେ ମାଜିଷ୍ଟ୍ରେଟଙ୍କ ନିକଟରେ ବିରୋଧ ଉପସ୍ଥିତ ହେଲେ ମାଜିଷ୍ଟ୍ରେଟ ବାଦୀର ସମ୍ମତିବିନେ ପୂର୍ବ ପଥ ପରିବର୍ତ୍ତନ କରି ଗୋଟିଏ ନୂତନ ପଥ ବାହାର କରି ଦିଅନ୍ତି । ନିର୍ଦ୍ଦିଷ୍ଟହେଲା ଯେ, ଏରୂପ ଅବସ୍ଥାରେ ବାଦୀ ଇଚ୍ଛାକଲେ ଦେଓ୍ବାନୀଅଦାଲତରେ ନାଲିଶ କରି ନ ପାରେ ୧୮୬୮ ସାଲର ୨୬୮୯ ନଂ ମକଦ୍ଦମା ।

ହିନ୍ଦୁବ୍ୟବହାର ଶାସ୍ତ୍ରାନୁସାରେ ଯେଉଁ ଭାଇ ପୃଥକ ହୋଇଅଛି ତାହାର ଅପେକ୍ଷା ଏକାନ୍ନଭୁକ୍ତ ଭାଇ ଦାୟାଧିକାରୀ ହୋଏ ଯେଉଁ ଭାଇ ପୃଥକ ହୁଅଇ ସେ ଦାୟାଧିକାରୀ ହୋଇ ନ ପାରେ ୧୮୬୮ ସାଲର ୨୭୯୭ ନଂ ମକଦ୍ଦମା ।

---

# ପ୍ରେରିତପତ୍ର ।

---

ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ
ମହାଶୟେଷୁ

ଆପଣଙ୍କ ପତ୍ରିକାରେ ବଙ୍ଗାକ୍ଷରେ ଉତ୍କଳ ଭାଷା ଲେଖିବା ବିଷୟରେ କତିପୟ ପ୍ରସ୍ତାବ ପାଠକରି ମହା କୌତୂହଳାକ୍ରାନ୍ତ ହେଲୁଁ । ଯଦି ଏ ବିଷୟରେ ଆଉ ଅଧିକ ବାଦାନୁବାଦ ଆପଣଙ୍କର ଅଭିପ୍ରାୟ ଆବଶ୍ୟକ ନାହିଁ । ତଥାପି ଉକ୍ତ ବିଷୟ ସମ୍ବନ୍ଧରେ କେତେ ଗୁଡ଼ିଏ କଥା ଉତ୍ଥାପିତ କି ଅବା ବିତର୍କିତ ନ ହେବାରୁ ଅମ୍ଭେ ତାହା ସଂକ୍ଷେପ କଥାରେ ବ୍ୟକ୍ତକଲୁଁ ପତ୍ରିକାରେ ସ୍ଥାନ ଦାନ ଦେବା ହେବେ ।

୧ ମ । ଅମ୍ଭମାନଙ୍କ ସାଧାରଣ ଜନ୍ମଭୂମି ଏହି ଆର୍ଯ୍ୟାବର୍ତ୍ତରେ ଅର୍ଥାତ୍ ହିମାଳୟଠାରୁ ବିନ୍ଧ୍ୟାଚଳ ପର୍ଯ୍ୟନ୍ତ ଯେତେ ପ୍ରକାର ଭାଷା ଓ ଅକ୍ଷର ପ୍ରଚଳିତ ଅଛି ତତ୍ତାବତ ଏକ ମୂଳଭାଷା ଓ ବର୍ଣ୍ଣମାଳାର ଅନ୍ତର୍ଗତ ପରନ୍ତୁ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନରେ ଏହି ସ୍ଥିର ସିଦ୍ଧାନ୍ତ ହୋଇଅଛି କି ଆର୍ଯ୍ୟ ଭୂମିର ଭିନ୍ନ ୨ ପ୍ରଦେଶବାସୀ ଜନସମାଜ ଏକ ମୂଳ ଆର୍ଯ୍ୟଜାତିରୁ ଉତ୍ପନ୍ନ । ଅଧୁନା ଇଉରୋପୀୟ ବିଦ୍ୟା ଓ ବିଜ୍ଞାନ ପ୍ରାଦୁର୍ଭୂତ ହେବାରୁ ସ୍ବଦେଶ ହିତୈଷୀ ହୃଦୟରେ ଏହି ଇଚ୍ଛା ବଳବତୀ ହୋଇଅଛି କି ଭାରତବର୍ଷୀୟ ଭିନ୍ନ ୨ ଦେଶ ଲୋକମାନଙ୍କ ଭାଷା ଅକ୍ଷର ଧର୍ମ ପ୍ରଭୃତି ବିଷୟରେ ଐକ୍ୟ ସଂସ୍ଥାପିତ ହେଲେ ଅତିଶୟ ଶୁଭର ବିଷୟ ହେବ । ବାସ୍ତବିକ ଏ ସମୁଦାୟ ବିଷୟରେ ଐକ୍ୟ ସଂସ୍ଥାପିତ ନ ହେଲେ ଅମ୍ଭମାନଙ୍କ ଏହି ସାଧାରଣ ଜନ୍ମଭୂମିର ପୁନର୍ବାର ସ୍ବାଧୀନତା ପ୍ରାପ୍ତିର କୌଣସି ସମ୍ଭାବନା ନାହିଁ ଅବଶ୍ୟ ଯେ କିଛି ଐକ୍ୟ ସ୍ଥାପନ ହୋଇଅଛି ତାହା କେବଳ ଇଉରୋପୀୟ ବିଦ୍ୟାର ଫଳମାତ୍ର ଅର୍ଥାତ୍ କି ଉତ୍ତରପଶ୍ଚିମ ପ୍ରଦେଶରେ କି ବୋମ୍ବାଇରେ କି ବଙ୍ଗଳାରେ କି ଓଡ଼ିଶାରେ ଯେ ସବୁ ଯୁବାପୁରୁଷ ଇଂରାଜିବିଦ୍ୟାରେ କୃତବିଦ୍ୟ ହୋଇଅଛନ୍ତି ସେମାନଙ୍କର ଭାଷା ଅକ୍ଷର ଏବଂ ଧର୍ମ ପ୍ରଭୃତି ଏକପ୍ରକାର ହେବାରୁ ସେମାନଙ୍କ ମଧ୍ୟରେ ଐକ୍ୟ ବାକ୍ୟ ସଂସ୍ଥାପିତ ହୋଇଅଛି କିନ୍ତୁ ଇଂରାଜୀଭାଷା ଓ ଅକ୍ଷର ଆମ୍ଭମାନଙ୍କର ସ୍ବଦେଶଜାତ ନୁହେ ସୁତରାଂ ସ୍ବଦେଶହିତୈଷୀ ବ୍ୟକ୍ତିମାନଙ୍କର ଅନ୍ତଃକରଣରେ ଏହି ଆକାଂକ୍ଷା ଉଦୟ ହୋଇପାରେ କି ସ୍ବଦେଶଜାତ କୌଣସି ଭାଷା ଏବଂ ଅକ୍ଷର ସର୍ବତ୍ର ପ୍ରଚଳିତ ହେଲେ ସବିଶେଷ ଉପକାର ହୋଇପାରେ ।

୨ ୟ । ସୂକ୍ଷ୍ମରୂପେ ବିବେଚନା କଲେ ଏ ଆକାଂକ୍ଷା ଅତି ପ୍ରଶଂସାର୍ହ କିନ୍ତୁ ଏହା ଚରିତାର୍ଥ ହେବା ପକ୍ଷରେ ବହୁତର ବ୍ୟାଘାତ ଅଛି ଏମନ୍ତ କି ସମ୍ଭାବନାର ଅତୀତ କାର୍ଯ୍ୟ ବୋଲି ବୋଧ ହୁଏ ଅବେଶି ଭିନ୍ନ ୨ ପ୍ରଦେଶସ୍ଥ ମନୁଷ୍ୟ ମଣ୍ଡଳୀ ମଧ୍ୟରେ ବୈବାହିକ ସମ୍ବନ୍ଧ ପ୍ରଚଳିତ ନ ହେଲେ ଉକ୍ତ ମା[illegible] ସିଦ୍ଧ ହୋଇ ନ ପାରେ ଯେ ସ୍ଥଳରେ ଏକ ପ୍ରଦେଶରୁ ଯାଇ ଅନ୍ୟପ୍ରଦେଶରେ ବାସକଲେ ଜାତିଭ୍ରଂଶ ହୋଏ ସେ ସ୍ଥଳରେ ଏ ଆଶା ଫଳବତୀ ହେବା କାକାଣ୍ଡପ୍ରତ୍ୟାଶା ମାତ୍ର କାନ୍ୟକୁବ୍ଜଠାରୁ ବଙ୍ଗଳା ଦେଶରେ ବ୍ରାହ୍ମଣ ଏବଂ କାୟସ୍ଥ ଆସି ବାସ କରିବାରୁ ସେମାନଙ୍କ ଜାତିପାତ ହୋଇ ଅଛି ସୁତରାଂ ସେମାନେ ପୂର୍ବଭାଷା ପରିତ୍ୟାଗ କରିଅଛନ୍ତି ଓଡ଼ିଶା ପ୍ରଦେଶରେ ଯେ ବଙ୍ଗାଳିମାନେ ଦଶ ପନ୍ଦର ପୁରୁଷ ବାସ କରିଅଛନ୍ତି ସେମାନଙ୍କ "କଟକୀ" ଅପବାଦ ହୋଇଅଛି ସେମାନଙ୍କ ସଙ୍ଗରେ ବଙ୍ଗଳାଦେଶସ୍ଥ ପ୍ରାଚୀନ ମତାବଲମ୍ବୀ ମନୁଷ୍ୟମାନେ ଆହାର ବ୍ୟବହାର ବିବାହାଦି ପ୍ରଚଳନ କରିବାକୁ ସମ୍ମତ ନୁହନ୍ତି । ଏହିସବୁ ପରିବର୍ତ୍ତିତ କାଳ ସାପେକ୍ଷ ଆର୍ଯ୍ୟାବର୍ତ୍ତରେ ସର୍ବତ୍ର ଜ୍ଞାନବୃଦ୍ଧି ହେଲେ ବିଦ୍ବେଷବୁଦ୍ଧି ଅପସାରିତ ହେବ ଏବଂ ଏକଜାତିତ୍ବ ସ୍ବୀକାର ପକ୍ଷରେ ବ୍ୟାଘାତ ରହିବ ନାହିଁ କୌଣସି ଇଉରୋପୀୟ ବହୁଦର୍ଶୀ କର୍ତ୍ତୃକ ଉକ୍ତ ହୋଇଅଛି କି ବ୍ୟବହାର ପରିବର୍ତ୍ତନ ଆଂଶିକରୂପେ ହେବାର ଉଚିତ ନୁହେ ତାହା ସମ୍ପୂର୍ଣ୍ଣ ରୂ

ସର୍ବାଙ୍ଗ ଶୁଦ୍ଧ ହେବା ହେତୁ ସୁତରାଂ ବଙ୍ଗାକ୍ଷରରେ ଉତ୍କଳଭାଷା ଲେଖିଲେ କି ଉପକାର ହେବ ବୁଦ୍ଧିର ଅଗମ୍ୟ ।

୩ ୟ ! ଅନେକେ କହି ପାରନ୍ତି କି ବଙ୍ଗଳା ଭାଷା ସବିଶେଷ ଉତ୍କର୍ଷ ଲାଭ କରିଅଛି ମଧ୍ୟ ବଙ୍ଗଳା ଓ ଉତ୍କଳ ଭାଷାରେ କତିପୟ ପ୍ରତ୍ୟୟ ଓ ବିଭକ୍ତିର ପ୍ରଭେଦ ମାତ୍ର ସୁତରାଂ ଉତ୍କଳଭାଷା ଉଚ୍ଛେଦ କରି ବଙ୍ଗଳାଭାଷା ଓ ଅକ୍ଷର ପ୍ରଚଳନ କରିବାର କର୍ତ୍ତବ୍ୟ ଅର୍ଥାତ ଯେପରି ସ୍କଟଲଣ୍ଡ ଦେଶରେ ଇଂରାଜୀ ଭାଷା ପ୍ରଚଳିତ ହୋଇଅଛି ସେହିପରି ଉତ୍କଳ ଦେଶରେ ହେବାର ବାଧା କି ସେ ମହୋଦୟମାନେ ବିବେଚନା କରନ୍ତି ନାହିଁ ଯେ ସ୍କଟଲଣ୍ଡ ଦେଶର ସହିତ ଇଂଲଣ୍ଡର ଆହାର ବ୍ୟବହାର ବିବାହାଦି ପର୍ଯ୍ୟନ୍ତ କେବେହେଁ ରହିତ ନ ଥିଲା ବିଶେଷତଃ ସ୍କଟଲଣ୍ଡ ଦେଶ ଇଂଲଣ୍ଡୀୟ ଭୂପତିର ଅଧିକୃତ ହେବା ପର୍ଯ୍ୟନ୍ତ ସେଦେଶରେ ଇଂଲଣ୍ଡୀୟ ଭାଷା ପ୍ରାଦୁର୍ଭାବ ହୁଏ ପରନ୍ତୁ ଉତ୍କଳ ଦେଶ ବଙ୍ଗଳାଦେଶ ଭୂପତିଙ୍କ ଅଧିକାରସ୍ଥ ନ ହେଲେ ଓ ବଙ୍ଗାଳି ଏବଂ ଉତ୍କଳୀୟମାନଙ୍କ ସଙ୍ଗରେ ପରସ୍ପର ବିବାହାଦି ସଂସ୍କାର ପ୍ରଚଳିତ ନ ହେଲେ ଉତ୍କଳ ଦେଶରେ ବଙ୍ଗଳା ଭାଷା କି ଅକ୍ଷର ଚଳ ହେବାର କୌଣସି ସମ୍ଭାବନା ନାହିଁ । ବସ୍ତୁ ଏ କଳ୍ପନା ଆକାଶ କୁସୁମବତ କଳ୍ପନାମାତ୍ର ।

୪ ର୍ଥ ଉପସଂହାରରେ ଏହି କର୍ତ୍ତବ୍ୟ ଯେ ଭିନ୍ନ ଦେଶୀୟ କୃତବିଦ୍ୟ ଯୁବକମାନଙ୍କ ଅନ୍ତଃକରଣରେ ପୁନର୍ବାର ଏକଜାତି ହେବାର ଯେ ଆଶା ବଦ୍ଧମୂଳ ହୋଇଅଛି ତାହା କାଳକ୍ରମେ ସଫଳ ହେବାର ସୁଲକ୍ଷଣ ସବୁ ପ୍ରାୟ ଦେଖାଯାଉଅଛି ଅତଏବ ସେମାନଙ୍କର ହତାଶ ହେବାର କୌଣସି କାରଣ ନାହିଁ ଯଦି ବା ଏକ ଭାଷା ଓ ଏକ ବର୍ଣ୍ଣମାଳା ପ୍ରଚଳିତ କରା କର୍ତ୍ତବ୍ୟ ବୋଧ ହୁଏ ତେବେ ଅସ୍ମମାନଙ୍କ ଆଦି ଭାଷା ସଂସ୍କୃତ ଓ ଆଦି ବର୍ଣ୍ଣମାଳା ଦେବନାଗର ସର୍ବ ଦେଶରେ ପ୍ରଚଳିତ କରି ଦିଅନ୍ତୁ । ଅନୁମାନ ହୋଏ ଏହି ଉଦ୍ଦେଶରେ ପ୍ରଚଳିତ ଭାଷା ସମୂହ ପରବର୍ତ୍ତେ କଲିକତା ମାନ୍ଦ୍ରାଜ ବୋମ୍ବାଇ ରାଜଧାନୀମାନଙ୍କର ବିଶ୍ୱବିଦ୍ୟାଳୟ ଆଇନରେ ସଂସ୍କୃତ ହିସାବରେ ପରୀକ୍ଷା ଦେବାର ବିଧାନ ହୋଇଅଛି । ଏହି ଉତ୍କୃଷ୍ଟ ବିଧାନର ଯେତେ ଉନ୍ନତି ହେବ ସେହି ପରିମାଣରେ ଏକ ଭାଷା ଓ ଏକ ଅକ୍ଷରରେ ସର୍ବତ୍ର ଲେଖନ ପଠନ କଥନାଦି ପ୍ରଚଳିତ ହେବାର ଆଶା ଫଳବତୀ ହୋଇପାରିବ । ଯଦି ଆପଣଙ୍କର ପାଠକ ମହାଶୟ ମାନଙ୍କ ବିରକ୍ତି ବୋଧ ନ ହୁଏ ତେବେ ପୁନର୍ବାର ଏତଦ୍ବିଷୟରେ ଆଉ କିଛି ଲେଖିବାକୁ ଅଭିପ୍ରାୟ ରହିଲା ।

ହୁଗଲି
୬।୮।୬୯ ଶ୍ରୀ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ

---

ମାନ୍ୟାସ୍ପଦ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମାନ୍ୟବର ମହାଶୟ !

ନିମ୍ନ ଲିଖିତ କେତେକ ପଂକ୍ତିକୁ ସଂଶୋଧନ ପୁରଃସର ଆପଣଙ୍କ ଜଗଦ୍ବିଖ୍ୟାତ ଉକ୍ତ ପତ୍ରିକାର ଏକ ପାର୍ଶ୍ୱରେ ସ୍ଥାନଦାନ ପ୍ରତି କୃପାବଲୋକନ କଲେ ମୁଁ କୃତାର୍ଥ ହେବି ।

ଏ ଅଞ୍ଚଳରେ ଗୋରୁଙ୍କର ଯେ ପରିମାଣରେ ମାରିରୋଗ ଉପସ୍ଥିତ ହୋଇଅଛି ତାହା ନିମ୍ନଲିଖିତ ବିଷୟରୁ ଅବଗତ ହୋଇପାରିବେ ଯଥା । ଅ—ପୁର ନିବାସୀ ଜଣେ ଶ୍ରୀ ଏ—ର ଗତ ଦିବସ ......ଠାରୁ ଶେଷ ପର୍ଯ୍ୟନ୍ତ କ୍ରମେ କ୍ରମେ ଗୋ ୯ ଟୀ ଗାଈ ଓ ବଳଦ ମୃତ୍ୟୁ ହୋଇଅଛନ୍ତି । ଓ ଅଦ୍ୟଦିନ ......ର ଜଣେ ଶ୍ରୀ ଏ—ର ପୁରତ ଗୋ ଶୂନ୍ୟ ପ୍ରାୟ ମତେ ହୋଇଯାଇଅଛି । ସେ ବ୍ୟକ୍ତିର ଗୋ ୧୪ ଟୀ ଗୋରୁ ଦ ୨ ନରେ ମୃତ୍ୟୁ ହୋଇଥିବା ଶୁଣାଯାଇଅଛି । ପ୍ରଥମେ ଯେଉଁ ଗୋରୁ ଉକ୍ତ ରୋଗରେ ଆକ୍ରାନ୍ତ ହୁଏ, ସେ ଆହାର ତ୍ୟାଗ କରି ଦିଏ, ତତ୍ପରେ ତେତେ-ଲାଳି ଅର ୨ ଭୂମିଗତ ହୋଇଯାଏ, ଆଉ ଯମନ ଭୁବନ ଗମନ ପର୍ଯ୍ୟନ୍ତ ତାହାର ଦନ୍ତାସ୍ୟମାନ ଶକ୍ତି ହୋଇ ନ ପାରେ, ଏପ୍ରକାର ରୋଗର ଲକ୍ଷଣ ଦେଖି ଲୋକେ ଉକ୍ତ ରୋଗକୁ ( ଅଗ ) ବାତ ବୋଲୁଅଛନ୍ତି । ମାତ୍ର ଔଷଧର ସୃଷ୍ଟି ହୋଇଥିବାର ଦେଖି କହୁ ନାହାନ୍ତି ଅତଏବ ଆପଣଙ୍କ ନିକଟରେ ପ୍ରାର୍ଥନା କରୁଅଛି କି ଯଦି କେହିବ୍ୟକ୍ତି ଉକ୍ତ ରୋଗ ପ୍ରତି କୌଣସି ଫଳ ଦାୟକ ଔଷଧ ଜ୍ଞାତ ଥାନ୍ତି ସେ ଆପଣଙ୍କ ପତ୍ରିକା ଦ୍ୱାରା ଏ ବିଷୟକୁ ଜଣାଇବାରେ କାଳ କ୍ଷେପଣ ନ କରି ଉପକାର କରନ୍ତୁ ।

ଅଳ୍ପଦିନ ଗତ ହେଲା ଦିନେ ମୁଁ ଦାନପୁର ଲକ ଉପରେ ଦଣ୍ଡାୟମାନ ହୋଇ କୌଣସି କର୍ମର ଲୋକଙ୍କ ସହିତ କଥୋପକଥନ କରୁଥିଲି, ଏହି ସମୟରେ ଦେଖିଲି ଯେ ପ୍ରାୟ ୬୦ ଜଣ ଲୋକ ଗୋଟାଏ ଶୃଗାଳକୁ ଗୋଡ଼ାଇ ଆସୁଅଛନ୍ତି, ତାହା ଦେଖି, ମୁଁ ଓ ମୋର ସଙ୍ଗି ଲୋକମାନେ ତାହାମାନଙ୍କ ସହିତ ଯାଇଁ ମିଳିଲୁ, ସେଠାରେ, କିନ୍ତୁ ହତଭାଗ୍ୟ ଶୃଗାଳର ପଳାଇବାର କୌଣସି ସୁମାର୍ଗ ନ ଥିବାରୁ ଅସ୍ମମାନଙ୍କ ଅନ୍ତଃକରଣରେ ପଡ଼ି ସେ ମୃତ ହେଲା; ତତ୍ପରେ ସକଳ ବିଷୟ ଅବଗତ ହେଲୁ ଯେ ସେ, ପ୍ରଥମେ ହଠାତ୍ ଜଙ୍ଗଲୁ ବାହାରିବାରୁ ସେ ବାଟରେ ଅନ୍ୟ ୨ ଲୋକଙ୍କୁ ତାହା ସାହାଯ୍ୟ ନିମିତ୍ତ ଡାକିଥିଲା ସେମାନଙ୍କ ମଧ୍ୟରୁ ତ ୧୪ ଣ ଲୋକଙ୍କୁ ସେ କାମୁଡ଼ିବାର ଚେଷ୍ଟା ତ୍ରୁଟି ନ କରି ଶେଷକୁ ଜଣେ ଚଉକିଦାରର ନାକରେ କାମୁଡ଼ିଥିଲା । ଶୃଗାଳ କାମୁଡ଼ିଲେ ବଞ୍ଚିବା ଆଶା ବୃଥା, ଏହି ଯେ ବିଶ୍ୱାସ, ସେମାନଙ୍କୁ ଅଧିକ ପରିମାଣରେ ହତାଶ କରିଥିଲା । ପୁଣି ଏକ ସପ୍ତାହ ଗତ ହେଲା ଗୋଟାଏ ଶୃଗାଳ ଦ ୨ ଦିନର ମଧ୍ୟରେ ପୁରୁଷ ଓ ସ୍ତ୍ରୀ ତ ୩ ଣ କାମୁଡ଼ି ପରେ ଅନେକ ଦୂରରେ ଯାଇଁ ମୃତ ହେଲା । ଆଉ ଗତକାଲ ଜଣେ ଅବଳା ସ୍ତ୍ରୀକୁ ଗୋଟାଏ ଶୃଗାଳ କାମୁଡ଼ିଅଛି, ଏପରି, ଯେ ଈଶ୍ୱର ଅସ୍ମମାନଙ୍କ ପ୍ରତି ଅକୃପା କରୁଅଛନ୍ତି ତାହାର ହେତୁ ଅର୍ଥ କରିବା ମୋହର ସାଧ୍ୟାତୀତ । ଅତ ଅସ୍ମମାନଙ୍କ ଉକ୍ତ ଗବର୍ଣ୍ଣମେଣ୍ଟ କ୍ଷଣ କାଳ କୃପାଦୃଷ୍ଟିରେ ଅବଲୋକନ କଲେ ସେମାନଙ୍କ ବଂଶ ନାଶ ପାଇପାରେ ।

। ପ୍ର । ଆହାଶର୍ଷ ବର୍ଷାକାଳରେ ... ପଡ଼ିଥିବାରୁ ଧାନ୍ୟ ଓ ଅନ୍ୟ ୨ ଫସଲ ହୋଇଥିଲା, ତାହାର ଆଶା ଇରିଗେସନ ଅଫିସରଙ୍କ ଓ କନଷ୍ଟ୍ରକ୍ଟରଙ୍କ ନାଶ କରିଅଛି, ବର୍ତ୍ତମାନ ଯେ ବର୍ଷା ଜଳ ହେଉଅଛି ତାହା ଏସ୍ଥାନ ଭୂମିର ସ୍ୱଭାବ ପ୍ରତି ଅପ୍ରତୁଳ ଓ ଇରିଗେସନ କେନାଲରୁ ଡିଷ୍ଟ୍ରିବ୍ୟୁଟରି ଖନନ ହୋଇ ନ ଥିବାରୁ କୃଷିକାରମାନେ ନାଲ ଜଳ ମଧ୍ୟ ପ୍ରାପ୍ତ ହେଉ ନାହାନ୍ତି । ସେ ହେତୁରୁ ଏସ୍ଥାନର ଧାନ୍ୟ ଫସଲର ଏପର୍ଯ୍ୟନ୍ତ (ମୁଖ ଓ ବେହୁଣ୍ଟା) ହୋଇ ପାର ନାହିଁ ଅବଗତ ହେବେ ଇତି ।

ଭଦ୍ରକ ପୁର — ଭବଦୀୟ ନିବେଦନଂ ।
୬।୮।୬୯ — ଶ୍ରୀ କୃପାସିନ୍ଧୁ ଦାସ

☞ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର ଜାନକିସିଂହ ବ୍ରହ୍ମାଙ୍କ ଯନ୍ତ୍ରାଳୟରେ ମୁଦ୍ରାଙ୍କିତ ପ୍ରକାଶ ହେଲା ।

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା ।

ଭାଗ ୪ ଶ | ତା ୨୧ ଉଣ ଅଗଷ୍ଟ ସନ ୧୮୬୯ ମସିହା । ମୂ । ଶ୍ରାବଣ ୭ ଦି ସନ ୧୨୭୬ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୪।
ସଂ ୩୪ ସଂଖ୍ୟା | ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ପାଇଁ ଡାକମାସୁଲ ୧।

### ଗ୍ରାହକଙ୍କ ପ୍ରତି ।

ଗତ ଜୁଲାଇମାସରେ ଏ ପତ୍ରିକାର ପୂର୍ବବାର ଏକବର୍ଷ ଗତ ହେବାରୁ ଯେ ସମସ୍ତ ଗ୍ରାହକଙ୍କ ଉପରେ ବର୍ଷକିଆ ମୂଲ୍ୟ ପାଉଣା ହୋଇଅଛି । ସେମାନଙ୍କୁ ପ୍ରାର୍ଥନା ଯେ ଉକ୍ତ ମୂଲ୍ୟ ଟଙ୍କା ଅବିଳମ୍ବେ ପ୍ରେରଣ କରି ବାଧିତ କରିବା ହେବେ ଓ ଯେଉଁମାନଙ୍କର ଅଗ୍ରିମ ଦେବାର ବାଞ୍ଛା ଅଛି କିମ୍ବା ଯେଉଁକାଳ ନିମିତ୍ତ ଅଗ୍ରିମ ଦେଇଥିଲେ ତାହା ଶେଷ ହୋଇଅଛି ସେମାନେ ଚଳିତବର୍ଷ ପାଇଁ ଶୀଘ୍ର ଅଗ୍ରିମ ମୂଲ୍ୟ ପ୍ରେରଣ କରନ୍ତୁ ।

—*—

### ଚିକିତ୍ସା ଶାସ୍ତ୍ର

କଲିକତା ମେଡିକଲ କଲେଜର ଅଧ୍ୟାପକ ଡାକ୍ତର ଫିନମ୍ଫିଥ ସାହେବ ଗତମାସ ପୂର୍ବୋକ୍ତ କଲେଜର ୩୫ ବର୍ଷୀୟ ଅଧିବେଶନ ଆରମ୍ଭକାଳରେ ଗୋଟିଏ ସୁଦୀର୍ଘ ବକ୍ତୃତା କରିଥିଲେ । ଚିକିତ୍ସାଶାସ୍ତ୍ରର ଜନ୍ମାବଧି ଆଜ ପର୍ଯ୍ୟନ୍ତ ତାହାର ଯେରୂପ ଉନ୍ନତି ହୋଇଅଛି ସେଥିର ପରିଚୟ ଦେଇଅଛନ୍ତି । ଅତି ପ୍ରାଚୀନ କାଳରେ ଯେମନ୍ତ ନିୟମରେ ଚିକିତ୍ସା କାର୍ଯ୍ୟ ନିର୍ବାହ ହେଉଥିଲା ତାହା ଉକ୍ତ ମହାଶୟ ଯେମନ୍ତେ ବର୍ଣ୍ଣନା କରିଅଛନ୍ତି ସେଥିର ସଂକ୍ଷେପ ଅନୁବାଦ ନିମ୍ନେ ପ୍ରକାଶ ହେଲା ଯଥା ।

" ରୋଗର ମୁକ୍ତ ପାଇବା ଏବଂ ପୀଡ଼ା ଦ୍ୱାରା ଯେଉଁ ଅସୁସାର ବୋଧ ହୁଅଇ ତାହାକୁ ଦୂରୀକୃତ କରିବା ଇତ୍ୟାଦି ମନୁଷ୍ୟର ଯେଉଁ ସ୍ୱାଭାବିକ ବାଞ୍ଛା ଅଛି ଓ ଯାହା ସର୍ବକାଳରେ ଲୋକେ ଅବଶ୍ୟ ଅନୁଭବ କରିଥିବେ ଚିକିତ୍ସାଶାସ୍ତ୍ର ତହିଁରୁ ଉଦ୍ଭବ ହୋଇଥିବାରୁ ଏହାକୁ ଅତି ପ୍ରାଚୀନ କାଳର ଶାସ୍ତ୍ର କହିବାକୁ ହେବ ଏବଂ ଏହାର ଉନ୍ନତିର ଇତିହାସ ସଭ୍ୟତାର ଉନ୍ନତିର ଇତିହାସ ଅଟଇ କାରଣ ସର୍ବଦା ଏକ ଅନ୍ୟର ସହାୟତା ଓ ସହଗାମୀ ହୋଇଅଛି । ହେରୋଡୋଟସଙ୍କଠାରୁ ଜାଣିଥାଉଁ ଯେ ଅତି ପ୍ରାଚୀନ କାଳରେ ମିଶରଦେଶୀୟ ଲୋକମାନେ ଚିକିତ୍ସା କାର୍ଯ୍ୟରେ ଆଲୋଚନା କଲେ ପ୍ରଥମେ ଏହାଙ୍କ ମଧ୍ୟରୁ କେତେଲୋକ ରୋଗୀଙ୍କ ଚିକିତ୍ସା କାରଣ ଏକ ପୃଥକ ଶ୍ରେଣୀ ହେଲେ ଏବଂ କେତେଗୁଡ଼ିଏ ଧର୍ମାନୁଷ୍ଠାନ ଓ କଳ୍ପିତ ଦେବତା ପୂଜା କରିବା ଏସମୟର ଚିକିତ୍ସା ସମ୍ପର୍କୀୟ ପ୍ରଧାନ ଉପଦେଶ ଓ ବ୍ୟବହାର ଥିଲା ଏବଂ ମନ୍ତ୍ର ତନ୍ତ୍ର ଅପେକ୍ଷା କୌଣସି ଔଷଧଦ୍ରବ୍ୟ ବ୍ୟବହାରକୁ ଅତି ଅଳ୍ପ ଜ୍ଞାନ ହେଉଥିଲା । ଏସବୁ ଉପାୟ ମନମଧ୍ୟ ଦେଇ ଶରୀରକୁ ସ୍ପର୍ଶ କରୁଥିବାରୁ ତାହାର ଫଳାଫଳ ରୋଗୀର ଅଜ୍ଞାନତା ଓ କୁସଂସ୍କାର ପରିମାଣାନୁସାରେ ଅବଶ୍ୟ ପ୍ରାପ୍ତ ହେଉଥିବ । ପୂର୍ବକାଳର ହିନ୍ଦୁଙ୍କ ମଧ୍ୟରେ ପୁରୋହିତମାନେ ଏହି ଚିକିତ୍ସା କାର୍ଯ୍ୟ କରୁଥିଲେ । ଓ ତାହା କେବଳ ଧର୍ମାନୁଷ୍ଠାନ ଦ୍ୱାରା ପ୍ରତିପନ୍ନ ହେଉଥିଲା । ମିଶରଦେଶରୁ ଗ୍ରୀକମାନେ ଚିକିତ୍ସା ଶାସ୍ତ୍ର ପ୍ରଥମେ ଶିକ୍ଷାକଲେ ଓ ଏମାନେ ଏହାର ଏତାଦୃଶ ଉନ୍ନତିସାଧନ କଲେ ଯେ ଅଦ୍ୟାପି ତାହାକୁ କେହି ବଳିକରି କାର୍ଯ୍ୟ କରି ନାହାନ୍ତି "

ଉକ୍ତ ଡାକ୍ତର ମହାଶୟ ଆଉ ଏକ ସ୍ଥାନରେ କହି ଅଛନ୍ତି ଯେ " ହୋମର ନାମକ କବିଙ୍କ ଲେଖାରୁ ଜଣାଯାଏ ଯେ ଏକ ସ୍କୁଲାପିୟସ ( ଜଣେ ଗ୍ରୀକ ଚିକିତ୍ସକ ) ଙ୍କ ପୁତ୍ରମାନେ ଶୀଘ୍ର ବୁଦ୍ଧି ଓ କୌଶଳ ପୂର୍ବକ କ୍ଷତମାନ ଆରୋଗ୍ୟ କରୁଥିଲେ । ବାସ୍ତବରେ ସେମାନଙ୍କ ଚିକିତ୍ସା ପଦ୍ଧତି ବଡ଼ ବିସ୍ତୃତ ସମ୍ପନ୍ନ ଥିଲା । କ୍ଷତ ଚିକିତ୍ସା କାଳରେ ସେମାନେ ସମସ୍ତ ବାହ୍ୟ ପଦାର୍ଥ ବିଦୂରିତ କରି କୃତ୍ରିମ ଉପାୟ ଦ୍ୱାରା କ୍ଷତସ୍ଥାନକୁ ସ୍ୱାଭାବିକ ଅବସ୍ଥାରେ ରଖୁଥିଲେ ଓ ସେଠାରେ ବାୟୁ ପ୍ରବେଶ ହେବ ବୋଲି ସ୍ନେହଦ୍ରବ୍ୟ ବ୍ୟବହାର କରୁଥିଲେ । ସେକାଳରେ ଶରୀର ଅନ୍ତରସ୍ଥ ରୋଗ କୌଣସି ଦେବତାର କୋପରୁ ଜାତ ହେବାର ବିଶ୍ୱାସ ଥିବାରୁ କେବଳ ପୂଜା ଓ ମନ୍ତ୍ର ଦ୍ୱାରା ତହିଁର ପ୍ରତିକାରର ଉପାୟ ହେଉଥିଲା ଓ ପଥ୍ୟର ନିୟମ କଠିନରୂପେ ପ୍ରତିପାଳିତ ହେଉଥିଲା । ପ୍ରଥମ ଉପାୟ ମନମଧ୍ୟ ଦେଇ କାର୍ଯ୍ୟକର ହେଉଥିବାରୁ ରୋଗୀର ଆଶାବର୍ଦ୍ଧନ କରୁଥିଲା ଏବଂ ଶେଷ ଉପାୟ ଦ୍ୱାରା ରୋଗୀ ସ୍ୱାଭାବିକ ଅବସ୍ଥାରେ ରହିବାରୁ ଆଧୁନିକ ସକଳ ମାତ୍ର ଭ୍ରମଯୁକ୍ତ ଉପାୟଠାରୁ ତଦ୍ୱାରା ସ୍ୱାସ୍ଥ୍ୟଲାଭର ଅଧିକ ସମ୍ଭାବନା ଥିଲା "

ଉପର୍ଯ୍ୟୁକ୍ତ କଥାରୁ ଦୁଇଗୋଟି ବିଷୟ ଉପଲବ୍ଧ ହେଉଅଛି । ପ୍ରଥମ ଏହି ଯେ ଏଦେଶରେ

Digitized by srujanika@gmail.com

ବର୍ତ୍ତମାନ ଚିକିତ୍ସାର ଅବସ୍ଥା ମିଶର ଓ ଇହୁଦିଙ୍କ ପ୍ରାଚୀନ ଚିକିତ୍ସାର ଅବସ୍ଥା ପ୍ରାୟ ରହିଅଛି ଏବଂ ବୁଝାଯାଏ ଏହି ଯେ ଔଷଧ ଦ୍ରବ୍ୟ ବ୍ୟବହାର ଭିନ୍ନ ପୂଜା ଓ ମନ୍ତ୍ର ଦ୍ୱାରେ ବିଶ୍ୱାସ ଦ୍ୱାରା ମଧ୍ୟ ସ୍ୱାସ୍ଥ୍ୟଲାଭ ହେବାର ସମ୍ଭାବନା ଅଛି । ଏ ଦୁଇ ବିଷୟର କିଞ୍ଚିତ ବ୍ୟାଖ୍ୟା କରିବାକୁ ଅଭିଳାଷୀ ହୋଇ ଏ ପ୍ରବନ୍ଧ ଲେଖିବାରେ ପ୍ରବୃତ୍ତ ହେଲୁଁ ।

ଯେତେଦିନରୁ ମନୁଷ୍ୟ ଦେହ ସୃଷ୍ଟି ହୋଇଅଛି ପ୍ରାୟ ସେତେ ଦିନରୁ ପୀଡ଼ାର ଜନ୍ମ ହୋଇଅଛି । କିନ୍ତୁ ଏକପ୍ରକାର ପୀଡ଼ା ନିବାରଣର ଉପାୟ ଏକଦିନରେ ନିଷ୍ପନ୍ନ ହୋଇ ନାହିଁ । ପ୍ରକୃତଃ ଦେଖାଯାଏ ଯେ ମନୁଷ୍ୟର ଜ୍ଞାନ ଯେତେ ବଢ଼ୁଅଛି ସେତେ ନୂତନ ୨ ଉପାୟ ଉଦ୍ଭାବିତ ହେଉଅଛି । ଅତଏବ ପ୍ରାଚୀନ କାଳରେ ଯେତେବେଳେ ମନୁଷ୍ୟର ଜ୍ଞାନ ଅଳ୍ପ ଥିଲା ଓ ଅନୁଭବ ଦ୍ୱାରା ସକଳ ଦ୍ରବ୍ୟର ଗୁଣାଗୁଣ ଜଣା ନ ଥିଲା ସେତେବେଳେ ସେମାନେ କଷ୍ଟକର କ୍ଲେଶ ପାଇବା ମାତ୍ରକେ ତହିଁରୁ ମୁକ୍ତ ହେବା ପାଇଁ ଦେବଠାରେ ପ୍ରାର୍ଥନା କରୁଥିଲେ ଏସମସ୍ତର ଅବସ୍ଥା ଶିଶୁର ଅବସ୍ଥା ପ୍ରାୟ ଥିଲା । ଶିଶୁ ଯେମନ୍ତ କିଛି ପୀଡ଼ା ପାଇଲେ ତହିଁରୁ ରକ୍ଷା ପାଇବାକୁ ସକ୍ଷମ ନ ହୋଇ କ୍ରନ୍ଦନ ଦ୍ୱାରା ମାତାର ସାହାଯ୍ୟ ପ୍ରାର୍ଥନା କରେ ସେହିପରି ଏସମସ୍ତର ଲୋକମାନେ ଦେବଠାରେ ରୋଗଶାନ୍ତିର ପ୍ରାର୍ଥନା କରୁଥିଲେ । ଅଦ୍ୟାପି ଅସଭ୍ୟଦେଶୀୟ ଲୋକମାନେ ଦୈବଉପାୟ ଦ୍ୱାରା ରୋଗ ଶାନ୍ତିର ଚେଷ୍ଟା କରନ୍ତି ବିଶେଷ ଯେଉଁମାନେ ମୋଫସଲ ଓ ବନରେ ଥାନ୍ତି ସେମାନଙ୍କର ଦୈବାଉପାୟ ସର୍ବସ୍ୱ । ଝାଡ଼ା ବାନ୍ତି ଓ ବସନ୍ତ ରୋଗର ଚିକିତ୍ସା ଶୁଦ୍ଧ ଦୈବୀ ଅଟଇ । ନଗର ସଙ୍କୀର୍ତ୍ତନ ଗ୍ରାମ୍ୟ ଦେବୀ ପୂଜା ଓ ଘଟପୂଜା ଇତ୍ୟାଦି ଦ୍ୱାରା ଏ ଦୁଇରୋଗର ପ୍ରତିକାର ହୁଅଇ ଓ ଅନ୍ୟାନ୍ୟ ରୋଗ ପାଇଁ ମଧ୍ୟ ବିଶେଷ ଦେବତା ଉଦ୍ଦେଶରେ ଉପବାସ, ଧରଣା, ଗ୍ରହପୂଜା ଓ ଯଜ୍ଞ ଇତ୍ୟାଦିର ଅନୁଷ୍ଠାନ ହୁଅଇ । ଏହି ବିଶ୍ୱାସର ସାଥୁ ହିନ୍ଦୁମାନରେ ରୋଗ ନାଶର ଉପାୟ କଳ୍ପିତ ହୋଇଅଛି । ଯେ ସ୍ଥାନରେ ବୈଦ୍ୟର ଅଭାବ ଯେତେ ସେ ସ୍ଥାନରେ ଲୋକମାନେ ଦୈବ ଉପରେ ସେତେ ନିର୍ଭର କରନ୍ତି ଓ ମନ୍ତ୍ର ଯନ୍ତ୍ରର ସେତେ ମାହାତ୍ମ୍ୟ ଦେଖାଯାଏ । ନଗରବାସିମାନେ ଦେଶୀୟ ଓ ବିଦେଶୀୟ ଚିକିତ୍ସକର ସାହାଯ୍ୟ ପାଇବାର ଦୈବୀ ଉପାୟ ପ୍ରତି ବଡ଼ ଆସ୍ଥା ନ କରନ୍ତି କିନ୍ତୁ ମୋଫସଲର ପ୍ରଜାମାନେ ଗୁଣିଆ ଅନ୍ତି ଓ ପାଣିମନ୍ତ୍ର ଓ ଲୁଣମନ୍ତ୍ର ନିର୍ଯ୍ୟ ନିତ୍ୟ ୨ ହେଉଥାଏ । ଏକୁଅଳିଭ ଓ ଅନ୍ୟ କେତେ ରୋଗରେ ଦେହରେ ଯନ୍ତ୍ର ବାନ୍ଧିବା ଏକମାତ୍ର ଉପାୟ । ଏସମସ୍ତ ଉପାୟ ଦ୍ୱାରା କିରୂପେ ରୋଗ ନାଶ ହୁଅଇ ଯଦ୍ୟପି ତାହା ସ୍ଥିରକରିବା କଠିନ ଅଟଇ ଓ ପ୍ରାକୃତିକରେ କୌଣସି ସମ୍ବନ୍ଧ ନାହିଁ ତଥାଚ ବହୁତ ଲୋକର ଉପକାର ହେଉଅଛି ଅବଶ୍ୟ ସ୍ୱୀକାର କରିବାକୁ ହେବ ସେରୂପ ନ ହେଉଥିଲେ ଲୋକେ ସେଥିର ଅନୁସରଣ ନ କରନ୍ତେ । କାରଣ ଅନୁସନ୍ଧାନ କରିବା କେବଳ ଜ୍ଞାନୀଲୋକର କର୍ମ ଅପର ସାଧାରଣ କେବଳ ଫଳର ଆକାଂକ୍ଷା ରଖନ୍ତି । ଫଳ ଲାଭ ହେଲେ ତାହାଙ୍କର ବିଶ୍ୱାସ ହେଲା ଓ ସେହି ବିଶ୍ୱାସ ମନମଧ୍ୟରେ ଦୃଢ଼ ହେଲେ ଆଶାବର୍ଦ୍ଧନ କରି ରୋଗକୁ ଦମନ କରଇ ସାମାନ୍ୟତା ସମସ୍ତେ ଅନୁଭବ କରୁଥିବେ ଯେ ଅନ୍ୟମନସ୍କ ହୋଇଥିଲେ ବହୁତବେଳଯାଏ କ୍ଷୁଧା ପରିତ୍ୟାଗ କରାଇ ଓ ଭୁଷକୁ ଯେବେ ମନରେ ସନ୍ଦେହ ଜାତ ହୁଅଇ ଯେ ଅଦ୍ୟ କୋଷ୍ଠ ପରିଷ୍କାର ହୋଇ ନାହିଁ ତେବେ ମୁହୂର୍ତ୍ତ ହୁ ବାହାରକୁ ଯିବାକୁ ପଡ଼େ ଓ ଯେତିଥର ଯାଉଥାଅ ସେତେଥର କିଛି ଫଳ ହେଉଥାଏ । ଏସବୁ ଫଳପ୍ରଦ ବିଶ୍ୱର କଲେ ଶରୀରପ୍ରତି ମନର ଏକପ୍ରକାର କର୍ତ୍ତୃତ୍ୱ ଅଛି । ସ୍ୱୀକାର କରିବାକୁ ହେବ ଓ ଏହିହେତୁରୁ ଦୈବୀ ଉପାୟ ଓ ହୁକୁମ ଇତ୍ୟାଦିରେ କେତେ ୨ ରୋଗ ଶାନ୍ତ ହୁଅଇ ଯେବେ ଏଥିରେ ରୋଗ ଶାନ୍ତ ନ ହୁଏ ତେବେ ଲୋକେ କହନ୍ତି ଯେ ରୋଗିର ବିଶ୍ୱାସ ନ ଥିଲା । ସୁତରାଂ ଏ ସମସ୍ତ ସ୍ଥଳରେ ଏକା ବିଶ୍ୱାସ ମୂଳ ହେଲା ଓ ଦୈବୀ ଉପାୟମାନ ସ୍ୱତନ୍ତ୍ରରୂପେ କାର୍ଯ୍ୟକର ନ ହୋଇ କେବଳ ଦୃଢ଼ ବିଶ୍ୱାସ ଜନ୍ମାଇବାକୁ କାରଣ ହେଲା ଏରୂପ ହେଲେହେଁ ସର୍ବସ୍ଥଳରେ ବିଶ୍ୱାସ କାର୍ଯ୍ୟକର ହେବ ଆଶା କରାଯାଇ ନ ପାରେ । ମିଷ୍ଟାନ୍ନ ସଙ୍ଗେ ବିଷ ମିଶ୍ରିତ କରି ଅନେକ ଲୋକର ପ୍ରାଣନାଶ ସାଧନ ହୋଇଅଛି । ଖାଇଲେ ମୃତ୍ୟୁ ହେବ ବୋଲି ବିଶ୍ୱାସ ନ ଥିଲାରୁ କି ବିଷ କାର୍ଯ୍ୟକର ନ ହେଲା ? ଅଗ୍ନିକୁ ଜଳ ଜ୍ଞାନ କଲେ ଅଗ୍ନିର ଦାହ ଶକ୍ତି କଦାପି ନ ଯିବ କିମ୍ବା ଯୋଗୀବ ଯେତେ ଅନନ୍ୟ ମନସ୍କ ହେଲେ ବାହାରକୁ ଯିବା ବନ୍ଦ ନ ହେବ । ଅତଏବ ସକଳ ସ୍ଥଳରେ ବିଶେଷ ଯେଉଁଠାରେ ଶୀଘ୍ର ପ୍ରତିକାର ଆବଶ୍ୟକ ସେଠାରେ ବିଶ୍ୱାସଦ୍ୱାରା ଫଳ ନ ହୁଅଇ ଅଥଚ ମନର ଭ୍ରମରୁ ଅନେକ ରୋଗ ଜନ୍ମ ହୁଏ । କିନ୍ତୁ ଡାକ୍ତର ସ୍ମିଥ ସାହେବ ଉପର ଲିଖିତ କଲ୍ପଭାରେ କହିଥିଲେ ଯେ ଅଧୁନିକ କଲିକତାର ଉପଯୁକ୍ତ ପ୍ରାଚୀନ ଉପାୟରେ ଅଧିକ ଫଳଲାଭର ସମ୍ଭାବନା । ଯେବେ ଏରୂପ ହୁଅଇ ତେବେ ଚିକିତ୍ସାଶାସ୍ତ୍ରର ମହିମା କି ରହିଲା । ବାସ୍ତବରେ କଲାଗର ଏକଜଣ ଡାକ୍ତର ବର୍ତ୍ତମାନ ଏହି କଥା ପ୍ରତିପନ୍ନ କରିବାକୁ ଚେଷ୍ଟା କରୁଥିଲେ ଯେ ଚିକିତ୍ସାଶାସ୍ତ୍ର କିଛି ନୁହଇ କେବଳ କୌଶଳପୂର୍ବକ ବିଶ୍ୱାସ ଜନ୍ମାଇବା ଦ୍ୱାରା ରୋଗୀ ମୁକ୍ତ ହୋଇପାରେ । ଚିକିତ୍ସକମାନଙ୍କୁ ଏବିଷୟର ଆଲୋଚନା କରିବା ନିତାନ୍ତ ଆବଶ୍ୟକ ହେଉଅଛି ।

---

## ହିନ୍ଦୁଧର୍ମପ୍ରତି ହସ୍ତକ୍ଷେପ କରିବା ।

ଅମ୍ଭେମାନେ ଅବଗତ ହେଲୁଁ ଯେ କଟକଚଣ୍ଡୀ ଠାକୁରାଣୀଙ୍କ ନିକଟରେ ବାଜା ବଜାଇବା ନିଷେଧ କରିବାକୁ କଟକ ପୁଲିସର ଇନ୍ସପେକ୍ଟରଙ୍କୁ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଆବଶ୍ୟକ ବିବେଚନା କରି ଠାକୁରାଣୀଙ୍କର ସେବାଏତଙ୍କ ମୁଚଲିକା ଦେବାର ଆଜ୍ଞା କରିଅଛନ୍ତି । ସୁପରିଣ୍ଟେଣ୍ଡେଣ୍ଟ ସାହେବ କହନ୍ତି ଯେ ଉକ୍ତ ବାଜା ବଜାଇବାରୁ ତନ୍ନିକଟସ୍ଥ ପୀଡ଼ିତ ବ୍ୟକ୍ତିର ଅତ୍ୟନ୍ତ ବିରକ୍ତି ଜାତ ହୁଅଇ ଓ ମଧ୍ୟ ଠାକୁରାଣୀଙ୍କର ମନ୍ଦିର ସଡ଼କ ପାଖରେ ଥିବାରୁ ସଡ଼କରେ ଯାତାୟାତ କରୁଥିବା ଗାଡ଼ି ଓ ଘୋଡ଼ା ଚମକିପଡ଼ିବାଦ୍ୱାରା ଲୋକଙ୍କର କ୍ଷତି ହେବାର ସମ୍ଭାବନା ଓ ଯେହେତୁ ସନ ୧୮୬୧ ମସିହାର * ଆଇନର ୩୦ ଧାରାରେ ବାଜା ବଜାଇବା ପକ୍ଷରେ ବିଧାନ କରିବାକୁ ତାହାଙ୍କର କ୍ଷମତା ଅଛି ଓ ମଧ୍ୟ ବାଜା ବଜାଇବା ପୂଜାର କୌଣସି ପ୍ରଧାନ ଅଙ୍ଗ ବୋଲି ତାହାଙ୍କ ଜଣାଅଛି ଅତଏବ ସେ ବାଜା ଏକାବେଳକେ ବନ୍ଦ କରିବାକୁ ନ ଚାହିଁ କେବଳ ଏହି ବିଧାନ କରିବାକୁ ଚେଷ୍ଟା କରନ୍ତି ଯେ ଗାଡ଼ି ଓ ଘୋଡ଼ା ଯାତାୟାତ ସମୟରେ ଏବଂ ମନ୍ଦିର ନିକଟସ୍ଥ କେତେ ବ୍ୟକ୍ତି ପୀଡ଼ିତ ଥିବାକାଳରେ ସେଠାରେ ବାଜା ବଜାଇବା ରହିତ ହେବ ଓ ଏହିପ୍ରକାର ସର୍ତ୍ତରେ ସେବାଏତମାନ ମୁଚଲିକା ଦେବାକୁ ଆଜ୍ଞା ଦେଇଅଛନ୍ତି । ସେବାଏତ ମୁଚଲିକା ଦେବାକୁ ଅସମ୍ମତ ହୋଇ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବଙ୍କ ସାକ୍ଷାତରେ ଆବେଦନ କରିଅଛି

Digitized by srujanika@gmail.com

ମାତ୍ର ମାଜିଷ୍ଟ୍ରେଟମାନେ ସେଥିରେ ହସ୍ତକ୍ଷେପ କରିବାକୁ ଉଚିତ ଜ୍ଞାନ ନ କଲେ ବିଚାରଣରୁ ଏରୂପ ତେଳ ଅମ୍ଭେମାନେ କହି ନ ପାରୁଁ ମାତ୍ର ଅମ୍ଭମାନଙ୍କ ସାମାନ୍ୟ ବୁଦ୍ଧିରେ ପୁଲିସର ଆଜ୍ଞା ହିନ୍ଦୁଧର୍ମପ୍ରତି ହସ୍ତକ୍ଷେପ ଭିନ୍ନ ଅନ୍ୟ କିଛି ବୋଧ ହେଉ ନାହିଁ କଟକରେ ଥିବା କାନୁନ ଦେଖା ନୁହନ୍ତି ବାଜା ବଜାଇ ପୂଜା କରିବାର ନିୟମ ଏବେ ହୋଇ ନାହିଁ ଏ ସମସ୍ତ ବହୁ-କାଳରୁ ହୋଇ ଆସୁଅଛି ଓ ଅବଶ୍ୟ କେହି ସେଥିରେ ଆପତ୍ତି କରି ନାହିଁ ଓ ଯାହାର ଆପତ୍ତି ନ ଥାଇ ତାହାକୁ ଏମନ୍ତ ସ୍ଥାନରେ ରହିବାର ଉଚିତ ନୁହେ । କିନ୍ତୁ ଲୋକଭଗେଷର ଜୁଗଲ କମିଟି ସାଧାରଣ ଧର୍ମପ୍ରତି ହସ୍ତ ପ୍ରଦାନ କରିବା ଅତଏବ ଅନ୍ୟାୟ ଅଟଇ ଓ ଗ୍ରାହ୍ୟକ୍ତ ଲେଖି-ଯାହେବ ବଗ୍ବର ଏଦେଶରେ ଥାଇ ଏଠାର ଭାଷା, ଧର୍ମ ଓ ରୀତି ଗତିର ସୁନ୍ଦରରୂପେ ଅବଗତ ଥିବା ଓ ଏ ସ୍ଥାନରେ ସକଳ ସମ୍ପ୍ରଦାୟର ଲୋକ ମଧ୍ୟରେ ସୁଖ୍ୟାତି ଲାଭ କରି ଆଦରଣୀୟ ହୋଇଥିବା ପ୍ରତ୍ୟକ୍ଷେ ଏରୂପ ବ୍ୟାପାରରେ ପ୍ରବୃତ୍ତ ହେଲେ ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟଇ ।

ଯେଉଁ ଦଫାରେ ପୁଲିସକୁ ବାଜା ବଜାଇ-ବାର ବିଧାନ କରିବାର ଅଧିକାର ଅଛି ତାହା କେବଳ ସଡ଼କରେ ବାଜା ବଜାଇବା ପକ୍ଷରେ ଅଟଇ ଠାକୁରାଣୀଙ୍କ ମନ୍ଦିର ସଡ଼କ ନିକଟ ହେଲେବେଳ ଯେ ତାହାଙ୍କ ବେଦାରେ ବାଜା ବଜାଇବା ପୁଲିସ ନିଷେଧ କରିବେ ଏ କଥା କଦାଚ ଅନୁମେୟ ନୁହଇ । ସଡ଼କରେ ବାଜା ବଜାଇ ଯିବା ବେଳେ ସକଳ ସମୟରେ ଓ ସକଳ ସ୍ଥାନରେ ବାଟି ବି ଘୋଡ଼ା ଭେଟ ପଡ଼ିଲେ ତତ୍-କ୍ଷଣାତ୍ ବାଜା ବନ୍ଦ ହୁଅଇ ଏକଥା ଲୋକେ ସ୍ୱୀକାର କରନ୍ତି ଓ ପୁଲିସ ଆବଶ୍ୟକ ଜ୍ଞାନ କଲେ ଅନ୍ୟ ବିଧାନ କରିବାର ନିଷେଧ ନାହିଁ କିନ୍ତୁ ଦେବାଳୟରେ ଦେବାର୍ଚ୍ଚନ ସମୟରେ ଏରୂପ କରିବା କଦାଚ ଯୁକ୍ତିସିଦ୍ଧ ହୋଇ ନାହିଁ ଓ ଏଥିରେ ହିନ୍ଦୁମାନଙ୍କର ଶ୍ରଦ୍ଧମନୋଦୁଃଖ ହେବାର ସମ୍ଭାବନା ଅମ୍ଭେମାନେ ଭରସା କରୁଁ ଯେ ସାହେବ ଲେଖିଯାହେବ ଆପଣା ଆଜ୍ଞାର ପୁନର୍ବି-ଚାର କରି ଏଥିରୁ କ୍ଷାନ୍ତ ରହିବେ ଓ ଯେବେ କେମନ୍ତ ନ ହୁଅଇ ତେବେ ସେବାଏତ ଓ ଅନ୍ୟାନ୍ୟ ଲୋକମାନେ ଏ ଆଜ୍ଞା ରହିତ କରି-ବାକୁ ଉପଯୁକ୍ତ ଉପାୟ କରନ୍ତୁ ।

---

## ଫଉଜଦାରୀ ମୁକ୍ତାର ।

ସନ ୧୮୬୯ ମସିହା ଆଇନ ଜାରି ହେବା-ରେ ମୁକ୍ତାରମାନଙ୍କ ଉପରେ ବଡ଼ ବିପଦ ଉପସ୍ଥିତ ହୋଇଅଛି । ଉକ୍ତ ଆଇନର ୪୩୨ ଧାରାରେ ଲେଖାଅଛି ଯେ କୌଣସି ବ୍ୟକ୍ତି ନାମରେ ଫଉଜଦାରୀ ଅଦାଲତରେ ଅଭି-ଯୋଗ ହୋଇଲେ ସେ ବ୍ୟକ୍ତି ପକ୍ଷରୁ ଉତ୍ତର ଦେବା କାରଣ କୌଣସି ବାରିଷ୍ଟର ହାଇକୋର୍ଟର ଉକ୍ତି ଅଥବା ଉପଯୁକ୍ତ କ୍ଷମତାପନ୍ନ ଉକିଲ-କୁ ନିଯୁକ୍ତ କରିବାକୁ ତାହାର ଅଧିକାର ଅଛି ଓ ସେ ବ୍ୟକ୍ତି ଅଦାଲତର ଅନୁମତି ଯୋଗେ ଅନ୍ୟ କୌଣସି ବ୍ୟକ୍ତିକୁ ଉତ୍ତର ଦେବାର ସାହାଯ୍ୟକାରୀ ନିଯୁକ୍ତ କରିପାରେ । ମାତ୍ର ଅଦାଲତର ଅନୁମତି ଭିନ୍ନ ତାହା କରି ନ ପାରେ ଉକ୍ତ ଦଫାରେ ବାରିଷ୍ଟର ଓ ଉକିଲଙ୍କ ନାମ ସ୍ପଷ୍ଟରୂପେ ଲେଖାଥିବା ପ୍ରତ୍ୟ-କ୍ଷେ ମୁକ୍ତାରଙ୍କ ପ୍ରସଙ୍ଗ ଲେଖା ନ ଥିବାରୁ ଏମାନେ ଅନ୍ୟ ବ୍ୟକ୍ତି ମଧ୍ୟରେ ଗଣ୍ୟ ହୋଇ ଅଛନ୍ତି ସୁତରାଂ ଅଦାଲତର ଅନୁମତି ଭିନ୍ନ ଏମାନେ ମୁଦାଲାର ଉତ୍ତର ଦେବା ପକ୍ଷରେ ସାହାଯ୍ୟ କରି ନ ପାରନ୍ତି ଅନୁମତି ଦେବା ଅଦାଲତର ଇଚ୍ଛାଧୀନ ଜାଣି କୌଣସି ଲୋକ ମୁକ୍ତାର ଉପସ୍ଥିତ କରିବାକୁ ସାହସ କରଇ ନାହିଁ ଏ ହେତୁରୁ ଏକା ମୁକ୍ତାରଙ୍କର ବ୍ୟବସାୟ ବନ୍ଦ ହେଉଅଛି ଏମନ୍ତ ନୁହେ ଲୋକମାନେ ମଧ୍ୟ ଉକିଲ ଉପସ୍ଥିତ କରାଇବାରେ ବହୁତ କ୍ଲେଶ ଓ ବ୍ୟୟ ସ୍ୱୀକାର କରୁଅଛନ୍ତି ଓ ଅନେକ ଲୋକ ତହିଁକି ଅକ୍ଷମ ହୋଇ କାହାର ସାହାଯ୍ୟ ଗ୍ରହଣରୁ ବଞ୍ଚିତ ହେଉଅଛନ୍ତି ।

ଆଇନର ଉକ୍ତ ଦଫା ମୁକ୍ତାରଙ୍କ ପକ୍ଷରେ ହାନିକର ଥିବାରୁ ତହିଁ ବିଷୟରେ ଢାକାର ମୁକ୍ତାରମାନେ ଗବର୍ଣ୍ଣମେଣ୍ଟକୁ ଆବେଦନ କରି-ଥିଲେ ସେଥିରେ ହାଇକୋର୍ଟ ଏହି ମତ ଦେଲେ ଯେ ବ୍ୟବସ୍ଥାପକ ସଭା ଜାଣି ଶୁଣି ମୁକ୍ତାରଙ୍କର କ୍ଷମତା ଉଣା କରିଅଛନ୍ତି କୌଣସି ଭ୍ରମ ପ୍ରଯୁକ୍ତ ଏହାଙ୍କର ନାମ ଗାଳିତ ହୋଇ ନାହିଁ । ଆଇନକର୍ତ୍ତାଙ୍କ ବିବେଚନାରେ ସାଧାରଣ ମଙ୍ଗଳାର୍ଥେ ମୁକ୍ତାରର ସାହାଯ୍ୟ ହାକିମର ଇଚ୍ଛା-ଧୀନ ହୋଇଅଛି ଏଥିରେ ଯେବେ ମୁକ୍ତାର-ମାନେ କ୍ଷତିଗ୍ରସ୍ତ ହେଲେ ତେବେ ସେଥିପାଇ ବିଗ୍ରଳୟ କିଛି କରି ନ ପାରନ୍ତି । ଗବର୍ଣ୍ଣମେଣ୍ଟ ତାହାଙ୍କଠାରୁ ଟଙ୍କା ନେଇ ସର୍ଟିଫିକଟ ଦେଇ-ଅଛନ୍ତି ତଦ୍ୱାରା ତାହାଙ୍କର ଯେ କ୍ଷତି ହୁଅଇ ସେଥିର ବିଚାର ଗବର୍ଣ୍ଣମେଣ୍ଟ ସଙ୍ଗେ ସମ୍ପର୍କ ରଖେ ।

ଗବର୍ଣ୍ଣମେଣ୍ଟ ବଙ୍ଗାଳ ମୁକ୍ତାରଙ୍କର ଦରଖାସ୍ତ ଓ ହାଇକୋର୍ଟର ଉତ୍ତର ସମସ୍ତ ଜିଲାର କମିଶନରଙ୍କ ନିକଟକୁ ଏହି ଆଶାରେ ପଠାଇଅଛନ୍ତି ଯେ ଉକ୍ତ ଦଫା ଦ୍ୱାରା କିରୂପ କାର୍ଯ୍ୟ ହେଉଅଛି ତାହା ସେମାନେ ରିପୋର୍ଟ କରିବେ । ଅବଶ୍ୟ ଏଥିର ଉତ୍ତର ଯାଇ ନାହିଁ । ଏକ ଏକ ହାକିମର ଏକା ପ୍ରକାର ମତ ଦେଖାଯାଏ । କେହି ମୁକ୍ତାରଙ୍କୁ କାର୍ଯ୍ୟ କରିବାକୁ ଅନୁମତି ଦେଉ-ଅଛନ୍ତି ଓ କେହି ଏକାବେଳକେ ନିଷେଧ କରିଅଛନ୍ତି ଏ ସ୍ଥଳେ କିପରି ରିପୋର୍ଟ ହେବ ବୁଝାଯାଇ ନ ପାରେ ଫଳତଃ ମୁକ୍ତାର ବିନା ମାମଲତକାରଙ୍କର କ୍ଲେଶ ହେଉଅଛି ସନ୍ଦେହ ନାହିଁ ।

ଯେ ସ୍ଥଳେ ହାଇକୋର୍ଟ ଉକ୍ତ ଧାରା ପକ୍ଷ-ରେ ମତ ପ୍ରକାଶ କରିଅଛନ୍ତି ସେସ୍ଥଳେ ଅମ୍ଭେ-ମାନେ ତହିଁର ପ୍ରତିବାଦ କରିବାକୁ କ୍ଷମତା-ପନ୍ନ ନୋହୁଁ ତଥାପି ଅମ୍ଭମାନଙ୍କୁ ବୋଧ ହେଉଅଛି ଯେ ଉକ୍ତ ୪୩୨ ଧାରାର ମର୍ମ ଏମ-ନ୍ତ ନୁହେ ଯେ ମୁଦାଲା ପକ୍ଷରୁ ମୁକ୍ତାର କୌଣସି କାର୍ଯ୍ୟ କରି ନ ପାରିବ । ସେ ଧାରାର ମର୍ମ ଅମ୍ଭମାନଙ୍କୁ ଏହି ବୋଧ ହେଉଅଛି ଯେ କେବଳ ମୁଦାଲାର ଉତ୍ତର ଦାନରେ ଏମାନେ କିଛି ସାହାଯ୍ୟ ନ କରିବେ ନଚେତ୍ ମୁଦାଲା-ପକ୍ଷରୁ ନାଲିଶ ବିପକ୍ଷରେ ଉପସ୍ଥିତ ସାକ୍ଷୀଙ୍କୁ ପ୍ରଶ୍ନ କରିବାରେ ନିଷେଧ ଥିବାର କିଛି ଜଣା ଯାଉ ନାହିଁ ସେ ପ୍ରକାର ଅଭିପ୍ରାୟ ଥିଲେ ୩୬୪ ଧାରାରେ କେବଳ "ମୁକ୍ତାର ଶବ୍ଦ" ବ୍ୟବହାର ନ ହୋଇ "ଅନୁମତିପ୍ରାପ୍ତ ମୁକ୍ତାର" ବୋଲି ଲେଖା ହୋଇଥାନ୍ତା । ଏରୂପ ଲେଖା ନ ଥିବା ପ୍ରତ୍ୟକ୍ଷେ ମୁକ୍ତାରମାନଙ୍କୁ ଏକାବେଳ-କେ ମୁଦାଲା ପକ୍ଷରୁ ଉପସ୍ଥିତ ହେବାକୁ ନ ଦେବା ଉଚିତ ହୋଇ ନାହିଁ । ଅମ୍ଭେମାନେ ବୋଧ କରୁଁ ଯେ ଏହିରୂପ ଆପତ୍ତି ବଳବାନ୍ ଜାଣି କରି ଏକ ଏକ ହାକିମ ମୁକ୍ତାରନାମା ଗ୍ରହଣ କରୁଅଛନ୍ତି ଓ କେହି କରୁ ନାହାନ୍ତି ।

ଯଦ୍ୟପି ଏମନ୍ତ ଅର୍ଥ ହୁଅଇ ଯେ ଉକ୍ତ ୪୩୨ ଧାରା ଅନୁସାରେ ମୁଦାଲା ପକ୍ଷରୁ ଅନୁମତି ଭିନ୍ନ ମୁକ୍ତାର ଉପସ୍ଥିତ ହୋଇ ନ ପାରେ ତେବେ ଅମ୍ଭେମାନେ କହୁଁ ଯେ ଏପ୍ରକାର ବ୍ୟବସ୍ଥା ସାଧାରଣ ମଙ୍ଗଳକର ହୋଇ ନାହିଁ ଫୌଜ-ଦାରୀ ଅଦାଲତରେ କୌଣସି ବ୍ୟକ୍ତି ମୁଦାଲା

ସ୍ୱରୂପ ଉପସ୍ଥିତ ହେଲେ ସେ ଆପଣାକୁ ଭରି ବିପଦ୍ ଗ୍ରସ୍ତ ମନେ କରି ହତବୁଦ୍ଧି ହୁଅଇ ଓ ଉକ୍ତ ଦ୍ୱାରର ସାହାଯ୍ୟଭିନ୍ନ ଏବ୍ୟକ୍ତି ଅପେ କୌଣସି ବନ୍ଧୁଙ୍କ ସର୍ତ୍ତମାନ ସବାବ କରି ନ ପାରେ ଅତଏବ ଏହାର ସାହାଯ୍ୟ ନିତାନ୍ତ ଆବଶ୍ୟକ ଓ ଉକ୍ତ ନିଯୁକ୍ତ କରିବାରେ ବିଶେଷ ବ୍ୟୟ ଏବଂ ଉକ୍ତଲର ସଂଖ୍ୟା ଅଳ୍ପ ଥିବାରୁ ପ୍ରାପ୍ତିର ଅସୁଯୋଗ ଥିବାରୁ ମୁକ୍ତାରଙ୍କ ଭିନ୍ନ ଆଉ କାହାରି ସାହାଯ୍ୟ ପ୍ରାପ୍ତିର ଆଶା ନାହିଁ । ବିଶେଷତଃ ଯେ ସ୍ଥଳେ ଆଇନ ଅନୁଯାୟୀ ମୁକ୍ତାରମାନେ ପରୀକ୍ଷା ଦେଇ ନିଯୁକ୍ତ ହୋଇଅଛନ୍ତି ସେସ୍ଥଳେ ଏମାନେ କି କାରଣରୁ ଅକ୍ଷମ ହେବେ ଜଣା ଯାଉ ନାହିଁ । ଯେବେ ମୁକ୍ତାରଙ୍କର ଉପଯୁକ୍ତତା ବ୍ୟବସ୍ଥାପକ ଅପ୍ରତୁର ଜ୍ଞାନ କରନ୍ତି ତେବେ ମୁକ୍ତାର ବିଷୟର ଆଇନ ଏକାବେଳକେ ରହିତ କରନ୍ତୁ କିମ୍ବା ଆଉ ଯେତେ କଡ଼ା ପଡ଼ିଲେ ସେମାନେ ଉପଯୁକ୍ତ ହୋଇପାରିବେ ସେଥିର ବିଧାନ କରନ୍ତୁ । ଏରୂପ କୌଣସି କାର୍ଯ୍ୟ ନ କରି କ୍ଷମତାପ୍ରାପ୍ତ ମୁକ୍ତାରଙ୍କୁ ଅକ୍ଷମ କରିବା କିରୂପ ନ୍ୟାୟସିଦ୍ଧ ହେଲା ଅମ୍ଭେମାନେ ସ୍ୱଳ୍ପବୁଦ୍ଧି ସହକାରେ ତାହା ବୁଝି ପାରୁ ନାହୁଁ । ଅମ୍ଭମାନଙ୍କର ଏମନ୍ତ ବିଶ୍ୱାସ ଯେ ଉକ୍ତ ଦଫାଦ୍ୱାରା ମୁକ୍ତାରଙ୍କ ପ୍ରତି ଉଚିତ ବ୍ୟବହାର ହୋଇ ନାହିଁ ଓ ସାଧାରଣ ମଙ୍ଗଳୋଦ୍ଦେଶରେ ଅମ୍ଭେମାନେ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରୁଅଛୁଁ ଯେ ମୁକ୍ତାରଙ୍କ ପୂର୍ବ ପ୍ରାପ୍ତ କର୍ମ କରିବାକୁ ଅନୁମତି ଦେବା ପକ୍ଷରେ ଯେ କିଛି ଉପାୟ କରିବାର ଆବଶ୍ୟକ ତାହା ଶୀଘ୍ର କରନ୍ତୁ ନୋହିଲେ ଅନେକ ଦୁଃଖୀ ବ୍ୟକ୍ତିର କ୍ଲେଶ ହେଉଅଛି ଓ ହେବାର ସମ୍ଭାବନା ।

---

## ସାପ୍ତାହିକ ସଂବାଦ ।

କଟକର ବାଟେ ଜାହାଜରେ ଯିବା ଅଧିକାର ସର୍ବପ୍ରକାର ସୁଯୋଗ ହେଲା । ଅଦ୍ୟ ଯେଉଁ ଜାହାଜ କଟକଠାରେ ପହଞ୍ଚିବାର ଅଛି ସେଥିରେ କଲିକତାକୁ ଯିବାର୍ଥୀ କେବଳ ତକ୍ଷଣ ମଙ୍ଗଳବାର ମହାନଦୀ ସାଉଠରୁ ଇଉରୋପ କମ୍ପାନୀଙ୍କ ଜାହାଜରେ ଗମନ କରିଲେ ଏ ଜାହାଜମାନଙ୍କୁ ଏକାବେଳକେ କଟକଠାରେ ପହଞ୍ଚାଇ ବଡ଼ଜାହାଜରେ ଚଢ଼ାଇ- ଦେବ ଓ ଏକାହାଙ୍କର ଲଡ଼ା ମଧ୍ୟ ଅଧିକ ହୋଇ ନାହିଁ ।

ମଫସଲର ଚତୁର୍ଦ୍ଦିଗରୁ ବୃଷ୍ଟି ନ୍ୟୂନ ହେବାର ସଂବାଦ ଆସୁଅଛି ସ୍ଥାନସ୍ଥାନରେ ବିଲଗୁଡ଼ିକ ନରସିବାର ଆରମ୍ଭ ହେଲାଣି ଓ ଯେବେ ଶୀଘ୍ର ବୃଷ୍ଟି ନ ହେବ ତେବେ ଲୋକେ କହୁଅଛନ୍ତି ଭୟଙ୍କର ଦୁର୍ଭିକ୍ଷ ପଡ଼ିବ । ଗବର୍ଣ୍ଣମେଣ୍ଟଇଣ୍ଡିଆଙ୍କ ଆଜ୍ଞାନୁସାରେ ଗବର୍ଣ୍ଣମେଣ୍ଟବଙ୍ଗାଳ ଜିଲ୍ଲାମାନଙ୍କଠାରୁ ଫସଲର ଅବସ୍ଥା ଓ ବୃଷ୍ଟିର ବିଷୟରେ ସାପ୍ତାହିକ ରିପୋର୍ଟ ପ୍ରାର୍ଥନା କରିଅଛନ୍ତି ।

କଟକଠାରେ ବାଘ ମାନ ଉତ୍ପାତ କରିବାରୁ ଗବର୍ଣ୍ଣମେଣ୍ଟ ସେଠାରେ ଜଣେ ଶିକାରୀ ବର୍କନ୍ଦାଜ ନିଯୁକ୍ତ ରହିବାର ଆଜ୍ଞା ଦେଇଅଛନ୍ତି ଏଥିରେ ବାଘର ଉପଦ୍ରବ ଶାନ୍ତ ହେବାର ସମ୍ଭାବନା ଅଛି ।

ଆଜ କାଲ ଯେ ପ୍ରକାର ଚତୁର୍ଦ୍ଦିଗର ଲୋକେ ବର୍ଷା ଲୋଡ଼ୁ ଅଛନ୍ତି ସେଥିରେ ଓଏକସାହେବଙ୍କ ଭବିଷ୍ୟଲିଖିତ ଗଣନା ଅବଶ୍ୟ ଆଦରଣୀୟ ହେବ ଫଳ ସତ୍ୟ ଅବା ନ ସତ୍ୟ ଅଧିକନ୍ତୁ ଆଶାରେ ଲୋକେ ବଞ୍ଚିବାର ସମ୍ଭାବନା । ଓଏକ ସାହେବ ଟେଲିଗ୍ରାଫେ କହିଛନ୍ତି ଶ୍ରାବଣମାସ ତା ୧୯ ରିଖ ଠାରୁ ତା ୨୩ ରିଖ ପର୍ଯ୍ୟନ୍ତ ଓ ତା ୨୬ ରିଖରେ ଅଳ୍ପ ବୃଷ୍ଟି, ଓ ତା ୨୭।୨୮।୨୯ ରିଖରେ ଭାରବୃଷ୍ଟି ଓ ପବନ ହେବ ତା ୨୨ ରିଖ ରାତିରେ ପବନ ଅଧିକ ହେବାର ସମ୍ଭାବନା ଏ ଉତାରୁ ତା ୩୦।୩୧ ରିଖରେ ଭାର ବର୍ଷା ହେବ ।

ହିନ୍ଦୁପେଟ୍ରିୟଟ୍ କହନ୍ତି ଯେ କଟକର ନ ନକ ସ୍ଥାନର ଶିର୍କା କରଣ କୋର୍ଟିଏ ଅଭିଭ ଘଟିକାଯନ୍ତ୍ର ପ୍ରସ୍ତୁତ ହୋଇଅଛି । ଏରୂପ ଘଡ଼ି ଆଉ କେବେ ଦେଖା ଯାଇ ନ ଥିଲା । ସାମାନ୍ୟ ଘଡ଼ିରେ ଘଣ୍ଟା ମିନିଟ ଓ ସେକେଣ୍ଡର ଯେରୂପ ନିର୍ଘଣ୍ଟ ହୁଅଇ ଏଥିରେ ତାହା ଅଛି ଓ ଇତିମଧ୍ୟ ବର୍ଷ, ମାସ, ବାର, ଦଣ୍ଡ ଏବଂ ସୂର୍ଯ୍ୟ ଚନ୍ଦ୍ର ସ୍ଥିତି ନିର୍ଦ୍ଦିଷ୍ଟ ହୁଅଇ ଏହି ଅସାମାନ୍ୟ ଘଡ଼ି ପାଇଁ ୫୦,୦୦୦ ଙ୍କା ବ୍ୟୟ ପଡ଼ିଅଛି ।

ପଶୁଙ୍କ ପ୍ରତି ନିଷ୍ଠୁର ବ୍ୟବହାର ନିବାରଣ କାରଣ କଲିକତାରେ ଯେଉଁ ସଭା ସ୍ଥାପିତ ହୋଇଅଛି ଘୋଡାଙ୍କୁ ଦୂର୍ଗ କରିବାର ରକ୍ଷା କାରଣ ପ୍ରସ୍ତୁତ ହୋଇଥିବା ଏକପ୍ରକାର ଘଣ୍ଟାଟୋପ ତାହାଙ୍କର ତତ୍ତ୍ୱାବଧାନରେ ଅଛି । ଉକ୍ତ ଘଣ୍ଟାଟୋପଦ୍ୱାରା ଘୋଡାର ମୁଣ୍ଡ ଓ ପୃଷ୍ଠଦେଶ ଅକ୍ଳେଶ ଭଦ୍ର ସୂର୍ଯ୍ୟ ତାପରୁ ରକ୍ଷା ପାଇବ ଓ ଶ୍ୱାସରେ ଶୁଳ ଘୋଡ଼ାଙ୍କର ବର୍ତ୍ତମାନ ଯେରୂପ ପ୍ରାଣ ସଂଶୟ ହେଉଅଛି ତାହା ଆଉ ନ ଘଟିବ । ଏ ଘଣ୍ଟାଟୋପ କମିଟିର ମନୋନୀତ ହେଲେ ଜଷ୍ଟିସ ଜାଉବଟକମ୍ପାନିଙ୍କ ଦୋକାନେ ସେହି ଘଣ୍ଟାଟୋପ ଅଣିବାକୁ ଆମ୍ଭେମାନେ ପ୍ରସ୍ତାବ କରଉଁ ।

ଗତିତ ମାସ ତା ୭ ରିଖ ରାତି ୯ ଘଣ୍ଟା ସମୟରେ ସେଠିଏ ପ୍ରକାଣ୍ଡ ଉଲ୍କା କଲିକତାରେ ଦେଖା ଯିବାର ସମ୍ବାଦପତ୍ରରୁ ଅବଗତ ହେଲୁଁ ତାହାର ଆକୃତି ଠିକ ପୂର୍ଣ୍ଣଚନ୍ଦ୍ର ତୁଲ୍ୟ ଥିଲା ଏବଂ ବର୍ଣ୍ଣ ଅତଗାଢ଼ ନୀଳ ଏହା ପତନ କାଳରେ କ୍ଷଣମାତ୍ର ଆକାଶ ଆଲୁଅମୟ ହେଲା ଏବଂ ଉହ ସିଦ୍ଧା ତାଳରେ କିଛି ଶବ୍ଦ ନ ଥିଲା କିମ୍ବା ଫାଟିବାର ଦେଖା ନ ଗଲା ।

---

### ବିଜ୍ଞାପନ ।

ଶ୍ରୀ କୃଷ୍ଣସିଂହଙ୍କ ରଚିତ ଉତ୍କଳଭାଷା ମହାଭାରତ ଆଦିପର୍ବ ମୂଲ୍ୟ ୫ ୨

ଡାକରେ ଯିବାର ହେଲେ ମାସୁଲ ଓ ମୋ- ମଯ ମା ଇତ୍ୟାଦ ୫ ୧.

କଟକପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ପ୍ରାପ୍ତ ହେଉଅଛି ।

---

### ଇସ୍ତାହାର ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ସମ୍ବାଦ ଦିଆଯାଉଅଛି ଯେ ଖୋରଧା ମୁକାମ ସରକାରୀ ଜଙ୍ଗଲ ଶେଷ ମହଲେ ଅବଶିଷ୍ଟ ଥିବା ବା୮୪୦ଖ୍ଯା ଭସୁନା ଓ ବା୫୮୦୦ଖ୍ଯା ଥାନୁଆ ଏବଂ ବା୮୪୦ଖ୍ଯା ଅସ୍ଥିଅସ୍ତ୍ରଳ ବିକ୍ରୟାର୍ଥେ ଖୋରଧା- ରେଭିନ୍ୟୁ କାର୍ଯ୍ୟାଳୟ ନିକଟରେ ପ୍ରସ୍ତୁତ ଅଛି ଅତଏବ ଜଙ୍ଗଲ କ୍ରୟ କରିବା ଇଚ୍ଛୁକ କ୍ରୟକର୍ତ୍ତାମାନେ ଚଳିତମାସ ତା ୩୧ରିଖ ପୂର୍ବେ ଖୋରଧା ମୁକାମ କଭେନନ୍ଟେଡ଼ ଡେପୁଟିକଲେକ୍ଟର ସାହେବଙ୍କ କାର୍ଯ୍ୟାଳୟରେ ସ୍ୱୟଂ କିମ୍ବା ଆପଣା ତରଫ କର୍ମକାରକମାନଙ୍କଦ୍ୱାରା ଉପସ୍ଥିତ ହେଲେ ପ୍ରାପ୍ତ ହେବେ ।

Khordah, the 11th August, 1869.
By order of Covd. Deputy Collector
R. B. Naik
Serestadar & Head Clerk.

ସେ,ରଥାମୁକାମ
ତା ୧୧ ରିଖ ଅଗଷ୍ଟ ସନ ୧୮୬୯ ମସିହା

---

☞ ଏହି ଉତ୍କଳଦୀପିକା ସହର କଟକ ଚର- ସାକଳାର କଟକପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାର ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା ।

ଭାଗ ୧୪ ଶ } ତା୨୮ ରଖ ଅଗଷ୍ଟ ସନ ୧୮୭୯ ମସିହା । ମୁ। ଭାଦ୍ରବ ଦି୧୪ ନ ସନ ୧୨୮୭ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪୲ ; ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୲ ; ମଫସଲ ପାଇଁ ଡାକମାସୁଲ ୪୲

ଖଣ୍ଡ ୩୫ ସଂଖ୍ୟା


### ବୃଷ୍ଟିର ଅଭାବ ।

ଏଥର ବର୍ଷାର ଅଭାବ ଦେଖି ଲୋକଙ୍କ ମନରେ ଯେରୂପ ଆଶଙ୍କାମାନ ଜାତ ହେଉଅଛି ଅକଥନୀୟ ଅଟଇ । ଏବେ ଅଧିକାଂଶ ଲୋକଙ୍କର ବିଶ୍ୱାସ ହେଲାଣି ଯେ ଏ ବର୍ଷ ଦୁର୍ଭିକ୍ଷ ନ ହେଲେ ଅତି ଉଚ୍ଚ ମୂଲ୍ୟରେ ଶସ୍ୟ ବିକ୍ରୟ ହେବ ଓ ବହୁତ ଲୋକ ଅନ୍ନକଷ୍ଟ ପାଇବେ । କ୍ଷେତର ଅବସ୍ଥା ଅତ୍ୟନ୍ତ ଦେଖା ଯାଏ କେହି ବର୍ଷାକୁ ଚାହିଁ ରହିଅଛନ୍ତି ଓ କେହି କହନ୍ତି ଯେ ଏଣିକି ବର୍ଷା ହେଲେ ମଧ୍ୟ ଫସଲ ହେବାର ସମ୍ଭାବନା ନାହିଁ । ଏଥିକି ପ୍ରାୟ ଦିନ ଦିନ ବର୍ଷା ହେଉଅଛି ମାତ୍ର ସେଥିର ପରିମାଣ ଅତ୍ୟଳ୍ପ ଓ ତଦ୍ଦ୍ୱାରା କ୍ଷେତର କୌଣସି ଉପକାର ହେବାର ବୋଧ ହେଉ ନାହିଁ । କେବଳ କଟକର ଅବସ୍ଥା ଏମନ୍ତ ନୁହଇ ଅନ୍ୟାନ୍ୟ ଦେଶର ମଧ୍ୟ ଏହି ଅବସ୍ଥା । ଉପର ଗଡ଼ଜାତରେ ଅଳ୍ପବୃଷ୍ଟି ହେଉଥିବାରୁ କଦ୍ରନଦୀ ବଢ଼ି ହୋଇ ନାହିଁ କେବଳ ଗତ ସପ୍ତାହରେ ନଦୀ ବଢ଼ିବାରୁ ଉପରେ କିଛି ବର୍ଷା ହୋଇଥିବାର ଜଣା ଯାଏ ଓ ନଦୀ ବଢ଼ି ପାଣିରେ ଯାହା ଅବା ଉପକାର ହୁଅନ୍ତା ସରକାରୀ କେନାଲ ଓ ନାଲ ଉପର ବନ୍ଧ ହେଉଥିବାରୁ ବଢ଼ିପାଣି କ୍ଷେତକୁ ଯିବାର ବାଟ ନାହିଁ । ଏସମସ୍ତ ଅବସ୍ଥା ଅତି ଶୋଚନୀୟ ପରନ୍ତୁ ଦୁଃଖର ସହିତ ଅବଗତ ହେଲୁଁ ଯେ ପୁରୀରେ ଅଳ୍ପହିଁ ଅନ୍ନକଷ୍ଟ ଅନୁଭବ ହେଲାଣି ସେଠାରେ ଦୁଃଖିଲୋକମାନେ ଚାଉଳ କିଣି କରି ଖାଇବାକୁ ପାଉ ନାହାନ୍ତି । ସରକାରୀ ଚାଉଳ ଯେ କିଛି ଥିଲା ତାହା କଲେକ୍ଟର ସାହେବ ଶୀଘ୍ର ଏକ ଦକ୍ଷିଣି ମହାଜନକୁ ବିକ୍ରୟ କରି ଦେଲେ ଏବେ ଆଉ ଶସ୍ୟ ନାହିଁ । କଟକରେ ଏହି ପରି ଦୁର୍ଦ୍ଦଶା ପ୍ରାୟ ଦୁଇମାସ ପୂର୍ବରୁ ପଡ଼ିଥାନ୍ତା ମାତ୍ର ସରକାରୀ ଚାଉଳ କ୍ରମାଗତ ବିକ୍ରୟ ହେଉଥିବାରୁ ଏକପ୍ରକାର ନିର୍ବାହ ହୋଇ ଯାଉଅଛି ଏଥିକୁ ଶୁଣିଲୁଁ ଯେ ଏଠାରେ କୌଣସି ଦକ୍ଷିଣିମହାଜନ ଆସି ସବୁ ସରକାରୀ ଚାଉଳ କିଣି କରିବା ଲାଗି କଲେକ୍ଟର ସାହେବଙ୍କ ସଙ୍ଗେ ବନ୍ଦୋବସ୍ତ କରୁଅଛନ୍ତି । ଆମ୍ଭେମାନେ ଏ ସମୟରେ କଲେକ୍ଟର ସାହେବଙ୍କୁ ଅନୁରୋଧ କରୁଅଛୁଁ ଯେ ପୁରୀର ଅବସ୍ଥା ବିବେଚନା କରି ସରକାରୀ ଚାଉଳ ଏକାବେଳକେ ବାହାରକୁ ବିକି ନ ଦେଉନ୍ତୁ । ସରକାରୀ ଚାଉଳ ସମ୍ପ୍ରତି ଯେ ପରିମାଣରେ ବିକ୍ରୟ ହେଉଅଛି ଅଳ୍ପ ଦିନରେ ସବୁ ଶେଷ ହୋଇ ଯିବ ଅଥଚ ଲୋକମାନେ ସହଜ ମୂଲ୍ୟରେ ଦ୍ରବ୍ୟ ପାଇବେ ଦକ୍ଷିଣିମହାଜନ ହସ୍ତକୁ ଗଲେ ପରଶେଷରେ ଯେବେ ଏହିଠାରେ ବିକ୍ରୟ ହୁଅଇ ତେବେ ଅତ୍ୟନ୍ତ ଦୁର୍ମୂଲ୍ୟ ହୋଇବ ଓ ତଦାନୁସଙ୍ଗିକ କଷ୍ଟମାନ ଅନର୍ଥକ ବୃଦ୍ଧି ହେବ । ଦେଶର ଅବସ୍ଥା ଭଲ ହୋଇଥିଲେ ମହାଜନକୁ ଚାଉଳ ବିକ୍ରୟ କରିବାରେ କୌଣସି ଆପତ୍ତି ନ ଥିଲା ମାତ୍ର ବର୍ତ୍ତମାନ ଯେ ଅବସ୍ଥା ଦେଖା ଯାଉଅଛି ସେଥିରେ ଏରୂପ କରିବା କଦାଚ ଉଚିତ ନୁହଇ ।

---

### ଗଳନ୍ତ ଦ୍ରବ୍ୟ କୋରକ କରିବା ।

ଏହି ବିଷୟ ସେହି ଏମାସରେ ଗୋଟିଏ ମକଦ୍ଦମା କଟକ ଫୌଜଦାରୀ ଅଦାଲତରେ ଉପସ୍ଥିତ ହୋଇଥିଲା । ଏପ୍ରକାର ମକଦ୍ଦମା ଆଉ କେବେ ହୋଇଥିବାର ଶୁଣା ନାହିଁ ଓ ଏ ବିଷୟରେ ଅସଭ୍ୟ ଲୋକଙ୍କ ମନରେ କେତେକ ଭ୍ରମଯୁକ୍ତ ବିଶ୍ୱାସ ଥିବାରୁ ତାହା ଖଣ୍ଡନ କରିବା ଆଶାରେ ଆମ୍ଭେମାନେ ଏ ମକଦ୍ଦମାର ବୃତ୍ତାନ୍ତ ଲେଖିବା ଆବଶ୍ୟକ ବୋଧ କରୁଅଛୁଁ । ମକଦ୍ଦମାର ସଂକ୍ଷେପ ବୃତ୍ତାନ୍ତ ଏହି ।

ଜଣେ ମହାଜନ ଏକ ଖାତକ ଉପରେ କେତେ ଟଙ୍କାର ଡିକ୍ରୀ ଦେଓ୍ୱାନି ଅଦାଲତରେ ହାସଲ କରିଥିଲା । ଅଳ୍ପଦିନ ହେଲା ସେ ଖାତକ ମୂଦାଲାର କେତେକ ଗଳନ୍ତ ଯାଏଦାଦ କୋରକ କରାଇବାକୁ ଅଦାଲତରେ ପ୍ରାର୍ଥନା କଲାରୁ ଏଠାର ଶେଷ୍ଟ ଅଦାଲତର ଜଜ ଶ୍ରୀ ଗ୍ରେଟ ସାହେବ ଆପଣା ନାଜରକୁ ସ୍ୱୟଂ ଯାଏଦାଦ କୋରକ କରିବା କାରଣ ଯିବାକୁ ଆଜ୍ଞା ଦେଲେ । ନାଜର ଦୁଇଜଣ ପିୟାଦା ଓ ମୁହରିରକୁ ସହିତ ନେବାଲାଗି ଖର୍ଚ୍ଚରେ ସେହି ଆଜ୍ଞା ପ୍ରତିପାଳନ କରିବାକୁ ଗଲେ । ଏଥିକୁ ଖାତକ ମୂଦାଲା ଜଣେ ପ୍ରଧାନ ଜମିଦାରର ନାଏବ ଏହାଙ୍କର ସ୍ୱତନ୍ତ୍ର ଗୃହ ନାହିଁ ଜମିଦାରର ଘରେ ବାସ କରନ୍ତି ସୁତରାଂ ନାଜର ଡିକ୍ରିଜମିଦାରର ଘରେ ପ୍ରବେଶ ହେଲେ ଜମିଦାରର ଦ୍ୱାରି ଓ ଆମଲା ମୁକ୍ତାରମାନେ ଘରକୁ

Digitized by srujanika@gmail.com

Split by PDF Splitter



ଯିବାକୁ ଅପତ୍ତି କଲେ କିନ୍ତୁ ନାଜର ତାହା ନ ମାନି ଘରେ ପ୍ରବେଶ ହୋଇ ମୁନସିଫ ହୁକୁମ ହେବାନୁସାରେ ଦୁଇ ଜନ ଦ୍ରବ୍ୟ କ୍ରୋକ କଲା ମାତ୍ର ସେ ଲୋକମାନେ ଉକ୍ତ ଦ୍ରବ୍ୟମାନ ଜମିଦାରର ଥିବାରୁ କହି କ୍ରୋକରେ ବାଧା ଦେବାରୁ ନାଜର ଫେରି ଆସି ସାହେବଙ୍କ ସାକ୍ଷାତରେ ରିପୋର୍ଟ କଲେ ଓ ସାହେବଙ୍କ ଆଜ୍ଞାନୁସାରେ ଫଉଜଦାରୀରେ ମକଦ୍ଦମା ଉପସ୍ଥିତ ହେଲା । ଜମିଦାର ପକ୍ଷର ଲୋକଙ୍କ ଉପରେ କ୍ରୋକରେ ବାଧା ଦେବା ଅପରାଧ ସାବ୍ୟସ୍ତ ହେବାରୁ ଶ୍ରୀଯୁତ କର୍ଣ୍ଣେଲ ସାହେବ ଯଏଣ୍ଟ ମାଜିଷ୍ଟ୍ରେଟ ସେମାନଙ୍କୁ କାରାବାସର ଦଣ୍ଡ ଦେଇଅଛନ୍ତି । ମୁଦାଲାମାନେ ନାଜରଙ୍କ ନାମରେ ଅନଧିକାର ପ୍ରବେଶର ନାଲିସ କରିଥିଲେ କିନ୍ତୁ ମୁଦାଲାମାନେ ଦଣ୍ଡ ପାଇବାରୁ ଏ ମକଦ୍ଦମା ଡିସମିସ ହେଲା ।

ଏଥିରୁ ସ୍ପଷ୍ଟ ପ୍ରକାଶ ଯେ କାହାର ଘରମଧ୍ୟରେ ପଶି ଚଳନ୍ତ ଦ୍ରବ୍ୟ କ୍ରୋକ କରିବା ଆଇନ ସିଦ୍ଧ ନୁହଇ ବୋଲି ଅନେକଲୋକ ବିଶ୍ୱାସ କରନ୍ତି ଯେବେ ସେରୂପ ବିଶ୍ୱାସ ନ ଥାନ୍ତା ତେବେ ଅନଧିକାର ପ୍ରବେଶର ନାଲିସ ନ ହୁଅନ୍ତା । ବାସ୍ତବରେ ଏରୂପ ବିଶ୍ୱାସ ଅତି ଭ୍ରମ ଯୁକ୍ତ ଅଟଇ ଓ ଏହି ଭ୍ରମଯୁକ୍ତ ବିଶ୍ୱାସରୁ ଏ ମକଦ୍ଦମାରେ ଦଣ୍ଡ ହେବାର ଆମ୍ଭମାନଙ୍କ ବୋଧ ହୁଅଇ । ଚଳନ୍ତ ଦ୍ରବ୍ୟ କେହି ବାହାରେ ପକାଇ ଦେଇ ନ ଥାଏ ଏପ୍ରକାର ଦ୍ରବ୍ୟ ସମସ୍ତେ ଯତ୍ନପୂର୍ବକ ଘରେ ରଖନ୍ତି ଏସ୍ଥଳେ ଯେବେ ଚଳନ୍ତଦ୍ରବ୍ୟ କ୍ରୋକ କାରଣ ଘରମଧ୍ୟରେ ପ୍ରବେଶ କରିବା ବ୍ୟବସ୍ଥାପକ ସଭାର ଉଦ୍ଦେଶ୍ୟ ନ ଥାନ୍ତା ତେବେ ଚଳନ୍ତ ଦ୍ରବ୍ୟ କ୍ରୋକ କରିବାର ବିଧାନ ନ କରନ୍ତେ କାରଣ ଘରେ ନ ପଶି ଏପ୍ରକାର ଦ୍ରବ୍ୟ କ୍ରୋକ କରିବାର ଅସମ୍ଭବ ଅଟଇ । ଅତଏବ ଯେତେବେଳେ ଚଳନ୍ତ ଦ୍ରବ୍ୟ କ୍ରୋକ କରିବାର ଆଜ୍ଞା ହୋଇଅଛି ସେତେବେଳେ ଘରମଧ୍ୟରେ ପଶି କ୍ରୋକ କରିବାର ଆଜ୍ଞା ଅଛି । ଅବଶ୍ୟ ସ୍ୱୀକାର କରିବାକୁ ହେବ ଓ ଏଥିରେ ଯେଉଁମାନେ ସରକାରୀ କର୍ମକାରକଙ୍କୁ ବାଧା ଦେବେ ସେ ଅବଶ୍ୟ ଦଣ୍ଡନୀୟ ହେବେ ସନ୍ଦେହ ନାହିଁ ।

ଏପ୍ରସ୍ତାବ ଲେଖାହେଲା ଉତ୍ତାରୁ ଅବଗତ ହେଲୁଁ ଯେ ମକଦ୍ଦମା ଅପିଲ ହେବାର ଉଦ୍‌ଯୋଗ ହେଉଅଛି । ଅପିଲ ଅଦାଲତ କିରୂପ ବିଚାର କରିବେ ବର୍ତ୍ତମାନ ବୁଝାଯାଇ ନ ପାରେ ଓ ମକଦ୍ଦମା ନିଷ୍ପତ୍ତି ହେଲା ଉତ୍ତାରୁ ସେଥିର ବୃତ୍ତାନ୍ତ ଜଣାଇବୁଁ ।

---*---

## ସାଧାରଣ ଚିକିତ୍ସାଳୟ ।

ବର୍ତ୍ତମାନ ଏ ନଗରରେ ଅନ୍ନଛତ୍ର ନାମରେ ଯେଉଁ ଦାତବ୍ୟ ଚିକିତ୍ସାଳୟ ଅଛି ତାହା ସାଧାରଣ ବ୍ୟବହାର କାରଣ ସର୍ବତୋଭାବେ ଉପଯୋଗୀ ନ ହେବାରୁ ତହିଁ ପରିବର୍ତ୍ତରେ ଗୋଟିଏ ଜେନରଲ ହାସପାତାଲ ଅର୍ଥାତ୍ ସାଧାରଣ ଚିକିତ୍ସାଳୟ ସ୍ଥାପନ ହେବାର କଳ୍ପନା ହୋଇଅଛି । ଅବିଳମ୍ବେ ଏଥିର କାର୍ଯ୍ୟ ଆରମ୍ଭ ହେବ । ବର୍ତ୍ତମାନ ଚିକିତ୍ସାଳୟ ଏହାର ଅନ୍ତର୍ଗତ ହେବ ଏବଂ ଯାତ୍ରିମାନଙ୍କର ସାହାଯ୍ୟ ବିଶେଷ ରୂପେ ଆବଶ୍ୟକ ଥିବାରୁ ଏ ଚିକିତ୍ସାଳୟ ଚଉଲିସ୍ତାଗଞ୍ଜ ପଡ଼ିଆରେ ନିର୍ମାଣ ହେବାର ସ୍ଥିର ହୋଇଅଛି ସେ ସ୍ଥାନରେ ହାସପାତାଲ ରହିଲେ ଯାତ୍ରିମାନଙ୍କୁ ସୁବିଧା ହେବ ଓ ନଗରରୁ ନ ଆସି ସେମାନେ ସାହାଯ୍ୟ ପାଇବେ ଆମ୍ଭେମାନେ ଏସ୍ଥାନର ଡାକ୍ତର ଶ୍ରୀଯୁକ୍ତ ମାକଡୋନାଲଡ ସାହେବଙ୍କ ପ୍ରମୁଖାତ୍ ଶୁଣିଅଛୁଁ ଯେ ଏ ଚିକିତ୍ସାଳୟ କେବଳ ଦୁଃଖୀ କଙ୍ଗାଳି ଅନ୍ନଛତ୍ର ଲୋକଙ୍କ ସକାଶେ ହେବ ଏମନ୍ତ ନୁହଇ । ଭଦ୍ରଲୋକ ଯାହିଁ ଅର୍ଥାତ୍ ଯେଉଁମାନେ ଅନ୍ନଛତ୍ରରେ ଭୋଜନ କରିବାରେ ଆପଣା ତାଙ୍କ ମାନ ହାନି ଜ୍ଞାନ କରନ୍ତି ଏମାନଙ୍କ କାରଣ ଭିନ୍ନ ବନ୍ଦୋବସ୍ତ ହେବ ଏବଂ କୁଳାଙ୍ଗନାମାନଙ୍କୁ ଚିକିତ୍ସା ସାହାଯ୍ୟ ପ୍ରଦାନ ହେବାର ମଧ୍ୟ ପୃଥକ୍ ନିୟମ ହେବ । ଅତଏବ ଦେଖା ଯାଏ ଯେ ଏ ଚିକିତ୍ସାଳୟ ଦ୍ୱାରା ସର୍ବ ପ୍ରକାର ଅସୁଖର ଖଣ୍ଡନ ହେବାର ମାନସ ଅଛି ଓ ତାହା ସିଦ୍ଧ କରିବା ପକ୍ଷରେ ଅସ୍ମଦ୍ଦେଶୀୟ ଲୋକଙ୍କର ଯତ୍ନ କରିବା କେତେ କର୍ତ୍ତବ୍ୟ ସହଜରେ ଅନୁଭବ ହୋଇପାରେ ।

ଏରୂପ ପରିମାଣର ଚିକିତ୍ସାଳୟ ନିର୍ମାଣ-ନିମିତ୍ତ ଅନେକ ଟଙ୍କାର ପ୍ରୟୋଜନ ହେବ ( ସମ୍ପ୍ରତି ୪୮୦୦୦ ଟଙ୍କା ଇଷ୍ଟିମିଟ ହୋଇଅଛି ) ଓ ଯେତେ ଅଧିକ ଟଙ୍କା ହେବ ସେତେ ବଡ଼ ଘର ନିର୍ମାଣ ହୋଇ ସର୍ବପ୍ରକାର ଉଦ୍ଦେଶ୍ୟ ସାଧନ ପକ୍ଷରେ ସୁଯୋଗ ହେବ । ଏଥିକୁ ଗବର୍ଣ୍ଣମେଣ୍ଟ ଯେ ଟଙ୍କା ଦେବେ ତଦତିରିକ୍ତ ଚାନ୍ଦା ଦ୍ୱାରା ଅସ୍ମଦ୍ଦେଶୀୟ ଧନବାନ୍ ଓ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ଠାରୁ ଅର୍ଥ ସଂଗ୍ରହ କରିବାର ଆବଶ୍ୟକ ହୋଇଅଛି ଓ ଆମ୍ଭେମାନେ ଭରସା କରୁଁ ଯେ ବଦାନ୍ୟ ବ୍ୟକ୍ତି ମାତ୍ରକେ ଏରୂପ ସାଧାରଣ ଉପକାର ଜନକ ବ୍ୟାପାରରେ ଅର୍ଥ ସାହାଯ୍ୟ କରିବାକୁ କୁଣ୍ଠିତ ନ ହେବେ । ଏସ୍ଥଳେ ଆମ୍ଭେମାନେ କୃତଜ୍ଞତା ସହିତ ଜଣାଉଅଛୁଁ ଯେ ଗତ ସପ୍ତାହରେ ଏ ନଗର ବଡ଼ସେବକାର ନିବାସି ନହବତଗ୍ରାମରଗଡ଼ ଓ ବିଦୁନଦ୍ୟାଲରଗଡ଼ ଏ ଦୁହେଁ ୫୦୦ ଟଙ୍କା ଶ୍ରୀଯୁକ୍ତ ଡାକ୍ତରସାହେବଙ୍କ ନିକଟକୁ ପଠାଇ ଦେଇଅଛନ୍ତି । ସେଠସାହୁ ମହାଜନମାନେ ବହୁ କାଳରୁ ଏ ଦେଶକୁ ଆସି ଅନେକ ଟଙ୍କା ଉପାର୍ଜନ କରିଅଛନ୍ତି ଏବଂ ଏମାନେ ଏମନ୍ତ କୌଶଳରେ ଏଠାରେ ବହୁଲୋକ ହୋଇଅଛନ୍ତି ଯେ ଏମାନଙ୍କୁ ଲୋକେ ଅର୍ଥ ପିଶାଚ ବୋଲି ଜ୍ଞାନ କରନ୍ତି କିନ୍ତୁ ଆନନ୍ଦର ବିଷୟ ଯେ ଏମାନେ ମଧ୍ୟ ଏରୂପ ସାଧାରଣ କାର୍ଯ୍ୟରେ ଦାନ କରିବାକୁ ପରାଙ୍ମୁଖ ହୋଇ ନାହାନ୍ତି । ପାଠକମାନଙ୍କର ସ୍ମରଣ ଥିବ ଯେ ପ୍ରାୟ ଦଶବର୍ଷ ହେବ ସୁବିଖ୍ୟାତ ମୁକ୍ତମୋହନଲଗଡ଼ ଅନ୍ନଛତ୍ରର ସାହାଯ୍ୟ ନିମିତ୍ତ ନଗଦ ପାଞ୍ଚହଜାର ଟଙ୍କା ଦାନ କରିଥିଲେ ସେ ଟଙ୍କା ସୁଧରୁ ଇଦାରଣର ଚିକିତ୍ସାଳୟର ବ୍ୟୟ ନିର୍ବାହ ହେଉଅଛି । ସେଠସାହୁଙ୍କ ମଧ୍ୟରେ ଏ ବ୍ୟକ୍ତି ପ୍ରଥମ ଦାନ କରିଅଛନ୍ତି ଏହାଙ୍କ ପୂର୍ବରେ ଅଉ କେହି କିଛି ଦାନ କରିବାର ଶୁଣା ନାହିଁ ଓ ମଧ୍ୟ ଏହାଙ୍କର ଦୃଷ୍ଟାନ୍ତରୁ ଅବଲମ୍ବନ କରି ଅବଧି ଆଉ କେହି କିଛି ଦେଇ ନ ଥିଲେ । ସମ୍ପ୍ରତି ନହବତଗ୍ରାମ ଓ ବିଦୁନଦ୍ୟାଲ ଉପର ଲିଖିତ ଦାନ ଦ୍ୱାରା ସେଠସାହୁଙ୍କର ସମ୍ମାନ ବଢ଼ାଇଅଛନ୍ତି । ଏହାଙ୍କର ଦାନ କାର୍ଯ୍ୟକୁ ଯଦ୍ୟପି କେହି ୨ ଅଧିକ ଭାବେ ନ ଦେଖିବେ ତଥାପି ଆମ୍ଭେମାନେ କହୁଅଛୁଁ ଯେ ବିଦେଶୀୟ ଲୋକମାନଙ୍କର ଏ ଅଳ୍ପ ପରିମାଣ ଦାନ ମଧ୍ୟ ପ୍ରଶଂସନୀୟ ଅଟଇ ଓ ଭରସା କରୁଁ ଯେ ଅନ୍ୟାନ୍ୟ ଧନାଢ୍ୟ ସେଠସାହୁମାନେ ଏହାଙ୍କ ଚରିତ୍ରକୁ ଆଦର୍ଶ କରି ଯଥା ସାଧ୍ୟ ଦାତବ୍ୟ ପ୍ରକାଶ କରନ୍ତୁ ତାହା ହେଲେ ଏମାନେ ଯେମନ୍ତ ଧନ ଉପାର୍ଜନ ବିଷୟରେ ନାମ କରିଅଛନ୍ତି ତଦ୍ରୂପ ଦାତବ୍ୟତା ଦ୍ୱାରା ଏ ସଂସାରରେ ଖ୍ୟାତି ଏବଂ ପରକାଳରେ ସୁଗତି ଲାଭ କରିବାକୁ ଯତ୍ନବାନ୍ ହେଉନ୍ତୁ ।

ଏଠାରେ ଅସ୍ମଦ୍ଦେଶୀୟ ଲୋକଙ୍କଠାରେ କହିବା ଜଣାଇବାର ଆବଶ୍ୟକ । ପ୍ରକୃତ ବଡ଼

Digitized by srujanika@gmail.com

ଚତୁଷ୍ପାଠୀସ୍ଥ ଛାତ୍ର ଏ ଦେଶର ବିଶେଷ ଉପକାର ହେବାର ସମ୍ଭାବନା ଓ ଅନ୍ୟ ଦେଶବାସିଙ୍କ ଅପେକ୍ଷା ଅଶିକ୍ଷିତ ଲୋକଙ୍କଠାରୁ ଅଧିକ ଦାନର ଆଶା ସ୍ୱଭାବତଃ ହେଉଅଛି ସେ ଆଶା ଯେପ୍ରକାରେ ବିଫଳ ନ ହୁଏ ତହିଁ ପ୍ରତି ସମସ୍ତଙ୍କର ମନୋଯୋଗ କରିବାର ଉଚିତ। ବଙ୍ଗଦେଶ ଓ ଉତ୍ତର ପଶ୍ଚିମର ଲୋକମାନେ ଏପ୍ରକାର କାର୍ଯ୍ୟରେ ଯେରୂପ ଧନ ଦାନକରି ସୁଖ୍ୟାତି ଲାଭ କରୁଅଛନ୍ତି ତାହା ପତ୍ରିକା-ପାଠକମାନେ ସମସ୍ତେ ପାଠକରି ଅବଶ୍ୟ ଆନନ୍ଦଲାଭ କରୁଥିବେ। ଏରୂପ ରୀତି ଅଶିକ୍ଷିତ ଲୋକମାନେ ଅବଲମ୍ବନ କଲେ ତାହାଙ୍କର ଖ୍ୟାତି ଯେ ସେହିରୂପ ବୃଦ୍ଧି ହେବ ସନ୍ଦେହ ନାହିଁ ଓ ବିଦେଶୀୟ ଲୋକମାନେ ସେଥିର ବୃତ୍ତାନ୍ତ ଅବଗତ ହୋଇ ଅବଶ୍ୟ ଏ ଦେଶ ପ୍ରତି ଆଦର ପ୍ରକାଶ କରିବେ।

---

# ସାପ୍ତାହିକ ସଂବାଦ।

ପୂର୍ବେ ଇଂଲଣ୍ଡର ବାରିଷ୍ଟର ସମ୍ପ୍ରଦାୟ ବନ୍ଦୋବସ୍ତ କରି ରଖିଥିଲେ ସଂପ୍ରତି ତାହା ସ୍ଥାନାନ୍ତରିତ ଇଞ୍ଜିନିୟରଙ୍କ ଅଧି-ନରେ ପୂର୍ବରୁ ଉଠିଯାଉଅଛି। ବଙ୍ଗଦେଶୀୟ ବ୍ୟକ୍ତି ଜଣେ ବାରିଷ୍ଟର ହୋଇ ଆସିବା କାଳରେ ଏରୂପ ଆଶା ହେଲାରୁ ଲୋକେ କହୁ-ଅଛନ୍ତି ଯେ ଦେଶୀୟ ଲୋକ ଉଚ୍ଚ କର୍ମରେ ଆସିବାରୁ ତାହାଙ୍କୁ କଟକରୁ ତଡ଼ିଦେଲେ। ଫଳତଃ ଏରୂପ କହିବାର ଆଉ ଗୋଟିଏ କାରଣ ଅଛି। ପୂର୍ବେ କେବେ କେବେ ଏ କଟେଶ୍ୱରୀ ପୂର୍ବରୁ ଉଠିବାର ପ୍ରସ୍ତାବ ହୋଇ-ଥିଲା କିନ୍ତୁ କ ପ୍ରକାରରେ ଅବଧି ତାହା କାର୍ଯ୍ୟ-ରେ ପରିଣତ ହୋଇ ନ ଥିଲା। ଦେଶୀୟଲୋକ ବାରିଷ୍ଟର ହେବାବେଳେ ସେ ପ୍ରସ୍ତାବ ସଫଳ କରିବାକୁ ଆଉ ବିଳମ୍ବ ନ ହେଲା। ଦେଖିବାରୁ ଏରୂପ ହେବାର ଅନେକ ସ୍ୱତ-ନ୍ତ୍ରବେତନଭୋଗି ଓକିଲଙ୍କର ଅତ୍ୟନ୍ତ କ୍ଳେଶ ହୋଇଅଛି।

ଆଗାମୀ ଜାନୁଏରିମାସ ତା ୧ ରିଖଠାରୁ ଟଙ୍କସାଲର ନବାବ ହସ୍ତରେ ଉକ୍ତ ଗ୍ରାମର ଭାର ଦେବାକୁ ଗବର୍ଣ୍ଣର ଜେନରଲ ସାହେବ ଅନୁମତ ଦେଇଅଛନ୍ତି।

ଗତ ଫିବ୍ରୁଏରି ମାସରେ ଅଯୋଧ୍ୟାର ଲୋକ-ସଂଖ୍ୟା ଗଣନା ହୋଇଥିଲା ସମୁଦାୟ ଲୋକ ସଂଖ୍ୟା ୧,୧୨,୦୭୪୭ ଏହାକୁ ୯ ଭାଗ କଲେ ଆଠଭାଗ ହିନ୍ଦୁ ଅବଶିଷ୍ଟ ଏକଭାଗ ଅନ୍ୟ ନାନା ଜାତି। ସର୍ବାପେକ୍ଷା ଲକ୍ଷ୍ନୌରେ ଅଧିକ ଲୋକ ବାସକରନ୍ତି ଅର୍ଥାତ୍ ଏକ ଚତୁରସ୍ର ମାଇଲରେ ୭୦୬ ଜଣ।

ଉତ୍କଳଦେଶରେ ଗୁରୁ ଓ ଅଧ୍ୟାପକମାନଙ୍କ ଶିକ୍ଷା କାରଣ କଟକରେ ଯେଉଁ ନର୍ମାଲସ୍କୁଲ ସ୍ଥାପନ ହୋଇଅଛି ତଦୁପଲକ୍ଷରେ ଡେଲିନିଉସ ଲେଖନ୍ତି ଯେ ଶୀଘ୍ର ଗବର୍ଣ୍ଣରଜେନରଲ ସା-ହେବ ଏ ସ୍କୁଲ ପାଇଁ ମାସିକ ଟ ୯୦୦ ଙ୍କା ଏବଂ ଏଥିର ଜଣେ ତତ୍ତ୍ୱାବଧାରକର ବେତନ ମାସକୁ ଟ ୩୦୦ ଙ୍କା ମଞ୍ଜୁର କରିଅଛନ୍ତି। ଏ କଥା ସତ୍ୟ ହେଲେ ବାବୁ ଦ୍ୱାରକାନାଥ ଚକ୍ରବର୍ତ୍ତି ଏଣିକି ମାସକୁ ଟ ୩୦୦ ଙ୍କା ପାଇବେ ବଡ଼ ସୁଖର ବିଷୟ କିନ୍ତୁ ପ୍ରଥମେ ଅଳ୍ପ ବେତନ ହେବାର କାରଣ କି ଥିଲା।

ବାବୁ ଭଗବାନଦ ମୁଖୁର୍ଯ୍ୟା ବାଲେଶ୍ୱରର ଡେପୁଟୀ କଲେକ୍ଟର ଓ ଡେପୁଟୀ ମାଜିଷ୍ଟ୍ରେଟ ନିଯୁକ୍ତ ହୋଇଅଛନ୍ତି।

ଛୋଟନାଗପୁର ଏବଂ ଓଡିଶାର ଗଡ଼ଜାତ-ମହାଲମାନ ଇନ୍‌କମ୍ ଟାକ୍ସରୁ ମୁକ୍ତ ପାଇଅଛି।

ଏବର୍ଷ କଲିକତାର ବିଶ୍ୱବିଦ୍ୟାଳୟର ପ୍ରବେ-ଶିକା ପରୀକ୍ଷା ଆଗାମୀ ନବେମ୍ବର ମାସ ତା ୨୯-ରିଖରେ ଆରମ୍ଭ ହେବ ଅତଏବ ପରୀକ୍ଷା ଦେବାକୁ ଯେଉଁମାନେ ପ୍ରସ୍ତୁତ ଅଛନ୍ତି ସେ-ମାନଙ୍କୁ ଆଗାମୀ ଅକ୍ଟୋବରମାସ ତା ୨୯ ରିଖ ସୁଦ୍ଧା ଆବେଦନ ପତ୍ର ରେଜିଷ୍ଟ୍ରାର ସାହେବଙ୍କ ସମୀପକୁ ପଠାଇବାକୁ ହେବ।

ଅମ୍ଭେମାନେ ଆନନ୍ଦର ସହିତ ଜଣାଉଅଛୁଁ ଯେ କଲିକତା ବିଶ୍ୱବିଦ୍ୟାଳୟର ସିଭିଲ ଇଞ୍ଜି-ନିୟରି ବିଭାଗର ଗତ ପରୀକ୍ଷାରେ ଉତ୍କଳ-ନିବାସୀ ବାବୁ ସୁଦାମଚରଣ ପଟ୍ଟନାୟକ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଗୁଣାନୁସାରେ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରଙ୍କ ମଧ୍ୟରେ ଏ ବ୍ୟକ୍ତି ଦ୍ୱିତୀୟ ସ୍ଥାନ ପାଇ-ଅଛନ୍ତି ଅତଏବ ଭରସା ହୋଇପାରେ ଯେ କାଳେ ଏହି କଟକର ଇଞ୍ଜିନିୟରର କର୍ମ ପାଇପାରନ୍ତି। ଉତ୍କଳର ସୌଭାଗ୍ୟ ବୋଲିବାକୁ ହେବ ଯେ ଏଠାରୁ ଜଣେ ଛାତ୍ର କଲିକତାକୁ ଯାଇ ଏରୂପ ପରୀକ୍ଷାଦାନରେ କୃତକାର୍ଯ୍ୟ ହୋଇଅଛନ୍ତି ଏଥିରେ ଉତ୍କଳୀୟ ଆଉ ଲୋକ-ମାନେ ଉତ୍ସାହିତ ହେଲେ ପରମ ଲାଭ ହେବ।

ଡେଲିନିଉସ ବୋଲନ୍ତି ଯେ କଲିକତା ହାଇକୋର୍ଟର ପ୍ରଧାନ ଜଜ କାର୍ଯ୍ୟ ପରିତ୍ୟାଗ କରି ବିଲାତକୁ ଯିବାର କଥା ଅମୂଳକ ଅଟଇ। ତାହାଙ୍କର ଏରୂପ ଇଚ୍ଛା ସ୍ଥିର ହେବାର କୌଣସି ଚିହ୍ନ ଦେଖାଯାଉ ନାହିଁ ଓ ଯେବେ ତାହାନ୍ତ ସେ କର୍ମ ତ୍ୟାଗ କରିବେ ତେବେ ଚଳିତ ସନ ଶେଷ ହେବା ପୂର୍ବରୁ ତାହା ଘଟିବାର ସମ୍ଭାବନା ଦେଖା ନ ଯାଏ।

ଅଳ୍ପକାଳ ହେଲା ଗୋଟିଏ ଗଳ୍ପ ଶୁଣା ଯାଉ ଥିଲା ଯେ ଅମୀର ସେରଅଲି ଦରବାରରେ ବସିଥିବା ସମୟରେ ତାହାଙ୍କୁ କେହି ଗୁଳିମାରି ବଧକଲା ମାତ୍ର ଡେଲିନିଉସ ଲେଖନ୍ତି ଯେ ଏ ଗଳ୍ପ ସମ୍ପୂର୍ଣ୍ଣ ମିଥ୍ୟା। କେବଳ ତାହାଙ୍କୁ ବଧ କରିବା ଉଦ୍ଦେଶରେ ଗୋଟିଏ ଷଡ଼ଯନ୍ତ୍ର ହୋଇ-ଥିଲା।

କେମ୍ବେଲଙ୍କ ମହାଶୟ ଆପଣା ଦେଶର ଦୁର୍ଭିକ୍ଷ ସାହାଯ୍ୟ ନିମିତ୍ତ ଯେ କାର୍ଯ୍ୟମାନ ଆରମ୍ଭ କରିଥିଲେ ତାହା ଶେଷ କରିବା ପାଇଁ ଅର୍ଥର ଅନଟନ ହେବାରୁ ଗବର୍ଣ୍ଣର ଜେନରଲ ସାହେବ ତାହାଙ୍କୁ ଅଭି ଟ ୫୦୦୦୦ ଙ୍କା ଋଣ ଦେଇଅଛନ୍ତି।

ହାଇକୋର୍ଟର ପ୍ରଧାନ ଜଜ ସର୍ ବାରନ୍ସ ପିକକ ସାହେବ ଶାରୀରିକ ପୀଡ଼ା ହେତୁରୁ କର୍ମ ପରିତ୍ୟାଗ କରିବାରୁ ବମ୍ବେର ହାଇକୋର୍ଟର ଜଜ ସର ରିଚର୍ଡ଼ କାଉଚ ସାହେବ କଲିକତାକୁ ଆସୁଅଛନ୍ତି ଓ ଅନରବଲ ଯଷ୍ଟିସ ଓଏଷ୍ଟ୍ରାପ ସାହେବ ବମ୍ବେର ପ୍ରଧାନ ଜଜ ହେବେ। ଏ କଥାକୁ ଲୋକେ ଇଂଲଣ୍ଡସମ୍ବାଦର ଅଧିକାରିଙ୍କ ନାଲିଶ ସଙ୍ଗେ ଯୋଗ କରି ଗଳ୍ପ ଉଠାଇଅ-ଛନ୍ତି ଯେ ସେହି ନାଲିଶ ହେତୁରୁ ପିକକ ସାହେବ ହାଇକୋର୍ଟ ଜଜଅଦି କର୍ମରୁ ଅପସା-ରିତ ହେଲେ। ମନୁଷ୍ୟର କଳ୍ପନା ଶକ୍ତି କେଡ଼େ ଆଶ୍ଚର୍ଯ୍ୟ!

ପୁରୀରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ବହୁକାଳରୁ ପ୍ରଥା ଚଳି ଆସୁଥିଲା ଯେ ରଥବୁଲା ଏକାଦଶୀଦିନ ସୁଦର୍ଶନଚକ୍ର ଏ ପୁରୀସହର ବଡ଼ାଙ୍କ ସାହି ଓ ଗଳି ଇତ୍ୟାଦି ଭ୍ରମଣ କରି ମନ୍ଦିରକୁ ଯାଆନ୍ତି ଏବରଷ କାହୁଡା ଦୁର୍ଘଟନା ହେତୁରୁ ଓ ମନ୍ଦିର ସୁପରେଣ୍ଟେଣ୍ଡେଣ୍ଟଙ୍କ ଅମନୋଯୋଗ ଅର୍ଥାତ୍ ରଥ ଟାଣିବା ନିମନ୍ତେ କୁଲୀ ଓଗେର ନ ଆସିବାରୁ ଆଜ ତକିବୁଲା ଏକାଦଶୀ ଥିବା ପ୍ରଯୁକ୍ତ ବଳଦେବ ଓ ସୁଭଦ୍ରାଙ୍କ ରଥ ସିଂହଦ୍ୱାରରେ ଓ ଶ୍ରୀ ଜଗନ୍ନାଥଙ୍କ ରଥ ଷ୍ଟେସନ ଦ୍ୱାରେ ଅଛନ୍ତି ରଥରୁ ମହାପ୍ରଭୁଙ୍କ ପହଣ୍ଡି ମନ୍ଦିରକୁ ନ ହେବାରୁ ଚକ୍ର ଭ୍ରମଣ କରି

ନ ଥାଉଲେ ଏ ପୃଥିବୀର ଅନଙ୍ଗଳ ଥିବାର ଭଦ୍ରଲୋକଙ୍କ ମୁଖରୁ ଶୁଣା ଗଲା । ଏହି ସନ ଗତ ବନ୍ୟାରେ ଏ ପୁରୀ ଜିଲ୍ଲା କପିଳେଶ୍ୱରପୁର ନିକଟରେ ଏକ ବୃହତ୍ ଘାଇ ଭଗ୍ନ ହୋଇ ଅନାଇ ପାଞ୍ଚକୋଶ ହେବ ଜଳମଗ୍ନ ହୋଇଥିଲା ନଦୀ ଖଣ୍ଡ ଦିବାରୁ ପାଣି ଖସି ଯାଇଅଛି ଅବଶ୍ୟ କିଛି ଲୋକସାନ ହୋଇ ନାହିଁ ସେ ମହାଲ ମହାରାଜଙ୍କର ସତେଇଶି ହଜାରୀ ଥିବାରୁ ତାଙ୍କ ତରଫରୁ ଏକଜଣ ତହସିଲଦାର ଯାଇ ପ୍ରସ୍ତୁତ ଜମିର ଯତ୍ନଶୀଳ ଉତ୍ସାହୀ ହୋଇ ସେ ସ୍ଥାନରେ ଘାଇ ବନ୍ଦ କରିବାର ସକାଶେ ଅନେକ କାଠ ଓ ଗୋଟ ଜମା କରିଅଛନ୍ତି ଯେ ବାରିକମାସ୍ତର ସାହେବଙ୍କ ତରଫରୁ କେହି କର୍ମଚାରୀ ସେଠାକୁ ଯାଇ ନ ଥିବାରୁ ଘାଇ ବନ୍ଦ ହୋଇପାରୁ ନାହିଁ ଯଦ୍ୟପି ଏଥିମଧ୍ୟରେ ପୁନରପି ନଦୀବଢ଼ି ହେବ ତେବେ ଅନେକ ଫସଲ ଲୋକସାନ ହୋଇପାରେ ।

ଏଭୂକେସନ ଗଜେଟରୁ ଅବଗତ ହେଲୁଁ ଯେ ଏବର୍ଷ ଏକଲକ୍ଷ କୋଡ଼ିଏ ହଜାର ତୀର୍ଥଦର୍ଶୀ ମକ୍କାକୁ ଗମନ କରିଥିଲେ । ଗତବର୍ଷ ତୀର୍ଥଯାତ୍ରିର ସଂଖ୍ୟା ୮୫ ହଜାର ମାତ୍ର ଥିଲା । ଆନନ୍ଦର ବିଷୟ ଯେ ଯାତ୍ରିର ସଂଖ୍ୟା ଅଧିକ ହେଲେ ହେଁ କୌଣସି ରୋଗର ପ୍ରାଦୁର୍ଭାବ ହୋଇ ନାହିଁ ।

---

### ନୂତନ ପୁସ୍ତକର ସମାଲୋଚନା ।

#### ଶିଶୁଶିକ୍ଷା

ଅମ୍ଭେମାନେ ଏହି ନାମର ଖଣ୍ଡିଏ ପୁସ୍ତକ ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଏହା ବାଲେଶ୍ୱର ନିବାସି ବାବୁ ଜୟକୃଷ୍ଣ ଚୌଧୁରୀଙ୍କ ଦ୍ୱାରା ବଙ୍ଗଳା ପୁସ୍ତକରୁ ଅନୁବାଦିତ ଓ ବାଲେଶ୍ୱର ଉତ୍କଳ ଯନ୍ତ୍ରାଳୟରେ ମୁଦ୍ରିତ ହୋଇଅଛି । ମୂଲ୍ୟ ୦/୧୫ ମାତ୍ର ।

ଉତ୍କଳର ବିଦ୍ୟାଳୟସମୂହରେ ଭାଷାପୁସ୍ତକର ଅଭାବ ମୋଚନ ପକ୍ଷରେ ଅସ୍ମଦ୍ଦେଶୀୟ କୃତବିଦ୍ୟମାନେ ଯେରୂପ ଯତ୍ନବାନ୍ ହୋଇ ନାନାବିଧ ପୁସ୍ତକ ରଚନା ଓ ପ୍ରଚାର କରୁଅଛନ୍ତି ତାହା ଅବଶ୍ୟ ପ୍ରଶଂସନୀୟ ଅଟଇ ଓ ବାବୁ ଜୟକୃଷ୍ଣ ଚୌଧୁରୀ ଏ ପୁସ୍ତକର ଯେରୂପ ସ୍ୱଳ୍ପମୂଲ୍ୟ ଧାର୍ଯ୍ୟ କରିଅଛନ୍ତି ଏଥିରେ ବୋଧ ହୁଅଇ ଯେ ପୁସ୍ତକ ପ୍ରଚାର ଦ୍ୱାରା ଲାଭ କରିବା ଏହାଙ୍କର ଉଦ୍ଦେଶ୍ୟ ନୁହଇ କେବଳ ସାଧାରଣହିତାର୍ଥେ ଏଥିରେ ପ୍ରବୃତ୍ତ ହୋଇଅଛନ୍ତି । ପୁସ୍ତକ ମଧ୍ୟରେ କେତେ ଗୁଡ଼ିଏ ଶିକ୍ଷୋପଯୋଗୀ ବିଷୟ ଅଛି ଯାହା ପାଠଦ୍ୱାରା ବାଳକଙ୍କର ହିତ ହୋଇପାରେ ମାତ୍ର ଆମ୍ଭମାନଙ୍କର କେମନ୍ତ ଏକ କୁସଂସ୍କାର ଜନ୍ମିଅଛି ଯେ ବାଲେଶ୍ୱରୀ ଉତ୍କଳଭାଷା ଆମ୍ଭମାନଙ୍କୁ ଭଲ ଲାଗଇ ନାହିଁ ଓ ଆମ୍ଭେମାନେ ବାଧ୍ୟ ହୋଇ ସ୍ୱୀକାର କରୁଅଛୁଁ ଯେ ଏ ପୁସ୍ତକ ପଠନଦ୍ୱାରା ଉକ୍ତ ସଂସ୍କାର କୌଣସି ରୂପେ ଖଣ୍ଡନ ନ ହୋଇ ବରଂ ବଦ୍ଧମୂଳ ହେଉଅଛି । ତଥାଚ ଆମ୍ଭମାନଙ୍କର ଏକାନ୍ତ ବିଶ୍ୱାସ ଯେ କ୍ରମେ ଏ ଦୋଷମାନ ଲୋପ ପାଇବ ଏବଂ ଯେଉଁମାନେ ପୁସ୍ତକ ରଚନା କରୁଅଛନ୍ତି ସେମାନଙ୍କୁ ଉତ୍ସାହ ପ୍ରଦାନ କଲେ ବହୁତ ଉପଯୁକ୍ତ ଲୋକ ଏଥିରେ ପ୍ରବୃତ୍ତ ହୋଇ ଭାଷାପୁସ୍ତକର ଅଭାବ ମୋଚନ କରିବେ ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ବିଗତ ଷୋଡ଼ଶ ଦିବସ ତାରିଖର ଉତ୍କଳହିତୈଷିଣୀରେ ଏକ ପ୍ରେରିତ ପଦ୍ୟ ପାଠ କରି ପ୍ରେରକ ମହାଶୟଙ୍କର ଉତ୍କଳ ଭାଷାଭିଜ୍ଞତା ବିଷୟରେ ସ୍ୱାଭିପ୍ରାୟ ବ୍ୟକ୍ତ ନ କରି କ୍ଷାନ୍ତ ରହି ପାରିଲୁଁ ନାହିଁ, ଅତଏବ ସେହି ପଦ୍ୟର କେତେକ ଅଂଶ ନିମ୍ନରେ ଉଦ୍ଧୃତ କରୁଅଛୁଁ ଅନୁକମ୍ପାପୂର୍ବକ ଆପଣଙ୍କ ପତ୍ରିକାରେ ସ୍ଥାନଦାନ କରି ପାଠକମହାଶୟମାନଙ୍କୁ ଅବଗତ କରାଇବେ । ଯଥା—

୧ "ମୃତମେଘନାଦ ଦେହ ଘେନି ଜ୍ଞାନସମୂହ, ଜଳଧି ତଟକୁ ଗଲେ କରିବାକୁ ଦାହ" ଏଥିରେ ପ୍ରଥମାର୍ଦ୍ଧ ଷୋଡ଼ଶାକ୍ଷରରେ ରଚିତ, ଶେଷପାଦ ଚତୁର୍ଦ୍ଦଶ କ୍ଷର । ଏହିପ୍ରକାର ନିୟମରେ ପଦ୍ୟ ଲେଖା ଯାଏ ନାହିଁ, ଅତଏବ ଛନ୍ଦୋଭଙ୍ଗ ଦୋଷ ହେଉଅଛି ।

୨ "ଯଥାବିଧି ସବୁ ଚିତା" ଚିତା, ଶବ୍ଦଗତ ବହୁତ୍ୱ ସ୍ୱୀକାର କରିବାକୁ 'ସବୁ' ଏହି ବିଶେଷଣର ପ୍ରୟୋଜନ ନାହିଁ, ଅତଏବ ନିରର୍ଥକତା ଦୋଷ ହେଉ ଅଛି

୩ "ବହଲ୍ଲ ଗୃକ୍ଷସବୃନ୍ଦ ହେତୁରୁ ଚତାର" ଗୃକ୍ଷସବୃନ୍ଦ ବହୁବଚନ ଅତଏବ 'ବହଲ୍ଲ' ଏକବଚନାନ୍ତ କ୍ରିୟା ଅସଂଗତ, ବହଲେ ଏପ୍ରକାର ହେବାର ଉଚିତ । ମଧ୍ୟ ପଦ୍ୟମଧ୍ୟରେ ବହିଲ, ଉଚଲ, ପିତାଇଲ, କରିଲ ଇତ୍ୟାଦି ସ୍ଥାନରେ 'ଲ୍ଲ' ନ ହୋଇ 'ଲେ' ହେଲେ ସଂଗତ ହୋଇପାରେ । 'ହେତୁରୁ' ଷଷ୍ଠୀ ନ ହୋଇ ପ୍ରଥମା ହେଲେ ଶୁଦ୍ଧ ହେବ ।

୪ "ସଙ୍ଗହେଲ ଜୀବଲୀଳା ଏତେଦିନାନ୍ତରେ" ଏ ସ୍ଥଳରେ ଏକ ଜୀବ ମେଘନାଦର ମରଣରେ କି ସଂସାରସ୍ଥ ସକଳ ଜୀବଙ୍କର ଲୀଳା ଶେଷ ହୋଇପାରେ? ଅତଏବ ଏରୂପ ଲେଖା ନିତାନ୍ତ ଅସଙ୍ଗତ ।

୫ "ଯେହେ ନାହିଁ ତୁରୁଁ ଯତ୍ନେ ବସୁଧ ତଳରେ" ଏ ସ୍ଥଳରେ ବିସ୍ତୃତର କଣ୍ଠମାତ୍ର ଅର୍ଥ ନାହିଁ, କଳ୍ପିତ ହୋଇପାରେ । ତୁରୁଁ ନାହିଁ, ନିତାନ୍ତ ଅସଂଗତ । 'ତୁରୁଁ' ଶବ୍ଦ ନୂତନ ଉତ୍କଳ ବୋଲି ପ୍ରତୀୟମାନ ହେଉଅଛି, ଏହି ପଦର ଉତ୍କଳର ସିଦ୍ଧିରେ ସଟନ୍ ସାହେବଙ୍କ କୃତ ଅଭିଧାନ ପ୍ରମାଣ ହୋଇ ନ ପାରେ ।

ଇତ୍ୟାଦି କେତେ ଯେ ଦୋଷ ପୂର୍ଣ୍ଣ ହୋଇଅଛି ତଦାବିସ୍ତରଣରେ ଲେଖନୀ ବିରକ୍ତି ବୋଧ କରୁଅଛି, ପାଠକମହାଶୟମାନେ ତାହା ଅବଗତ ହେବେ । ପଦ୍ୟପ୍ରେରକ ଉତ୍କଳାନୁରାଗୀ, ତାହା ଆମ୍ଭେ ସ୍ୱୀକାର କରୁଅଛୁଁ, କିନ୍ତୁ ଉଚିତ କରୁଁ ପ୍ରେରକମହାଶୟ କୌଣସି ଉତ୍କଳଭାଷାଭିଜ୍ଞ ବ୍ୟକ୍ତିର ସହାୟତା ପ୍ରାପ୍ତ ହୋଇ ଉକ୍ତ କର୍ମନିର୍ବାହ କଲେ ଉତ୍କଳଭାଷାରେ କଥଂଚିତ୍ ବ୍ୟୁତ୍ପତ୍ତି ଲାଭପୂର୍ବକ ପ୍ରତିପତ୍ତି ଲାଭ କରି ପାରନ୍ତି ।

ଉପସଂହାରକାଲେ ଏହିକଥା ମାତ୍ର ଲେଖି ପ୍ରତିନିବୃତ୍ତ ହେଲୁଁ । ପ୍ରେରିତ ପଦ୍ୟର ଅଶୁଦ୍ଧ ସଂଶୋଧନ କରିବା ନିମିତ୍ତ ଆମ୍ଭେ ମନୋନିବେଶ କରିଥିଲୁଁ କିନ୍ତୁ କିଛିଦୂର ଅବଲୋକନେ ଆମ୍ଭର ସେ ଆଶା ନିରାଶଶାଳିନୀ ହୋଇଲା । କାରଣ ପଦ୍ୟ ଦର୍ଶନେ ନିମ୍ନଲିଖିତ ପ୍ରାଚୀନ ଦୃଷ୍ଟାନ୍ତ ସ୍ମରଣ ହେବାରୁ ତାହା କରିବାରେ ଅସମର୍ଥ ହେଲୁଁ "ଯଥା କମ୍ବଳର ବାଳ ବାଛିବା ଦୂରର" ଇତି ।

୨୨।୮।୬୯ କସ୍ୟଚିତ୍ ପାଠକସ୍ୟ

କଟକ

---

☞ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକପ୍ରିଣ୍ଟିଂ କୁମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାର ହେଲା

Split by PDF Splitter

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା ।

୪ ଭାଗ } ତା ୪ ରଖ ସେପ୍ଟେମ୍ବର ସନ ୧୮୬୯ ମସିହା । ମୁ । ଭାଦ୍ରବ ଦ ୨୧ ଦିନ ସନ ୧୨୭୭ ସାଲ ଶନିବାର {
ସଂ ୩୬ ସଂଖ୍ୟା

ଅଗ୍ରିମ ବାର୍ଷିକ ମୂଲ୍ୟ ୪
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ପାଇଁ ଡାକମାସୁଲ ୧ ।

### ଘରଭଡ଼ା ଉପରେ ଇନକମ୍‌ଟାକ୍ସ

ଭାରତବର୍ଷରେ ସାକ୍ଷାତ ସମ୍ବନ୍ଧରେ ଟାକ୍ସ ବସାଇବା ଅତ୍ୟନ୍ତ ଯୁକ୍ତି ବିରୁଦ୍ଧ ବୋଲି ଅନେକ ଲୋକ ସ୍ୱୀକାର କରନ୍ତି ଓ ଅନ୍ୟାନ୍ୟ କାରଣ ମଧ୍ୟରେ ପ୍ରଧାନ ଏହି ଯେ ଏଦେଶରେ ଏରୂପ କର ଗ୍ରହଣ କରିବା ପୂର୍ବେ କେବେ ପ୍ରଚଳିତ ନ ଥିଲା ଓ ଲୋକେ ଏହାର ମର୍ମ ଅବଗତ ନୁହନ୍ତି । ଲୋକେ ଭେଣ୍ଟ ଦେବାର କଥା ବୁଝନ୍ତି କିନ୍ତୁ ଆୟ ଉପରେ କର ଦେବାର କଥା ବୁଝି ଯାଏ ନା । ବାସ୍ତବରେ ପ୍ରଥମପ୍ରକାର କର ଗ୍ରହଣ ଅଭ୍ୟାସର ଅଟଇ ଓ ଯାହା ଅଭ୍ୟାସର କଲେ ସେଥିରେ କଏ କି କହିବ । ଦୁର୍ବଳ ପ୍ରଜା ଜାଣନ୍ତି ଯେ ଏଥିର ଔଷଧି ନାହିଁ ସୁତରାଂ ତାହା ସହ୍ୟ କରନ୍ତି । ଦ୍ୱିତୀୟପ୍ରକାର କର ଗ୍ରହଣ ସଭ୍ୟତାର ଫଳ ଅଟଇ ଓ ଅଦ୍ୟାପି ଏ ଦେଶ ତେତେବଡ ସଭ୍ୟ ହୋଇ ନ ଥିବାରୁ ଏ ଟାକ୍ସର ତାତ୍ପର୍ଯ୍ୟ କେହି ବୋଧ କରି ପାରୁ ନାହାନ୍ତି । ଆଧୁନିକ ରାଜକାର୍ଯ୍ୟ ବ୍ୟବହାରର ସମ୍ୟକ୍‌ରୂପେ ଅବଗତ ନ ହେଲେ ଟାକ୍ସର ମର୍ମ ଓ ଆବଶ୍ୟକତା କିଛି ବୁଝାଯିବାର ନୁହଇ ଓ ଯେ ପର୍ଯ୍ୟନ୍ତ ସେ ରାଜକୀୟ ପ୍ରଣାଳୀ ଲୋକେ ବୁଝି ନାହାନ୍ତି ସେ ପର୍ଯ୍ୟନ୍ତ ଟାକ୍ସକୁ ଅବିଧେୟ ଜ୍ଞାନ କରୁଥିବେ । ଏରୂପେ ଆଦୌ ଟାକ୍ସ ଦେବାକୁ ଲୋକେ ଡାକୁଣିଆ ଦଣ୍ଡ କହନ୍ତି ସେସ୍ଥଳେ ବିଶେଷ ପ୍ରକାର ଲାଭ ଉପରେ ଟାକ୍ସ ଦେବାର ନିୟମ ପ୍ରତି ଲୋକେ ସନ୍ଦେହ କରିବାରେ ଅସମ୍ଭବ କି ଅଛି ? ଏପ୍ରକାର ଆୟ ମଧ୍ୟରେ ଘରଭଡ଼ା ଏକ ଲାଭଜନକ ଆୟ ଅଟଇ ଓ ସେଥିରେ ଯେ ନିୟମରେ ଟାକ୍ସ ଆଦାୟ ହେଉଅଛି ଅଦ୍ୟ ସେଥିର ବିବେଚନା କରିବାରେ ପ୍ରବୃତ୍ତ ହେଲୁଁ ।

ଘରଭଡ଼ା ଯେ ଏକପ୍ରକାର ଲାଭ ଅଟଇ ଅମ୍ଭେମାନେ ଅସ୍ୱୀକାର କରୁ ନାହୁଁ କିନ୍ତୁ ଯେତେବେଳେ କାହାରିକୁ ଘର ଭଡ଼ା ଦିଆଯାଇ ଟଙ୍କା ପ୍ରାପ୍ତ ହୁଅଇ କେବଳ ସେତେବେଳେ ତାହାକୁ ଲାଭ କହିବାକୁ ହେବ । ଆପଣା ଘରେ ଆପେ ରହିବା ଦ୍ୱାରା ସେ ପ୍ରକାର ଲାଭ ହେଲା ବୋଲି ଜ୍ଞାନ କରିବା କଠିନ ବୋଧ ହୁଅଇ । ତଥାପି [illegible] ଗବର୍ଣ୍ଣର ଜେନରଲ ନିୟମ କରଅଛନ୍ତି ଯେ ଆପଣା ଘରେ ଆପେ ବାସ କଲେ ସେ ଘର ପରକୁ ଭଡ଼ା ଦିଆଯାଇଥିଲେ ସର୍ବାପେକ୍ଷା ନ୍ୟୂନ ଭଡ଼ା ଯାହା ମିଳନ୍ତା ତାହା ତାହାର ଆୟ ଜ୍ଞାନ କରିବାକୁ ହେବ । ଏରୂପ ନିୟମ ଯେ ଭାରତବର୍ଷର ଅବସ୍ଥାର ବିରୁଦ୍ଧ ଏଥିରେ କିଛିମାତ୍ର ସନ୍ଦେହ ନାହିଁ । ଇଂରେଜମାନେ ଅଧିକାଂଶ ଭଡ଼ାଘରେ ବାସ କରନ୍ତି ଅତଏବ ତାହାଙ୍କ ପକ୍ଷରେ ଏହା ଯୁକ୍ତି ଯୁକ୍ତ ହେଲା କିନ୍ତୁ ଅସ୍ମଦ୍ଦେଶୀୟ ସମସ୍ତଙ୍କର ଆପଣା ଘର ଅଛି କେବଳ ଯେଉଁମାନେ କାର୍ଯ୍ୟୋପଲକ୍ଷରେ ସ୍ଥାନାନ୍ତରରେ କିଛିକାଳ ବାସ କରନ୍ତି ସେହିମାନେ ଭଡ଼ାଘରେ ବାସ କରନ୍ତି । ଏମାନଙ୍କର ଆହାର ପରିଚ୍ଛଦ ପରି ବାସଗୃହ ନିତାନ୍ତ ଆବଶ୍ୟକ ଓ ଆପେ ଘର କରି ରହିବାକୁ ସମସ୍ତେ ଯତ୍ନ କରନ୍ତି ଏସ୍ଥଳେ ଯେବେ ଆପଣା ଘରପାଇଁ ତାହାଙ୍କୁ ଟେକ୍ସ ଦେବାକୁ ହୁଅଇ ତେବେ ଆପଣା ଆହାର ପରିଚ୍ଛଦ ଉପରେ ମଧ୍ୟ ଟାକ୍ସ ନିଆଯାଇ ପାରେ ଆପେ ସ୍ୱହସ୍ତରେ ପାକ କରିବା ଦ୍ୱାରା ଓ ଯଥାମାନ୍ୟ ପରିଚ୍ଛଦ ବ୍ୟବହାର କରି ନିର୍ବାହ ହେବା ଦ୍ୱାରା ଲୋକେ ଲାଭ କରୁଅଛନ୍ତି ବୋଲାଯାଇପାରେ । ଏହି ପ୍ରକାର ଯୁକ୍ତି ଦ୍ୱାରା କାହାର ନିକଟରେ ଥିବା ନଗଦ ଟଙ୍କା ଉପରେ ମଧ୍ୟ ଟାକ୍ସ ବସିପାରେ କାରଣ ସେ ଟଙ୍କା କୌଣସି ବ୍ୟବସାୟରେ ନିଯୁକ୍ତ କରିଥିଲେ ତାହାର ଲାଭ ହୋଇଥାନ୍ତା ।

ଆପଣା ଘରେ ଆପେ ରହି ତହିଁର ଭଡ଼ା ଉପରେ ଟାକ୍ସ ଦେବା ବିରୁଦ୍ଧରେ ଅନେକ ଯୁକ୍ତି ଅଛି ମାତ୍ର ଆମ୍ଭମାନଙ୍କୁ ବୋଧ ହୁଅଇ ଯେ ଠିକ ନିୟମାନୁସାରେ ଆସେସରମାନେ କାର୍ଯ୍ୟ ନ କରିବାରୁ ଅଧିକ ଅନ୍ୟାୟ ହେଉଅଛି । ଅମ୍ଭେମାନେ ପୂର୍ବେ କହିଅଛୁଁ ଯେ କେବଳ ସହରରେ ଘରଭଡ଼ାର କାରବାର ଅଛି । ମୋଫସଲରେ କୌଣସିଠାରେ କେହି ଘରଭଡ଼ା ନିଅଇ ନାହିଁ ଅତଏବ ସ୍ପଷ୍ଟ ଜଣାଯାଉଅଛି ଯେ କେବଳ ସହରର ଘରଭଡ଼ା ଉପରେ ଟାକ୍ସ ବସିପାରେ । ମୋଫସଲରେ ଘରଭଡ଼ାର ଆୟ ଏକାବେଳକେ ଧର୍ତ୍ତବ୍ୟ ନୁହଇ କିନ୍ତୁ ଆସେସରମାନେ ତାହା ବିଚାର କରୁ ନାହାନ୍ତି । ଦ୍ୱିତୀୟତଃ ଘରଭଡ଼ା ଦଶମାଂଶର ଏକାଂଶ ଘର ମରାମତି ସକାଶେ ମିହା ଦେବାର ନିୟମ [illegible]

Digitized by srujanika@gmail.com

Split by PDF Splitter



ହୋଇ ନାହିଁ । କୋଠାଘର ପ୍ରତି ସେ ନିୟମ ଲିପାରେ ଓ ଅମ୍ଭେମାନେ ବୋଧ କରୁଁ ଯେ କେବଳ କୋଠାଘରର ଅଧି ଧରିବା ଅଇନକର୍ତ୍ତାଙ୍କ ଉଦ୍ଦେଶ୍ୟ ଅଟଇ । ଜୁମଗଡର ପ୍ରତି ବର୍ଷ ଶେଇବାକୁ ହୁଅଇ ଓ ସେଥିରେ ଯେତେ ଟଙ୍କା ବ୍ୟୟ ହୁଅଇ ତାହା ଅନୁମାନିକ ଗଡ଼ାର ଅର୍ଦ୍ଧେ କିମ୍ବା ତୃତୀୟାଂଶରୁ ଏକାଂଶ ହୁଅଇ ଏସ୍ଥଳେ ଉଚିତ ସର୍ତ୍ତ ମିଛା ନ ଦେଇ କେବଳ ଦଶମାଂଶର ଏକାଂଶ କାଟିଦେବା ଅନ୍ୟାୟ ହୋଇଅଛି । କେବଳ ଅଗେସରଙ୍କର ସୁବିଚାର ଦ୍ୱାରା ଏହା ଭଲ ହେବାର ସମ୍ଭାବନା ନଚେତ୍ ଅନ୍ୟ ଉପାୟ ନାହିଁ ।

---

## ବୃଷ୍ଟିର ଅବସ୍ଥା

ବିଗତ ଦୁର୍ଭିକ୍ଷ ସମୟରେ କୌଣସି ପତ୍ରପ୍ରେରକ କହିଥିଲେ ଯେ ଏଣିକି ଉତ୍କଳରେ ସମ୍ପାଦକ ପତ୍ର ଲେଖିବାକୁ କିଛି କଷ୍ଟ ହେବ ନାହିଁ କାରଣ ସମ୍ପାଦକୀୟସ୍ତମ୍ଭ ପୂର୍ତ୍ତି କରିବା କାରଣ ଅନ୍ୟ କୌଣସି ବିଷୟ ମିଳୁ ଅବା ନ ମିଳୁ ଥୋଇ ମନ୍ୱନ୍ତର କଥାଟି କେବେ ଶେଷ ହେବ ନାହିଁ । ପତ୍ରପ୍ରେରକ ଯାହା ରହସ୍ୟ କରି କହିଥିଲେ ଦୈବବଶତଃ ତାହା ପ୍ରତ୍ୟକ୍ଷ ହେଲା ଓ ଅମ୍ଭେମାନେ ଅବା ସେହି ବାକ୍ୟରେ ଲଜ୍ଜିତ ହୋଇ ଏ ପ୍ରସ୍ତାବ ଲେଖିବାରୁ କ୍ଷାନ୍ତ ରହନ୍ତୁ କିନ୍ତୁ କି କରିବା ଦେଶଯାକର ଲୋକ ମିଛି ଯେଉଁ କଥାର ଭାବନା କରୁଅଛନ୍ତି ଅମ୍ଭେମାନେ ବାଧ୍ୟ ହୋଇ ସେଥିର ସଂସର୍ଗୀ ହେଉଅଛୁଁ । ଦୁର୍ଭିକ୍ଷ ଚିନ୍ତା ବର୍ତ୍ତମାନ ଏକସ୍ଥାନରେ ଏକଲୋକର ମନରେ ଅବସ୍ଥିତ ନ କରି ଭାରତବର୍ଷର ପ୍ରାୟ ସମୁଦାୟ ସ୍ଥାନରେ ଏବଂ ପ୍ରଜାଠାରୁ ରାଜା ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ଆନ୍ଦୋଳିତ ହେଉଅଛି । ବୃଦ୍ଧପୁରୁଷଙ୍କ ମନରେ ଏ ଚିନ୍ତା ଏହେ ବଳବତ୍ତର ଦେଖା ଯାଏ ଅଗାମି ଫସଲ ଭଲ ନ ହେବା ଅଶଙ୍କାରେ ସମ୍ପ୍ରତି ଶ୍ରୀଯୁକ୍ତ ଗବର୍ଣ୍ଣର ଜେନରଲ ସାହେବ ଦରବାରର ଅନୁଷ୍ଠାନରୁ କ୍ଷାନ୍ତ ରହିଅଛନ୍ତି । ପାଠକମାନଙ୍କୁ ଜଣାଥିବ ଯେ ଅଗାମି ଶୀତକାଳରେ ମହାରାଣୀଙ୍କ ଦ୍ୱିତୀୟ ପୁତ୍ର ଏ ଦେଶକୁ ଶୁଭାଗମନ କରିବେ ଏବଂ ସେ ସମୟରେ ତାହାଙ୍କର ଅଭ୍ୟର୍ଥନା କାରଣ ଏକ ଭାରି ଦରବାର ରଚନା ହେବ ଏବଂ ଭାରତବର୍ଷର ସମୁଦାୟ ମହାରାଜା ରାଜା ଓ ଅନ୍ୟାନ୍ୟ ପ୍ରଧାନ ଲୋକଙ୍କୁ ତହିଁରେ ଆସିବା କାରଣ ଅମନ୍ତ୍ରଣ ହେବ । ଏଥିରେ ବହୁସଂଖ୍ୟକ ଲୋକ ଏକ ସ୍ଥାନରେ ଏକତ୍ରିତ ହେବାର ସମ୍ଭାବନା କିନ୍ତୁ ଶସ୍ୟର ଅବସ୍ଥା ଭଲ ନ ହେଲେ ଏପ୍ରକାର ସମାରୋହଦ୍ୱାରା ଦୁର୍ଭିକ୍ଷର କ୍ଲେଶ ଅଧିକତର ହେବ ସନ୍ଦେହ ନାହିଁ ଅତଏବ ଅପାତତଃ ଉକ୍ତ କାର୍ଯ୍ୟରୁ ଗବର୍ଣ୍ଣମେଣ୍ଟଙ୍କୁ କ୍ଷାନ୍ତ ରହିବାକୁ ହୋଇଅଛି । ଗତ ସୋମବାର ଟେଲିଗ୍ରାଫରୁ ଅବଗତ ହେଲୁଁ ଯେ ପଶ୍ଚିମର ଅବସ୍ଥା ଅଦ୍ୟାପି ଭଲ ହୋଇ ନାହିଁ । ବର୍ଷା କିଞ୍ଚିତ୍ ହେଉଅଛି ମାତ୍ର ସେଥିରେ ଫସଲର ବିଶେଷ ଉପକାର ହେବାର ବୋଧ ହେଉନାହିଁ କାରଣ ସେରୂପ ହୋଇଥିଲେ ଅକସ୍ମାତ୍ ଶସ୍ୟର ମୂଲ୍ୟ କାହିଁକି ବଢ଼ି ହେଉଥାନ୍ତା ପୂର୍ବାଞ୍ଚଳର ଅବସ୍ଥା ପଶ୍ଚିମଠାରୁ କିଛି ଭଲ ଶୁଣାଯାଏ । ଏ ସମସ୍ତ ସ୍ଥାନରେ ବର୍ଷା ଅଧିକ ନ ହେଲେ ମଧ୍ୟ କାର୍ଯ୍ୟ ଚଳିବା ଭଳି ହୋଇଅଛି ଓ ଅଦ୍ୟାପି କ୍ଷେତ ମରିବାର ଚିହ୍ନ ଦେଖା ଯାଇ ନାହିଁ ।

କଟକ ଗଡଜାତ ଓ ସମ୍ବଲପୁର ଅଦି ସ୍ଥାନରେ ଅଳ୍ପଦିନ ହେଲା କିଛି ବୃଷ୍ଟି ହେବାରେ ତତ୍ରତ୍ୟ ଲୋକଙ୍କର ଅଶାଲତା ପୁନର୍ଜୀବିତ ହୋଇଅଛି ଓ କଟକ ପୁରୀରେ ମଧ୍ୟ ଗତ ସପ୍ତାହରେ ଏକ ପ୍ରକାର ବୃଷ୍ଟି ହେବାରୁ ଲୋକେ ପୂର୍ବେ ଯେରୂପ ନୈରାଶ୍ୟ ହୋଇଥିଲେ ତାହା କ୍ଷଣକପାଇଁ ଲୁପ୍ତ ପାଇଅଛି । କିନ୍ତୁ ଅଶଙ୍କାର ବିଷୟ ଯେ ଅଦ୍ୟାପି ଶୀଘ୍ର ଯାଇ ନାହିଁ କିମ୍ବା ପର୍ଯ୍ୟାପ୍ତ ପରିମାଣ ଜଳ ବଢ଼ି ନାହିଁ ଯାହା ହେଉ ଗତସପ୍ତାହର ନଦୀ ବଢ଼ିଥିବାରୁ ଅନେକ ସ୍ଥାନର ଜଳକଷ୍ଟ ନିବାରଣ ହୋଇଥିବ ଓ ବନ୍ଧ କାଟି ଲୋକେ ପାଣି ନେଇ କ୍ଷେତ ବଞ୍ଚାଇବାକୁ ସମର୍ଥ ହୋଇଥିବେ ।

ଯଦ୍ୟପି କି ଗତ ସପ୍ତାହଠାରୁ ଏ ସପ୍ତାହର ବର୍ଷା ଦେଖି ମନ ଆନନ୍ଦ ହୋଇଅଛି ତଥାଚ ଏଥିରୁ ଅଗାମି ଫସଲର ଅବସ୍ଥା କଳନା ହୋଇ ନ ପାରେ ଓ ତେଣୁ ଅଙ୍କକୁ ଲୋକେ ନଅଙ୍କ ପରି ଭୟ କରୁଅଛନ୍ତି ଅତଏବ ଏ ସମୟରେ ଯେ ଅନେକ ସରକାରୀ କର୍ମଚାରୀମାନେ ସରକାରୀ ଚାଉଳ ବନ୍ଦ ଦେଇ ଗୋଲାଘରମାନ ବିକ୍ରୟ କରିବାକୁ ଉତ୍କଣ୍ଠିତ ହୋଇଅଛନ୍ତି ଏହା କଦାଚ ଯୁକ୍ତି ଯୁକ୍ତ ବୋଧ ହେଉ ନାହିଁ । ଯେପରି କର୍ମ ଚଳୁଅଛି ସେହିପରି ଆଉ ଦୁଇମାସ ଚଳୁ ତଦନ୍ତାରେ ସେମାନେ ନିଶ୍ଚିନ୍ତ ହୋଇ ଚାଉଳ ଏକାକା ଉଠାଇ ଦେବେ । ଈଶ୍ୱର ନ କରନ୍ତୁ ଏତେ ଶୀଘ୍ର ପୁନର୍ବାର ଦୁର୍ଭିକ୍ଷର କ୍ଲେଶ ଅମ୍ଭମାନଙ୍କୁ ସହ୍ୟ କରିବାକୁ ନ ହେଉ । ମାତ୍ର ଏ ସମୟରେ ହାତର ସବୁ ଛାଡି ଦେଇ ସମସ୍ତ ଉପରେ ନିର୍ଭର କରିବା ଉଚିତ ବୋଧ ହେଉ ନାହିଁ ।

---

## କୋର୍ଟ ଅବ୍ ୱାର୍ଡସ ସମ୍ପର୍କୀୟ ନୂତନ ଅଇନର ପ୍ରସ୍ତାବ ।

ଶ୍ରୀଯୁକ୍ତ ମନ୍ତ୍ରୀ ସାହେବ ଗତ ଜୁଲାଇ ମାସ ତା ୨୪ ରିଖରେ ବଙ୍ଗାଳ କାଉନସିଲରେ କୋର୍ଟ ଅବ୍ ୱାର୍ଡସ ସମ୍ପର୍କୀୟ ଅଇନ ସମସ୍ତକୁ ଏକତ୍ରିତ ଓ ସଂଶୋଧନ କରିବା ମାନସରେ ଏକ ନୂତନ ଅଇନର ପାଣ୍ଡୁଲିପି ଅଗତ କରିଅଛନ୍ତି । ମନ୍ତ୍ରୀ ସାହେବ ସଭାରେ ବ୍ୟକ୍ତ କଲେ ଯେ ବର୍ତ୍ତମାନ ଅଇନରେ ଅନେକ ଦୋଷ ଥିବାରୁ ଓ କେତେକ ବିଷୟରେ ତାହାଙ୍କ କ୍ଷମତା ଅଳ୍ପ ଥିବାରୁ ସମସ୍ତ ସମୟରେ ତଦନୁଯାୟୀ କର୍ମ କରିବାକୁ ବଡ଼ ବିରକ୍ତିଜନକ ବୋଧ ହୁଅଇ । ନାବାଳକର ଋଣ ପରିଶୋଧ ଉଦ୍ଦେଶରେ ତାହାର ସମ୍ପତ୍ତିର କୌଣସି ଅଂଶ ବନ୍ଧକ ବା ବିକ୍ରୟ ଦେବାର କ୍ଷମତା ବିଷୟରେ ଠିକମାଲି ସମ୍ପତ୍ତି କିମ୍ବା ସରକାର ତହବିଲରେ ଯହିଁର ଖଜଣା ଦାଖଲ ନ ହୁଏ ଏପ୍ରକାର ସମ୍ପତ୍ତିର କର ଗ୍ରହଣ ଏକ ଏକ ଜିଲାରେ ନ ଥାଇ ଅନ୍ୟ ଜିଲାରେ ଥିବା ସମ୍ପତ୍ତିର ଭାର ବିଷୟରେ ବର୍ତ୍ତମାନ ଅଇନରେ ନାନା ପ୍ରକାର ଦୋଷ ଅଛି । ଅନନ୍ତର ନାବାଳକର ଭରଣପୋଷଣର ବ୍ୟୟ ମାଲଗୁଜାର ଉପରେ ଶତକଡ଼ା ୨୦ ଟଙ୍କା ମଧ୍ୟରେ ରହିବା ଏବଂ ନାବାଳକର ଅତିରିକ୍ତ ଧନ ଲାଭଜନକ ବିଷୟରେ ଗଚ୍ଛିତ କରିବା ପକ୍ଷରେ ତାହାଙ୍କର କ୍ଷମତା ଅତ୍ୟଳ୍ପ ଥିବାରୁ ବଡ଼ କଷ୍ଟ ବୋଧ ହୁଅଇ । ଅତଏବ ଏସମସ୍ତ ସୀମା ଉଠାଇ ଦେବା ଏବଂ ଦୋଷ ସଂଶୋଧନ କରିବା ଅଭିପ୍ରାୟରେ ଏ ଅଇନ କଳ୍ପିତ ହୋଇଅଛି ।

ନୂତନ ଅଇନର ପାଣ୍ଡୁଲିପି ଗବର୍ଣ୍ଣମେଣ୍ଟ ଗେଜେଟରେ ପ୍ରକାଶ ହୋଇଅଛି ତାହା ପାଠ କରି ଅମ୍ଭମାନଙ୍କର ବିଶ୍ୱାସ ହେଲା ଯେ ଅବଶ୍ୟକୀୟ ସମସ୍ତ କଥା ସେଥିରେ ଅନ୍ତର୍ଗତ ହୋଇଅଛି । ପୂର୍ବାପେକ୍ଷା କୋର୍ଟ ଅବ୍ ୱାର୍ଡସକୁ ଅଧିକ କ୍ଷମତା ଦେବାର ପ୍ରୟୋଜନୀୟ ବୋଧ ହୁଅଇ ସନ୍ଦେହ ନାହିଁ ମାତ୍ର ଅଧିକ କ୍ଷମତାର ଫଳ କେବଳ କାର୍ଯ୍ୟକାରକଙ୍କର ମନୋଯୋଗ ଓ ସଦ୍ବୁଦ୍ଧିର ଉପରେ ନିର୍ଭର କରଇ । ଏହା କୋର୍ଟ ଅବ୍ ୱାର୍ଡସର କାର୍ଯ୍ୟ ନିର୍ବାହର ଗତି ଦେଖି ବୋଧ ହୁଅଇ ଯେ ଚଳିତ ଅଇନର

Digitized by srujanika@gmail.com

Split by PDF Splitter



ବ୍ୟବସ୍ଥାକାରକମାନେ ଜାଣି ଶୁଣି ହାକିମଙ୍କୁ ଅଳ୍ପ କ୍ଷମତା ଦେଇଥିଲେ ଯେହି ଅଳ୍ପ କ୍ଷମତାରେତ ନାବାଳକର ଅନର୍ଥକ ଧନ ବ୍ୟୟ ହୁଏ ନ ଥିଲା ଅଧିକ କ୍ଷମତା ଦେଲେ ସମ୍ପତ୍ତି ଅଧିକ କ୍ଷୟ ହେବାର ସମ୍ଭାବନା । କେବଳ ହାକିମଙ୍କ ଉପରେ ଆଜ କାଲି ଯେତେ ପ୍ରକାର କର୍ମର ଭାର ନିହିତ ଅଛି ସେମାନେ ତତ୍ସମୁଦାୟ ଯେ ଉତ୍ତମରୂପେ କରିବେ ଏମନ୍ତ ଆଶା କରିବା ଅତି କଠିନ କଥା ଅଟଇ । ଏକଜଣ ମନୁଷ୍ୟ ଏକ ସମୟରେ ସକଳ କାର୍ଯ୍ୟ କରି ନ ପାରେ ଓ ଯେବେ କରଇ ତେବେ କୌଣସି କର୍ମ ଉତ୍ତମରୂପେ ସମ୍ପନ୍ନ ହୁଅଇ ନାହିଁ । ଏଥିରେ ଅନ୍ୟାନ୍ୟ କର୍ମ ସରକାରର ନିଜର ଅଟେ ଓ କୋର୍ଟଅବୱାର୍ଡସର କର୍ମ ଜଣେ ନାବାଳକର କର୍ମ ଅଟଇ ସୁତରାଂ ନାବାଳକର କର୍ମ ପ୍ରତି ମନୋଯୋଗ ଦେବା ପୂର୍ବେ ସରକାରୀ କର୍ମ କରିବାକୁ ହୁଅଇ ଓ ସରକାରୀ କର୍ମ ବିଶେଷ ପଡୁଥିବାରୁ ସର୍ବଦା ସେଥିରେ ବ୍ୟସ୍ତ ରହି କୋର୍ଟଅବୱାର୍ଡସ ପ୍ରତି ଯଥୋଚିତ ମନୋଯୋଗ ଦେବାର ଅବକାଶ ମିଳଇ ନାହିଁ । ଏସ୍ଥଳେ କେବଳ ଆଇନ ସଂଶୋଧନ କଲେ କି ଲାଭ ହେବ ? ଯେରୂପେ ହାକିମମାନେ ନାବାଳକ ସମ୍ପତ୍ତିର ଯଥାର୍ଥ ଉପଗର୍ଭ କରିପାରିବେ ଓ ନାବାଳକର ହିତସାଧନ କାରଣ ଚିନ୍ତା କରିବାକୁ ଅବକାଶ ପାଇବେ ସେଥିର ବିଧାନ କରିବାର ଆବଶ୍ୟକ । ବାସ୍ତବରେ ଆଜ କାଲି ଜିଲାର କଲେକ୍ଟରଙ୍କୁ ଗବର୍ଣ୍ଣମେଣ୍ଟ ଆଖିକ୍ରିର ଘୋଡା ପରି ଜ୍ଞାନ କରିବାର ଜଣାଯାଏ । ଘୋଡା ସଇସଠାରୁ ଅନ୍ନ ପାକ କରିବା ପର୍ଯ୍ୟନ୍ତ ସକଳ କାର୍ଯ୍ୟ ଏହାଙ୍କୁ କରିବାକୁ ହୁଅଇ ।

ଯାହା ହେଉ ନାବାଳକ ପକ୍ଷରୁ ଯେଉଁ ଲୋକ କାର୍ଯ୍ୟାଧ୍ୟକ୍ଷ ନିଯୁକ୍ତ ହେବ ତାହା ପ୍ରତି ଏ ଆଇନଦ୍ୱାରା ଯେ ଭାର ଅର୍ପିତ ହେବ ଓ ତାହାଠାରୁ ଯେପ୍ରକାର ଦସ୍ତାବିଜ ଲେଖି ନିଆଯିବ ଯେବେ ସେ ତଦନୁସାର ବିଧିମତ କାର୍ଯ୍ୟ କରିବ ତେବେ ଅନେକ ମଙ୍ଗଳର ସମ୍ଭାବନା ଅଛି । କଲେକ୍ଟର ସାହେବ ଯେତେ ଉପଯୁକ୍ତ ଲୋକ ଦେଖି ଏ କାର୍ଯ୍ୟରେ ନିଯୁକ୍ତ କରିବେ ନାବାଳକର ସେତେ ଅଧିକ ଶ୍ରେୟ ହେବ ସନ୍ଦେହ ନାହିଁ ।

# ସାପ୍ତାହିକ ସଂବାଦ ।

ଏ ନଗରର ବାର୍ଷିକ ଘୋଡାଦୌଡ କ୍ରୀଡାର ଉଦ୍ୟମ ଆଜଠାରୁ ଆରମ୍ଭ ହେଲାଣି ନଗରବାସି ଇଂରାଜମାନେ ସଭା କରି ଆପଣା ମଧ୍ୟରେ ଦୁଇହଜାର ଟଙ୍କାରୁ ଅଧିକ ଚେନ୍ଦା ସଂଗ୍ରହ କରିଅଛନ୍ତି ଓ ଅନ୍ୟ ଦେଶୀୟ ଧନାଢ୍ୟମାନେ ମଧ୍ୟ ଏଥିରେ ଉତ୍ସାହିତ ହୋଇ ଚେନ୍ଦା ଦେଉଅଛନ୍ତି । ଆଗାମି ଦସମ୍ବରମାସ ତା ୨୪ । ୨୮ ଓ ୨୯ ତାରିଖରେ ଘୋଡାଦୌଡ ହେବାର ସ୍ଥିର ହୋଇଅଛି । ଆମ୍ଭେମାନେ ଇଚ୍ଛା କରୁଁ ଦେଶୀୟ ବ୍ୟକ୍ତିମାନେ କେହି ୨ ଏବର୍ଷ ଦୌଡ ପାଇଁ ଘୋଡା ଦେବେ ।

କଟକକୁ ଇଂରାଜି ସମ୍ବାଦପତ୍ର ସହ୍ୟ ନାହିଁ ଆଠମାସ ମଧ୍ୟରେ ଦୁଇଖଣ୍ଡ ଇଂରାଜୀ ପତ୍ରିକା ପ୍ରକାଶ ହୋଇ ଲୋପ ପାଇଲାଣି ଏଥର ପୁଣି ଆଉ ଗୋଟିଏ ପତ୍ରିକା ବାହାରିବାର ବିଜ୍ଞାପନ ବୁଲୁଅଛି । ଆସନ୍ତା ମଙ୍ଗଳବାର ଏହାର ପ୍ରଥମ ସଂଖ୍ୟା ବାହାରିବ ।

କଲିକତାରୁ କଟ୍ଟିଘରକୁ ମାସକୁ ମାସ ଜାହାଜ ଆସିବାର ଯେଉଁ ବନ୍ଦୋବସ୍ତ ଥିଲା ତାହା ଶେଷ ହେଲାରୁ ଜାହାଜର କମ୍ପାନି ପୁନର୍ବାର ଦୁଇମାସ କଟ୍ଟିଘରଠାକୁ ଜାହାଜ ଆଣିବାକୁ ସମ୍ମତ ହୋଇଅଛନ୍ତି । ଚଳିତମାସ ତା ୭ ରିଖରେ ଏକ ଜାହାଜ କଲିକତାରୁ କଟ୍ଟିଘରଠାକୁ ଆସିବ ଓ ତଦୁତ୍ତାରୁ ଅକ୍ଟବର ନବମ୍ବର ଓ ଦସମ୍ବର ମାସ ପ୍ରଥମ ସପ୍ତାହରେ ଥରେ ଲେଖାଏଁ ଆସିବ ଏସମସ୍ତର ନିଷ୍ଟୃ ଦିନ ଆଗାମି ସପ୍ତାହରେ ପ୍ରକାଶ ହେବ ।

ଜୟପୁର ଓ ଯୋଧପୁର ମହାରାଜଙ୍କ ଇଲାକା ଦଖଲରେ ଗୋଟିଏ ସମ୍ବର ଲବଣହ୍ରଦ ଅଛି । ଡେଲିନିଉସରୁ ଅବଗତ ହେଲୁଁ ଯେ ଜୟପୁରର ମହାରାଜ ଉକ୍ତ ଲବଣ ହ୍ରଦରେ ଥିବା ଆପଣାର ସତ୍ୱାଧିକାର ଚିରସ୍ଥାୟୀ ରୂପେ ଗବର୍ଣ୍ଣମେଣ୍ଟଙ୍କୁ ପଟ୍ଟା ଦେଇଅଛନ୍ତି ଓ ଯୋଧପୁରର ମହାରାଜ ମଧ୍ୟ ସେହିରୂପ କରିବାର ସମ୍ଭବ ହୁଅଇ । ଉକ୍ତ ହ୍ରଦରେ ଆପଣା ସୁଦ୍ଧେ ବହୁତ ଲବଣ ପ୍ରସ୍ତୁତ ହୁଅଇ । ପ୍ରତିବର୍ଷ ଉକ୍ତ ହ୍ରଦର ଜଳ ଶୁଖିଯାଏ ଓ ତହିଁଉତ୍ତାରୁ ସେ ହ୍ରଦ ଭିତରେ ଲବଣ ଆପେ ପ୍ରସ୍ତୁତ ହୋଇ ସରପତ୍ର ବସିଥାଏ । ସେ ଏତେ କଠିନ ଓ ବହଳ ହୋଇଥାଏ ଯେ ଗୋଲିଲା ବେଳେ ବଡ଼ ୨ ଟେଙ୍କାପର ବାହାରେ । ଏରୂପେ ପ୍ରତିବର୍ଷ ପ୍ରାୟ କୋଡିଏଲକ୍ଷ ମହଣ ଲବଣ ସେ ହ୍ରଦରୁ ପ୍ରାପ୍ତି ହୁଅଇ ।

ସନ ୧୮୬୭।୬୮ ମସିହା ବାବତ୍ ଗବର୍ଣ୍ଣମେଣ୍ଟଙ୍କ ପ୍ରକାଶିତ ତାଲିକାରୁ ପ୍ରକାଶ ଯେ ଇଂରାଜଙ୍କ ସାକ୍ଷାତ ଶାସନରେ ଥିବା ଭାରତବର୍ଷର ୧୫ କୋଟି ଲୋକ ମଧ୍ୟରୁ ଭିନ୍ନ ଧର୍ମାବଲମ୍ବୀଙ୍କ ସଂଖ୍ୟା ତଳଲିଖିତ ପ୍ରାୟ ଅଟଇ ଯଥା ।

୧୧ କୋଟି ହିନ୍ଦୁ, ୨ କୋଟି ୨୫ ଲକ୍ଷ ମୁସଲମାନ, ୧ କୋଟି ୨୦ ଲକ୍ଷ ଅଦମଜାତି (କୋଲ ଭିଲ ଇତ୍ୟାଦି), ୪୦ ଲକ୍ଷ ବୌଦ୍ଧ, ୬ ଲକ୍ଷ ୪୦ ହଜାର ରୋମେନକାଥଲିକ୍ ଖ୍ରୀଷ୍ଟିୟାନ, ୨ ଲକ୍ଷ ୧୩ ହଜାର ପ୍ରଟେଷ୍ଟାଣ୍ଟ ଖ୍ରୀଷ୍ଟିୟାନ ଏବ ୨ ଲକ୍ଷ ୪୦ ହଜାର ଅନ୍ୟ ପ୍ରକାର ଖ୍ରୀଷ୍ଟିୟାନ ।

ହିନ୍ଦୁପେଟ୍ରିଅଟ ଲେଖନ୍ତି ଯେ ଉତ୍ତର ପଶ୍ଚିମରେ ବଙ୍ଗାଳିଙ୍କ ପ୍ରତି ବିଦ୍ୱେଷ ପ୍ରବଳ ହୋଇଅଛି । କୌଣସି କଲ୍ଲା ଜଜ ମହକୁମାରେ ହେଡ କିରାଣୀ ଓ ମୁତରଜ୍ଜମର ପ୍ରୟୋଜନ ଥିବାରୁ ସେଥିପାଇଁ ଗବର୍ଣ୍ଣମେଣ୍ଟ ଗଜେଟରେ ପ୍ରକାଶିତ ବିଜ୍ଞାପନରେ ଲେଖାଅଛି ଯେ ବଙ୍ଗାଳିବାବୁ ଓ କାଲେଜ କି ସ୍କୁଲରୁ ନୂଆ ବାହାରିଥିବା ବ୍ୟକ୍ତିମାନେ ଦରଖାସ୍ତ ନ କରିବେ । ବୋଧ ହୁଅଇ ବଙ୍ଗାଳିମାନେ ଏଣିକି ବଡ଼ ଅହଙ୍କାରୀ ହେଉଥିବାରୁ ତାହାଙ୍କର ଆଦର ଊଣା ପଡୁଅଛି ।

ମଧ୍ୟ ପ୍ରଦେଶର ପ୍ରଧାନ କମିଶ୍ନର ଜଜ କମ୍ପଲସାହେବ ଯେ କି ଗତ ସନ ମାର୍ଚ୍ଚମାସରେ ଛୁଟି ନେଇ ବିଲାତକୁ ଯାଇଥିଲେ ପୁନର୍ବାର ଅଧିକା ଦୁଇବର୍ଷର ଛୁଟି ଗ୍ରହଣ କରିଅଛନ୍ତି । ଡେଲିନିୟୁସ ବୋଲନ୍ତି ଯେ ଇଣ୍ଡିଆ କନସଲରେ ଏହାଙ୍କର ନିଯୁକ୍ତ ହୋଇଅଛି ଅତଏବ ପ୍ରାୟ ଭାରତବର୍ଷକୁ ଫେରି ଆସିବେ ନାହିଁ ।

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ବିଧାନ କରିଅଛନ୍ତି ଯେ ଚାହିତ ଓ ଅଚାହିତ ସରକାରୀ କର୍ମକାରକଙ୍କ ପକ୍ଷରେ କ୍ରମାଗତ ବହୁକାଳ ଅବକାଶ ଗ୍ରହଣ ବିଷୟରେ ଭିନ୍ନ ୨ ନିୟମ ରଖିବାର ପ୍ରୟୋଜନ ନାହିଁ । ଉଭୟପ୍ରକାର କର୍ମକାରକ କ୍ରମାଗତ ପାଞ୍ଚବର୍ଷ କ୍ରମରେ ଅନୁପସ୍ଥିତ ରହିଲେ ଏମାନେ କର୍ମଚ୍ୟୁତ ହେବାର ଜ୍ଞାନ କରିବାକୁ ହେବ ।

ଯାଜପୁରର ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀଯୁକ୍ତ ସ୍ମିଟନ ସାହେବ ସାହାବାଦଜିଲା ସାସିରାମ ସବଡିବିଜନକୁ ବଦଳି ହେଲେ ।

Digitized by srujanika@gmail.com

Split by PDF Splitter



ବୋର୍ଡରେଭେନ୍ୟୁର ମେମ୍ବର ଶ୍ରୀଯୁକ୍ତ ଇ ଡି ଟ୍ରେବର ସାହେବ କର୍ମରେ ଇସ୍ତଫା ଦେଇ ବିଲାତରେ ବାସ କରୁଅଛନ୍ତି । ଏ ମହାଶୟ ଉତ୍କଳଦେଶରେ ଡେପୁଟୀ କଲେକ୍ଟର ଓ କମିଶନର ସ୍ୱରୂପ କେତେକାଳ କାର୍ଯ୍ୟ କରି ଉତ୍କଳୀୟଙ୍କର ପ୍ରିୟପାତ୍ର ହୋଇଥିଲେ ।

ଆମ୍ଭେମାନେ ଅତି ଆନନ୍ଦ ସହିତ ଗଜେଟରେ ପାଠ କଲୁଁ ଯେ ବାବୁ ଦୁର୍ଯ୍ୟୋଧନଦାସ ପୁରୀରର ଡେପୁଟୀ କଲେକ୍ଟର ତୃତୀୟ ଶ୍ରେଣୀର ଡେପୁଟୀ କଲେକ୍ଟର ହୋଇଅଛନ୍ତି । ଏଥିରେ ମାସିକ ଟ ୪୦୦ଙ୍କା ବେତନ ପାଇବେ ।

ମାନ୍ଦ୍ରାଜ ଟାଇମସ ବୋଲନ୍ତି ଯେ ଟଙ୍କା ନେଇ କର୍ମ ସମୟରେ ଉପସ୍ଥିତ ନ ଥିବା ଅସଭ୍ୟ ଉକିଲଙ୍କ ମଧ୍ୟରେ ଗୋଟିଏ ନିୟମ ପ୍ରାୟ ହେଲଣି । ଅନ୍ୟାନ୍ୟ ବ୍ୟବସାୟିମାନେ ଟଙ୍କା ନେଇ ଦ୍ରବ୍ୟ ନ ଦେଲେ ତାହାଙ୍କୁ କେବଳ ଅମର୍ଯ୍ୟାଦାର କର୍ମବୋଲି କେହି କ୍ଷାନ୍ତ ନ ହୁଅନ୍ତି ଏହାକୁ ପ୍ରବଞ୍ଚନା ବୋଲି ଯାଏ । କିନ୍ତୁ ଉକିଲ ଟଙ୍କା ଓ କାଗଜପତ୍ର ବୁଝିନେଇ ମୋକଦ୍ଦମା ସମୟରେ ଅନୁପସ୍ଥିତ ହେଲେ କିଛି ଦୋଷ ଧରାଯାଏ ନା । ବଡ଼ ଆଶ୍ଚର୍ଯ୍ୟର ବିଷୟ । ପାଞ୍ଚଜଣର କାର୍ଯ୍ୟ ରଖିଲେ କେତେଲୋକ ବାଧ ହୋଇ ବଦୋଲୀୟା ହୁଅନ୍ତି ।

ଦେଶୀୟ ଭାଷାଲିଖିତ ପତ୍ର ଡାକ ଯୋଗେ ପଠାଇବାକୁ ହେଲେ ତହିଁର ଶିରନାମା ବିଶୁଦ୍ଧ ଓ ସ୍ପଷ୍ଟ ରୂପେ ଲେଖିବା ବିଷୟରେ ଶିକ୍ଷାବିଭାଗର ଡାଇରେକ୍ଟର ଜେନରଲ ପୋଷ୍ଟମାଷ୍ଟର ଜେନରଲଙ୍କ ଅନୁରୋଧରେ ଯେଉଁ ଉପଦେଶାବଳୀ ପ୍ରସ୍ତୁତ କରିଅଛନ୍ତି ତାହା ସର୍ବସାଧାରଣରେ ପ୍ରଚାର କାରଣ ଆମ୍ଭେମାନେ ଗବର୍ଣ୍ଣମେଣ୍ଟ ବଙ୍ଗାଲରୁ ପ୍ରାପ୍ତ ହୋଇଅଛୁଁ ମାତ୍ର ଉକ୍ତ ଉପଦେଶାବଳୀ ଏଥିପୂର୍ବରୁ ପ୍ରକାଶ କରିଥିବାରୁ ଆଉ ଥରେ ମୁଦ୍ରିତ କରିବାର ଆବଶ୍ୟକ ନ ହେଲା । ଆଶାକରୁଁ ସର୍ବସାଧାରଣ ମନୋଯୋଗ ପୂର୍ବକ ଉକ୍ତ ଉପଦେଶମାନ କର୍ମରେ ପରିଣତ କରିବେ ।

ବର୍ତ୍ତମାନ ବିଭାଗର ସଂକ୍ରାମକ ରୋଗର ପ୍ରତିକାର ନିମିତ୍ତ ବଦାନ୍ୟବର ବର୍ଦ୍ଧମାନର ମହାରାଜ ୫୦ ସହସ୍ର ଟଙ୍କା ପ୍ରଦାନ କରିଅଛନ୍ତି ଏଟଙ୍କାରୁ କେତେ ଗୋଟି ଦାତବ୍ୟ ଚିକିତ୍ସାଳୟ ସ୍ଥାପନ ହେବାର ସ୍ଥିର ହୋଇଅଛି ।

ଉକ୍ତ ପତ୍ରରୁ ଅବଗତ ହେଲୁଁ ଯେ ଭାଗଲାନରେ ଜ୍ୱରରୋଗର ପ୍ରାଦୁର୍ଭାବ ହେବାରୁ ତାହା ନିବାରଣାର୍ଥେ ଚେଷ୍ଟିତ ହୋଇ ତତ୍ରତ୍ୟ ଜମିଦାର ବାବୁ ଯୋଗେଶ୍ୱର ସିଂହ ବାର୍ଷିକ ଟ ୨୦୦୦ ଙ୍କା ବ୍ୟୟରେ ଗୋଟିଏ ଚିକିତ୍ସାଳୟ ସ୍ଥାପନ କରି ବିନାମୂଲ୍ୟରେ ପ୍ରଜାଙ୍କୁ ଔଷଧ ବିତରଣ କରୁଅଛନ୍ତି ଓ ଚିକିତ୍ସାଳୟର ଭାର ଜଣେ ଡାକ୍ତର ଉପରେ ଅଛି ତାହାଙ୍କୁ ମାସିକ ଟ ୫୦ ଙ୍କା ଏପର ଜଣେ ବୈଦ୍ୟଙ୍କୁ ମାସିକ ଟ ୩୦ ଙ୍କା ବେତନ ଦିଅନ୍ତି ଏମାନେ ପ୍ରତିଦିନ ଦୁଇଥର ରୋଗିଙ୍କ ଘରଠାକୁ ଯାଇ ଚିକିତ୍ସା କରନ୍ତି ଜମିଦାରମାନେ ପ୍ରଜାଙ୍କ ପକ୍ଷରେ ଏରୂପ ମନୋଯୋଗୀ ହେଲେ କେତେ ମଙ୍ଗଳ ହେବ ତାହା ବର୍ଣ୍ଣନାତୀତ ଅଟଇ ।

ଆସାମରେ ସଞ୍ଚାର ଭଳି ପଶୁମଡ଼କ ଉପସ୍ଥିତ ହୋଇଅଛି । ଦିନ ପ୍ରତି ଗୋ ୭୦ ଟା ପଶୁର ଦେହ ନଦୀରେ ଲୋକେ ଫିଙ୍ଗି ଦେଉଅଛନ୍ତି । କେବଳ ପାଳିତ ପଶୁ ମରୁଅଛନ୍ତି ଏମନ୍ତ ନୁହେ ବନ୍ୟ ମହିଷ ବ୍ୟାଘ୍ର ଓ ଶୂକର ସୁଦ୍ଧା ରୋଗାକ୍ରାନ୍ତ ହୋଇ ମରୁଅଛନ୍ତି । ପଶୁ ମଡ଼କ ସଙ୍ଗେ ୨ ଓଲଉଠା ରୋଗ ଜାତ ହୋଇ ଲୋକ ନାଶ ହେଉଅଛନ୍ତି ଓ କିଲୋଙ୍ଗରେ ମଧ୍ୟ ଏ ରୋଗ ଉପସ୍ଥିତ ହୋଇଅଛି ସେଠାରେ ପୂର୍ବେ କେବେ ଏ ରୋଗ ଦେଖାଯାଇ ନ ଥିଲା ।

ଡେଲିନ୍ୟୁସ ଗତମାସ ତା ୨୭ ରଖ ପତ୍ରିକାରେ ଗୋଟିଏ ଉତ୍ତମ ପ୍ରସ୍ତାବ କରିଅଛନ୍ତି ତାହା ଏହିଯେ ଭାରତବର୍ଷର ସମସ୍ତ ହାଟ ବଜାରରେ ଖାଦ୍ୟ ଦ୍ରବ୍ୟର ଅନୁସନ୍ଧାନ ନିମିତ୍ତ ଏକଦଳ ତତ୍ତ୍ୱାବଧାରକ ନିଯୁକ୍ତ ହେବାର ଆବଶ୍ୟକ । ଖାଦ୍ୟ ରୋଗର କାରଣ ହେଉଅଛି ଓ ଲୋକେ ନାନାପ୍ରକାର ପ୍ରବଞ୍ଚନା ପୂର୍ବକ ଆହାରୀୟ ଦ୍ରବ୍ୟ ସଙ୍ଗେ ଅନ୍ୟ ଦ୍ରବ୍ୟମାନ ମିଶାଇ ରୋଗର ସଞ୍ଚାର କରନ୍ତି । ଉତ୍ତର ପଶ୍ଚିମରେ ଏକ ଜିଲ୍ଲାରେ ଏକ ସମୟରେ ୫୦୦ ଲୋକର ରକ୍ତାତିସାର ରୋଗ ହେଲା । ତହିଁର କାରଣ ଅନୁସନ୍ଧାନ କରନ୍ତେ ପ୍ରକାଶ ହେଲା ଯେ ଗୁଡ଼ି ବିକ୍ରେତା ଅଟା ସଙ୍ଗେ ସରୁ ବାଲି ମିଶ୍ରିତ କରି ବିକ୍ରୟ କରୁଥିଲା ତାହା ଭକ୍ଷଣ ଦ୍ୱାରା ରୋଗ ଜାତ ହୁଅଇ । ଏହିପ୍ରାୟ ଅନେକ ଅସ୍ୱାସ୍ଥ୍ୟକର ଦ୍ରବ୍ୟ ବଜାରରେ ବିକ୍ରୟ ହୁଅଇ ଓ ଲୋକେ ଶସ୍ତା ପାଇବାରୁ ଗୁଣାଗୁଣ ବିଚାର ନ କରି କିଣି ଓ ଭୋଜନ କରି ରୋଗଗ୍ରସ୍ତ ହୋଇ ଅକାଳ ମୃତ୍ୟୁ ସଙ୍ଗେ ଭେଟନ୍ତି । ଏ ସମସ୍ତର ଅନୁସନ୍ଧାନ କରିବାର ଅତି ପ୍ରୟୋଜନୀୟ ବିଷୟ ଅଟଇ ସନ୍ଦେହ ନାହିଁ ସ୍ୱାସ୍ଥ୍ୟରକ୍ଷକମାନଙ୍କର ଏ କଥା ପ୍ରତି ସର୍ବଦା ଦୃଷ୍ଟି ରଖିବାର ଆବଶ୍ୟକ ।

ପାଇୋନିୟର ବୋଲନ୍ତି ଯେ ଡାକଘର ବିଷୟରେ କୌଣସି ନାଲିସ କୌଣସି ଡାକସମ୍ପର୍କୀୟ କର୍ମଚାରୀଙ୍କ ନିକଟକୁ ଡାକଦ୍ୱାରା ପଠାଇବାକୁ ହେଲେ ସେ ଡାକ ଦ୍ୱାରା ବିନା ମାସୁଲରେ ଆଗାମି ଅକ୍ଟୁବର ମାସଠାରୁ ପ୍ରେରିତ ହେବ । ଏଥିରେ ଗବର୍ଣ୍ଣମେଣ୍ଟଙ୍କର ବଡ଼ ଦୟା ପ୍ରକାଶ ପାଉଅଛି ଓ ନାଲିସ କରିବାର ଏପ୍ରକାର ସୁଯୋଗ ଲୋକେ ପାଇଲେ ଡାକଘରର କୌଣସି ଦୋଷ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ କ୍ଲେଶକର ଜ୍ଞାନ ନ କରିବେ ସେଥିରେ ଡାକସଙ୍କ୍ରାନ୍ତ ଦୋଷମାନ ସଂଶୋଧନ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଅଛି । ଆମ୍ଭମାନଙ୍କ ବିବେଚନାରେ କେବଳ ଏତିକି ତାରତମ୍ୟ କରିବାର ଆବଶ୍ୟକ ଯେ ଯେବେ କୌଣସି ଦରଖାସ୍ତ ଅନର୍ଥକ ପଠାଯିବାର ପ୍ରକାଶ ହେବ ତେବେ ଦରଖାସ୍ତକାରୀଠାରୁ ମାସୁଲ ଆଦାୟ ହେବ ।

## ମୂଲ୍ୟ ପ୍ରାପ୍ତି

| | | |
|---|---|---|
| ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟ | ବକିୟା | ଟ ୪ |
| ,, ସଦାନନ୍ଦ ବେହେରା | ଏଜନ | ଟ ୩ |
| ,, ଦାମୋଦର ଦାସ | ଏଜନ | ଟ ୬ |
| ,, ମଦନମୋହନ ସେନ | ଏଜନ | ଟ ୩ |
| ,, ଗୋବିନ୍ଦ ଦାସ | ଏଜନ | ଟ ୨ |
| ଶ୍ରୀ ଜଗନ୍ନାଥ ଭାରତୀ ଗୋସାଇଁ | ଏଜନ | ଟ ୬ |
| ଚୌଧୁରୀ ବିଶ୍ୱନାଥ ଦାସ | ଏଜନ | ଟ ୬ |
| ବାବୁ ହରମୋହନ ମିଶ୍ର ଅଗ୍ରିମ | | ଟ ୪ |
| ,, ସଦାନନ୍ଦ ମାହାନ୍ତି ବକିୟା | | ଟ ୪ |
| ,, ବୃନ୍ଦାବନଚନ୍ଦ୍ର ମଣ୍ଡଳ | ଏଜନ | ଟ ୬ |

## ବିଜ୍ଞାପନ ।

ଶ୍ରୀକୃଷ୍ଣସିଂହଙ୍କ ରଚିତ ଉତ୍କଳ ଭାଷା ମହାଭାରତ ମୂଲ୍ୟ ଟ ୨

ଡାକରେ ନେବାର ହେଲେ ମାସୁଲ ଓ ମୋମଘାମୀ ଇତ୍ୟାଦି ଟ ୦ ୯

କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ଯନ୍ତ୍ରାଳୟରେ ପ୍ରାପ୍ତ ହେଉଅଛି ।

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକପ୍ରିଣ୍ଟିଂ କୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା ।

ଭାଗ ୧୪ ଶ
ସଂଖ୍ୟା ୩୭
ତାଂ ୨୭ ଶ ସେପ୍ଟେମ୍ବର ସନ ୧୮୭୯ ମସିହା । ମୁ । ଭାଦ୍ରବଦ ୧୮ ନ ସନ ୧୨୮୭ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ୪
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ପାଇଁ ଡାକମାସୁଲ ୧॥

### ସରକାରୀ ଚାଉଳ ।

ଗତ ଗୁରୁବାରଠାରୁ କଟକରେ ସରକାରୀ ଚାଉଳର ଦର ବୃଦ୍ଧି ହୋଇ ଅଛି ପୂର୍ବେ ସରକାରୀ ଚାଉଳ ତଙ୍କାକୁ ଏକ ମହଣ ୫ ସେର ଦର ହୋଇଥିଲା ଏଥିରେ ବଜାରରେ ଟଙ୍କାକୁ କଟକୀ ସେର ୧୪ ସେରରୁ ଅଧିକ ନ ମିଳିବାରୁ ସମ୍ପ୍ରତି ସରକାରୀ ଚାଉଳର ଦର ଟଙ୍କାକୁ ସେର ୨୦ ହୋଇଅଛି ଏରୂପ କରିବାର କାରଣ ଏହି ଯେ କଟକରେ ଅଳ୍ପ ସରକାରୀ ଚାଉଳକୁ ଲୋକ ସସ୍ତା ପାଇ ଧରପଗ କରୁଥିଲେ ଓ ମଫସଲର ଚାଉଳ କେହି ଆଣିବାକୁ ଚେଷ୍ଟିତ ନ ଥିଲେ । ଏଥର ମଫସଲରେ ସରକାରୀ ଚାଉଳର ଦର ଜଣା ଓ କଟକରେ ଅଧିକ କରିବାରୁ ସମ୍ପୂର୍ଣ୍ଣ ଭରସା ହେଉଅଛି ଯେ ମଫସଲର ଚାଉଳ ଶୀଘ୍ର କଟକକୁ ଛୁଟି ଆସିବ ଓ ସବୁ ସରକାରୀ ଗୋଲା ଅବଲମ୍ବରେ ଖାଲି ହେବ । ଗତମାସ ଶେଷ ପର୍ଯ୍ୟନ୍ତ ନଅ ପାଞ୍ଚ ଗୋଲା ଖାଲି ହୋଇଥିଲା । ଓ ଦିନ ୨ ଯେମନ୍ତ ଚାଉଳର ମୂଲ୍ୟ କମୁଅଛି ତହିଁରୁ ବୋଧ ହୁଅଇ ଅଳ୍ପକାଳରେ ସବୁ ଶେଷ ହୋଇ ଚାଉଳମହଙ୍ଗୁମା ଉଠିଯିବାରୁ ଗତ ଦୁର୍ଭିକ୍ଷର ହିସାବ ନିକାଶ ହେବ ଦିନୁ ଯେରୂପ ସମସ୍ତ ହୋଇଅଛି ତହିଁରେ ଯେ ପୁନର୍ବାର ଏ ମହଙ୍ଗୁମାର ପ୍ରୟୋଜନ ନ ହେବ ତାଏ କହିପାରେ ଅବଶ୍ୟ ଆଗାମୀ ଫସଲ ପକ୍ଷରେ ଲୋକେ ସମ୍ପୂର୍ଣ୍ଣ ନୈରାଶ୍ୟ ହୋଇ ନାହାନ୍ତି ଓ ଏମନ୍ତ ଅନୁମାନ ହୁଅଇ ଯେ ଏହିପ୍ରକାର ମେଘ ହେଉଥିଲେ ଯଦ୍ୟପି ବା ପ୍ରଚୁର ଶସ୍ୟ ନ ହେବ ମାତ୍ର ଦୁର୍ଭିକ୍ଷ ପଡ଼ିବ ନାହିଁ ତଥାଚ ଆଗାମୀ ଫସଲ ହସ୍ତଗତ ହେବାପର୍ଯ୍ୟନ୍ତ ଯେ ଦୁର୍ମୂଲ୍ୟର କ୍ଲେଶ ସହ୍ୟ କରିବାକୁ ହେବ ସନ୍ଦେହ ନାହିଁ । ପୁରୀରେ ବିଶେଷ କଷ୍ଟ ବୋଧ ହେଲଣି ଓ ପାରୁ-କୁଦର ଲୋକେ ସ୍ଥାନାନ୍ତରିତ ହେବାର ଚେଷ୍ଟା କଲେଣି ଅତଏବ ଏ ଦୁଃସମୟର ନିର୍ବାହ ନିମିତ୍ତ ଶୀଘ୍ର କୌଣସି ଉପାୟ କରିବାର ଆବଶ୍ୟକ । ଆମ୍ଭମାନଙ୍କୁ ବୋଧ ହୁଅଇ ସରକାରୀ ଚାଉଳ ଶେଷ ହେଲାକ୍ଷଣି ବଜାରର ଚାଉଳ ଅତି ମହାର୍ଘ ହେବ ଓ ସେ ସମୟରେ କଦେବାରୁ ଚାଉଳ ନ ଆଣାଗଲେ ନିର୍ବାହ ଚଳିବ ନାହିଁ । ମାତ୍ର ସରକାରଙ୍କୁ ଦଠାରୁ ଚାଉଳ ଆଣାଇବାର ପ୍ରୟୋଜନ ନାହିଁ ବର୍ତ୍ତମାନ କଲିକତାରୁ ଜାହାଜରେ ଚାଉଳ ଆସିପାରେ । କେବଳ ସାପ୍ତାହିକ ବିଜ୍ଞାପନଦ୍ୱାରା ଭିନ୍ନ ୨ ସ୍ଥାନର ଚାଉଳର ଦର ପ୍ରକାଶିତ ହେଲେ ମହାଜନମାନେ ଚାଉଳ ଆଣିପାରିବେ ଏମନ୍ତ ବିଶ୍ୱାସ ହେଉଅଛି ଅତଏବ ଏ ଉପାୟ ଶୀଘ୍ର ଅବଲମ୍ବନ ହେଉ ।

—==∘∘==—

### ବନ ଓ ବୃଷ୍ଟି

ନଦୀବନ୍ଧିରୁ କ୍ଷେତକୁ ରକ୍ଷାକରିବା କାରଣ ପ୍ରାୟ ସକଳନଦୀରେ ଦୁଇକୂଳରେ ବଡ଼ ୨ ବନ୍ଧମାନ ପ୍ରସ୍ତୁତ ହୋଇଅଛି । ଏଥିରେ ସରକାରର ଅନେକ ଟଙ୍କା ବ୍ୟୟ ହୋଇଅଛି ଏବ ପ୍ରତିବର୍ଷ ବଡ଼ି ହାଣି ସ୍ଥାନ ୨ ରେ ଘାଇ ହୋଇଯିବାରୁ ସେ ସମସ୍ତକୁ ବନ୍ଦ କରିବାରେ ମଧ୍ୟ ବହୁତ ଟଙ୍କା ବ୍ୟୟ ହୁଅଇ । ଯେଉଁ ବର୍ଷ ବର୍ଷା ଓ ବଢ଼ି ପ୍ରବଳ ନ ହୁଅଇ ସେ ବର୍ଷ ଘାଇ ହେବାର ଅଳ୍ପ ସମ୍ଭାବନା ଥିବାରୁ ବନ୍ଧ ସଂସ୍କାରର ବ୍ୟୟ ମଧ୍ୟ ଜଣା ପଡ଼ିବାର ଉଚିତ ମାତ୍ର ପ୍ରକୃତରେ ତାହା ହେଉନାହିଁ ଅଳ୍ପବର୍ଷା ଓ ବଢ଼ି ହେଲେ ବନ୍ଧ ଭାଙ୍ଗିବାର ଯେମନ୍ତ କଥା ଅଛି ବର୍ଷା ଊଣା ହେଲେ ମଧ୍ୟ ସେହିରୂପ ଘଟନା ହେଉଅଛି । କାରଣ ଲୋକେ ବଢ଼ିପାଣି କ୍ଷେତକୁ ନେବା କାରଣ ବନ୍ଧ କାଟିଦିଅନ୍ତି । ସରକାର ମନୁଷ୍ୟ କେବେ ୨ ବନ୍ଧ ପାଖରେ ପହରା ଦିଅନ୍ତି କିନ୍ତୁ ଯେତେବେଳେ ଦାନା ଉପରେ କଥା ପଡ଼େ ସେତେବେଳେ ସରକାରର ଭୟ କେତେଲୋକ କରନ୍ତି ଏହିବର୍ଷ ଆମ୍ଭେମାନେ କେତେ ସ୍ଥାନରେ ବନ୍ଧ କାଟି ପାଣି ନେବାର ଶୁଣୁଅଛୁଁ ଏବ ସରକାରର କର୍ମକାରଙ୍କ ଜଣାଇ ମଧ୍ୟ କୌଣସିଠାରେ ଏରୂପ କରୁଅଛନ୍ତି । ବାସ୍ତବରେ କ୍ଷେତ ରକ୍ଷାକରିବା ଏତେ ପ୍ରଧାନ କାର୍ଯ୍ୟ ହୋଇଅଛି ଯେ ତହିଁ ତୁଳନାରେ ବନ୍ଧକାଟିବା କିଛି କଥା ନୁହଇ କାରଣ ବନ୍ଧ ମରାମତରେ ଅଳ୍ପଖର୍ଚ୍ଚ ପଡ଼ିବ କିନ୍ତୁ କ୍ଷେତ ମରିଗଲେ ସରକାରର ଯେ ବ୍ୟୟ ତାହା ଗତ ଦୁର୍ଭିକ୍ଷର ବ୍ୟୟରୁ କଳନା ହୋଇ ପାରେ । ପଶ୍ଚାତ୍‌ରେ ବନ୍ଧ କାଟିବା ଭୟଙ୍କର ବ୍ୟାପାର ଅଟଇ କାରଣ ପାଣି ମୁହଁରେ କିଛି ରକ୍ଷା ପାଏ ନା ଏକଥର ବନ୍ଧ ଦେଇ ଜଳ ପ୍ରବେଶକଲେ ତାହା କାହାର

Digitized by srujanika@gmail.com

ଆସୃତ୍ ଥାନ ରହ ନାହିଁ ଯେଉଁ କ୍ଷେତ୍ରରୁ ପାଣି ନେବାର ଉଦ୍ୟମ ହୁଅଇ ତାହାକୁ ଭିଷାର ନେଇପାରେ ଏଥିରେ ଏକଥର ଜଲ ନେବା ଉତ୍ତାର୍ ଯେବେ ତହିଁ ପଚ୍ଛେ ୨ ପୁନ୍ନିବାର ବଳି ଆସଇ ତେବେ ସର୍ବନାଶ ହୁଅଇ। ଏମନ୍ତ ଅବସ୍ଥାରେ ଅମ୍ଭେମାନେ ବିବେଚନା କରୁଁ ଯେ ପ୍ରତ୍ୟେକ ବନ୍ଧର ଏକ ୨ ସ୍ଥାନରେ ଗୋଟିଏ ଲେଖାଏ କବାଟିଯୁକ୍ତ ରହିଲେ କୌଣସି ସମୟରେ ବନ୍ଧକାଟିବାର ପ୍ରୟୋଜନ ନ ହେବ ଜମ୍ମା ଲୋକେ ଯଥେଚ୍ଛା ମତେ ଜଲ ପାଇବାକୁ କ୍ଲେଶକର ଜ୍ଞାନ ନ କରବେ ଓ ସରକାରର ପ୍ରତିବର୍ଷ ଅନର୍ଥକ ବନ୍ଧ ମରମତ ଖର୍ଚ୍ଚ ନ ହେବ। ଅତଏବ ବାଉକମାସ୍ତର ସାହେବଙ୍କର ଏବିଷୟରେ ମନୋଯୋଗୀ ହେବାର ଉଚିତ।

---

ବଙ୍ଗଭାଷାର ପୁସ୍ତକ।

ଅଛକାଲ ବଙ୍ଗଦେଶୀୟମାନେ ଆପଣା ମାତୃଭାଷାରେ ଅନେକ ପୁସ୍ତକ ରଚନା କରିବାର ଦେଖାଯାଏ ଓ ବଙ୍ଗଦେଶର ଏଥିରେ ବହୁ ଗୌରବ ଶୁଣାଯାଏ ମାତ୍ର ବାସ୍ତବରେ ଭଦ୍ଧାର୍ ଦେଶର ହେତେ ଶ୍ରୀ ବୃଦ୍ଧି ହେଉଅଛି ଓ ପୁସ୍ତକରଚକମାନେ କୁପ୍ରକାରରେ କାର୍ଯ୍ୟ ସମ୍ପନ୍ନ କରୁଅଛନ୍ତି ତାହା ଅସଭ୍ୟ ଲୋକଙ୍କୁ ବିଶେଷ ଜଣା ନ ଥିବାରୁ ଏଡୁକେଶନ ଗେଜେଟରେ ପ୍ରକାଶିତ ଗୋଟିଏ ପ୍ରସ୍ତାବର ଭଲଲକ୍ଷିତ ଅଂଶ ଉଦ୍ଧୃତ କଲୁଁ ତାହା ପାଠକଲେ ପାଠକମାନେ ସବିଶେଷ ଜାଣିପାରିବେ। ଏହା ଉଦ୍ଧୃତ କରିବାରେ ଅମ୍ଭମାନଙ୍କର ଏମନ୍ତ ବ୍ୟକ୍ତ କରିବାର ମାନସ ନୁହଇ ଯେ ବଙ୍ଗଦେଶରେ କୌଣସି ଉତ୍କୃଷ୍ଟ ପୁସ୍ତକ ହେଉ ନାହିଁ। ମାତ୍ର ଅମ୍ଭେମାନେ ଏତିକି କହୁଁଯେ ଯେତେ ଆଡମ୍ବର ଶୁଣାଯାଏ କାର୍ଯ୍ୟ ସେପ୍ରକାର ନୁହଇ। ଉପଯୁକ୍ତ ଲେଖକମାନଙ୍କର ସଂଖ୍ୟା ଅତ୍ୟଳ୍ପ ଅଟଇ ଓ ବହୁସଂଖ୍ୟକ ପୁସ୍ତକ ଯାହା ସରସ୍ୱତୀର ଅଳ୍ପମୂଲ୍ୟରେ ବଜାରରେ ବିକ୍ରୟ ହେବାର ଦେଖାଯାଏ ସେ ସବୁକୁ ପୁସ୍ତକ ବୋଲାଯାଇ ନ ପାରେ। କେବଳ ନିର୍ବୋଧ ଲୋକଙ୍କ ଠାରୁ ଅର୍ଥ ସଂଗ୍ରହ କରିବା ଜମ୍ମା ଭୁଲରୁ ନାମ ବାହାର କରିବା ସେ ସମସ୍ତର ଉଦ୍ଦେଶ୍ୟ ଅଟଇ।

"ଯେଉଁ ଭାଷାରେ ଯେତେ ପୁସ୍ତକାଦି ଦୃଷ୍ଟ ହୁଅନ୍ତି, ସେ ଭାଷାର୍ ତେତେ ପରିମାଣରେ ଶ୍ରୀବୃଦ୍ଧି ହୋଇଅଛି, ସହଜରେ ଏପରି ଜ୍ଞାନ ହୋଇପାରେ ଅମ୍ଭମାନଙ୍କ ବଙ୍ଗଲା ଭାଷାରେ ମଧ୍ୟ ଅତ୍ୟଳ୍ପ ଦିନ ମଧ୍ୟରେ ବହୁତ ପୁସ୍ତକ ପ୍ରକାଶିତ ହୋଇଅଛି, ଅତଏବ ଅନେକ ଲୋକଙ୍କର ଏରୂପ ଅନୁମାନ ହୋଇପାରେ ଯେ ବଙ୍ଗଲାଭାଷାର ବହୁତ ଉନ୍ନତି ହୋଇଅଛି କିନ୍ତୁ ବାସ୍ତବିକ ସେ ଅନୁମାନ ଅମୂଳକ। ଯେଉଁ ଭାଷାରେ ଉତ୍କୃଷ୍ଟ ପୁସ୍ତକାଦି ବହୁଲ ପରିମାଣରେ ପ୍ରାପ୍ତ ହୁଅଇ ସେହି ଭାଷାର ସମୃଦ୍ଧି ଅବସ୍ଥା ସ୍ୱୀକାର କରିବାକୁ ହୁଅଇ। କିନ୍ତୁ ବଙ୍ଗଲା ଭାଷାରେ ଏରୂପ ପୁସ୍ତକ କେତେଖଣ୍ଡ ବିଦ୍ୟମାନ ଅଛି, ଯେଉଁ ଗୁଡିକ ଏହାର ସମୃଦ୍ଧି ବୋଲି ସ୍ୱୀକାର୍ଯ୍ୟ ହୋଇପାରେ ଏଥିରେ ଏମନ୍ତ ଅନେକ ପୁସ୍ତକ ଦେଖିବାକୁ ପ୍ରାପ୍ତ ହୁଅଇ ଯେଉଁ ଗୁଡିକ ଥିବା ଅପେକ୍ଷା ବରଂ ନ ଥିବାର ଭଲ ଥିଲା।

ବଙ୍ଗଲାଭାଷାରେ ଯେ ବହୁ ସଂଖ୍ୟକ ପୁସ୍ତକ ପ୍ରଚରିତ ହୋଇଅଛି, ସେମାନଙ୍କର ଅଧିକାଂଶର ପ୍ରଣୟନ କାର୍ଯ୍ୟ ଏରୂପ ଶୀଘ୍ର ସମ୍ପନ୍ନ ହୋଇଅଛି ଯେ, ପୂର୍ବତନ ମୂଲ ଋଷିମାନଙ୍କର ମାନସ କନ୍ୟା ଏ ମାନସ ପୁତ୍ରର ନ୍ୟାୟ ଏହି ସକଳ ପୁସ୍ତକର ଜନ୍ମକାଳରେ କିଛି ବିଲମ୍ବ ହୋଏ ନାହିଁ। ଏଥିରେ କି ବଙ୍ଗଲା ଗ୍ରନ୍ଥକର୍ତ୍ତାମାନେ ଆପଣାମାନଙ୍କର ଅସୀମ ମାନସିକ ଶକ୍ତିର ଏକ ଭାଷା "ରତ୍ନଗର୍ଭ" ନାମର ପରିଚୟ ହୋଇଅଛି। ମନେକରନ୍ତୁ ? କେବେ ନାହିଁ ଏବଂ ଏଥିରେ ସେମାନଙ୍କର ଦୃଷ୍ଟି, ଦୂରଦର୍ଶିତାର ମଧ୍ୟ ପରିଚୟ ହୋଇଅଛି। ଅର୍ଥ ବ୍ୟୟ କରିଅଛନ୍ତି, ଲୋକଙ୍କର ଗାଳି ଖାଉଅଛନ୍ତି, ଏବଂ ଭବିଷ୍ୟ କଣାବଳୀରେ ମଧ୍ୟ ଯଶଃ ଅବା ନାମ ରହିବାର ସମ୍ଭାବନା ରଖନ୍ତି ନାହିଁ।

ଗ୍ରନ୍ଥ ପ୍ରଚାରର ଉଦ୍ଦେଶ୍ୟ ଅର୍ଥପ୍ରାପ୍ତି ଓ ଯଶ ଲାଭ। ଗ୍ରନ୍ଥକାରମାନଙ୍କର ଏକାବେଳେ ଦୁଇ ଅଥବା ଅନ୍ୟତର ଉଦ୍ଦେଶ୍ୟ ଥିବାର ଥାଏ କିନ୍ତୁ ଦୁର୍ଭାଗ୍ୟ କ୍ରମରେ ଅଧିକାଂଶ ବଙ୍ଗଲା ଗ୍ରନ୍ଥକର୍ତ୍ତାଙ୍କର କୌଣସି ଉଦ୍ଦେଶ୍ୟ ସଫଳ ହୋଏ ନାହିଁ। ସେମାନଙ୍କର ନା ହୋଇଅଛି ଅର୍ଥପ୍ରାପ୍ତି, ନା ହୋଇଅଛି ଯଶ ଲାଭ, ଲାଭ ମଧ୍ୟରେ ଅନେକଙ୍କର ଭାଗ୍ୟରେ ଘରର ଅର୍ଥ ବ୍ୟୟ କରି ପରର ନିନ୍ଦା କିଦ୍ଧ କଷ୍ଟ ହୋଇଅଛି ମାତ୍ର। ଅନେକଙ୍କୁ ଏକ୍ଷଣରେ ମୁଦ୍ରାଯନ୍ତ୍ରର ଦେନାଦାୟରେ ବିବ୍ରତ ରହିବାକୁ ହୋଇଅଛି, ଏବଂ ଅନେକଙ୍କର ପୁସ୍ତକ ମୁଦ୍ରିତ ହୋଇ ଯକ୍ଷାଧକ୍ଷମାନଙ୍କର ହସ୍ତରୁ ବହିର୍ଗତ ହୋଇ ପାରୁ ନାହିଁ। ଏହି ପ୍ରକାର ଗ୍ରନ୍ଥକାରମାନଙ୍କ ମଧ୍ୟରେ ଯେଉଁମାନଙ୍କର ସହାୟବଳ ଅବା ପଦବଳ ଅଧିକ, ସେହିମାନେ କେବଳ ଆପଣାମାନଙ୍କର ଉଦ୍ଦେଶ୍ୟ ସଫଲୀକରଣରେ ଏକରୂପ କୃତକାର୍ଯ୍ୟ ହୋଇପାରନ୍ତି। କଇ ଲେଖି ଯଶଲାଭ କରି ଏମାନଙ୍କର କଣ୍ଠ ଉଦ୍ଦେଶ୍ୟ ନୋହେ। ଏସ୍ଥଳରେ ଏହା ଉଲ୍ଲେଖ କରି ଅବଶ୍ୟକ ଯେ, କେତେଗୁଡିଏ ଭଲ ଗ୍ରନ୍ଥକାର ମଧ୍ୟ ମନ୍ଦ ଗ୍ରନ୍ଥକାରମାନଙ୍କ ସାମିଲରେ ପଡ ମାଟି ହୋଇଅଛନ୍ତି। ସେମାନଙ୍କର ବଡ଼ ଅପରାଧ ନାହିଁ, ସେମାନେ ବାସ୍ତବିକ ପରିଶ୍ରମ କରି ଲେଖିଅଛନ୍ତି, କିନ୍ତୁ ଅନେକ ବାଙ୍ଗି ଯାହା ଇଚ୍ଛା ତାହା ଲେଖି ଲୋକଙ୍କ ଚିତର ବୈଲକ୍ଷଣ୍ୟ ଜନ୍ମାଇ ଦେଇ ଯାନ୍ତି ତାହାଙ୍କର ପୁସ୍ତକ ଅଦୃଢର ଭାଜନ ହୋଇ ରହିଅଛି। କୌଣସି ଅସ୍ୱାଦ୍ୟ ବସ୍ତୁରେ ଯେବେ ଲବଣ ଦନ୍ତେ, ସେ ବସ୍ତୁ ଅତି ଉପାଦେୟ ରୂପ ଧାରଣ କଲେ ମଧ୍ୟ ଯେମନ୍ତ ତାହା ପ୍ରତି ବିତୃଷ୍ଣାର ହ୍ରାସ ହୁଅନ୍ତେ ସହଜ ସାଧ ନୋହେ, ପୁସ୍ତକାଦି ପକ୍ଷରେ ମଧ୍ୟ ତଦ୍ରୂପ। କୌଣସି ଏକପ୍ରକାର ପୁସ୍ତକରେ ଅଭକ୍ତି ଜନ୍ମିଲେ, ସେ ପ୍ରକାରର ଅପର ପୁସ୍ତକ ଭଲ ହେଲେ ମଧ୍ୟ ସହସା ଲୋକଙ୍କର ଭଲ ବୋଲି ବୋଧ ହୋଏ ନା। ଏକ ନାଟକର ଉଦାହରଣ ଏହି ଉକ୍ତିର ସମର୍ଥନ ପକ୍ଷରେ ପର୍ଯ୍ୟାପ୍ତ ହୋଇବ। ଏକ୍ଷଣେ ପ୍ରାୟ କ ଖ ଶିଖି ଲୋକେ ନାଟକ ଲେଖା ଆରମ୍ଭ କରିବାରୁ ଏହି ମନୋରମ ବସ୍ତୁର ଉପରେ ମଧ୍ୟ ଅନେକଙ୍କର ଏତେଦୂର ବିଦ୍ୱେଷ ଜନ୍ମଅଛି ଯେ ନାଟକର ନାମ ଶୁଣିଲେ ମଧ୍ୟ ସେମାନେ ଭଗଭଥପୂର୍ବଙ୍କର ନାମୋଚ୍ଚାରଣ ନ କରି ରହି ନ ପାରନ୍ତି। ଏହା ସାହିତ୍ୟ ସମାଜର ଗୋଟିଏ ଅପୂର୍ବ ଚିହ୍ନ ତାହାର ସନ୍ଦେହ ନାହିଁ।

---

ଉତ୍କଳ ଇତିହାସ

ଉତ୍କଳଦେଶରେ ସଂସ୍ଥାପିତ ବିଦ୍ୟାଳୟମାନଙ୍କ ନିମିତ୍ତ ପାଠ୍ୟପୁସ୍ତକ ମୁଦ୍ରଣକାରଣ ଟେକାନାଲର ମହାରାଜ ଯେଉଁ ଟଙ୍କା ପ୍ରଦାନ କରିଥିଲେ କଟକସ୍ଥ ସ୍କୁଲସ୍ ଶିକ୍ଷାବିଭାଗର କମିଟୀ ଗତମାସ ସଭାରେ ଉକ୍ତ ଟଙ୍କାମଧ୍ୟରୁ କୌଣସି ଏକଖଣ୍ଡ ଉତ୍କଳପୁସ୍ତକ ରଚନା ସକାଶେ ୫୦୦